R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୪୨
ତିଥି : ଦ୍ୱିତୀୟା
୧୭ ନଭେମ୍ବର ୨୦୨୪, ରବିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
(ରଙ୍ଗିନ୍ ତରଙ୍ଗ ଟାବ୍‌ଲଏଡ୍ ସହ)

ସମୟ SAMAYA

# ସମୟ

28th ANNIVERSARY

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur | Jeypore

# ମଣିପୁରରେ ପୁଣି ହିଂସା, କର୍ଫ୍ୟୁ ଜାରି

ନୂଆଦିଲ୍ଲୀ, ୧୬।୧୧ : ମଣିପୁରରେ ବ୍ୟାପକ ହିଂସା ପୁଣି ସଂଗଠିତ ହେବାରୁ ପୂର୍ବ ଓ ପଶ୍ଚିମ ଇମ୍ଫାଲରେ କର୍ଫ୍ୟୁ ଲଗାଯିବା ସହ ୭ ଜିଲ୍ଲାରେ ଇଣ୍ଟରନେଟ୍ ସେବା ବନ୍ଦ କରିଦିଆଯାଇଛି । ଆନ୍ଦୋଳନକାରୀମାନେ ସ୍ଥାନୀୟ ବିଧାୟକ ନିଶିକାନ୍ତ ସିଂଙ୍କ ଘର ଉପରେ ଆକ୍ରମଣ କରି ବ୍ୟାପକ ଆସବାବପତ୍ର ନଷ୍ଟ କରିଛନ୍ତି । ଜିରିବାମ୍ ଜିଲ୍ଲାରେ ଅପହରଣ ହୋଇଥିବା ୬ ଜଣ ଓ ପରେ ସେମାନଙ୍କ ମୃତଦେହ ମିଳିବା ପରେ ଏହି ହିଂସା ଭଡକିଛି ।



ମେତେଇ ସମ୍ପ୍ରଦାୟର ଲୋକଙ୍କୁ ହତ୍ୟା କରାଯାଇଥିବା ପ୍ରତିବାଦରେ ଉପତ୍ୟାକା ଅଞ୍ଚଳ ଜିଲ୍ଲାଗୁଡ଼ିକରେ ପୁଣି ଅଶାନ୍ତ ପରିବେଶ ସୃଷ୍ଟି ହୋଇଛି । ମୃତ୍ୟୁବରଣ କରିଥିବା ଲୋକଙ୍କ ମଧ୍ୟରେ ୩ ମହିଳା ଓ ୩ ଶିଶୁ ରହିଛନ୍ତି । ଉତ୍ତରପୂର୍ବ ରାଜ୍ୟରେ ଜାରି ହୋଇଥିବା ଅସ୍ୱାଭାବିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ପଶ୍ଚିମ ଇମ୍ଫାଲ, ପୂର୍ବ ଇମ୍ଫାଲ, ବିଷ୍ଣୁପୁର, ଥୋବାଲ, କାକ୍‌ଚିଙ୍ଗ, ଟାଙ୍ଗପୋକୋପି ଏବଂ ଚୂରାଚାନ୍ଦପୁର ଜିଲ୍ଲାରେ ଦୁଇଦିନ ପାଇଁ ଇଣ୍ଟରନେଟ୍ ବନ୍ଦ କରିଦିଆଯାଇଛି । ଆନ୍ଦୋଳନକାରୀମାନେ ଅଧିକାଂଶ ବିଧାୟକଙ୍କର ଘର ଓ ସମ୍ପତ୍ତିରେ ଭଙ୍ଗାରୁଜା କରିଛନ୍ତି । ବିଧାୟକ ନିଶିକାନ୍ତ ସିଂଙ୍କ ଘର ସମ୍ମୁଖରେ ଭଙ୍ଗାରୁଜା କରିବା ସହ ଫାଟକକୁ ଭାଙ୍ଗି ଦେଇଛନ୍ତି ଓ ଫାଟକ ପାଖରେ ଥିବା

### ୭ ଜିଲ୍ଲାରେ ଇଣ୍ଟରନେଟ୍ ସେବା ଦୁଇ ଦିନ ଲାଗି ବନ୍ଦ

### ବିଧାୟକଙ୍କ ଘର ଭାଙ୍ଗିଲେ

ନିର୍ମାଣାଧିନ ବଙ୍କରକୁ ମଧ୍ୟ ଚୁର୍‌ମାର କରିଛନ୍ତି । ଏହି ଆନ୍ଦୋଳନକାରୀମାନେ ମଧ୍ୟ ଆର୍‌କେ ଇମୋଙ୍କ ସାଗୋଲାବ୍ ବାନ୍ଧରେ ଥିବା ଘରକୁ ଭଙ୍ଗାରୁଜା କରିବା ସହ କେତେକ ଆସବାବପତ୍ରକୁ (୯ ପୃଷ୍ଠାରେ)

### ସିଙ୍ଗାପୁର ଗସ୍ତରେ ମୁଖ୍ୟମନ୍ତ୍ରୀ

# ବୈଦେଶିକ ପୁଞ୍ଜି ନିବେଶ ଲାଗି ଓଡ଼ିଶା ହେବ ପ୍ରଥମ ପସନ୍ଦ

ଭୁବନେଶ୍ୱର, ୧୬।୧୧ (ସବ୍ୟୁ) : ଆଜିଠୁ ସିଙ୍ଗାପୁରଗସ୍ତରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯାଇଛନ୍ତି । ସେଠାରେ ସେ ଇନ୍‌ଭେଷ୍ଟର୍ସ ମିଟ୍‌ରେ ଯୋଗଦେବେ । ରାଜ୍ୟକୁ ବୈଦେଶିକ ପୁଞ୍ଜି ନିବେଶ ଆଣିବା ଲକ୍ଷ୍ୟରେ ସେ ଏହି ଗସ୍ତ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଦେଶ ବାହାରେ ଏହା ହେଉଛି ତାଙ୍କର ପ୍ରଥମ ଇନ୍‌ଭେଷ୍ଟର୍ସ ମିଟ୍ ମୋର ପୂରା ବିଶ୍ୱାସ ଏହି ଯାତ୍ରା ନିଶ୍ଚିତ ସଫଳ ହେବ । ସାରା ବିଶ୍ୱରୁ ଯେତେବେଳେ ନିବେଶକାରୀମାନେ ଭାରତରେ ନିବେଶ କରିବାକୁ ଚାହିଁବେ ସେତେବେଳେ ଓଡ଼ିଶା ସେମାନଙ୍କର ପ୍ରଥମ ପସନ୍ଦର କ୍ଷେତ୍ର ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।



ସିଙ୍ଗାପୁର ଯିବା ପୂର୍ବରୁ ଭୁବନେଶ୍ୱର ବିମାନବନ୍ଦର ଠାରେ ଗଣମାଧ୍ୟମ ପ୍ରତିନିଧି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମହାପ୍ରଭୁ ଶ୍ରୀ ଜଗନ୍ନାଥ ଆଶୀର୍ବାଦ ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ (୯ ପୃଷ୍ଠାରେ)

## ଜଷ୍ଟିସ୍ ଦାସ କମିଶନଙ୍କ କାର୍ଯ୍ୟକାଳ ବୃଦ୍ଧି

ଭୁବନେଶ୍ୱର, ୧୬।୧୧ (ସବ୍ୟୁ) : ତଦନ୍ତ କମିଶନର ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଇଛି । ୨୦୦୫ ଜାନୁଆରୀ ୩୧ ଯାଏଁ ଏହା ବୃଦ୍ଧି ହୋଇଛି । ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶଙ୍କ ତଦନ୍ତ କାର୍ଯ୍ୟକାଳ ନଭେମ୍ବର ୨୨ରେ ସରୁଥିଲା । ତେବେ ତଦନ୍ତ ସରିନଥିବାରୁ ତାଙ୍କୁ କାର୍ଯ୍ୟକାଳକୁ ବୃଦ୍ଧି କରାଯାଇଛି । ଭରତପୁର ଥାନାରେ ସେନା ମେଜର ଓ ତାଙ୍କ ବାନ୍ଧବୀଙ୍କୁ ପୋଲିସ୍ ଦୁର୍ବ୍ୟବହାର ମାମଲାର ତଦନ୍ତ କରୁଛନ୍ତି ଜଷ୍ଟିସ୍ ଦାଶଙ୍କ ତଦନ୍ତ କମିଶନର । ଏହି ମାମଲାରେ ସରକାର ତଦନ୍ତ କମିଶନର ଗଠନ କରିଥିଲେ । ସେନା ମେଜର ଓ ତାଙ୍କ ବାନ୍ଧବୀଙ୍କୁ ଭରତପୁର ଥାନାରେ ପୋଲିସ ଦୁର୍ବ୍ୟବହାର କରିବା ଘଟଣା ଉଭୟ ରାଜ୍ୟ ଓ ଜାତୀୟସ୍ତରରେ ବେସ ଆଲୋଡନ ସୃଷ୍ଟି କରିଥିଲା । ଏହାପରେ ସରକାର (୯ ପୃଷ୍ଠାରେ)

# ରାଜ୍ୟରେ ୧୦° ତଳକୁ ଖସିଲା ପାରଦ

ଭୁବନେଶ୍ୱର, ୧୬।୧୧ (ସବ୍ୟୁ) : ରାଜ୍ୟରେ ଶୀତ ଏକପ୍ରକାର ଲୁଚକାଳି ଖେଳୁଥିବା ବେଳେ ଶନିବାରଠୁ ଥଣ୍ଡା ଅନୁଭୂତ ହେଉଛି । ଘୁମୁସର(ଜି) ଉଦୟଗିରି ଅଞ୍ଚଳରେ ପ୍ରବଳ ଶୀତ ଅନୁଭୂତ ହେଉଥିବା ଜଣାପଡ଼ିଛି । ଏଠାରେ ପାରଦ ୧୦ଡିଗ୍ରୀ ତଳକୁ ଖସି ଆସିଛି । ଜି.ଉଦୟଗିରି ସହରର ତାପମାତ୍ରା ସର୍ବନିମ୍ନ ୯ ଡିଗ୍ରୀ ରେକର୍ଡ କରାଯାଇଛି । ଓଡ଼ିଶାର ସବୁ ଠାରୁ କମ୍ ତାପମାତ୍ରା ଓ ଥଣ୍ଡା ସହର ଭାବେ ଜି.ଉଦୟଗିରି ସ୍ଥାନିତ ହୋଇ ଥଣ୍ଡା ସହର ପାଇଁ ଚର୍ଚ୍ଚାରେ ରହିଛି । ଏହାସହ ଭୁବନେଶ୍ୱରରେ ଗତ ୨୪ ଘଣ୍ଟା ଭିତରେ ୨ ଡିଗ୍ରୀ ଯାଏ ପାରଦ ଖସିଛି ।

ବାତ୍ୟା, ବର୍ଷା, ମେଘ ପରେ ଗତ ଦୁଇ ଦିନ ହେଲା ଆକାଶ ନିର୍ମଳ ରହିବା ସହ ଥଣ୍ଡାର ପ୍ରକୋପ ଧୀରେ ଧୀରେ ଅନୁଭୂତ ହେବା ପରେ ଶୁକ୍ରବାର ରାତିରୁ ଥଣ୍ଡା ନିଜ ପ୍ରକୋପ ଦେଖେଇଛି । ପ୍ରବଳ ଥଣ୍ଡାରେ ସାରା ଅଞ୍ଚଳ ଥରୁଛି । ଘୁ.ଉଦୟଗିରି ସହରର ତାପମାତ୍ରା ଶନିବାର ୯ ଡିଗ୍ରି ଥିବା ବେଳେ ଆଭ୍ୟନ୍ତରୀଣ ପାହାଡ଼ ପର୍ବତ ଘେରା ଗ୍ରାମାଞ୍ଚଳରେ ତାପମାତ୍ରା ଆହୁରି ଏକ ଡିଗ୍ରୀ କମ୍ ରହୁଥିବା ସୂଚନା ମିଳିଛି ।

ଏହାସହ ଗ୍ରାମାଞ୍ଚଳରେ ଶୀତର ପ୍ରକୋପ ଆହୁରି ଅଧିକ ରହିଛି । ସକାଳ ସୂର୍ଯ୍ୟ ଉଦୟ ହେବା ପର୍ଯ୍ୟନ୍ତ କୁହୁଡିମୟ ଆକାଶ ରହିଥିବା ଦୃଶ୍ୟ ଦେଖୁବାକୁ ମିଳିଛି ।

ଚଳିତବର୍ଷ ବିଳମ୍ବରେ ଶୀତର ଆଗମନ ଏବଂ (୯ ପୃଷ୍ଠାରେ)

## ଯବାନଙ୍କ ଗୁଳିରେ ୫ ମାଓ ନିହତ

ମାଲକାନଗିରି, ୧୬।୧୧ (ସବ୍ୟୁ) : ଛତିଶଗଡ଼ର କାଙ୍କେର ଜିଲ୍ଲାରେ ସୁରକ୍ଷା ବାହିନୀ ଏବଂ ମାଓବାଦୀଙ୍କ ମଧ୍ୟରେ ଏକ ବଡ଼ଧରଣର ଗୁଳ ବିନିମୟ ଚାଲିଛି। ଏହି ଏନକାଉଣ୍ଟରରେ ୫ ମାଓବାଦୀଙ୍କ ମୃତ୍ୟୁ ହୋଇଛି । ଯବାନଙ୍କ ପକ୍ଷରୁ ଏନକାଉଣ୍ଟର ସ୍ଥାନରୁ ଅସ୍ତ୍ରଶସ୍ତ୍ର ଏବଂ ମାଓ ସାମଗ୍ରୀ ଉଦ୍ଧାର କରାଯାଇଛି ।

ଉଭୟ ପାର୍ଶ୍ୱରୁ ଲଗାତାର ଗୁଳି ବିନିମୟରେ ଯବାନ ୫ ମାଓବାଦୀଙ୍କୁ ମାରିଥିବା ବେଳେ ଏହି ଏନକାଉଣ୍ଟରରେ ଦୁଇ ଜଣ ଯବାନ ମଧ୍ୟ ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ସେମାନଙ୍କୁ ରାୟପୁରକୁ ଏୟାରଲିଫ୍ଟ କରାଯାଇଛି। ଛତିଶଗଡ଼ର କାକେର ଏବଂ ନାରାୟଣପୁର ଜିଲ୍ଲାରେ ଏହି ଏନକାଉଣ୍ଟର ଚାଲିଥିବା ଜଣାପଡିଛି। ଡିଆରଜି, ଏସଟିଏଫ୍ ଓ ବିଏସଏଫ୍ ଯବାନଙ୍କୁ ଘଟଣାସ୍ଥଳକୁ ପଠାଯାଇଥିଲା । ସୁରକ୍ଷା ବାହିନୀ ଚାରି (୯ ପୃଷ୍ଠାରେ)

### ଅବକାରୀ ବିଭାଗରେ ବହୁ ମାଫିଆ କର୍ମଚାରୀ

# ବର୍ଷକରେ ୮ ବହିଷ୍କୃତ, ସନ୍ଦେହରେ ଅନେକ

ଭୁବନେଶ୍ୱର, ୧୬।୧୧ (ସବ୍ୟୁ) : ଅବକାରୀ ବିଭାଗରେ ବହୁ ମାଫିଆ କର୍ମଚାରୀ ଅଛନ୍ତି । ସେମାନଙ୍କ ମଧ୍ୟରୁ ବର୍ଷକ ମଧ୍ୟରେ ୮ ବହିଷ୍କୃତ ହୋଇସାରିଛନ୍ତି । ଅନେକ ସନ୍ଦେହରେ ଅଛନ୍ତି । ତାଙ୍କୁ ତାଗିଦ୍ କରାଯାଇଛି, ନସୁଧୁରିଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଅବକାରୀ କମିଶନର ନରସିଂହ ଭୋଳ ଗଣମାଧ୍ୟମକୁ କହିଛନ୍ତି ।

ଆନ୍ତଃ ରାଜ୍ୟ ନିଶା ମାଫିଆଙ୍କ ସହ ଅବକାରୀ କର୍ମଚାରୀଙ୍କ ସମ୍ପର୍କ ରହୁଛି । ନିଶା ମାଫିଆମାନେ ଅବକାରୀ କର୍ମଚାରୀଙ୍କୁ ହାତ କରି ନିଶା କାରବାର କରୁଛନ୍ତି । ଗଞ୍ଜେଇ, ବ୍ରାଉନସୁଗର, ଚୋରା ମଦ କାରବାରରେ ସିଧାସଳଖ ଅବକାରୀ କର୍ମଚାରୀଙ୍କ ହାତ ରହୁଛି । ବର୍ଷକରେ ୮ଜଣ ଏସ୍ଆଇ, ଏଏସ୍ଆଇ ଓ କନଷ୍ଟେବଳ ଧରାପଡ଼ି ବହିଷ୍କୃତ ହୋଇଛନ୍ତି । ଯେଉଁମାନଙ୍କୁ ସନ୍ଦେହ ପରିସରକୁ ଅଟାଯାଇଛି, ସେମାନଙ୍କୁ ସତର୍କ ଦୃଷ୍ଟି ରଖାଯାଇଛି । ତାଙ୍କୁ କମିଶନର ଚେତାବନୀ ଦେଇଛନ୍ତି, ଯଦି ସେମାନେ ନସୁଧୁରନ୍ତି, ତେବେ ବହିଷ୍କୃତ ୮ କର୍ମଚାରୀଙ୍କ ଭଳି ଦଣ୍ଡ ଭୋଗିବାକୁ ପଡ଼ିବ । ରାଜ୍ୟ ବାହାରକୁ ଓଡ଼ିଶାରୁ ଗଞ୍ଜେଇ ଚାଲାଣ ହେଉଛି । ସେଥିରେ ଅବକାରୀ କର୍ମଚାରୀଙ୍କ ହାତ ରହୁଛି । ରାଜ୍ୟ ବାହାରୁ ଆସୁଥିବା ବ୍ରାଉନସୁଗର କାରବାରରେ ଅବକାରୀ କର୍ମଚାରୀ ଚାନ୍ଦା ନେଉଥିବା ଗିରଫ ବ୍ରାଉନସୁଗର ବେପାରୀ କହୁଛନ୍ତି । ରାଜ୍ୟ ଭିତରେ ଚୋରା ମଦ କାରବାର ଅବକାରୀ କର୍ମଚାରୀଙ୍କ ପ୍ରୋତ୍ସାହନରେ ହେଉଥିବା ଅବକାରୀ କମିଶନର ଶ୍ରୀ ଭୋଳ କହିଛନ୍ତି ।

ରାଜ୍ୟକୁ ବ୍ରାଉନସୁଗର ଜଳପଥରେ ଆସୁଛି । ତାହା ସୀମା ପାର୍ କରାଇବାକୁ ସୀମାରେ ଦାୟିତ୍ୱରେ ରହୁଥିବା ଅବକାରୀ (୯ ପୃଷ୍ଠାରେ)

### ହାତୀ ଉପଦ୍ରବକୁ ନେଇ ତାତିଲେ ଗ୍ରାମବାସୀ

## ଫରେଷ୍ଟରଙ୍କୁ ଗଛରେ ବାନ୍ଧିଲେ

ଦେବଗଡ, ୧୬।୧୧ (ସବ୍ୟୁ) : ହାତୀ ଉପଦ୍ରବକୁ ନେଇ ତାତିଲେ ଗ୍ରାମବାସୀ। ହାତୀପଲଙ୍କୁ ଘଉଡାଇବାକୁ ଯାଇଥିବା ଫରେଷ୍ଟରଙ୍କୁ ଗଛରେ ବାନ୍ଧିଲେ। ଶୁକ୍ରବାର ବିଳମ୍ବିତ ରାତିରେ ଏଭଳି ଏକ ଘଟଣା ଘଟିଛି ଦେବଗଡ ଜିଲ୍ଲା ରିଆମାଳ ରେଞ୍ଜ ନୁଆଡିହି ବିଟ ଅନ୍ତର୍ଗତ ଭେଜିକୁଦର ଗ୍ରାମରେ । ହାତୀ ଉପଦ୍ରବ ଖବର ପାଇ ବିଳମ୍ବିତ ରାତିରେ ନୁଆଡିହି ଫରେଷ୍ଟର ଛବିଳ ବେହେରା ତାଙ୍କ ଅନ୍ୟ ଦୁଇ ସହଯୋଗୀଙ୍କ ସହ ହାତୀପଲଙ୍କୁ ଘଉଡାଇବା ପାଇଁ ଭେଜିକୁଦର ଗ୍ରାମ ନିକଟସ୍ଥ (୯ ପୃଷ୍ଠାରେ)

## ଦୁଷ୍କର୍ମ ପରେ ୫ ବର୍ଷର ଶିଶୁକନ୍ୟାକୁ ତଣ୍ଟି ଚିପି ହତ୍ୟା

ବରଗଡ, ୧୬।୧୧ (ସବ୍ୟୁ) : ବରଗଡ଼ ଜିଲ୍ଲାରେ ଆଇନ ଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ଅଣାୟତ୍ତ ହେବାକୁ ଲାଗିଛି। ଗୋଟିଏ ପରେ ଗୋଟିଏ ସିରିଏଲ ଅପରାଧିକ ଘଟଣା ପାଇଁ ପୋଲିସ ଏବେ ହରଡ଼ ଘଣାରେ। ସୀମା ଟପିଲା ବର୍ବରତା, ଦୁଷ୍କର୍ମ ପରେ ୫ ବର୍ଷର ଶିଶୁକନ୍ୟାକୁ ତଣ୍ଟି ଚିପି ହତ୍ୟା ପରି ଜଘନ୍ୟ ଘଟଣା ସାରା ଜିଲ୍ଲାରେ ଚର୍ଚ୍ଚା ପାଲଟିଛି । ବରଗଡ଼ ଜିଲ୍ଲା ପାଇକମାଳ ଥାନା ଅନ୍ତର୍ଗତ ସୋଡା ଗ୍ରାମରେ ଏକ ୫ ବର୍ଷର ନିଷ୍ପାପ ଶିଶୁକନ୍ୟାକୁ ଦୁଷ୍କର୍ମ ପରେ ବେଲ୍ଟରେ ତଣ୍ଟି ଚିପି ହତ୍ୟା କରିଛି ଦୁର୍ବୃତ୍ତ । କେବଳ ସେତିକି ନୁହେଁ, ପ୍ରମାଣ ନଷ୍ଟ ପାଇଁ ଶିଶୁର ମୁହଁକୁ ପଥରରେ ଛେଚି କରିଛି ରକ୍ତାକ୍ତ। ଘଟଣା ସଂପର୍କରେ ଜଣାପଡ଼ିବା (୯ ପୃଷ୍ଠାରେ)

### ନିର୍ବାଚନ ଆଚରଣବିଧି ଉଲ୍ଲଂଘନ ଅଭିଯୋଗ

# କଂଗ୍ରେସ, ବିଜେପି ଜାତୀୟ ସଭାପତିଙ୍କୁ ଇସିଆଇଙ୍କ ନୋଟିସ୍

ନୂଆଦିଲ୍ଲୀ, ୧୬।୧୧ : ମହାରାଷ୍ଟ୍ର ଓ ଝାଡଖଣ୍ଡ ନିର୍ବାଚନ ଆଉ କିଛିଦିନ ବାକି ଥିବାବେଳେ ବିଜେପି ଓ କଂଗ୍ରେସର ତାରକା ପ୍ରଚାରକଙ୍କ ମନ୍ତବ୍ୟକୁ ନେଇ ଆଜି ଭାରତୀୟ ନିର୍ବାଚନ କମିଶନ (ଇସିଆଇ) ନୋଟିସ୍ ଜାରି କରିଛନ୍ତି । ବିଜେପି ସଭାପତି ଜେପି ନଡ୍ଡା ଓ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନେ ଖଡ୍‌ଗେଙ୍କୁ ନୋଟିସ୍ ଜାରି କରି ସୋମବାର ସୁଦ୍ଧା ରିପୋର୍ଟ ଦେବାକୁ କହିଛନ୍ତି ।




ନିର୍ବାଚନ କମିଶନଙ୍କ ପକ୍ଷରୁ ଏହି ଦୁଇ ଜାତୀୟ ଦଳ ବିଜେପି ଓ କଂଗ୍ରେସକୁ ନୋଟିସ ଜାରି କରାଯାଇଛି । ଜାତୀୟ ସ୍ତରରେ ଏହି ଦୁଇ ପ୍ରମୁଖ ଦଳ ପରସ୍ପର ବିରୋଧରେ ଅଛନ୍ତି । ବିଜେପିର ତାରକା ପ୍ରଚାରକ ତଥା ମନ୍ତ୍ରୀ ଅମିତ୍ ଶାହା ଓ କଂଗ୍ରେସର ତାରକା ପ୍ରଚାରକ ତଥା ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଦେଇଥିବା ମନ୍ତବ୍ୟ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରୁଛି ବୋଲି ଇସିଆଇ ଦର୍ଶାଇଛନ୍ତି । ସୋମବାର ମଧ୍ୟାହ୍ନ ୧ଟା ସୁଦ୍ଧା ରିପୋର୍ଟ ଦେବାକୁ କୁହାଯାଇଛି । ବିଜେପି ପକ୍ଷରୁ ରାହୁଲ ଗାନ୍ଧିଙ୍କ ନାମରେ ଅଭିଯୋଗ କରାଯାଇଥିଲା ଯେ

### ସୋମବାର ସୁଦ୍ଧା ଜବାବ ଦେବାକୁ ନିର୍ଦ୍ଦେଶ

ସେ ମହାରାଷ୍ଟ୍ରର ସୁବିଧା ସୁଯୋଗକୁ ଅନ୍ୟ ରାଜ୍ୟକୁ ଚୋରି କରି ନିଆଯାଇଛି ବୋଲି ଯେଉଁ ଅଭିଯୋଗ ଆଣିଛନ୍ତି ତାହା ମିଛ । ଗତ (୯ ପୃଷ୍ଠାରେ)



## ସ୍ପେସ୍‌ରେ ମାଛ




ଶୀର୍ଷକଟି ଆପଣଙ୍କୁ ଆଶ୍ଚର୍ଯ୍ୟରେ ପକାଇଥିବ, ହେଲେ ଏହା ସତ । ବର୍ତ୍ତମାନ ମହାକାଶରେ ବି ମାଛ ମିଳିବେ । ସୂଚନା ଅନୁସାରେ ଚୀନର ସ୍ପେସ୍‌ଷ୍ଟେସନରେ ମହାକାଶଚାରୀମାନେ ସଫଳତାର ସହିତ ଏକ ଇକୋସିଷ୍ଟମ ବିକଶିତ କରିବାରେ ସକ୍ଷମ ହୋଇ ପାରିଛନ୍ତି । ଯାହା ବର୍ତ୍ତମାନ ସ୍ପେସ୍ ଇକୋଲୋଜିକାଲ ଏକ୍ସପେରିମେଣ୍ଟରେ ଏକ ନୂଆ ରେକର୍ଡ ସୃଷ୍ଟି କରିଛି । ସେମାନେ ଏହି ପ୍ରକ୍ରିୟାରେ ଚାରୋଟି ଜେବ୍ରାଫିସ୍‌କୁ ବଞ୍ଚାଇଥିଲେ, ଯେଉଁମାନେ ସେମାନଙ୍କର ଲାଇଫ୍ ସାଇକେଲ୍ କମ୍ପ୍ଲିଟ୍ କରିବାରେ ସଫଳ ମଧ୍ୟ ହୋଇଛନ୍ତି । ସେମାନେ କେବଳ ଜୀବନ୍ତ ରହିଥିଲେ ତାହା ନୁହେଁ ସେମାନେ ଏଠାରେ ପୃଥିବୀ ଭଳି ବଢ଼ିବା ସହିତ ନିଜର ପ୍ରଜନନ ପ୍ରକ୍ରିୟାକୁ ମଧ୍ୟ ସମାପନ କରିଥିଲେ । ଏହି ସଫଳତା ବର୍ତ୍ତମାନ ଜଳଚର ପ୍ରାଣୀ ମହାକାଶରେ କିଭଳି ଜୀବନ୍ତ ରହିବେ ସେ ନେଇ ଏକ ଦୃଷ୍ଟାନ୍ତ ସାଜିଛି । ପୃଥିବୀରେ ଜେବ୍ରାଫିସ୍ ନିଜର ଖୁବଶୀଘ୍ର ବିକାଶ ଓ ମଣିଷର ଜିନ୍ ସହିତ ସମାନତା ପାଇଁ ପରିଚିତ । ଚୀନର ଏହି ଗବେଷଣା ଅନେକ ବୈଜ୍ଞାନିକଙ୍କ ପାଇଁ ବର୍ତ୍ତମାନ ଉଦାହରଣ ସାଜିଛି ।



## ସୋସିଆଲ କୋଟ୍ସ



ଛତ୍ରପତିଙ୍କ ଚରିତ୍ରରେ ଅଭିନୟ କରିବା ମୋ ପାଇଁ ଯେପରି ଏକ ଡ୍ରିମ୍ ଥିଲା । ଏହି ଚରିତ୍ରରୁ ଅନେକ କିଛି ଶିଖିଛି । ସେହିଭଳି ଭିକ୍କିଙ୍କୁ ସେହି ଚରିତ୍ରରେ ଦେଖିବାକୁ ଉତ୍ସୁକ ଅଛି ।

**ଠାକୁର ଅନୁପ ସିଂ, ଅଭିନେତା**



ଭୁଲଭୁଲେୟା ରିଲିଜ୍ ପୂର୍ବରୁ ସିଙ୍ଘମ ଏଗେନ୍ ମେକର୍ସଙ୍କ ସହିତ ମୋର ଯୁକ୍ତିତର୍କ ହୋଇଥିଲା । ସ୍କ୍ରିନ୍ ବାଣ୍ଟିବାକୁ ନେଇ ଏହି ଯୁକ୍ତିତର୍କ ହୋଇଥିଲା ।

**ଭୂଷଣ କୁମାର, ଟି ସିରିଜ୍ ମାଲିକ**



ଗଦର-୨କୁ ହିଟ୍ କରାଇବା ପାଇଁ ଆମେ ଟିକେଟ୍ କିଣି ନଥିଲୁ । ଗଦର-୩ ଖୁବ ଶୀଘ୍ର ରିଲିଜ୍ ହେବ । ବର୍ତ୍ତମାନ ବନବାସର ସମୟ ।

**ଅନିଲ ଶର୍ମା, ନିର୍ଦ୍ଦେଶକ**

## ଆଲ୍ଫା ଗେଲ୍ ସିଣ୍ଡ୍ରୋମ

ଏହାର ନାଁ ଭଳି ଏହି ରୋଗ ମଧ୍ୟ ବେଶ ବିରଳ । ଏହି ରୋଗ ଏକପ୍ରକାରର ବିରଳ ମାଂସ ଆଲର୍ଜି । ଏହି ଆଲର୍ଜି ବିଭିନ୍ନ ମାଂସ ଖାଇବା ପରେ ହିଁ ରୋଗୀଙ୍କ ଶରୀରରେ ଦେଖିବାକୁ ମିଳିଥାଏ । ଏହି ଆଲର୍ଜି ହେବା ପରେ ରୋଗୀଙ୍କୁ ନଏଜିଆ, ପେଟରେ ଯନ୍ତ୍ରଣା, ଡାଇରିଆ, ନିଃଶ୍ୱାସ ନେବାରେ ଅସୁବିଧା ଆଦି ଅନୁଭୂତ ହୋଇଥାଏ । ଏହି ରୋଗକୁ ଚିହ୍ନିବା କଷ୍ଟସାଧ୍ୟ । ଏହି ରୋଗ ଖୁବ ଜଟିଳ ପ୍ରକ୍ରିୟା ଦେଇ ମଣିଷ ଦେହକୁ ବ୍ୟାପିଥାଏ । ହରିଣ, ଛେଳି ଭଳି ପ୍ରାଣୀଙ୍କ ରକ୍ତରେ ଆଲଫା ଗେଲ୍ ନାମକ ଏକପ୍ରକାର ସୁଗାର ମଲିକ୍ୟୁଲ ମିଳିଥାଏ , ଯାହା ମଣିଷ ରକ୍ତରେ ନଥାଏ । ଯେତେବେଳେ ଟିକ୍ସ ନାମକ ଏକ ପୋକ ସେହି ପ୍ରାଣୀଙ୍କୁ କାମୁଡିବା ପରେ ମଣିଷଙ୍କୁ କାମୁଡିଥାଏ, ସେହିସମୟରେ ଆଲ୍ଫା ଗେଲ୍ ମଣିଷଙ୍କ ରକ୍ତରେ ମିଶିଥାଏ । ଏହାପରେ ମଣିଷ ଯେତେବେଳେ କୌଣସି ରେଡ୍ ମିଟ୍ ଖାଇଥାଏ ସେଥିରେ ଥିବା ଆଲଫା ଗେଲକୁ ତାର ଶରୀର ଫରେନ୍ ପାର୍ଟିକିଲ ବୋଲି ବିବେଚନା କରିଥାଏ ।



ଯାହାଫଳରେ ଶରୀରରେ ଆପେଆପେ ଆଣ୍ଟିବଡି ପ୍ରସ୍ତୁତ ହୋଇଥାଏ ଏବଂ ଏହା ଆଲର୍ଜିର ରୂପ ନେଇଥାଏ । ଏହି ରୋଗୀମାନେ ହଠାତ ରାତିରେ ଉଠି ପେଟରେ ଯନ୍ତ୍ରଣା ହେଉଥିବାର ଅଭିଯୋଗ କରିଥାଆନ୍ତି । ତେବେ ଏଭଳି ଲକ୍ଷଣ ଦେଖିଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।

## ଦଉଡିରେ ଚାଲି ବିଶ୍ୱ ରେକର୍ଡ




ଅନେକ ସମୟରେ ବିଭିନ୍ନ ଖେଳାଳି ଓ ଆଥ୍‌ଲେଟ୍‌ଙ୍କ ଷ୍ଟଣ୍ଟ ସୋସିଆଲ ମିଡିଆରେ ଭାଇରାଲ ହେବା ସହିତ ସମସ୍ତଙ୍କୁ ଚକିତ କରିଥାଏ । ସେହିଭଳି ଏକ ଭିଡିଓ ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେଉଛି । ଦୁଇଜଣ ଜର୍ମାନ ଆଥ୍‌ଲେଟ୍ ନିଜ କୌଶଳ ବଳରେ ବିଶ୍ୱ ରେକର୍ଡ କରିବା ସହିତ ଚର୍ଚ୍ଚାର ବିଷୟ ପାଲଟିଛନ୍ତି । ଏହି ଆଥ୍‌ଲେଟ୍ ଫ୍ରେଡି କୁହ୍ନେ ଓ ଲୁକସ୍ ଇର୍‌ମଲର୍ ସ୍ଲାକଲାଇନ୍‌ର ଖେଳରେ ନିଜର କୌଶଳ ଦେଖାଇଛନ୍ତି । ସ୍ଲାକ୍‌ଲାଇନ୍‌ର ଅର୍ଥ ଦୁଇଟି ଖୁଣ୍ଟ ମଝିରେ ବନ୍ଧା ଯାଇଥିବା ଦଉଡିରେ ଚାଲିବା । ଏହି ଖେଳ ଖୁବ କମ ଲୋକ ପ୍ରଦର୍ଶନ କରିଥାଆନ୍ତି, କାରଣ ଏଥିପାଇଁ ଅଧିକ କୌଶଳର ଆବଶ୍ୟକତା ହୋଇଥାଏ । ସେମାନେ ଏହି ଷ୍ଟଣ୍ଟ ପାଖାପାଖି ୨୫୦୦ ମିଟର ଉପରେ କରିଛନ୍ତି । ଏହି ଷ୍ଟଣ୍ଟରେ ସବୁଠାରୁ ଆଶ୍ଚର୍ଯ୍ୟ ଥିଲା କି ଏହି ଦଉଟି ଦୁଇଟି ବଡ ବଡ ହଟ୍ ଏୟାର ବେଲୁନ୍ ସହିତ ସଂଯୋଗ ଥିଲା । ଯାହା ଏହି ଷ୍ଟଣ୍ଟକୁ ଖୁବ ଅଧିକ ଆହ୍ୱାନପୂର୍ଣ୍ଣ କରିଥିଲା, ହେଲେ ଖୁବ ସୁନ୍ଦର ଭାବେ ସେମାନେ ଏହି ଷ୍ଟଣ୍ଟକୁ କମ୍ପ୍ଲିଟ୍ କରୁଥିବାର ଦେଖିବାକୁ ମିଳିଛି । ପୁରା ବିଶ୍ୱସ୍ତରରେ ଭିଡିଓଟି ପ୍ରଶଂସା ସାଉଁଟିବାରେ ଲାଗିଛି ।

## ହାଃ...ହାଃ...

ଡାକ୍ତର : ତୁମକୁ ମୁଁ ୧୦ଟାରେ ଔଷଧ ଖାଇବାକୁ କହିଥିଲି ତୁମେ ୫ଟାରେ କାହିଁକି ଖାଉଛ ?
ରୋଗୀ : ମୁଁ ଜାଣି ଜାଣି ଖାଉଛି ।
ଡାକ୍ତର : କ'ଣ ପାଇଁ ?
ରୋଗୀ : ଶତ୍ରୁ ଉପରେ ସେତେବେଳେ ଆକ୍ରମଣ କର ଯେତେବେଳେ ସେ ପ୍ରସ୍ତୁତ ନଥିବ ।

## ବିପର୍ଯ୍ୟୟ ସାଥୀ ରୋବୋଡଗ୍

ରୋବଟମାନେ ସମତଳ ସ୍ଥାନରେ ଚାଲୁଥିବାର ସମସ୍ତେ ଦେଖିଥିବେ ହେଲେ ଚୀନର ଏକ ରୋବୋ ଡଗ୍ ସମସ୍ତଙ୍କୁ ବର୍ତ୍ତମାନ ଆଶ୍ଚର୍ଯ୍ୟ କରିଛି । ଇଣ୍ଟରନେଟ୍‌ରେ ଏକ ଭିଡିଓ ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛି । ଭିଡିଓରେ ଦେଖିବାକୁ ମିଳିଛି ଏକ ରୋବୋ ଡଗ୍ ଏକ ଆବୁଡାଖାବୁଡା ଯମିରେ ଚାଲୁଛି । ଏହି ରୋବଟଟିକୁ ଚୀନର ବୈଜ୍ଞାନିକମାନେ ପ୍ରସ୍ତୁତ କରିଥିବାବେଳେ ଏହା ଆବୁଡା ଖାବୁଡା ସ୍ଥାନରେ ମଧ୍ୟ ଖୁବ ସୁନ୍ଦର ଭାବେ ନିଜ କାର୍ଯ୍ୟ କରିପାରୁଥିବାର ଦେଖବାକୁ ମିଳିଛି । ତେଣୁ ବର୍ତ୍ତମାନ ପରିସ୍ଥିତି ଯାହା ହେଲେ ବି ଆମେ ରୋବଟଙ୍କୁ କାମରେ ଲଗାଇପାରିବା ବୋଲି ପ୍ରସ୍ତୁତକାରୀ କମ୍ପାନୀ ପକ୍ଷରୁ ଦାବି କରାଯାଇଛି । ଏହାକୁ ବର୍ତ୍ତମାନ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ମଧ୍ୟ କାର୍ଯ୍ୟରେ ଲଗାଯାଇପାରିବ କାରଣ ଏହା ସେହି ସବୁ ସ୍ଥାନରେ ମଧ୍ୟ ପରିଚାଳିତ ହୋଇପାରିବ ବୋଲି କମ୍ପାନୀ ଏକ ଷ୍ଟେଟମେଣ୍ଟରେ ମତ ଦେଇଛି । ଏହା ଖୁବ କୌଶଳର ସହିତ ଚାରୋଟି ଓ ଦୁଇଟି ଗୋଡକୁ ବ୍ୟବହାର କରି ନିଜର ସ୍ଥାନ ମଧ୍ୟ ବଦଳାଇପାରୁଛି । ସେହିଭଳି ଏହି ରୋବୋ ଡଗ୍‌ଟି -୨୦ ଡିଗ୍ରୀରୁ ୫୫ ଡିଗ୍ରୀ ପର୍ଯ୍ୟନ୍ତ ସବୁସମୟରେ କାମ କରିପାରିବ । ଏହି ରୋବୋଟି ୨୦ କେଜି ପର୍ଯ୍ୟନ୍ତ ଖାଦ୍ୟ ସାମଗ୍ରୀ ମଧ୍ୟ ବୋହି ପାରିବ ତେଣୁ ଏହାକୁ ପ୍ରାକୃତିକ ବିପର୍ଯ୍ୟୟର ବଡ ସାଥୀ ବୋଲି କମ୍ପାନୀ ପକ୍ଷରୁ ଘୋଷଣା କରାଯାଇଛି ।



## କେଶକୁ ଦିଅନ୍ତୁ ନୂଆ ଲୁକ୍



ବର୍ତ୍ତମାନ ପାର୍ବଣ ସମୟରେ ସମସ୍ତେ ସୁନ୍ଦର ଦେଖାଯିବାକୁ ପ୍ରୟାସ କରୁଛନ୍ତି । ତେବେ ବେଳେବେଳେ ଛୋଟଛୋଟ ଭୁଲ କାରଣରୁ ମହିଳାଙ୍କୁ ହଇରାଣ ହେବାକୁ ପଡିଥାଏ । ଜଣେ ମହିଳାକୁ ସୁନ୍ଦର କରିବାରେ ତା କେଶର ଭୂମିକା ଢେର ବେଶି । ତେବେ ଏହି ପାର୍ବଣରେ ଯଦି କେଶକୁ ଏକ ନୂଆ ଲୁକ ଦେବାକୁ ଚାହୁଁଛନ୍ତି, ତେବେ ଆପଣାନ୍ତୁ କିଛିଟା ଟିପ୍ସ । ଆଜିକାଲି କେଶକୁ ସଜାଇବାକୁ ବଜାରରେ ବିଭିନ୍ନ ପ୍ରକାରର ଜୁଏଲାରୀ ମିଳୁଛି । ଯାହା କେଶକୁ ସୁନ୍ଦର କରିବା ସହିତ ଆପଣଙ୍କୁ ଏକ କ୍ଲାସି ଲୁକ୍ ମଧ୍ୟ ଦେଇଥାଏ । ବଜାରରେ ବିଭିନ୍ନ ଆକାର ସହ ଡିଜାଇନ୍‌ର ହେୟାର ଜୁଏଲାରୀ ମିଳୁଛି । ଯାହା ଆପଣଙ୍କୁ ଏକ ହଟକେ ଲୁକ୍ ଦେବାରେ ସକ୍ଷମ ହେବ । ଯଦି ଆପଣ କେଶ ଖୋଲା ଛାଡିବାକୁ ଚାହୁଁଛନ୍ତି ତେବେ ହେଭି ହେୟାର ଜୁଏଲାରୀ ବ୍ୟବହାର କରନ୍ତୁ । ଏହା ଖୋଲା କେଶକୁ ବେଶ୍ ମାନିବ । ଏହା ଷ୍ଟାଇଲିସ୍ ଲୁକ୍ ଦେବା ସହିତ କେଶରେ ଲଗାଇବା ମଧ୍ୟ ସହଜ ହୋଇଥାଏ । ତେବେ ସମୟ ନଥିଲେ ସାଧାରଣ ବେଣି କରି ଏଥିରେ ମଧ୍ୟ ଜୁଏଲାରୀ ପିନ୍ଧି ପାରିବେ । ଏହା ଏକ ସିମ୍ପୁଲ୍ ଲୁକ ଦେବା ସହିତ କ୍ଲାସି ମଧ୍ୟ ଲାଗିବ । କେବଳ ଯେ ଭାରତୀୟ ପୋଷାକରେ ହେୟାର ଜୁଏଲାରୀ ପିନ୍ଧିବେ ତାହା ନୁହେଁ, ଆଜିକାଲି ପ୍ରାୟ ସମସ୍ତ ଷ୍ଟାଇଲ୍‌ର ଡ୍ରେସ୍ ପାଇଁ ହେୟାର ଜୁଏଲାରୀ ମିଳୁଛି ।

## ଇତିହାସ

୧୮୬୯- ଦୀର୍ଘ ୧୦ ବର୍ଷର ନିର୍ମାଣ କାର୍ଯ୍ୟ ପରେ ସୁଏଜ କେନାଲକୁ ଯାତାୟାତ ପାଇଁ ଖୋଲାଗଲା । ଏହି କେନାଲ ହେଉଛି ୟୁରୋପ ଓ ଏସିଆର ସଂଯୋଗସ୍ଥଳ ।
୧୯୨୮- ସ୍ୱତନ୍ତ୍ରତା ସେନାନୀ ଲାଲା ଲଜ୍‌ପତ ରାୟଙ୍କ ପରଲୋକ ।
୧୯୩୨- ତୃତୀୟ ଗୋଲ୍ ଟେବୁଲ୍ ବୈଠକ ଆରମ୍ଭ ।
୧୯୩୩- ଆମେରିକା ସୋଭିଏତ୍ ସଂଘକୁ ମାନ୍ୟତା ଦେବାକୁ ଯାଇ ବ୍ୟବସାୟ ପାଇଁ ସହମତି ଜଣାଇଲା ।
୧୯୬୬- ପ୍ରଥମ ଏସୀୟ ମହିଳା ରୂପେ ଭାରତର ରୀତା ଫରିଦା ମିସ୍ ୱାର୍ଲ୍ଡ ଟାଇଟଲ ଜିତିଲେ ।
୧୯୯୯- ଅନ୍ତର୍ଜାତୀୟ ମାତୃଭାଷା ଦିବସକୁ ୟୁନେସ୍କୋ ଦ୍ୱାରା ସ୍ୱୀକୃତି ମିଳିଲା ।
୨୦୦୪- ରାମେଶ୍ୱର ଠାକୁର ଓଡ଼ିଶାର ରାଜ୍ୟପାଳ ହେଲେ ।
୨୦୦୬- ଭାରତ-ଆମେରିକା ପରମାଣୁ ଚୁକ୍ତିକୁ ଆମେରିକା ସିନେଟ୍‌ରେ ମଞ୍ଜୁରୀ ।

## ଚର୍ଚ୍ଚାରେ ଶିଳ୍ପା



କିଛି ଦିନ ହେବ ଶିଳ୍ପା ସେଟ୍ଟିଙ୍କୁ ନେଇ ଚର୍ଚ୍ଚାରେ ଯେପରି ପୂର୍ଣ୍ଣଚ୍ଛେଦ ପଡିଥିଲା । ହେଲେ ପୁଣି ଚର୍ଚ୍ଚାକୁ ଆସିଛନ୍ତି ଶିଳ୍ପା । ନିକଟରେ ସୋସିଆଲ ମିଡିଆରେ ତାଙ୍କର ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି ଯେଉଁଥିରେ ସେ ଗୁରୁ ଦ୍ୱାରରେ ସେବା ଯୋଗାଉଥିବାର ନଜର ଆସିଛନ୍ତି । ଏହି ଭିଡିଓଟି ବର୍ତ୍ତମାନ ବିଭିନ୍ନ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି । ଏଥିରେ ଶିଳ୍ପାଙ୍କ ସହିତ ରାଜକୁନ୍ଦ୍ରା ମଧ୍ୟ ନଜର ଆସୁଛନ୍ତି । ରାଜ କୁନ୍ଦ୍ରାଙ୍କ ବିବାଦ ପରେ ଶିଳ୍ପା ମିଡିଆ ଠାରୁ ନିଜକୁ ଦୂରରେ ରଖୁଛନ୍ତି । ହେଲେ ବର୍ତ୍ତମାନ ଏହି ଭିଡିଓ ତାଙ୍କୁ ପୁଣି ଚର୍ଚ୍ଚାର ପରିସରକୁ ଆଣିଛି । ଭିଡିଓରେ ଶିଳ୍ପା ଲୋକଙ୍କୁ ପ୍ରସାଦ ବାଣ୍ଟୁଥିବାର ଦେଖିବାକୁ ମିଳିଛି । ଚଳିତ ଜାନୁଆରୀରେ ଶିଳ୍ପାଙ୍କୁ ୱେବ୍ ସିରିଜ୍ ଇଣ୍ଡିଆନ୍ ପୋଲିସ୍ ଫୋର୍ସରେ ଦେଖିବାକୁ ମିଳିଥିଲା । ଯେଉଁଥିରେ ସେ ସିର୍ଧାଥ ମଲହୋତ୍ରା ଓ ବିବେକ ଓବରୟଙ୍କ ସହିତ ନଜର ଆସିଥିଲେ । ଏହାର ଗୋଟିଏ ସିଜିନ ବର୍ତ୍ତମାନ ଓଟିଟି ପ୍ଲାଟଫର୍ମ ଆମାଜନ ପ୍ରାଇମ୍‌ରେ ପ୍ରସାରିତ ହେଉଛି ।

### ରାସ୍ତା ନିର୍ମାଣ ସମ୍ପର୍କିତ ସ୍ୱତନ୍ତ୍ର ନୀତି ପ୍ରଣୟନ ନେଇ ସମୀକ୍ଷା

# ବିନା ଅନୁମତିରେ ରାସ୍ତା ଖୋଳିଲେ ହେବ ଜରିମାନା

ଭୁବନେଶ୍ୱର(ସବ୍ୟୁ): ଜାତୀୟ ରାଜପଥ, ରାଜ୍ୟ ରାଜପଥକୁ ମିଶାଇ ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ନଗର ଉନ୍ନୟନ, ପଞ୍ଚାୟତିରାଜ ଏବଂ ବିଭିନ୍ନ ମହାନଗର ନିଗମ ଅଧୀନରେ ଅନେକଗୁଡ଼ିଏ ରାସ୍ତା ରହିଛି । ଅନେକ ସମୟରେ ସମନ୍ୱୟ ଅଭାବ ଯୋଗୁ ରାସ୍ତା ନିର୍ମାଣ ଓ ମରାମତି ନେଇ ସମସ୍ୟା ଉପୁନ୍ନ ହେଉଛି । ତେଣୁ ଏହାର ନିରାକରଣ ସହିତ ଆଗାମୀ ୫୦ ବର୍ଷକୁ ଦୃଷ୍ଟିରେ ରଖି ଏକ ରାସ୍ତା ନିର୍ମାଣ ନେଇ ସ୍ୱତନ୍ତ୍ର ନୀତି ପ୍ରଣୟନର ଆବଶ୍ୟକତା ରହିଛି ବୋଲି ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ।



ଲୋକସେବା ଭବନରେ ପୂର୍ତ୍ତ ମନ୍ତ୍ରୀ ଶ୍ରୀ ହରିଚନ୍ଦନଙ୍କ ଅଧକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ଶ୍ରୀ ହରିଚନ୍ଦନ କହିଛନ୍ତି, ଗମନାଗମନର ସୁଦୃଢ଼ୀକରଣ ଓ ନିର୍ମାଣଜନିତ ପ୍ରତିବନ୍ଧକକୁ ଦୂର କରି ରାଜ୍ୟରେ ରାସ୍ତା ନିର୍ମାଣ ନେଇ ଏକ ସ୍ୱତନ୍ତ୍ର ନୀତି ପ୍ରଣୟନ ନେଇ ରାଜ୍ୟ ସରକାର ଯୋଜନା ପ୍ରସ୍ତୁତ କରୁଛନ୍ତି । ଅନେକ ସମୟରେ ରାସ୍ତାରେ କେବୁଲ ବିଛାଇବା, ଡ୍ରେନ୍ ତଥା ସ୍ୱେରେଜ୍ ନିର୍ମାଣ ପାଇଁ ବିଭିନ୍ନ ସଂସ୍ଥା ସରକାରଙ୍କ ବିନା ଅନୁମତିରେ ରାସ୍ତାଗୁଡ଼ିକୁ ଖୋଳି ଦେଉଛନ୍ତି । ଏପରି ଘଟଣାର ନିରାକରଣ ପାଇଁ ଉକ୍ତ ସଂସ୍ଥା ବିରୋଧରେ ଜରିମାନା ଲାଗୁ କରିବା ପାଇଁ ନୀତିରେ ଉଲ୍ଲେଖ ରହିବ ।

ବିଭିନ୍ନ ରାସ୍ତାଗୁଡ଼ିକର ସ୍ଥିତି ନେଇ ଏକ ଡାଟାବେସ୍ ପ୍ରସ୍ତୁତ, ଆଗାମୀ ଦିନରେ ହେବାକୁ ଥିବା ଟ୍ରାଫିକ୍ ସମସ୍ୟାର ସମାଧାନ ନେଇ ରୋଡ ମ୍ୟାପ୍, ଆବଶ୍ୟକତାକୁ ଦୃଷ୍ଟିରେ ରଖି ନୂଆ ରାସ୍ତା ନିର୍ମାଣ, ପୁରୁଣା ରାସ୍ତାର ମରାମତି, ସେତୁ ନିର୍ମାଣ, ଘରୋଇ ଜମି ଅଧିଗ୍ରହଣ ଏବଂ ଜଙ୍ଗଲ ଜମି ଅଧିଗ୍ରହଣ ଉପରେ ଦୃଷ୍ଟିଦେଇ ନୀତି ପ୍ରଣୟନ ଉପରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହାସହ ପ୍ଲାଷ୍ଟିକ୍ ଭଳି ବର୍ଜ୍ୟବସ୍ତୁକୁ ବ୍ୟବହାର କରି ରାସ୍ତା ନିର୍ମାଣ, କମ୍ କଞ୍ଚାମାଲର ବ୍ୟବହାର କରି ରାସ୍ତା ନିର୍ମାଣ, ନିର୍ମାଣର ଗୁଣବତ୍ତା ସହ ରକ୍ଷଣାବେକ୍ଷଣ ପାଇଁ ସ୍ୱତନ୍ତ୍ର କର୍ପସ୍ ପାଣ୍ଠି ଗଠନ ନେଇ ନୀତିରେ ସ୍ୱଷ୍ଟତା ନେଇ ଆଲୋଚନା ହୋଇଥିଲା । ସେହିପରି ଉତ୍ତମ ମାନବସମ୍ବଳ ଅଭାବ ପୂରଣ ସହ ନିର୍ମାଣ ସମୟରେ ଆଧୁନିକ ଜ୍ଞାନକୌଶଳର ଉପଯୋଗ ଉପରେ ଗୁରୁତ୍ୱ ଦିଆଯାଇଥିଲା । ୨୦୨୯ ସୁଦ୍ଧା ୧୦୦ ଜନସଂଖ୍ୟାବିଶିଷ୍ଟ ଗ୍ରାମକୁ ସବୁଦିନିଆ ରାସ୍ତା ନିର୍ମାଣକୁ ସୁନିଶ୍ଚିତ କରିବା ପାଇଁ ଯୋଜନା ପ୍ରସ୍ତୁତ ଉପରେ ବୈଠକରେ ଆଲୋଚନା ହୋଇଥିଲା । ବୈଠକରେ ଉନ୍ନୟନ କମିଶନର ଅନୁ ଗର୍ଗ, ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରମୁଖ ସଚିବ ସଂଜୟ କୁମାର ସିଂହ, ପୂର୍ତ୍ତ ବିଭାଗ ପ୍ରମୁଖ ସଚିବ ବୀର ବିକ୍ରମ ଯାଦବ ଏବଂ ପୂର୍ତ୍ତ ବିଭାଗ ଇଆଇସି ଇନ୍ ଚିଫ୍ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ଉପସ୍ଥିତିରେ ନୀତି ପ୍ରଣୟନ ନେଇ ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା ।

**୨୦୨୯ ସୁଦ୍ଧା ୧୦୦ ଲୋକସଂଖ୍ୟା ଥିବା ଗ୍ରାମକୁ ସବୁଦିନିଆ ରାସ୍ତା**

**ଆଗାମୀ ୫୦ ବର୍ଷ ଲାଗି ନୀତି ପ୍ରଣୟନକୁ ଗୁରୁତ୍ୱ**

**ପୁରୁଣା ରାସ୍ତା ମରାମତି ପାଇଁ ଗଠନ ହେବ କର୍ପସ୍ ପାଣ୍ଠି**



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସିଙ୍ଗାପୁର ଗସ୍ତରେ ଯାଇ ଚାଙ୍ଗି ଆନ୍ତର୍ଜାତିକ ବିମାନବନ୍ଦରରେ ପହଞ୍ଚିବା ପରେ ତାଙ୍କୁ ସ୍ୱାଗତ କରୁଛନ୍ତି ସିଙ୍ଗାପୁର ଠାରେ ଅବସ୍ଥାପିତ ଭାରତୀୟ ହାଇକମିଶନର ଡ. ଶିଳ୍ପକ ଆମ୍ବୁଲେ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସେଠାରେ ଓଡ଼ିଶା ବିଜିନେସ୍ ମିଟ୍ ସିଙ୍ଗାପୁର-୨୦୨୪ କାର୍ଯ୍ୟକ୍ରମରେ ଭାଗ ନେବେ ।

### ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ

# ଅନ୍ୟତମ ଆକର୍ଷଣ 'ଓଡ଼ିଶା ମଣ୍ଡପ'

ଭୁବନେଶ୍ୱର (ସବ୍ୟୁ): ନୂଆଦିଲ୍ଲୀର ଭାରତ ମଣ୍ଡପମଠାରେ ଚାଲିଥିବା 'ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା'ରେ ଝଟକୁଛି 'ଓଡ଼ିଶା ମଣ୍ଡପ' । ଦେଶ ବିଦେଶରୁ ପ୍ରତିଦିନ ଏହି ମେଳାକୁ ଆସୁଥିବା ଦର୍ଶକମାନେ ଓଡ଼ିଶା ମଣ୍ଡପ ବୁଲିବାକୁ ଆସୁଛନ୍ତି । ଓଡ଼ିଶାର ବିଭିନ୍ନ ଆକର୍ଷଣୀୟ ଉତ୍ପାଦ କିଣିବାକୁ ଆଗ୍ରହ ଦେଖାଉଛନ୍ତି । ଚଳିତବର୍ଷ 'ଓଡ଼ିଶା ମଣ୍ଡପ'ରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଓ ସଂସ୍ଥା ପକ୍ଷରୁ ଖୋଲାଯାଇଥିବା ୨୫ଟି ସ୍ୱତନ୍ତ୍ର ଷ୍ଟଲ୍ ରେ ଓଡ଼ିଶାର ଅନନ୍ୟ କଳା କାରିଗରୀ , ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀ ସହିତ ଜନଜାତି କଳାକୃତି ସ୍ଥାନ ପାଇଛି । ସେହିପରି ଓଡ଼ିଶାର ସ୍ୱତନ୍ତ୍ର ହାତବୁଣା ଶାଢି ଓ ଆଧୁନିକ ପୋଷାକ କିଣିବାକୁ ଲୋକଙ୍କର ଭିଡ଼ ଜମୁଛି ।

ବାଣିଜ୍ୟ ମେଳାରେ ଓଡ଼ିଶାର ବିଭିନ୍ନ ଗ୍ରାମୀଣ ଉତ୍ପାଦ ଏବଂ ମିଶନ ଶକ୍ତି ମହିଳାଙ୍କ ହାତ ତିଆରି ଜିନିଷର ବେଶ୍ ଚାହିଦା ରହିଛି । ପୁଷ୍ଟିଶସ୍ୟରୁ ପ୍ରସ୍ତୁତ ବିଭିନ୍ନ ପ୍ରକାର ଖାଦ୍ୟ ଓ କନ୍ଧମାଳ ହଳଦୀ ସହ ଓଡ଼ିଶାର ତାଳଗୁଡ଼, ନାଲି ଚୂଡ଼ା, କଳାଜିରା ଚାଉଳ ଏବଂ ବ୍ରହ୍ମପୁର ଆଚାର ଆଦି ଓଡ଼ିଶା ମଣ୍ଡପକୁ ଆସୁଥିବା ଲୋକଙ୍କ ପାଇଁ ଆକର୍ଷଣ ସାଜିଛି । 'ଓଡିଶା ମଣ୍ଡପ'ର ଆଉ ଏକ ଆକର୍ଷଣ ହେଉଛି ରାଜ୍ୟର ଅନନ୍ୟ ହସ୍ତକଳା ଓ ହସ୍ତଶିଳ୍ପ ସାମଗ୍ରୀର ଲାଇଭ୍ ଡେମନଷ୍ଟ୍ରେସନ । ଏଠାରେ ଓଡ଼ିଶାର କାରିଗରମାନେ ପଟ୍ଟଚିତ୍ର, ରୁପା ତାରକସି ଓ ସବାଇ ଘାସରୁ ବିଭିନ୍ନ ଉତ୍ପାଦ ପ୍ରସ୍ତୁତ କରୁଛନ୍ତି ।ସେହିପରି ଅହିଂସା ଉପାୟରେ ପ୍ରସ୍ତୁତ 'କରୁଣା ସିଲ୍କ' ଦେଶ ବିଦେଶର ଲୋକଙ୍କୁ ଆକର୍ଷିତ କରୁଛି ।

ଭାରତ ମଣ୍ଡପମ୍ ର ସ୍ୱତନ୍ତ୍ର ଫୁଡ ଜୋନରେ ଓଡିଶା ବ୍ୟଞ୍ଜନର ଷ୍ଟଲ ଖୋଲାଯାଇଥିବା ବେଳେ ଓଡ଼ିଶା ରସଗୋଲା, ଦହିବରା, ଛେନାଝିଲ୍ଲି ଓ ଛେନାପୋଡ଼ର ସୁଆଦ ଲୋକଙ୍କୁ ବେଶ୍ ଆକର୍ଷିତ କରୁଛି । 'ବିକଶିତ ଭାରତ ୨୦୪୭' ଥିମକୁ ନେଇ ପ୍ରସ୍ତୁତ 'ଓଡ଼ିଶା ମଣ୍ଡପ' ଡିଜାଇନରେ ସଂସ୍କୃତି ଓ ପ୍ରଯୁକ୍ତିର ଚମତ୍କାର ସମନ୍ୱୟ ରହିଛି । ଏଠାରେ ରାଜ୍ୟର ପ୍ରାଚୀନ କୀର୍ତ୍ତିରାଜି ସହ ଭାରତର ଆଧୁନିକ ବିଜ୍ଞାନ ଓ କାରିଗରିର ଯାତ୍ରା ପ୍ରତିଫଳିତ ହେଉଛି । ଏହାର ପ୍ରବେଶ ପଥରେ ନିର୍ମିତ ଓଡ଼ିଶାର ମନ୍ଦିର ଭାସ୍କର୍ଯ୍ୟର ମୁଖଶାଳା ମୁକ୍ତେଶ୍ୱର ତୋରଣ ଦର୍ଶକମାନଙ୍କୁ ଆକର୍ଷିତ କରୁଛି । ସେହିପରି କୋଣାର୍କ ମନ୍ଦିରର ପ୍ରତିରୂପ ଓ ରତ୍ନଗିରିର ବୌଦ୍ଧ କୀର୍ତ୍ତିରାଜି ସହ ଅତ୍ୟାଧୁନିକ ବୁଲେଟ୍ ଟ୍ରେନ ଓ ଶିଳ୍ପ ପ୍ରଗତିର ଚିତ୍ର ପାଭିଲିୟନକୁ ଆସୁଥିବା ଦର୍ଶକମାନଙ୍କୁ ବେଶ୍ ଆକୃଷ୍ଟ କରୁଛି ।

## ବାଇକ ଧକ୍କାରେ ଜଣେ ମୃତ

ସୋର, (ସବ୍ୟୁ) :ଟ୍ରକ ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଛି। ବାଲେଶ୍ୱର ସଦର ଥାନା ଅଧିନ ପାରିକୁଳ ଗ୍ରାମର ବିଜୟ କୁମାର ଜେନା ବାଲେଶ୍ୱରରେ ଏକ ଇଲେକ୍ଟ୍ରୋନିକ ଡ଼ିଷ୍ଟିବ୍ୟୁଟର ଙ୍କ ନିକଟରେ କାମ କରନ୍ତି। ଶନିବାର ମଧ୍ୟାହ୍ନରେ ବାଲେଶ୍ୱରରୁ କିଛି ସାମଗ୍ରୀ ନେଇ ଏକ ବାଇକ ଯୋଗେ ଖଇରା ଅଭିମୁଖେ ଯାଉଥିଲେ। ଏହି ସମୟରେ ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ଛପୋଲିଆ ନିକଟରେ ଏକ ଟ୍ରକ ତାଙ୍କୁ ଧକା ଦେଇ ଫେରାର ହୋଇଯାଇଥିଲେ। ଦୁର୍ଘଟଣାରେ ବିଜୟଙ୍କ ମୁଣ୍ଡରେ ଗାଡିର ଚକ ଚଢିଯାଇଥିବାରୁ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା।। ଖବର ପାଇ ପୁଲିସ ବିଜୟଙ୍କ ଶବ ଜବତ କରି ବ୍ୟବଛେଦ ପାଇଁ ସୋର ଡକ୍ଟରଖାନାକୁ ନେବା ସହିତ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

### ଆମ୍ବୁଲାନ୍ସ ଡ୍ରାଇଭରଙ୍କୁ ଆନ୍ଦୋଳନ ମନା

# ଆଉ ୬ ମାସ ବଢ଼ିଲା ଏସମା ଅବଧି

ଭୁବନେଶ୍ୱର(ସବ୍ୟୁ): ରାଜ୍ୟ ସରକାର ଜରୁରୀକାଳୀନ ମେଡିକାଲ ସେବା ଯୋଗାଉଥିବା ଆମ୍ବୁଲାନ୍ସ କର୍ମଚାରୀମାନଙ୍କ ଆନ୍ଦୋଳନ ଉପରେ ଥିବା କଟକଣା ଅବଧିକୁ ଆଉ ୬ମାସ ବୃଦ୍ଧି କରିଛନ୍ତି । ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ରାଜ୍ୟରେ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଯେଭଳି ପ୍ରଭାବିତ ନହେବ, ସେଥିପାଇଁ ଏହି ଆନ୍ଦୋଳନ ଉପରେ କଟକଣା ଲାଗୁ ହୋଇଛି ।

ଗୃହ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଜରୁରୀକାଳୀନ ମେଡିକାଲ ଆମ୍ବୁଲାନ୍ସ ସେବାରେ ନିୟୋଜିତ କର୍ମଚାରୀମାନଙ୍କ (ଡ୍ରାଇଭର ଓ ଆଟେଣ୍ଡାଣ୍ଟ) ସମେତ ରେଫରାଲ ଟ୍ରାନ୍ସପୋର୍ଟ ଆମ୍ବୁଲାନ୍ସ ସର୍ଭିସରେ କାର୍ଯ୍ୟରତ କର୍ମଚାରୀଙ୍କ ଆନ୍ଦୋଳନ ଉପରେ ରାଜ୍ୟ ସରକାର ଗତ ମେ' ୨୪ତାରିଖରେ ଜାରି କରିଥିବା କଟକଣାର ଅବଧି ନଭେମ୍ବର ୨୩ତାରିଖ ଶେଷ ହେବ । ଏବେ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଓ ସ୍ୱାସ୍ଥ୍ୟସେବା ପ୍ରଭାବିତ ନହେବା ପାଇଁ ରାଜ୍ୟ ସରକାର ପୁଣିଥରେ ନିଜର କ୍ଷମତାର ଉପଯୋଗ କରି ଏହି ଆନ୍ଦୋଳନ ଉପରେ ଥିବା କଟକଣାକୁ ଆଉ ୬ମାସ ବୃଦ୍ଧି କରିଛନ୍ତି ।

ଓଡ଼ିଶା ଅତ୍ୟାବଶ୍ୟକ ସେବା(ମେଣ୍ଟେନାନ୍ସ) ଆକ୍ଟ-୧୯୮୮(ଓଡ଼ିଶା ଆକ୍ଟ ୯,୧୯୯୯) -ଏସମାର ଧାରା ୩(୩)ରେ ପ୍ରଦତ୍ତ କ୍ଷମତାର ଉପଯୋଗ କରି ଏହି କଟକଣା ଅବଧିକୁ ନଭେମ୍ବର ୨୪ତାରିଖରୁ ଆଉ ୬ମାସ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏହି ଅବଧି ମଧ୍ୟରେ ଆମ୍ବୁଲାନ୍ସ ସେବାରେ ନିୟୋଜିତ କର୍ମଚାରୀମାନେ କୌଣସି ପ୍ରକାରର ଧର୍ମଘଟ ଓ ଆନ୍ଦୋଳନ କରିପାରିବେ ନାହିଁ । ଉଲ୍ଲେଖଯୋଗ୍ୟ, ଚଳିତମାସ ପ୍ରଥମ ସପ୍ତାହରେ ଆମ୍ବୁଲାନ୍ସ କର୍ମଚାରୀମାନେ ସେମାନଙ୍କର ୨୦୦ ସହଯୋଗୀଙ୍କ ଛଟେଇକୁ ବିରୋଧ କରି କାର୍ଯ୍ୟ ବନ୍ଦ ଆନ୍ଦୋଳନ ପାଇଁ ଚେତାବନୀ ଦେଇଥିଲେ ।



## ଲୋକସେବା ଭବନରେ ମହିଳା କର୍ମଚାରୀଙ୍କ ପାଇଁ ଆଶ୍ୱସ୍ତି

# ବସିଲା ସାନିଟାରୀ ନାପକିନ୍ ଭେଣ୍ଡିଂ ମେସିନ୍



ଭୁବନେଶ୍ୱର (ସବ୍ୟୁ): ଲୋକସେବା ଭବନରେ ସାନିଟାରୀ ନାପକିନ୍ ଭେଣ୍ଡିଂ ମେସିନ୍ ଓ ସାନିଟାରୀ ନାପକିନ୍ ଡିସପୋଜେବଲ ମେସିନ୍‌କୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉଦଘାଟନ କରିଛନ୍ତି ।

ମହିଳା ଶୌଚାଳୟ କମ୍ପ୍ଲେକ୍ସ ଏବଂ ଲେଡିଜ୍ କମନ୍ ରୁମ୍ ସମେତ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଏହି ମେସିନ୍ ଲଗାଯାଇଛି । ମହିଳାମାନଙ୍କ ପାଇଁ ସ୍ୱଚ୍ଛତା, ଅଧିକ ସମାବେଶୀ ଏବଂ ସହାୟକ କର୍ମକ୍ଷେତ୍ର ସୃଷ୍ଟି ଦିଗରେ ଏହା ଏକ ପ୍ରଗତିଶୀଳ ପଦକ୍ଷେପ । ଅଭିଯୋଗ ସମାଧାନ ପାଇଁ ପରିସରକୁ ଆସୁଥିବା ମହିଳାଙ୍କ ସୁବିଧାକୁ ସୁନିଶ୍ଚିତ କରିବ । ଖୁବ୍‌ଶୀଘ୍ର ସଚିବାଳୟ ବିଲ୍ଡିଂର ସମସ୍ତ ମହିଳା ଶୌଚାଳୟରେ ଏହି ସୁବିଧା ଉପଲବ୍ଧ ହେବ । ଏଥିସହ ଲୋକସେବା ଭବନ ପରିସରରେ ଛୋଟ ପିଲାମାନଙ୍କ ପାଇଁ ଥିବା କ୍ରେଚ୍ ପରିଦର୍ଶନ କରିଥିଲେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା । ଏହି କାର୍ଯ୍ୟକ୍ରମରେ ତାଙ୍କ ସହ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ସଚିବ ଅନୁ ଗର୍ଗ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ସଚିବ ଶୁଭା ଶର୍ମା ଓ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

## ଟ୍ରକ ଧକ୍କାରେ ଦୁଇ ଗୁରୁତର

ସୋର,(ସବ୍ୟୁ):ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ କଲେଜଛକ ନିକଟରେ ଏକ ଅଜଣା ଟ୍ରକ ଧକାରେ ସୋର ଉପେନ୍ଦ୍ରନାଥ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଏବଂ ତାଙ୍କ ଭାଇ ଗୁରୁତର ଆହତ ହୋଇ ସୋର ମେଡ଼ିକାଲରେ ଭର୍ତ୍ତି ହୋଇଛନ୍ତି। ଶନିବାର ଅପରାହ୍ନରେ ସୋର ଉପେନ୍ଦ୍ରନାଥ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ସୁଶାନ୍ତ କୁମାର ଦେ ଏବଂ ତାଙ୍କ ସାନ ଭାଇ ସୁଚିନ୍ତ ଦେ ବାଇକ ଯୋଗେ ଘରକୁ ଫେରୁଥିଲେ। କଲେଜ ଛକ ଘର ଆଗରେ ଜାତୀୟ ରାଜପଥରୁ ନିଜ ଘରକୁ ଯାଉଥିବା ବେଳେ ଏକ ଅଜଣା ଟ୍ରକ ତାଙ୍କ ବାଇକକୁ ଧକା ଦେଇ ଫେରାର ହୋଇଯାଇଥିଲା। ଫଳରେ ଦୁଇ ଭାଇ ଗୁରୁତର ଆହତ ହୋଇଥିଲେ।ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ସୋର ମେଡ଼ିକାଲରେ ଭର୍ତ୍ତି କରିଥିଲେ।ସେଠାରେ ଉଭୟଙ୍କ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ଉଭୟଙ୍କ ପ୍ରାଥମିକ ଚିକିତ୍ସାପରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ। ଖବର ପାଇ କଲେଜ ଅଧକ୍ଷ ଗଜେନ୍ଦ୍ର ପ୍ରସାଦ ପ୍ରଧାନ ଏବଂ କଲେଜ ଛାତ୍ରଛାତ୍ରୀ ମାନେ ଡାକ୍ତରଖାନାରେ ପହଞ୍ଚି ଉଭୟଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିବା ସହିତ ଆଶୁ ଆରୋଗ୍ୟ କାମନା କରିଥିଲେ।

## ରାଜ୍ୟସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳିତ

# ଗଣମାଧ୍ୟମ କଷ୍ଟମୁକ୍ତ ହୋଇ ସମାଜକୁ ଦିଗଦର୍ଶନ ଦିଅନ୍ତୁ



ଭୁବନେଶ୍ୱର (ସବ୍ୟୁ): ରାଜ୍ୟସ୍ତରୀୟ ଜାତୀୟ ପ୍ରେସ ଦିବସ-୨୦୨୪ ଜୟଦେବ ଭବନ ଏବଂ ଲୋକ ସମ୍ପର୍କ ଭବନ ଠାରେ ପାଳିତ ହୋଇଛି । ପୂର୍ବାହ୍ନରେ ଜୟଦେବ ଭବନ ପ୍ରଦର୍ଶନୀ କକ୍ଷରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ଏବଂ ପେପର ମ୍ୟାନ ଇଣ୍ଡିଆ ଶଶାଙ୍କ ଶେଖର ଦାଶଙ୍କ ସହଯୋଗରେ ସର୍ବ ପୁରାତନ, ପୁରାତନ ଓ ନୂତନ ଦୈନିକ, ସାପ୍ତାହିକ, ପାକ୍ଷିକ, ମାସିକ ଓଡ଼ିଆ, ଇଂରାଜୀ, ହିନ୍ଦୀ, ବିଦେଶୀ ଖବର କାଗଜ ସାମ୍ବାଦପତ୍ର, ମାଗଜିନ ପ୍ରଦର୍ଶନୀକୁ ମୁଖ୍ୟ ଅତିଥିଭାବେ ଲୋକ ସମ୍ପର୍କ ବିଭାଗର ସଚିବ ସଂଜୟ କୁମାର ସିଂହ ଯୋଗଦେଇ ପ୍ରଦର୍ଶନୀକୁ ଉଦଘାଟନ କରିଥିଲେ । ଭାରତ ବର୍ଷକୁ ସ୍ୱାଧୀନତା ଆଣିବାରେ ଏବଂ ପରବର୍ତ୍ତୀ ସମୟରେ ସାମ୍ବାଦପତ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରି ଆସୁଛି । ଗଣମାଧ୍ୟମ କଷ୍ଟମୁକ୍ତ ହୋଇ କାର୍ଯ୍ୟ କରି ସମାଜକୁ ଦିଗଦର୍ଶନ ଦେବା ପାଇଁ ଶ୍ରୀ ସିଂହ ପରାମର୍ଶ ଦେବା ସହ ସାମ୍ବାଦିକମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ । ଏହାସହିତ ସୂଚନା ଓ ଲୋକସମ୍ପର୍କ ଭବନ ସମ୍ମିଳନୀ କକ୍ଷରେ ବିଭାଗୀୟ ନିର୍ଦ୍ଦେଶକ ସରୋଜ କୁମାର ସାମାଲଙ୍କ ଅଧକ୍ଷତାରେ ସାଧାରଣ ସଭା ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ମୁଖ୍ୟ ଅତିଥିଭାବେ ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ପତ୍ରସୂଚନା କାର୍ଯ୍ୟାଳୟ ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ଯୋଗଦେଇ କହିଲେ, ଗଣ ମାଧ୍ୟମର ସ୍ୱାଧୀନତା ଜନସାଧାରଣଙ୍କ କଲ୍ୟାଣ ରେ ବିନିଯୋଗ ହୁଏ । ଗଣମାଧ୍ୟମର ସ୍ୱାଧୀନତା ଜନସାଧାରଣଙ୍କ ଚେତନାକୁ ଜାଗ୍ରତ କରାଇ କର୍ତ୍ତବ୍ୟ ଓ ଦାୟିତ୍ୱ ମୂଲ୍ୟବୋଧତା ବଜାୟ ରଖିବା ଦିଗରେ ପ୍ରେରଣା ଦିଏ । ମୁଖ୍ୟବକ୍ତା ଭାବେ ଯୋଗଦେଇ ଏସିଆନ ଏଜ ଓ ଇଣ୍ଡୁସ ଭାଲି ଟାଇମ୍ସ ବରିଷ୍ଠ ସାମ୍ବାଦିକ ଅକ୍ଷୟ କୁମାର ସାହୁ ଯୋଗ ଦେଇଥିଲେ । ଶେଷରେ ଓଡ଼ିଆ ଓ ଇଂରାଜୀ ବକ୍ତୃତା ପ୍ରତିଯୋଗିତାର ଛଅ ଜଣ କୃତିତ୍ୱ ପ୍ରତିଯୋଗୀ ଲିପ୍‌ସିତା ପରିଡା, ରେଶମା ନାଏକ, ବର୍ଷା ନାଏକ, ଜ୍ୟୋର୍ତିମୟୀ ମିଶ୍ର, ତାରମିନ ଟି ଗଣ୍ଡବା ଏବଂ ଆହାନା ମାଝୀଙ୍କୁ ସାର୍ଟିଫିକେଟ, ଟ୍ରଫି ଓ ଅର୍ଥ ରାଶି ଦେଇ ପୁରସ୍କୃତ କରିଥିଲେ । ସେହିପରି ସାମ୍ବାଦ ପତ୍ର ପ୍ରଦର୍ଶନୀରେ ସହଯୋଗ କରିଥିବା ଶ୍ରୀ ଦାଶ ପେପେରମ୍ୟାନ ଇଣ୍ଡିଆଙ୍କୁ ମାନପତ୍ର, ଟ୍ରଫି ଓ ଶାଲ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

## ବାଲିଯାତ୍ରା ପଡ଼ିଆରେ

# ଜିଲ୍ଲା ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦଘାଟିତ

କଟକ, (ସବ୍ୟୁ) ଐତିହାସିକ କଟକ ବାଲିଯାତ୍ରା ପଡ଼ିଆରେ ଆୟୋଜିତ ଚଳିତ ବର୍ଷର କୃଷି ଯନ୍ତ୍ରପାତି ମେଳା ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇ ଯାଇଛି । ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଆଶୋକ କୁମାର କରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ମେଳାକୁ ମୁଖ୍ୟ ଜିଲ୍ଲା ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁବାଷ ଚନ୍ଦ୍ର ରାୟ ଉଦଘାଟନ କରିଥିବା ବେଳେ ଜିଲ୍ଲା ପରିଷଦ ଷ୍ଟାଣ୍ଡିଂ କମିଟି ଅଧକ୍ଷ ଆଶିଷ କୁମାର ସାହୁ, କଟକ ସଦର ଉପ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ଉପସ୍ଥିତ ଚାଷୀ ମାନଙ୍କୁ ଆଧୁନିକ ଯନ୍ତ୍ରପାତି ବ୍ୟବହାର କରି ଅଧିକ ଅମଳକ୍ଷମ ହେବା ପାଇଁ ପରାମର୍ଶ ଦେଇଥିଲେ । ଉକ୍ତ ମେଳାରେ ସରକାରଙ୍କ ପକ୍ଷରୁ ଦିଆ ଯାଉଥିବା ସର୍ବାଧିକ ରିହାତିର ସୁଯୋଗ ନେବା ପାଇଁ ତାଙ୍କ ବକ୍ତବ୍ୟରେ କହିଥିଲେ । ଜିଲ୍ଲା ସହାୟକ କୃଷି ନିର୍ଦ୍ଦେଶିକା ଅଧିକାରୀ ଅସୀମା ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେଛଅନ୍ୟ ମାନଙ୍କ ମଧ୍ୟରେ ଯୋଗ ନିର୍ବାହୀ ଯନ୍ତ୍ରୀ ପ୍ରଶାନ୍ତ ଜେନାଙ୍କ ଯୋଗ ଜଦେଇଥିଲେ । ଏହା ସହିତ ବାଲିଯାତ୍ରା ପଡ଼ିଆରେ ଅନୁଷ୍ଠିତ ଉଦ୍ୟାନ କୃଷି ଓ ମୃର୍ତ୍ତିକା ସଂରକ୍ଷଣ, ଜଳ ଛାୟା ବିଭାଗର ପ୍ରଦର୍ଶନୀ ମଧ୍ୟ ଉଦଘାଟିତ ହୋଇଥିଲା ।

## ୪୮ ଘଣ୍ଟାରେ ୧୫ ଅପରାଧୀ ଗିରଫ

# ଟଙ୍କା, ସୁନା, ଗାଡ଼ି, ପ୍ରଭୃତି ଜବତ

ଭୁବନେଶ୍ୱର, (ସବ୍ୟୁ) : ଏକାଧିକ ମାମଲାରେ ଭୁବନେଶ୍ୱର ପୋଲିସ ୪୮ ଘଣ୍ଟା ମଧ୍ୟରେ ୧୫ ଜଣ ଅପରାଧୀଙ୍କୁ ଗିରଫ କରାଯାଇ ଶନିବାର କୋର୍ଟ ଚାଲାଣ କରାଯାଇଥିବା ଡିସିପି ପିନାକ ମିଶ୍ର ସାମ୍ବାଦିକମାନଙ୍କୁ କହିଛନ୍ତି । ଖଟି ଓ ଆପତ୍ତିଜନକ ସ୍ଥାନରେ ଚଢ଼ାଉ କରାଯିବା ସହ ଅନ୍ୟ ଅପରାଧୀଙ୍କୁ ମଧ୍ୟ ଗିରଫ କରାଯାଇଛି ।

ବିଭିନ ଥାନାରେ ଗିରଫ ହୋଇଥିବା ଅପରାଧୀମାନେ ହେଲେ ମନୋରଞ୍ଜନ ଜେନା, ସାଗର ନାୟକ, ରଞ୍ଜନ କୁମାର ସାହୁ, ପ୍ରଭାତ ଜେନା, ରଞ୍ଜନ କୁମାର ଗୁରୁ, ରଞ୍ଜନ କୁମାର ଗୁରୁ, ବଳିଆ ଗୌଡ଼, ପ୍ରଫୁଲ୍ଲ ନାୟକ, ସନ୍ତୋଷ କୁମାର ଜେନା, ପ୍ରଶାନ୍ତ କୁମାର ଦାସ, ଇସାକ ମହମ୍ମଦ, ଏମ୍‌ଆର୍ ଇସାକ, ସାକ୍ରିମୁଲ୍ଲା, ଉଜିଦ୍ ଖାନ, ରଘୁନାଥ ସେଠୀ ଓ ଅନ୍ୟମାନେ ବାଳ ଅପରାଧୀ ବୋଲି ପୋଲିସ ସୂଚନା ଦେଇଛି । ଏମାନଙ୍କ ନିକଟରୁ ଗଞ୍ଜେଇ, ସୁନା ଗହଣା, କାର୍, ବାଇକ୍, ସାଇକେଲ, ୨୦ଟି ମୋବାଇଲ୍ ଓ ୨୨ ହଜାର ଟଙ୍କା, ଭ୍ୟାନିଟ୍ ବ୍ୟାଗ୍ ପ୍ରଭୃତି ଜବତ ହୋଇଥିବା ଡିସିପି କହିଛନ୍ତି । ଗିରଫ ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ପିକକ୍ ଶିଶୁମେଳାର ତୃତୀୟ ସନ୍ଧ୍ୟା

# ଆଧୁନିକ ନୃତ୍ୟ ଓ ଲୋକ ନୃତ୍ୟ ରେ ମନ୍ତ୍ରମୁଗ୍ଧ ଦର୍ଶକ ମଣ୍ଡଳୀ

ଭୁବନେଶ୍ୱର (ସବ୍ୟୁ): ପିପୁଲସ୍ କଲଚରାଲ ସେଣ୍ଟର (ପିକକ୍) ପକ୍ଷରୁ ଏକାମ୍ର ହାଟରେ ଚାଲିଥିବା ସାତଦିନ ବ୍ୟାପୀ ଶିଶୁମେଳାର ଏହା ଥିଲା ତୃତୀୟ ସନ୍ଧ୍ୟା ଚଳ ଚଞ୍ଚଳ ହୋଇ ଉଠିଥିଲା ଏକାମ୍ର ହାଟର ପ୍ରାଙ୍ଗଣ ଡ୍ୟାନ୍ସ ଗ୍ରୁପ, ଦିବ୍ୟଜ୍ୟୋତି ଡ୍ୟାନ୍ସ ଗ୍ରୁପ, ବିସିସି ଡ୍ୟାନ୍ସ ଏକାଡେମୀ, ନୃତ୍ୟାନଶୀ, ଗାଇଡାନ୍ସ ପବ୍ଲିକ ସ୍କୁଲ,ଗଣ୍ଡମୁଣ୍ଡା ଉଚ୍ଚ ବିଦ୍ୟାଳୟର ପିଲାମାନଙ୍କର ଚିତ୍ତାକର୍ଷକ ଲୋକ ନୃତ୍ୟ ଦର୍ଶକ ମାନଙ୍କର ମନ ମୋହି ନେଇଥିଲା । ସନ୍ଧ୍ୟାରେ ମୁଖ୍ୟ ଅତିଥି ଥିଲେ ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ ର ଯୁଗ୍ମ ନିର୍ଦ୍ଦେଶକ ମାନସ କୁମାର ସାମଲ, ଖୋର୍ଦ୍ଧାର ଏଡିଏମ (ରାଜସ୍ୱ)ସାଫଲ୍ୟ ମଣ୍ଡିତ ପ୍ରଧାନ, ଗ୍ରାମୀଣ ବିକାଶ ଓ ପଞ୍ଚାୟତିରାଜ ଅନୁଷ୍ଠାନର ଉପ ନିର୍ଦ୍ଦେଶକ ଡଃ ସୁବ୍ରତ କୁମାର ମିଶ୍ର,ଓଡିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି ର ପ୍ରୋଗ୍ରାମ ମ୍ୟାନେଜର ପ୍ରୀତିକାନ୍ତ ପଣ୍ଡା, ଏନଏସଏସର ପ୍ରୋଗ୍ରାମ ଅଫିସର ଓ ଆଇଏମଏସ ର ଅଧ୍ୟାପକ ରଘୁନାଥ ମଣ୍ଡଳ,କାନାରା ବ୍ୟାଙ୍କର ମୁଖ୍ୟ ପରିଚାଳକ ସନ୍ତୋଷ କୁମାର ଦାସ, ପ୍ରଖ୍ୟାତ ନୃତ୍ୟ ଶିଳ୍ପୀ ମିନାକ୍ଷୀ ବେହେରା, କାନାରା ବ୍ୟାଙ୍କର ପୂର୍ବତନ ପରିଚାଳକ ନିର୍ମଳ ଚନ୍ଦ୍ର ବେହେରା, ବିଶିଷ୍ଟ ସାମ୍ବାଦିକ ମାଧବାନନ୍ଦ ବେହୁରା ଓ ଓଭା ର ସମ୍ପାଦକ କ୍ଷମାକର ସ୍ୱାଇଁ ଅତିଥି ମାନଙ୍କର ଉପସ୍ଥିତି ପିଲାମାନଙ୍କୁ ବହୁତ ଉତ୍ସାହିତ କରିଥିଲା । ଅତିଥିମାନେ ପିକକ୍ ର ଏହି ଉଦ୍ୟମକୁ ବହୁ ପ୍ରସଂଶା କରିଥିଲେ । ଓଡିଶୀ ନୃତ୍ୟ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ଆଜି ପୁରସ୍କୃତ କରଯାଇଥିଲା । ପିକକ୍ ର ସମ୍ପାଦକ ରଞ୍ଜନ କୁମାର ମହାନ୍ତି, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ପିକକ୍‌ର ରତ୍ନା ଦାଶ, ଜ୍ୟୋତିଶଙ୍କର ମହାନ୍ତି, ଉପମା ମହାନ୍ତି, ପ୍ରଶାନ୍ତ ପାଣିଗ୍ରାହୀ, ପଙ୍କଜ ଭାଲ,ଶାନ୍ତିଲତା ସାହୁ,ପ୍ରମୁଖ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ । ଆଜିର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ସୌମ୍ୟ ପ୍ରିୟଦର୍ଶୀ, ଆରୁଷି ଅଦ୍ୱିକା ଓ ହର୍ଷାଲି ଦୋରା ।



କାରଣ ଅଜିଥିଲା ପିଲାମାନଙ୍କ ମଧ୍ୟରେ ଆଧୁନିକ ନୃତ୍ୟର ପ୍ରତିଯୋଗୀତା । କୁନି କୁନି ପିଲାମାନଙ୍କର ନୃତ୍ୟରେ କମ୍ପି ଉଠିଥିଲା ଏକାମ୍ର ହାଟର ପ୍ରାଙ୍ଗଣ ଓ ଦର୍ଶକ ମାନେ ଏହାକୁ ମନ୍ତ୍ର ମୁଗ୍ଧ ହୋଇ ଉପଭୋଗ କରିଥିଲେ ଛଏଥିରେ ମୁଖ୍ୟ ବିଚାରକଭାବେଅନ୍ନପୂର୍ଣ୍ଣା ମହାନ୍ତି,ରେଖା ସାହୁ, ଲିଲିପ୍ସା ମହାପାତ୍ର ଓଦିଲ୍ଲୀପ କୁମାର ଜିପ୍ରମୁଖଯୋଗ ଦେଇଥିଲେ । ଆଜି ମଧ୍ୟ ଅନୁଷ୍ଠିତ ହୋଇଥିଲା ପିଲାମାନଙ୍କ ଲୋକ ନୃତ୍ୟ ଉତ୍ସବ । ଚଢେଇବର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ବାରିଜଙ୍ଗର ପ୍ରତିଭା ଅଡୋଲୋସେଣ୍ଟ ଗ୍ରୁପ,ଧମିଲୋ ଗାଁର କିଶୋରକିଶୋରୀ ଗ୍ରୁପ, କେଟିଟି

## ଜଗନ୍ନାଥ କଲ୍‌କୀ ଅବତାର ଭୂମିକାରେ ନାବାଳକ

# ଥାନାରେ ଏତଲା, ଶ୍ରୀବୈକୁଣ୍ଠ ଧାମରେ ପୋଲିସର ଛାନ୍‌ଭିନ୍

ଭୁବନେଶ୍ୱର, (ସବ୍ୟୁ) : ଗୁପ୍ତ ଖଣ୍ଡଗିରି ଶ୍ରୀବୈକୁଣ୍ଠ ଧାମରେ କଲ୍‌କୀ ଅବତାରରେ ଥିବା ନାବାଳକଙ୍କ ଆଶ୍ରମରେ ଭରତପୁର ଥାନା ପୋଲିସ ଛାନ୍‌ଭିନ୍ କରିଛି । ନାବାଳକଙ୍କ ପାଦରେ ତୁଳସୀ ଓ ଗୀତା ପ୍ରଭୃତି ଧର୍ମଗ୍ରନ୍ଥ ରଖାଯିବାକୁ ନେଇ ସମାଜସେବୀ ମହାସଂଘ ପକ୍ଷରୁ ଭରତପୁର ଥାନାରେ ଏତଲା ହେବା ପରେ ପୋଲିସ ତଦନ୍ତ କରୁଛି । ଡିସିପି ପିନାକ ମିଶ୍ରଙ୍କ କହିବା ଅନୁଯାୟୀ ତଦନ୍ତ ଚାଲିଛି, ଦୋଷ ନିର୍ଣ୍ଣୟ ହେବାପରେ କାର୍ଯ୍ୟାନୁଷ୍ଠାନ ହେବ ।

ଭାଷ୍ୟକାର କାଶୀନାଥ ମିଶ୍ରଙ୍କ ପୁଅ ସତୀଶ ମିଶ୍ର । ତାଙ୍କ ଘର ଯାଜପୁର ଜିଲ୍ଲାରେ । ବାପା ବିଭିନ୍ନ ରାଜ୍ୟ ବୁଲି ପ୍ରବଚନ ଦେଉଥିବାବେଳେ ପୁଅର କଲ୍‌କୀ ଅବତାର କହି ତାକୁ ଆଶ୍ରମରେ ବସାଇଛନ୍ତି । ସତୀଶ ପଟିଆ ଅଞ୍ଚଳରେ ଏକ ଘରୋଇ କଲେଜରେ ପଢୁଥିବାବେଳେ କେଟିଏମ୍ ବାଇକ୍ ଚଢ଼ି ଯାତାୟାତ କରୁଛନ୍ତି । ତା' ବୟସ ୧୭ ବର୍ଷ ହେବ । ସେ ପାଠପଢ଼ା ଛାଡ଼ି ଜଗନ୍ନାଥଙ୍କ କଲ୍‌କୀ ଅବତାର କହି ବିଭିନ୍ନ ଧାର୍ମିକ କଥା ଲୋକଙ୍କୁ ବୁଝାଉଛନ୍ତି । ସମର୍ଥକଙ୍କ କହିବା ଅନୁଯାୟୀ ମାଳିକାରେ କଲ୍‌କୀ ଅବତାର ସମ୍ପର୍କରେ ଲେଖାଅଛି । ସ୍ୱପ୍ନାଦେଶ ହେବାପରେ ସେ ଏପରି ଧାର୍ମିକ କାମ ପିଲାଦିନରୁ କରୁଛନ୍ତି । ପାଦତଳେ ତୁଳସୀ, ଗୀତା ପ୍ରଭୃତି ଥୁଆ ହେବା କଥା ବହୁଦିନର । ସୋସିଆଲ ମିଡିଆରେ ପାଦତଳେ ତୁଳସୀ ପ୍ରଭୃତି ରଖାଯିବା ଫଟୋ ଭାଇରାଲ ହେବାପରେ ବହୁ ଧାର୍ମିକ ତଥା ପୁରୀ ଜଗନ୍ନାଥଙ୍କ ସେବାୟତ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ଯେଉଁ ତୁଳସୀ ଜଗନ୍ନାଥଙ୍କ ଶୀରରେ ଲାଗୁଛି, ତାହା କିପରି ନାବାଳକଙ୍କ ପାଦତଳକୁ ଯାଉଛି ବୋଲି ପ୍ରତିକ୍ରିୟାରେ କହିଛନ୍ତି । ଧର୍ମ ନାମରେ ବାପ-ପୁଅ ଟଙ୍କା ରୋଜଗାର କରିବା ପାଇଁ ଏହା ତାଙ୍କର ଫନ୍ଦିଫିକର । ସତୀଶ ମିଶ୍ର ଯାହା କହୁଛନ୍ତି, ସେଥିମଧ୍ୟରୁ ବହୁ ମିଛ ବୋଲି ଏତଲା ଦେଇଥିବା ସମାଜସେବୀ ମହାସଂଘର ସଭାପତି କହିଛନ୍ତି । ଯେଉଁଠାରେ ଶ୍ରୀବୈକୁଣ୍ଠ ଧାମ ଅଛି, ତାହାକୁ ନାବାଳକଙ୍କ ସମର୍ଥକମାନେ ଗୁପ୍ତ ଖଣ୍ଡଗିରି ବୋଲି କହୁଛନ୍ତି । ଧର୍ମ ନାମରେ ଲୋକଙ୍କୁ ଭଣ୍ଡାଉଛନ୍ତି । ସେମାନଙ୍କ କହିବା କଥା ମାଳିକାରେ ଲେଖାଅଛି, ଯାଜପୁରରେ ନାବାଳକ ଭାବେ ଜଗନ୍ନାଥ କଲ୍‌କୀ ଅବତାରରେ ଆସିବେ । ଏହା ସମ୍ପୂର୍ଣ୍ଣ ମିଛ ବୋଲି ଏତଲାକାରୀ କହିଛନ୍ତି । ଏତଲାକାରୀଙ୍କ ଅଭିଯୋଗ ଆଧାରରେ ପୋଲିସ ଚାନ୍‌ଭିନ୍ କରୁଛି । ବହୁ ସାକ୍ଷୀଙ୍କ ବୟାନ ମଧ୍ୟ ରେକର୍ଡ଼ କରିଛି ପୋଲିସ । ବହୁ ମିଛ ଭଣ୍ଡ ବାବା ଗିରଫ ହୋଇ ଜେଲ୍‌ରେ ଅଛନ୍ତି । ଓଡ଼ିଶା କେନ୍ଦ୍ରାପଡ଼ାର ସାରଥୀ ବାବା ଲୋକଙ୍କୁ ଭଣ୍ଡାଇବା ଅଭିଯୋଗରେ ଗିରଫ ହୋଇଥିଲେ । ତାଙ୍କର ଯେପରି ଅନ୍ଧଭକ୍ତ ଥିଲେ ସେହିପରି ନାବାଳକ ସତୀଶ ମିଶ୍ରଙ୍କ ଅନେକ ଭକ୍ତ ଅଛନ୍ତି । ଜଗନ୍ନାଥଙ୍କ ନାମ କହି ଲୋକଙ୍କୁ ଭଣ୍ଡାଉଥିବାରୁ ବାପ-ପୁଅଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି ଜଗନ୍ନାଥପ୍ରେମୀ ଭକ୍ତ ।

## ଶ୍ରୀଜଗନ୍ନାଥ ଚିନ୍ତନ ଓ ଚେତନା ୱାର୍ଲଡ ୱାଇଡ଼ର ଆନ୍ତର୍ଜାତିକ ଆଧ୍ୟାତ୍ମିକ ସମାବେଶ

ଭୁବନେଶ୍ୱର (ସବ୍ୟୁ): ଏବେକାର ସମାଜରେ ମନୁଷ୍ୟ ପ୍ରାୟତଃ ବସ୍ତୁବାଦୀ ବିଚାରର ବଶବର୍ତ୍ତୀ ହେବା ଫଳରେ ନିଜର ସଂସ୍କୃତି, ଶୃଙ୍ଖଳା ଓ ସଂସ୍କାରଠାରୁ ଧୀରେ ଧୀରେ ଦୂରେଇଯାଉଛି । ତେଣୁ ମଣିଷ ଜୀବନରେ ଏକ ସୁଧାର ଆଣିବା ଉଦ୍ଦେଶ୍ୟରେ ଶ୍ରୀଜଗନ୍ନାଥ ଚିନ୍ତନ ଓ ଚେତନା ୱାର୍ଲଡୱାଇଡ଼ (ଏସଜେସିସିଡବ୍ଲୁଡବ୍ଲୁ) ପକ୍ଷରୁ ୨୦୨୫ ମସିହା ଜାନୁଆରୀ ମାସ ୭ ତାରିଖରୁ ତିନିଦିନ ବ୍ୟାପି ପୌରସଦନଠାରେ ଏକ ଆନ୍ତର୍ଜାତିକ ଆଧ୍ୟାତ୍ମିକ ସମାବେଶ ଅନୁଷ୍ଠିତ ହେବ ଯାହାର ବିଷୟବସ୍ତୁ ହେଉଛି ଚିନ୍ତନ ଓ ଚେତନାରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଏହି ଆଧ୍ୟାତ୍ମିକ ସମାବେଶକୁ ଜଗଦ୍ ଗୁରୁ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀ ଉଦଘାଟନ କରିବେ ଏଥିରେ ବିଦେଶରୁ ଅନେକ ପ୍ରତିନିଧି ଯୋଗ ଦେବାକୁ ନିଜର ସମ୍ମତି ପ୍ରଦାନ କରିଛନ୍ତି ଏହାର ବିଭିନ୍ନ ଅଧିବେଶନରେ ସାଧୁସନ୍ଥମାନେ ନିଜର ବକ୍ତବ୍ୟ ରଖିବେ ଏହି ସମାବେଶରେ ଶ୍ରୀଜଗନ୍ନାଥଙ୍କ ପ୍ରଚାର ଓ ପ୍ରସାର ବ୍ୟତୀତ ଆହୁରି ଅନେକ ଆକର୍ଷଣ ରହିଛି ।

# ବାଲିଯାତ୍ରାରେ ଭାରତୀୟ ନୌସେନାର ଅଂଶଗ୍ରହଣ



ଭୁବନେଶ୍ୱର (ସବ୍ୟୁ): ଭାରତୀୟ ନୌ ସେନା କଟକ ଠାରେ ଉଦ୍‌ଘାଟିତ ହୋଇଥିବା ବାଲିଯାତ୍ରାରେ ଜଣେ ପ୍ରମୁଖ ଅଂଶଗ୍ରହଣକାରୀ ହୋଇଛି । ବାଲିଯାତ୍ରା ଠାରେ ନୌ ସେନାର ଉପସ୍ଥିତି ଦେଶର ଐତିହାସିକ ଅତିହକୁ ବଞ୍ଚାଇ ରଖିବା ପାଇଁ ଦେଶର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥାଏ । ଭାରତୀୟ ନୌ ସେନାର ପ୍ୟାଭିଲିୟନରେ ୧୧ ଟି ଭିନ୍ନ ଏବଂ ଜଟିଳ ଭାବରେ ପରିକଳ୍ପିତ ଷ୍ଟଲ୍ ଅଛି । ପ୍ରତ୍ୟେକଟି ଏହାର ବିବିଧ ସାମର୍ଥ୍ୟ ବିଷୟରେ ଏକ ଅନନ୍ୟ ଜ୍ଞାନ ପ୍ରଦାନ କରେ ଏହି ଥିମେଟିକ୍ ଷ୍ଟଲଗୁଡିକ ବିଭିନ୍ନ କ୍ଷେତ୍ର ମଧ୍ୟରେ ନ ନୌ ସେନାର ବୈଷୟିକ ଅଗ୍ରଗତି ପ୍ରଦର୍ଶନ କରି ତିନି-ଡାଇମେନ୍ସନାଲ୍ ଅପରେସନ୍‌ର ଏକ ବ୍ୟାପକ ବିସ୍ତାର କରିଥାଏ ବୈଷୟିକ ରକ୍ଷଣାବେକ୍ଷଣରେ ଆତ୍ମନିର୍ଭରଶୀଳତା, ଅସ୍ତ୍ରଶସ୍ତ୍ର ଏବଂ କ୍ଷେପଣାସ୍ତ୍ର ପ୍ରଦର୍ଶନ, ବିମାନ ଚଳାଚଳ, ସ୍ୱଦେଶୀକରଣ, ସାମୁଦ୍ରିକ କମାଣ୍ଡୋ ଏବଂ ଡାଇଭିଂ, ନାଭାଲ୍ ଯୋଗାଯୋଗ, ଭାରତର ଜାହାଜ ନିର୍ମାଣ ଶକ୍ତି ଏବଂ ନୌ ସେନାର ଦୁସାହସିକ ଆତ୍ମାକୁ ଦର୍ଶାଉଥିବା ନୌ ସେନା ମରାମତି ପ୍ରାଙ୍ଗଣରୁ ପ୍ରଦର୍ଶନୀ ଭାରତୀୟ ନୌ ସେନାର ଇଷ୍ଟର୍ଣ୍ଣ ନାଭାଲ କମାଣ୍ଡ ଅନ୍ତର୍ଗତ ବିଶାଖାପାଟନମରେ ଅବସ୍ଥିତ ବିଭିନ୍ନ ୟୁନିଟ୍ ଦ୍ୱାରା ଏହି ଷ୍ଟଲଗୁଡିକ ସ୍ଥାପିତ ହୋଇଛି ।

ଭାରତୀୟ ନୌ ସେନା ପାଭିଲିଅନର ଏକ ଅଂଶ ଭାବରେ ନାଭାଲ ଅଫିସର୍-ଇନ୍-ଚାର୍ଜ (ଓଡିଶା) ର ଟିମ୍ ମଧ୍ୟ ଦୁଇଟି ଷ୍ଟଲ୍ ସ୍ଥାପନ କରିଛନ୍ତି । ପ୍ରଥମ ଷ୍ଟଲରେ ଭାରତୀୟ ନୌ ସେନା ଏବଂ ଓଡିଶା ରାଜ୍ୟ ମଧ୍ୟରେ ଦୀର୍ଘ ଦିନର ସାମୁଦ୍ରିକ ସଂଯୋଗ ପ୍ରଦର୍ଶିତ ହୋଇଛି, ଯାହା ସହଭାଗୀ ଇତିହାସ, ସଫଳତା ଏବଂ ସାଂସ୍କୃତିକ ଲିଙ୍କ ଉପରେ ଗୁରୁତ୍ୱାରୋପ କରିଛି । ଅନ୍ୟ ଏକ ଷ୍ଟଲ୍ ଏକ ନିଯୁକ୍ତି ଏବଂ ପ୍ରଚାର ପ୍ରସାର ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରେ, ଯାହା ଓଡିଶାର ଯୁବକମାନଙ୍କୁ ନୌ ସେନାରେ ଯୋଗଦେବା ଏବଂ ଏହାର ସମ୍ମାନଜନକ ଉତ୍ତରାଧିକାରର ଅଂଶ ହେବା ପାଇଁ ପ୍ରେରଣା ଦେବା ପାଇଁ ପରିକଳ୍ପିତ । ୧୬ ନଭେମ୍ବରରେ, ଆଇଏନ୍‌ଏସ୍ ଚିଲିକାର ଭାରତୀୟ ନୌ ସେନାର ବ୍ୟାଣ୍ଡ ମଧ୍ୟ ବାଲିଯାତ୍ରା ଠାରେ ପ୍ରଦର୍ଶନ କରିଥିଲା ଏବଂ ପ୍ରସିଦ୍ଧ ସାମୁଦ୍ରିକ ବାଣିଜ୍ୟ ମେଳାରେ ଏକ ଉତ୍ସବର ଆତ୍ମା ଯୋଗ କରିଥିଲା ଉଲ୍ଲେଖଯୋଗ୍ୟ ଯେ ଚଳିତ ବର୍ଷ ଭାରତୀୟ ନୌ ସେନା ଦ୍ୱାରା ଅପରେସନ୍ ପ୍ରଦର୍ଶନ ମଧ୍ୟ ବ୍ଲୁ ଫ୍ଲାଗ୍ ବିଚ୍ ପୁନ୍ ଠାରେ ୦୪ ଡିସେମ୍ବର ୨୪ ରେ ଅନୁଷ୍ଠିତ ହେଉଛି ।

# କିଟ୍ ଇଣ୍ଟରନ୍ୟାସ୍ନାଲ ସ୍କୁଲ୍ ୧୦ମ ଶିଶୁ ସାହିତ୍ୟ ମହୋତ୍ସବ ଉଦ୍‌ଘାଟିତ



ଭୁବନେଶ୍ୱର, (ସବ୍ୟୁ) : କିଟ୍ ଇଣ୍ଟରନ୍ୟାସ୍ନାଲ୍ ସ୍କୁଲ୍‌ରେ ୧୦ମ ଶିଶୁ ସାହିତ୍ୟ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ବିଶିଷ୍ଟ ଅଭିନେତ୍ରୀ ତଥା ଲେଖିକା ସୋହା ଅଲ୍ଲୀ ଖାଁ, ଲେଖିକା ପ୍ରୀତି ସେନୋୟ, କିଟ୍ ଓ କିସ୍ ସଭାପତି ଶାଶ୍ୱତୀ ବଳ, କିଟ୍ ଇଣ୍ଟରନ୍ୟାସ୍ନାଲ୍ ସ୍କୁଲ୍ ଚେୟାରପର୍ସନ ଡ. ମୋନାଲିସା ବଳ, ଅଧକ୍ଷ ଡ. ସଞ୍ଜୟ ସୁଆର ଯୋଗଦେଇ ଥିବା ବେଳେ ଆଭାସୀରେ ବିଶିଷ୍ଟ ଶିଶୁ ସାହିତ୍ୟିକ ରସ୍କିନ୍ ବଣ୍ଡ ଓ ଅଭିନେତା ବିକ୍ରାନ୍ତ ମାସେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ପଦ୍ମଶ୍ରୀ ରସ୍କିନ୍ ବଣ୍ଡ ନିଜ ବାର୍ତ୍ତାରେ ପୁସ୍ତକ ପାଠ ଉପରେ ଗୁରୁତ୍ୱାରୋପ କରି କହିଲେ, କେବଳ ବହି ହିଁ ଛାତ୍ରଛାତ୍ରୀଙ୍କ ସାରା ଜୀବନ ବନ୍ଧୁ ହୋଇ ରହିବ । ପୁସ୍ତକ ପଠନ ପ୍ରତି ଶିଶୁମାନଙ୍କ ଆଗ୍ରହ ବାଇବା ଦିଗରେ ଏଭଳି ସାହିତ୍ୟ ମହୋତ୍ସବ ବେଶ ଗୁରୁତ୍ୱ ରହିଛି ବୋଲି ଶ୍ରୀ ବଣ୍ଡ କହିଥିଲେ ।

ଏଭଳି ଶିଶୁ ସାହିତ୍ୟ ମହୋତ୍ସବରେ ପ୍ରଥମ ଥର ଲାଗି ଯୋଗଦେଇଥିବା ସୋହା ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ କହିଛନ୍ତି, ଶିଶୁମାନେ ଦେଶର ଭବିଷ୍ୟତ । ସେମାନେ ଏବେ ପାଠ ପ୍ରତି ଧ୍ୟାନ ଦେବା ଉଚିତ । କିନ୍ତୁ ଦେଖାଯାଉଛି ଅଧିକାଂଶ ପିଲା ଏବେ ଅଧିକ ସମୟ ମୋବାଇଲ୍ ଦେଖିବାରେ ବ୍ୟସ୍ତ ରହୁଛନ୍ତି । ସେମାନେ ଦିନକୁ ୧୫ ମିନିଟ୍ ଯେ କୌଣସି ପୁସ୍ତକ ପାଠ କଲେ ସେମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେବ । ଏହା ଦ୍ୱାରା ସେମାନଙ୍କ ନିଜର ବିକାଶ ହେବା ସହ ଦେଶର ବିକାଶ ହେବ ବୋଲି ସୋହା କହିଥିଲେ । ଅନ୍ୟତମ ଅତିଥି ତଥା ଲେଖିକା ପ୍ରୀତି କହିଲେ, ପିଲାମାନେ ଯେତେ ଅଧିକରୁ ଅଧିକ ବହି ପଢ଼ିବ ତୁମର ଜ୍ଞାନ ସେତେ ଅଧିକ ବଢ଼ିବ । ତେଣୁ ପୁସ୍ତକ ପଠନ ତୁମମାନଙ୍କୁ ପ୍ରକୃତ ମନୋରଞ୍ଜନ ଓ ଜ୍ଞାନ ଦେଇପାରିବ ବୋଲି ସେ କହିଥିଲେ ।

ଅନ୍ୟତମ ଅତିଥି ବିକ୍ରାନ୍ତ ଛାତ୍ରଛାତ୍ରୀଙ୍କୁ ନିଜ ବାର୍ତ୍ତାରେ କିଟ୍ ଇଣ୍ଟରନ୍ୟାସ୍ନାଲ୍ ସ୍କୁଲ୍ ଛୋଟ ପିଲାଙ୍କ ପାଇଁ ଏଭଳି ସାହିତ୍ୟ ମହୋତ୍ସବ ଆୟୋଜନ କରିଥିବାରୁ ସେ ସ୍କୁଲ୍ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜଣାଇଥିଲେ । ଇଣ୍ଟରନ୍ୟାସ୍‌ନାଲ ସ୍କୁଲର କରିକୁଲମ ମୁଖ୍ୟ ମାର୍କ ଏଲ୍ କୋଲେମନ କହିଲେ, ଶିକ୍ଷା ଏକ ଯାତ୍ରା ଏବଂ ଏହା ଏକ ଲକ୍ଷ୍ୟ ନୁହେଁ । ପୁସ୍ତକ ପଠନ ଆମ ଜୀବନର ଏକ ଅଂଶ ହେବା ଉଚିତ ବୋଲି ସେ କହିଥିଲେ । କାର୍ଯ୍ୟକ୍ରମକୁ କିଟ୍ ଓ କିସ୍ ସଭାପତି ଉଦ୍‌ଘାଟନ କରିଥିବା ବେଳେ ସ୍କୁଲର ଚେୟାରପର୍ସନ ଡ. ମୋନାଲିସା ବଳ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ସ୍କୁଲର ଅଧକ୍ଷ ଡ. ସଞ୍ଜୟ ସୁଆର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ଇଂରାଜୀ ପତ୍ରିକା କ୍ଲାଉଡ୍-୯ର ଉନ୍ମୋଚନ ହୋଇଥିଲା । ଦୁଇ ଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାହିତ୍ୟ ଆଲୋଚନା, ଗଳ୍ପ କଥନ, ପ୍ରତିଭା କର୍ମଶାଳା ଆଦି ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମରେ କଟକ ଓ ଭୁବନେଶ୍ୱର ବହୁ ବିଦ୍ୟାଳୟର ୧ହଜାର ଛାତ୍ରଛାତ୍ରୀ ଯୋଗ ଦେଇଛନ୍ତି ।

## ବୃଦ୍ଧାଙ୍କୁ ତକିଆ ଚାପି ହତ୍ୟା : ଅଭିଯୁକ୍ତ ଗିରଫ

ବାଲେଶ୍ୱର,(ସବ୍ୟୁ) : ଗତ ୧୪ତାରିଖ ଗୁରୁବାର ଦିନ ସଦର ଥାନା ସାରଗାଁ ପଞ୍ଚାୟତ ଅନ୍ତର୍ଗତ ସିନ୍ଦୁରି ଗ୍ରାମର ସରସ୍ୱତୀ ମହାରଣା (୭୦)ଙ୍କୁ ବିଳମ୍ବିତ ରାତିରେ ଘରେ ଶୋଇଥିବା ବେଳେ କେହି ଦୁର୍ବୃତ୍ତ ହତ୍ୟା କରିଥିବା ଘଟଣା ସମ୍ପର୍କରେ ଈଶାଣୀ ଗ୍ରାମର ବାସିନ୍ଦା ମୃତ୍ୟୁଞ୍ଜୟ ଶତପଥିଙ୍କ ପୁତ୍ର ସୁଶାନ୍ତ ଶତପଥି ଥାନାରେ ଅଭିଯୋଗ କରିଥିଲେ। ବାଲେଶ୍ୱର ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ସଦର ଏସ୍‌ଡିପିଓ ଓ ସଦର ଥାନା ପୋଲିସ ଘଟଣା ସମ୍ପର୍କରେ ତଦନ୍ତ ଚଳାଇବା ସହ ଥାନାରେ କେଶ୍ ନମ୍ବର ୪୫୯/୨୦୨୪ ମୂଳେ ମାମଲା ରୁଜୁ କରିଥିଲେ । ପରେ ମୃତା ସରସ୍ୱତୀଙ୍କ ଶବକୁ ବ୍ୟବଚ୍ଛେଦ ନିମନ୍ତେ ପଠାଯାଇଥିଲା । ପୁଲିସ ଘଟଣାରେ ସମ୍ପୃକ୍ତ ଗୋପାଳପୁର ଥାନା କଲ୍ୟାଣୀ ଗ୍ରାମର ଭାଗୀରଥି ଜେନାଙ୍କ ପୁତ୍ର ବାପୁନୁ ଓରଫ ବିଶ୍ୱମ୍ଭର ଜେନାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ବିଶ୍ୱମ୍ଭର ବୃଦ୍ଧାଙ୍କ ମୁହଁରେ ତକିଆ ଚାପି ହତ୍ୟା କରିଥିବା ପୁଲିସ ନିକଟରେ ସ୍ୱୀକାର କରିଥିବା ଜଣାପଡ଼ିଛି ।

## ଏମକେସିଜିରୁ ରୋଗୀଙ୍କ ମୋବାଇଲ ଚୋରି : ଯୁବକ ଗିରଫ

ବ୍ରହ୍ମପୁର, (ସବ୍ୟୁ) : ଏମକେସିଜି ମେଡିକାଲର ବିଭିନ୍ନ ବିଭାଗ ବୁଲି ବୁଲି ରୋଗୀ ଓ ସମ୍ପର୍କୀୟଙ୍କ ମୋବାଇଲ ଚୋରି କରୁଥିବା ଜଣେ କୁଖ୍ୟାତ ମୋବାଇଲ ଚୋରକୁ ବୈଦ୍ୟନାଥପୁର ଥାନା ପୋଲିସ ଗିରଫ କରିଛି । ଗିରଫ ଯୁବକ ଜଣଙ୍କ ଦିଗପହଣ୍ଡି ଥାନା ଅନ୍ତର୍ଗତ ଗୋକର୍ଣ୍ଣପୁରର ଏଲ ଶିବା ରେଡ଼ି(୨୬) । ତା' ନିକଟରୁ ୩୪ଟି ଚୋରି ମୋବାଇଲକୁ ପୁଲିସ ଜବତ କରିଛି । ଜବତ ହୋଇଥିବା ମୋବାଇଲଗୁଡ଼ିକର ପ୍ରକୃତ ମାଲିକଙ୍କୁ ଠାବ କରି ଖୁବଶୀଘ୍ର ହସ୍ତାନ୍ତର କରାଯିବ ବୋଲି ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ କହିଛନ୍ତି ।

ସୂଚନାପ୍ରକାରେ, ଏମକେସିଜି ମେଡିକାଲର ବିଭିନ୍ନ ଇନଡୋର କୋଠାରୁ ନିୟମିତ ଭାବେ ରୋଗୀ ଓ ସମ୍ପର୍କୀୟଙ୍କ ମୋବାଇଲ ଚୋରି ହେଉଥିବା ପୋଲିସ ନିକଟରେ ଅଭିଯୋଗ ହେଇ ଆସୁଥିଲା।ସେହିପରି ମେଡିକାଲ କ୍ୟାମ୍ପସରୁ ମଧ ରୋଗୀ ଓ ସମ୍ପର୍କୀୟଙ୍କ ବାଇକ ଚୋରି ହେଉଥିବା ଅଭିଯୋଗ ହେଉଥିଲା । ସେହିକ୍ରମରେ ମୋବାଇଲ ଓ ବାଇକ ଚୋରଙ୍କୁ କାବୁ କରିବାକୁ ପୋଲିସ ପକ୍ଷରୁ ଅନେକ ଦିନ ହେବ ଯୋଜନା କରାଯାଉଥିଲା । ଶୁକ୍ରବାର ଏମକେସିଜିର ଶିଶୁ ବିଭାଗରେ ଜଣେ ଯୁବକ ସନ୍ଦେହଜନକ ଭାବେ ବୁଲୁଥିବା ପୋଲିସକୁ ଖବର ମିଳିଥିଲା ସେହିକ୍ରମରେ ବୈଦ୍ୟନାଥପୁର ଥାନାର ଏକ ଟିମ ଏମକେସିଜିରେ ପହଞ୍ଚି ସନ୍ଦେହଜନକ ଭାବେ ବୁଲୁଥିବା ଅଭିଯୁକ୍ତ ଯୁବକଙ୍କୁ କାବୁ କରିଥିଲା । ତାକୁ ଥାନାକୁ ଆଣି ପଚରାଉଚରା ବେଳେ ତାଙ୍କ ନାମ ଶିବା ରେଡି ବୋଲି ସେ କହିଥିଲେ । ସେହି ସମୟରେ ଶିବା ରେଡିର ୨ଟି ପକେଟରୁ ୨ଟି ଦାମୀ ମୋବାଇଲ ମିଳିଥିଲା । ହେଲେ ସହି ମୋବାଇଲ ୨ଟି ଲକ୍ ଖୋଲିବାକୁ ପୋଲିସ ଶିବାକୁ କହିଥିଲେ ମଧ ସେ ବିଫଳ ହୋଇଥିଲା । ଫଳରେ ସେହି ୨ ମୋବାଇଲ ଚୋରି କରି ଆଣିଥିବା ପୋଲିସ ଜାଣିବାକୁ ପାଇଥିଲା । ଶିବାକୁ ଥାନାକୁ ନେଇ ଅଧିକ ପଚରାଉଚରା ପରେ ସେ ଏମକେସିଜିରେ ନିୟମିତ ବୁଲାବୁଲି କରି ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ମୋବାଇଲ ଚୋରି କରୁଥିବା ପୁଲିସ ନିକଟରେ ସ୍ୱୀକାର କରିଥିଲା । ମୋବାଇଲ ଚୋରି କରିବା ପରେ ସେଗୁଡିକ ଗୋଟିଏ ସ୍ଥାନରେ ଲୁଚାଇ ରହୁଥିଲା । ପରବର୍ତ୍ତୀ ସମୟରେ ଏମକେସିଜି ଖେଳପଡିଆ ନିକଟକରେ ସେହି ମୋବାଇଲଗୁଡ଼ିକୁ କମ ଦରରେ ବିଭିନ୍ନ ଲୋକଙ୍କୁ ବିକ୍ରି କରୁଥିଲା । ଶିବାର ସୂଚନାପ୍ରକାରେ ପୋଲିସ ଉକ୍ତ ସ୍ଥାନରେ ଚଢଉ କରି ଶିବା ଲୁଚାଇ ରଖିଥିବା ୩୪ଟି ଦାମୀ ମୋବାଇଲ ଜବତ କରିଥିଲା ।

## ଆଇଟିଆଇ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ

ବ୍ରହ୍ମପୁର,(ସବ୍ୟୁ): ବ୍ରହ୍ମପୁର ସରକାରୀ ଆଇଟିଆଇ ହଷ୍ଟେଲରେ ରହି ପାଠ ପଢୁଥିବା ଜଣେ ଛାତ୍ରୀଙ୍କ ମୃତ୍ୟୁ ହୋଇଯାଇଛି । ସେ ହେଲେ କନ୍ଧମାଳ ଜିଲା ଗାଜଲବାଡିର ରୁପାଲି ନାୟକ (୧୭) । ଏମକେସିଜି ମେଡିକାଲରୁ ପୋଲିସ ରୁପାଲିଙ୍କ ମୃତଦେହ ଜବତ କରିଛି । ତେବେ ତାଙ୍କ ମୃତ୍ୟୁର ପ୍ରକୃତ କାରଣ ଜଣାପଡିନାହିଁ । ସୂଚନାପ୍ରକାରେ, ମୃତ ଛାତ୍ରୀ ଜଣଙ୍କ ବ୍ରହ୍ମପୁର ଆଇଟିଆଇରେ କମ୍ପ୍ୟୁଟର ଶିକ୍ଷା ଗ୍ରହଣ କରୁଥିଲେ ।

ଆଜକୁ ୨ ମାସ ହେବ ସେ ନିଜ ଘରୁ ଆସି ଏଠାରେ ନାମ ଲେଖାଇବା ସହ ଆଇଟିଆଇର ଛାତ୍ରୀ ନିବାସରେ ନିଜ ସହପାଠୀଙ୍କ ସହ ରହୁଥିଲେ । ସେ ସାମାନ୍ୟ ଜ୍ୱରରେ ଆକ୍ରାନ୍ତ ହୋଇଥିବାରୁ ସେ ଆଇଟିଆଇର କ୍ଲାସକୁ ନଆସି ହଷ୍ଟେଲ କୋଠରୀରେ ଥିଲେ । ଶନିବାର ମଧ୍ୟାହ୍ନରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡି ଯାଇଥିଲା । ସହପାଠୀ ଓ ଆଇଟିଆଇ କର୍ତ୍ତୃପକ୍ଷ ତାଙ୍କୁ ଏମକେସିଜି ମେଡିକାଲକୁ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ । ଚିକିତ୍ସାଧୀନ ଅବସ୍ଥାରେ ଶନିବାର ସନ୍ଧ୍ୟାରେ ଡାକ୍ତରମାନେ ତାଙ୍କର ମୃତ୍ୟୁ ଘୋଷଣା କରିଥିଲେ । ମୃତଦେହ ବ୍ୟବଚ୍ଛେଦ ପରେ ହିଁ ଛାତ୍ରୀଙ୍କ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି କୁହାଯାଇଛି ।

## ଜାତୀୟ ପ୍ରେସ୍ ଦିବସ ମହାଆଡମ୍ବର ସହକାରେ ପାଳିତ




ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାପାଳଙ୍କ ସଭାବନା ସଭା ଗୃହ ଠାରେ ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ମହା ଆଡମ୍ବର ସହକାରେ ପାଳିତ ହୋଇଛି । ସମାରୋହରେ ଜିଲ୍ଲାପରିଷଦ ଅଧକ୍ଷା ଭାରତୀ ହାଁସଦା, ମୁଖଅତିଥି ଏବଂ ଅତିରିକ୍ତ ଜିଲ୍ଲାପାଳ ଦୌଲତ ଚନ୍ଦ୍ରକାର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ସମସ୍ତ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ଅନ୍ୟତମ ବିଶିଷ୍ଟ ଅତିଥି ଭାବେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶାନ୍ତନୁ କୁମାର ନାୟକ ଏବଂ ଅତିରିକ୍ତ ଆରକ୍ଷୀ ଅଧିକ୍ଷିକା ସବିତା ମାଝୀ ଓ ବରିଷ୍ଠ ସାମ୍ବାଦିକ କଲ୍ୟାଣ କୁମାର ସିହ୍ନା ଯୋଗଦେଇ ଏହି ପାଳନୀୟ ଜାତୀୟ ଦିବସକୁ ସାଫଲ୍ୟ ମଣ୍ଡିତ କରାଇଥିଲେ । ପ୍ରକାଶ ଥାଉକି, ଚଳିତ ବର୍ଷ ପାଇଁ ପ୍ରେସ କାଉନ୍ସିଲ ଅଫ ଇଣ୍ଡିଆ ପକ୍ଷରୁ 'ଗଣମାଧ୍ୟମର ପରିବର୍ତ୍ତିତ ସ୍ୱରୁପ' ବିଷୟବସ୍ତୁ ସ୍ଥିରୀକୃତ ହୋଇଥିଲା ।

ଏଣୁ ସାମ୍ପ୍ରତିକ ନୂତନ ଡିଜିଟାଲ୍/ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଯୁଗରେ ବିଭିନ୍ନ ଡିଜିଟାଲ ଉପକରଣର ବ୍ୟବହାର କରି ସୂଚନାକୁ ଯଥାଶୀଘ୍ର ଲୋକଙ୍କୁ ପରିବେଷଣ କରିବା ସହ ସାମ୍ବାଦିକତାର ବିକାଶ ଉପରେ ଆଲୋକପାତ କରେ ବିଭିନ୍ନ ପରିବର୍ତ୍ତନଗୁଡିକ ସତ୍ତ୍ୱେ ଗଣତନ୍ତ୍ରର ଜାଗ୍ରତ ପ୍ରହରୀ ହୋଇ ସଠିକ ତଥ୍ୟ ଲୋକଲୋଚନକୁ ଆଣିବା ସହ ଜନସାଧାରଣଙ୍କ ଆଗରେ ସତ୍ୟତା ପ୍ରତିପାଦନ କରିବା ହେଉଛି ସାମ୍ବାଦିକତାର ମୂଳମନ୍ତ୍ର, ତେଣୁ ସମସ୍ତ ଗଣମାଧ୍ୟମ ପ୍ରତିନିଧି ସାମ୍ବାଦିକତାର ମୂଳମନ୍ତ୍ରକୁ ପାଥେୟ କରି କର୍ଯ୍ୟକରିବା ସହ ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ପ୍ରଶାସନ ସହିତ ସମନ୍ୱୟ ରଖି କାର୍ଯ୍ୟ କରିବା ଉଭୟଙ୍କ ପାଇଁ ନିହାତି ଜରୁରୀ ବୋଲି ଏହି ପାଠ୍ୟଚକ୍ରରେ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ନାୟକ କହିଥିଲେ ଯେ, ସାମ୍ବାଦିକତା ମାଧ୍ୟମରେ ଏକ ସୁସ୍ଥ ଗଣତନ୍ତ୍ର ପାଇଁ ସମ୍ପ୍ରଦାୟକୁ ସଂଯୋଗ କରିବା ସହ ସମାଜକୁ ଅବଗତ କରାଇବାରେ ଗଣମାଧ୍ୟମ ପରତିନିଧିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ, ତେଣୁ ସମୟର ତାଳ ସହ ତାଳ ମିଶାଇ ନିଜକୁ ଶିକ୍ଷିତ ଏବଂ ଉନ୍ନତ କରିବା ଆବଶ୍ୟକ । ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଉପ ବିଭାଗ ଆନୁକୁଲ୍ୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତର ଗଣମାଧ୍ୟମ ପ୍ରତିନିଧିମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଜାତୀୟ ପ୍ରେସ ଦିବସ ପାଳନର ମୁଖ୍ୟ ଉଦେଶ୍ୟ ବିଷୟରେ ଆଲୋଚନା କରିବା ସହିତ ସମ୍ବାଦିକତାର ଗାରିମାକୁ ବଜାଇରଖିବା ଏବଂ ଏକତ୍ରିତ ହୋଇ ପ୍ରସାଶନ ସହ ସମନ୍ୱୟ ରଖି କାର୍ଯ୍ୟ କରିବା ପାଇଁ କହିଥିଲେ ।

ପରିଶେଷରେ, ସାମ୍ବାଦିକ ବନ୍ଧୁ ମାନଙ୍କ ମଧରେ ମନୋରଞ୍ଜନ ଧର୍ମୀ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇଥିଲା ଏବଂ ଦିବସଟିକୁ ଆଡମ୍ବରରେ ସମସ୍ତେ ପାଳନ କରିଥିଲେ । ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଅବିନାଶ ପାଣି ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସରୋଜ କୁମାର ପ୍ରଧାନ ସମସ୍ତ କାର୍ଯ୍ୟ ସଂଚାଳନ କରିଥିବାବେଳେ ଜିଲ୍ଲାର ସମସ୍ତ ଗଣମାଧ୍ୟମ ପ୍ରତିନିଧି, ଜିଲ୍ଲାପାଳ କାର୍ଯ୍ୟାଳୟର ସମସ୍ତ ଅଧିକାରୀଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ରହି ଏହି ଦିବସବ୍ୟାପୀ ସମାରୋହକୁ ସଫଳ କରାଇଥିଲେ ।

## କନ୍ଧମାଳ ଜିଲ୍ଲା ବାରିକ ସଂଘ କର୍ମକର୍ତ୍ତା ନିର୍ବାଚନ
## ପ୍ରଶାନ୍ତ ବେହେରା- ସଭାପତି, ଅରିତ ବେହେରା- ସଂପାଦକ



ଫୁଲବାଣୀ (ସବ୍ୟୁ) :ନିଖିଳ ଉତ୍କଳ ବାରିକ ସମିତି କନ୍ଧମାଳ ଜିଲ୍ଲା ଶାଖା ର ୩ୟ ବାର୍ଷିକ ଉତ୍ସବ ଓ ନୁତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଂଘର ନୁତନ ସଭାପତି ଭାବେ ପ୍ରଶାନ୍ତ କୁମାର ବେହେରା ଓ ସାଧାରଣ ସମ୍ପାଦକ ଭାବେ ଅରିତ କୁମାର ବେହେରା ନିର୍ବାଚିତ ହୋଇଛନ୍ତି । ଫୁଲବାଣୀ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଏହି ବୈଠକ ସଂଘର ଉପସଭାପତି ପ୍ରଶାନ୍ତ କୁମାର ଡାକୁଆ ସଭାପତିତ୍ୱ କରିଥିଲେ । କାର୍ଯ୍ୟକ୍ରମକୁ ସହସମ୍ପାଦକ ପଙ୍କଜ କୁମାର ବାରିକ ପରିଚାଳନା କରିଥିଲେ । ପ୍ରଥମେ ସଂଘର ପୂର୍ବତନ ସଭାପତି ସ୍ୱର୍ଗତ ଭାଗବତ ବେହେରାଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା । ଏଥିସହିତ ସାଧାରଣ ସମ୍ପାଦକ ଶଙ୍କର ବେହେରା ଗୁରୁତର ଭାବେ ଅସୁସ୍ଥ ଥିବା ଯୋଗୁଁ ତାଙ୍କର ଆସୁ ଆରୋଗ୍ୟ କାମନା କରାଯିବା ସହ ତାଙ୍କର ଏହି ପରିସ୍ଥିତିରେ କିପରି ସହାୟତା କରାଯାଇ ପାରିବ ସେ ବିଷୟରେ ଆଲୋଚନା ହୋଇଥିଲା । ପରେ ସମ୍ପାଦକୀୟ ବିବରଣୀ ପାଠ ପରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଏଥିରେ ସଂଘର ସଭାପତି ଭାବରେ ପ୍ରଶାନ୍ତ କୁମାର ବେହେରା ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଥିଲେ । ସାଧାରଣ ସମ୍ପାଦକ ଭାବେ ଅରିତ କୁମାର ବେହେରାଙ୍କୁ ଚୟନ କରାଯାଇଛି ।

ସେହିପରି ସଂଘର ଉପସଭାପତି ଭାବେ ଲବ ଡାକୁଆ, ସହ ସମ୍ପାଦକ ଭାବେ ଦିବାକର ଡାକୁଆ,କୋଷାଧ୍ୟକ୍ଷ ଭାବେ ପ୍ରଦୀପ କୁମାର ବେହେରା ଓ ସାଂଗଠନିକ ସମ୍ପାଦକ ଭାବେ ପଙ୍କଜ କୁମାର ବାରିକଙ୍କୁ ଚୟନ କରାଯାଇଛି ।

କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ କେଶବ ଡାକୁଆ,ବସନ୍ତ ଡାକୁଆ,ସୁମନ୍ତ ଡାକୁଆ, ଜୀତେନ୍ଦ୍ର ଡାକୁଆ,ନୀଳାଚଳ ବାରିକ,ବଶିଷ୍ଠ ବାରିକ,ସଞ୍ଜୟ ବେହେରା,ଅକ୍ଷୟ କୁମାର ବାରିକ, ଅମର ଡାକୁଆ,ଅନ୍ତର୍ଯ୍ୟାମୀ ବେହେରା ଓ ସୀମାଞ୍ଚଳ ଡାକୁଆଙ୍କୁ ଚୟନ କରାଯାଇଛି । ଉପଦେଷ୍ଟା ଭାବେ ପ୍ରଶାନ୍ତ କୁମାର ଡାକୁଆ, ବିଘ୍ନେଶ୍ୱର ବାରିକ, ଟୁକୁନା ବେହେରା ଏବଂ ଗୌରୀଶଙ୍କର ବେହେରା ଓ ଆଇନ ଉପଦେଷ୍ଟା ଭାବେ ମାନସ କୁମାର ଡାକୁଆଙ୍କୁ ଦାୟିତ୍ୱ ଦିଆଯାଇଛି । ଶେଷରେ ସାଙ୍ଗଠନିକ ସଂପାଦକ ପଙ୍କଜ କୁମାର ବାରିକ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ଜାତୀୟ ପ୍ରେସ୍ ଦିବସ

ଫୁଲବାଣୀ , (ସବ୍ୟୁ) : ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନ ଠାରେ ଆଜି ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ–୨୦୨୪ ପାଳିତ ହୋଇଯାଇଛି । ଏହି ଦିବସ ପାଳନ ଅବସରରେ ଆୟୋଜିତ ଆଲୋଚନାଚକ୍ରରେ ଚଳିତ ବର୍ଷର ବାର୍ତ୍ତା ଗଣମାଧ୍ୟମର ପରିବର୍ତ୍ତିତ ସ୍ୱରୂପ' ଉପରେ ଆଲୋଚନା କରାଯାଇଥିଲା । ମୁଖ୍ୟ ଅତିଥିଭାବେ ଯୋଗଦେଇ ମୁଖ୍ୟ ଉନ୍ନୟନ ଅଧିକାରୀ –ତଥା– କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, କନ୍ଧମାଳ ଶମ୍ଭୁନାଥ ନନ୍ଦୀ ,ମୁଖ୍ୟ ବକ୍ତା ଭାବେ ଯୋଗଦେଇ କନ୍ଧମାଳ ସାମ୍ବାଦିକ ସଂଘର ସଭାପତି ଡଃ. ଅରୁପ କୁମାର ଜେନା ଯେଯଯାଗ ଦେଇଥିଲେ । ଜିଲ୍ଲା ପ୍ରେସ୍ କ୍ଲବ, ଫୁଲବାଣୀର ସଭାପତି ସୁନୀଲ କୁମାର ପଟ୍ଟନାୟକ ସତ୍ୟ ଓ ନିରପେକ୍ଷ ଖବର ପ୍ରକାଶନ ଉପରେ ଗୁରୁତ୍ୱ ଦେଇଥିଲେ । ଓଡ଼ିଶା ଜର୍ଣ୍ଣାଲିଷ୍ଟ ଆସୋସିଏସନର ସଭାପତି ଶ୍ରୀ ରାଧାମୋହନ ମହାପାତ୍ର ଏବଂ ମିଡିଆ ଫୋରମର ସଭାପତି ସୂର୍ଯ୍ୟନାରାୟଣ ବେହେରା ମଧ ସତ୍ୟ ଓ ନିରପେକ୍ଷ ସମ୍ବାଦ ପରିବେଷଣ ଉପରେ ଗୁରୁତ୍ୱ ଦେଇଥିଲେ । ସଭାପତି, ଓଡ଼ିଶା ୟୁନିଅନ୍ ଅଫ୍ ଜର୍ଣ୍ଣାଲିଷ୍ଟ ଅଶୋକ କୁମାର ମହାନ୍ତି ଓ ଷ୍ଟେସନ୍ ଡାଇରେକ୍ଟର, ରେଡିଓ ମୁସ୍କାନ ଶିବାନୀ ସୁଆର ଆଜିର ଏହି ଆଲୋଚନାଚକ୍ରକୁ ପରିଚାଳନା କରିଥିବାବେଳେ, ବରିଷ୍ଠ ସାମ୍ବାଦିକ ଶ୍ରୀ ଅଶୋକ କୁମାର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ । ''ସାମ୍ବାଦିକତା, ବିନା ଭୟ ଓ ପକ୍ଷପାତିତା ର'' ଉପରେ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

## ଚୋରା କାଠ ଚାଲାଣ, ବନ ବିଭାଗର ଚଢ଼ାଉ

ଭଂଜନଗର, (ସବ୍ୟୁ) : ବନବିଭାଗ ଯେତିକି ଚଢ଼ାଉ କରୁଛି, ସେତିକି ଚୋରାକାଠ ଚାଲାଣ ଘଟଣା ନଜରକୁ ଆସୁଛି । ଉତ୍ତର ଘୁମୁସର ବନଖଣ୍ଡ ଗାଲେରୀ ବନାଞ୍ଚଳରେ ଗତ ଦିନରେ କାଠ ମାଫିଆ ସକ୍ରିୟ ହୋଇଥିବା ଘଟଣା, ସ୍ପଷ୍ଟ ହୋଇଥିଲା । ବନ ବିଭାଗ ଚଢାଉ କରି ଚୋରା କାଠ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ସେହି କ୍ରମରେ ଶନିବାର ଦିନ ପୁଣି କାଠ ମାଫିଆ ମାନେ ଚୋରାକାଠ ଚାଲାଣ କରୁଥିବା ବେଳେ, ଭଂଜନଗର ନିକଟ ସରସ୍ୱତୀ ଶିଶୁ ମନ୍ଦିର ଠାରେ ଚଢ଼ାଉ କରି ୯୩ ଟିଶାଳ ସାଇଜ୍ କାଠ ସହ ପିକଅପ୍ ଭ୍ୟାନକୁ ଜବତ କରିଛି । ହେଲେ ଘଟଣା ସ୍ଥଳରୁ କାଠ ମାଫିଆ ମାନେ ଚମ୍ପଟ ମାରିଛନ୍ତି । ସଂପୃକ୍ତ କାଠକୁ ବନବିଭାଗ ଜବତ କରିଥିବା ବେଳେ, ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ଚଢ଼ାଉ ଜାରି ରଖିଛି । ସୂଚନା ପ୍ରକାରେ ଗାଲେରୀ ବନାଞ୍ଚଳର ଦୋମୁହାଣି ଅଞ୍ଚଳରୁ ଏହି କାଠ ଚାଲାଣ ହେଇଥିବା ସ୍ଥାନୀୟ ଅଞ୍ଚଳରେ ଆଲେଚନା ହୋଇଥିବା ବେଳେ ବନବିଭାଗ ତରଫରୁ ତଦନ୍ତ ଜାରି ରହିବା ବନଖଣ୍ଡ ଅଧିକାରୀ କହିଛନ୍ତି ।

ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବନ ବିଭାଗ ଚଢାଉ କରି ସଫଳତା ପାଇଥିଲା । ହେଲେ ଏହି ଘଟଣା ସ୍ପଷ୍ଟ କରୁଛି ଯେ, ଅଧିକାଂଶ କାଠ ଗାଲେରୀ ବନାଞ୍ଚଳରୁ ଚୋରା ଚାଲାଣ ହେଉଥିବା ଜଣା ପଡ଼ିଛି । ଗାଲେରୀ ବନାଞ୍ଚଳରୁ କାହିଁକି ଏଭଳି ଚୋରାକାଠ ଚାଲାଣ ହେଉଛି, ଏଥିରେ ମାଷ୍ଟର ମାଇଣ୍ଡ କିଏ ଏବଂ ସ୍ଥାନୀୟ ବନାଞ୍ଚଳ ମୁଖ୍ୟ ଙ୍କ ପାଖରେ ଏସବୁ ଖବର ରହିଛି କି ନାହିଁ, ଏନେଇ ବିଭାଗୀୟ ଉଚ୍ଚ କର୍ତୃପକ୍ଷ ତଦନ୍ତ କରିବା ଜରୁରୀ ହୋଇଛି । ଚଢାଉରେ ଡହ ବନପାଳ ଅନୂପ ବିଷୋୟୀ,କେନ୍ଦ୍ରିୟ ବନାଞ୍ଚଳ ବନପାଳ ଜୀବନ ତ୍ରିପାଠୀ କେନ୍ଦ୍ରିୟ ବନାଞ୍ଚଳ ଅଧିକାରୀ ପୃଥୀରାଜ ପ୍ରଧାନ ମୁଜାଗଡ ବନାଞ୍ଚଳ ଅଧିକାରୀ ବିମ୍ବାଧର ସାହୁ ଓ ସ୍ୱାର୍ଡ କର୍ମଚାରୀ ସାମିଲ୍ ଥିଲେ ।

## ଇସାଫ ସ୍ମଲ ଫାଇନାନ୍ସ ବ୍ୟାଙ୍କ ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା

ବାରିପଦା, (ସବ୍ୟୁ) : ବାରିପଦାରୁ ତୁଳସୀଚୌରା ସ୍ଥିତ ଶିଶୁ ବିକାଶ ବିଦ୍ୟା ମନ୍ଦିର ପରିସରରେ ବିର୍ସାମୁଣ୍ଡା ଜୟନ୍ତୀ ଉପଲକ୍ଷେ ଇସାଫ ସ୍ମଲ ଫାଇନାନ୍ସ ବ୍ୟାଙ୍କ, ବାରିପଦା ତରଫରୁ ଏକ ଚିତ୍ରାଙ୍କନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ଏଥିରେ ଇସାଫ ସ୍ମଲ ଫାଇନାନ୍ସ ବ୍ୟାଙ୍କ, ବାରିପଦାର ଶାଖା ପରିଚାଳକ ବିଘ୍ନେଶ୍ୱର ରାଉତ ଏବଂ ତାଙ୍କର ସହଯୋଗୀ ତାପସ ରଞ୍ଜନ ଗିରି, ରାକେଶ କୁମାର ଗିରି, ଦୀପିକା ପାଢୀ ଆଦି ସହଯୋଗ କରିତ୍ଲେ । ଏଥିରେ ସହରର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରିମାନେ ଭାଗ ନେଇଥିବାବେଳେ ଶିଶୁ ବିକାଶ ବିଦ୍ୟା ମନ୍ଦିରର ଛାତ୍ରୀ ଶୁଭଲକ୍ଷ୍ମୀ ଦାସ ପ୍ରଥମ, ଅନୁସୟା ବେହେରା ଦ୍ୱିତୀୟ ଓ ପ୍ରତାପ କୁମାର ବେହେରା ତୃତୀୟ ସ୍ଥାନ ଅଧିକାର କରିଥିଲେ ।

ଦିବ୍ୟଜ୍ୟୋତି ଏଜୁକେସନ ଟ୍ରଷ୍ଟର ସମ୍ପାଦିକା ଅନୀତା ବେହେରା ଶିଶୁ ବିକାଶ ବିଦ୍ୟା ମନ୍ଦିରର ସୁସ୍ମିତା ରାୟ, ପ୍ରିୟା ସାମଲ, ଲିଳିମା ଦାସ ଆଦି ଗୁରୁମା ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ତେଜସ ଏଜୁକେନସଲ ଟ୍ରଷ୍ଟର ସମ୍ପାଦକ ବିଜୟ କୁମାର ମାଣ୍ଡେଇ ଛାତ୍ରଛାତ୍ରୀ ମାନଙ୍କୁ ବିର୍ସାମୁଣ୍ଡାଙ୍କ ବିଷୟରେ ଅଭିଭାଷଣ ରଖିଥିବାବେଳେ ଇସାଫ ସ୍ମଲ ଫାଇନାନ୍ସ ବ୍ୟାଙ୍କ, ବାରିପଦାର ଶାଖା ପରିଚାଳକ ବିଘ୍ନେଶ୍ୱର ରାଉତ ଆଜିର ଶିଶୁ କାଲିର ନାଗରିକ ବୋଲି ଉଦ୍‌ବୋଧନ ଦେଇଥିବା ଏବଂ ଦୀପିକା ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ପରଲୋକରେ ଶିକ୍ଷୟିତ୍ରୀ ଚିନ୍ମୟୀ ପାତ୍ର



ବ୍ରହ୍ମପୁର, (ସବ୍ୟୁ) :କନିଷି ସ୍ଥିତ ବିଜୁ ପଟ୍ଟନାୟକ ଆଦର୍ଶ ବିଦ୍ୟାଳୟ ଓଡ଼ିଆ ସହକାରୀ ଶିକ୍ଷୟତ୍ରୀ ଶ୍ରୀମତୀ ଚିନ୍ମୟୀ ପାତ୍ର (୩୮)ଙ୍କର କାର୍ତ୍ତିକ ଶୁକ୍ଳପକ୍ଷ ବଡ଼ଓଷା ଗୁରୁବାରେ ପରଲୋକ ଘଟିଛି। ସେ କିଁଭିପୁର ଗ୍ରାମର ଦିବାକର ପାତ୍ର ଓ ଶ୍ରୀମତି ପ୍ରତିଭା ପାତ୍ରଙ୍କର ଏକ ମାତ୍ର କନ୍ୟା ଏବଂ ଅମୀର କାନ୍ତ ବିଷୋୟୀ ଙ୍କର ଧର୍ମପତ୍ନୀ ଥିଲେ। ଭୁବନେଶ୍ୱରର ଆଇ.ଜି.କେ.ସି ଚିକିତ୍ସାଳୟ ରେ ଦୀର୍ଘ ତିନି ମାସ ଧରି ପାନକ୍ରୀଏଟିକ ରୋଗରେ ଚିକିତ୍ସା ଧୀନ ଅବସ୍ଥାରେ ତାଙ୍କ ଦେହାନ୍ତ ଘଟିଛି।। ସେ ଜଣେ ମେଧାବୀ ଶିକ୍ଷୟତ୍ରୀ , ଛାତ୍ରଛାତ୍ରୀ ବତ୍ସଳା ମେଳାପୀ ଥିଲା ବେଳେ ଶିକ୍ଷା ଦାନରେ ତାଙ୍କରି ଅପୂର୍ବ ପାରଦର୍ଶତା ଥିଲା ।ବନ୍ଧୁ ଅନୁରାଗୀ ଏବଂ ପିତାମାତା, ଭାଇ ଭାଉଜ ଏବଂ ଦୁଇ ଶିଶୁ ପୁତ୍ର ଙ୍କର ଅତି ଅଲି ଅଳ ଥିଲେ। ତାଙ୍କ ଅବର୍ତ୍ତମାନରେ ଆତ୍ମୀୟ ସ୍ୱଜନ ଏବଂ ବିଦ୍ୟାଳୟ ସହକର୍ମୀଙ୍କ ପକ୍ଷରୁ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରାଯାଇଛି।

## ରାଜ୍ୟସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲାର କୃତିତ୍ୱ



ବାରିପଦା, (ସବ୍ୟୁ) : ରାଜ୍ୟସ୍ତରୀୟ ୧୪ ଓ ୧୭ ବର୍ଷରୁ କମ ଉଭୟ ବାଳକ ଓ ବାଳିକା ବର୍ଗରେ ଦୌଡ଼କୁଦ ପ୍ରତିଯୋଗିତା କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ଧରଣୀଧର ସ୍ପୋଟର୍ସ କୋମ୍ପ୍ଲେକ୍ସ, ଶଙ୍କରପୁର ଠାରେ ଅନୁଷ୍ଠିତ ହୋଇଯାଇଅଛି ।

ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗଦର୍ଶନରେରେ ଓ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ ଙ୍କ ସହିତ ତିନିଜଣ ବାଳକ ଟିମ ମ୍ୟାନେଜର ଭାବେ ପିଇଟି ସୁଧାରଞ୍ଜନ ମହାକୁଡ଼, ସନ୍ତୋଷ କୁମାର ମହାନ୍ତ, ପ୍ରଦୀପ କୁମାର ଚୌଧୁରୀ ଓ ବାଳିକା ଟିମ ମ୍ୟାନେଜର ଭାବେ ପିଇଟି କବିତା ମହାନ୍ତଙ୍କ ନେତୃତ୍ୱରେ କ୍ରୀଡ଼ାବିତମାନେ ଯୋଗ ଦେଇଥିଲେ । ସେମାନଙ୍କ ମଧ୍ୟରୁ ୧୪ବର୍ଷରୁ କମ ବାଳକ ବିଭାଗରେ ଲକ୍ଷ୍ମଣ ବେଶ୍ରା ୪୦୦ ଓ ୬୦୦ ଦୌଡ଼ ରେ ଯୁଗ୍ମ ତୃତୀୟ ସ୍ଥାନ ଅଧିକାର କରି ଦୁଇଟି ବ୍ରଞ୍ଜ ପଦକ ଓ ବାଳିକା ବିଭାଗ ରେ ଜସ୍ମି ହେମ୍ବ୍ରମ ଉଚ୍ଚ ଡିଆଁରେ ତୃତୀୟ ସ୍ଥାନ ଅଧିକାର କରି ବ୍ରଞ୍ଜ ପଦକ, ପାପାଲି ସିଂ ଡ଼ିସକାସ ଥ୍ରୋ ରେ ପ୍ରଥମ ଓ ସୋଟପୁଟ ଥ୍ରୋ ରେ ଦ୍ୱିତୀୟ ଯଥାକ୍ରମେ ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ହାସଲ କରିଛନ୍ତି ।

ସେହିପରି ୧୭ ବର୍ଷରୁ କମ ବାଳିକା ବିଭାଗରେ ବାହ୍ଲି ମୁର୍ମୁ ୩୦୦୦ ମିଟର ଦୌଡ଼ ରେ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ, ଗୀତାଞ୍ଜଳି ମୁର୍ମୁ ସୋଟପୁଟ ଓ ଡ଼ିସକାସ ଥ୍ରୋରେ ପ୍ରଥମ ସ୍ଥାନ ଅଧିକର କରି ଦୁଇଟି ସ୍ୱର୍ଣ୍ଣ ପଦକ କରିଥିଲେ କ୍ଷସେହିପରି ୧୭ବର୍ଷରୁ କମ ବାଳକ ବିଭାଗ ୪୦୦ ରିଲେ ଦୌଡ଼ରେ ରାଜଶେଖର ଠାକୁର, ମଝିଆ ବେଶ୍ରା, ଦିନେଶ କୁମାର ମାଝୀ, ଲକ୍ଷ୍ମଣ ବେଶ୍ରା ତୃତୀୟ ସ୍ଥାନ ଅଧିକାର କରି ସମସ୍ତେ ବ୍ରଞ୍ଜ ଓ ବାଳିକା ବିଭାଗ ୧୦୦ ରିଲେ ଦୌଡ଼ରେ ଲିଜାରାଣୀ ଗିରି, ଯମୁନା ମହାନ୍ତ, ବାଙ୍ଗୀ ସୋରେନ ଓ ବାହ୍ଲି ମୁର୍ମୁ ତୃତୀୟ ସ୍ଥାନ ଅଧିକାର କରି ସମସ୍ତେ ବ୍ରଞ୍ଜ ପଦକ ଅଧିକାରୀ କରି ମୟୂରଭଞ୍ଜ ଜିଲ୍ଲାକୁ ଗୌରବାନ୍ୱିତ କରିଛନ୍ତି । ଜିଲ୍ଲା ଶିକ୍ଷା କାର୍ଯାଳୟ ତରଫରୁ ଏମାନଙ୍କୁ ଶୁଭେଚ୍ଛା ଜଣାଯାଇଅଛି ।

## ଜାତୀୟତାବାଦର ଦିଗ୍‌ଦର୍ଶକ

• ସିଦ୍ଧାର୍ଥ ଦାସ


**ଅମନ୍ତ୍ରଃ ଅକ୍ଷରଂ ନାସ୍ତି,**
**ନାସ୍ତି ବୃଳମଯୋଧେମ ।**
**ଅଯୋଗ୍ୟଃ ପୁରୁଷଃ ନାସ୍ତି,**
**ଯୋଡ଼କସ୍ତତ୍ର ଦୁର୍ଲ୍ଲଭା ।**

ମଣିଷଟିଏ ସମ୍ପୂର୍ଣ୍ଣ ବିକାଶ କରିବା ନିମିନ୍ତ, ଯୋଡ଼କର ଆବଶ୍ୟକତା ଥାଏ ଏବଂ ଏ ଯୋଜକ ହାତଧରି ମଣିଷକୁ କାମ କରାଏ ନାହିଁ । କେବଳ ଯୋଡ଼କର ସଦୁପଦେଶ ଏବଂ ସୁଦୃଷ୍ଟି ଦ୍ୱାରା ହିଁ ମିଣିଷର କର୍ମ ନନ୍ଦିଘୋଷ, ଘର୍ଘରାୟମାନ ହୁଏ ।

ମୁଁ ବକ୍ସିପାତ୍ର ମହୋଦୟଙ୍କ ସଂସ୍ପର୍ଶରେ ଆସିବା ବେଳକୁ ସେ ବୟସର ଅପରାହ୍ନରେ ! କିନ୍ତୁ ତାଙ୍କ ଅଦମ୍ୟ ଉତ୍ସାହ, ପ୍ରଚଣ୍ଡ ଜାତିପ୍ରେମ ଏବଂ ଆଭିଜାତ୍ୟର ଉଚ୍ଚ ସୋପାନରେ ଥିବା ସତ୍ତ୍ୱେ ମୋ ପରି ନଗଣ୍ୟ, ନବାଗତଙ୍କ ପ୍ରତି ବିନୟ ବାର୍ତ୍ତାଳାପ ସମସ୍ତଙ୍କୁ ଅଭିଭୂତ କରୁଥିଲା ।

ଯସ୍ୟ କୃତ୍ୟଂ ନ ବିଘ୍ନନ୍ତି ଶୀତମୁଷ୍ଣଂ ଭୟଂ ରତିଃ ।
ସମୃଦ୍ଧିରସ ମୃଦ୍ଧିର୍ବା ସବୈ ପଣ୍ଡିତ ଉଚ୍ୟତେ ।।

କର୍ମପଥରେ ବକ୍ସିପାତ୍ର ମହୋଦୟ ଶୀତ, ଉଷ୍ଣକୁ ଖାତିର କରୁନଥିଲେ । ଯଦି ନିଷ୍ପତ୍ତି ହେଉଥିଲା ଯେ ଷଢ଼େଇକଳା–ଖରସୁଆଁ ଆନ୍ଦୋଳନକୁ ଉଜ୍ଜୀବିତ କରାଯିବ, ତେବେ ସେ ସମୃଦ୍ଧି, ପଦପଦବୀ, ରାଜନୈତିକ ଚାପ ବା ଅନ୍ୟ କୌଣସି ଚାପରେ ଅବଦମିତ ହୋଇନଥିଲେ ।



ଆନ୍ଦୋଳନର ସର୍ବାଗ୍ରେ ରହି ଆହ୍ୱାନ ଦେଲେ ଚରୈବତଃ... ଚରୈବତିଃ... ଆଗକୁ ଧାଇଁଚାଲ । ଚମ୍ପୁଆରୁ ମୋଟୁ, ମହାସମନ୍ଦରୁ ଅସ୍ତରଙ୍ଗ, ଚତୁର୍ଦ୍ଦିଗ ଜାତିପ୍ରେମର ପଞ୍ଚଜନ୍ୟ ନିନାଦିତ ହେଲା । ଅଧା ଓଡ଼ିଆ, ଅଧା ବିଦେଶୀ କହୁଥିବା ମୁମୁର୍ଷୁ ଓଡ଼ିଆ, ଜାତୀୟତାବାଦର ଦୁନ୍ଦୁଭି ନିଜେ ବଜାଇଲା । ଗଣମାଧ୍ୟମ ଜାଗ୍ରତ ହେଲା, ଲୋକଙ୍କ ଆବେଗକୁ ହୃଦୟଙ୍ଗମ କରି ଖବରକାଗଜମାନେ ମଧ ଭରିଚାଲିଲେ କିପରି ଓଡ଼ିଶା ପ୍ରତି ସ୍ୱାଧୀନତା ବେଳରୁ ହିଁ ଅନ୍ୟାୟ ଚାଲିଛି । ବକ୍ସିପାତ୍ର ମହୋଦୟଙ୍କ ରୁଦ୍ର ସ୍ୱରୂପ ଦେଖି କିଛି ରାଜନୈତିକ ବ୍ୟକ୍ତି ପ୍ରମାଦ ଗଣିଲେ । ଟୁପୁରୁଟାପୁରୁ ଚାଲିଲା ଯେ ସମ୍ଭବତଃ ରାଜନୈତିକ ପଶାପାଲିରେ ବକ୍ସିବାବୁ କଚେପୁଅ ବାଆର ଜାତି ପଶାକାଠି ଫିଙ୍ଗିବେ । ଯୋଜନା କମିଶନର ଅଧ୍ୟକ୍ଷ ପଦ କଥା ଉଠିବାରୁ ଆମ ଯୁବ ସମାଜରୁ କିଛି ବେଶ ଉତଫୁଲ୍ଲିତ ହୋଇ ଏହାର ସତ୍ୟତା ପଚାରନ୍ତେ, ବକ୍ସିପାତ୍ର ମହୋଦୟ କହିଲେ, 'ଆନ୍ଦୋଳନ କର । ପଦ ପଦବୀକୁ ଲାଳାୟିତ ହେଲେ ଆନ୍ଦୋଳନ ଦିଗଭ୍ରଷ୍ଟ ହେବ ।' ଆମେ ଯେଉଁମାନେ ବଡ଼ ଉତ୍ସାହିତ ହୋଇ ଯାଇଥିଲୁ ପୁନର୍ବାର ଆନ୍ଦୋଳନ ମୁହାଁ ହେଲୁ ।

ଆଶ୍ଚର୍ଯ୍ୟ ବ୍ୟତିତ୍ୱ ! ଛାତ୍ର ଜୀବନ, ଓକିଲାତି, ମନ୍ତ୍ରୀତ୍ୱ ସବୁରି ମଝିରେ ରହି ଓଡ଼ିଆ ଜାତୀୟତାବାଦର ଧ୍ୱଜାକୁ ଉତ୍ତୋଳିତ କରି ରଖିଥିଲେ । ଲୋକଟିଏ ଯନ୍ତ୍ରଣାରେ ଛଟପଟ ହେଉଥିଲେ, ସେ ନିଜ ସୁଖ–ସ୍ୱାଚ୍ଛନ୍ଦ୍ୟକୁ ଜଳାଞ୍ଜଳୀ ଦେଇ ତା'ର ଯନ୍ତ୍ରଣା ଉପଶମ ପାଇଁ ଲାଗିପଡୁଥିଲେ । କିନ୍ତୁ ମହାନ ଓଡ଼ିଆ ଜାତୀୟତାବାଦ ସହ କଦାଚିତ ସାଲିସ କରିନଥିଲେ ।

ଶୁଣିଥିଲି, ୧୯୫୫ ମସିହାରେ ଜଗତସିଂହପୁର ଅନ୍ତର୍ଗତ ଦଳେଇଘାଇ ଭାଙ୍ଗିଥିଲା । ବକ୍ସିପାତ୍ର ମହୋଦୟ ଥିଲେ ସେତେବେଳେ ରେଭେନ୍ସା କଲେଜର ଛାତ୍ରନେତା । ସେ ସମୟର ଓଡ଼ିଶାରେ କଟକରୁ ଦଳେଇଘାଇ ପାଖ ପହଞ୍ଚିବା ଲାଗି ନା ଥିଲା ପକ୍କା ସଡ଼କ, ନା ପୋଲ । ଠାଏ ଠାଏ ବନ୍ଧଭାଙ୍ଗି ପାଣି, ଗୁରୁଗର୍ଜନ କରି ଗାଁ ଗଣ୍ଡା, ବିଲବାଡ଼ି ସବୁ ଆଡ଼େ ବ୍ୟାପୀ ଯାଉଥାଏ ଏବଂ ତା'ରି ମଧରେ ନିଜ ଜୀବନକୁ ଭ୍ରୁକ୍ଷେପ ନକରି ରେଭେନ୍ସା କଲେଜର ଅସଂଖ୍ୟ ତରୁଣ ମାଡ଼ି ଚାଲିଥାନ୍ତି ଚୂଡ଼ାଚାଉଳ ବାଣ୍ଟିବାକୁ । ଆହ୍ୱାନ ଦେଇଥାନ୍ତି, ସର୍ବାଗ୍ରେ ବକ୍ସିପାତ୍ର ମହୋଦୟ ।

ଆଖି ଦେଖାନ୍ତରେ ଆସିଲା ୧୯୯୯ର କରାଳ ମହାବାତ୍ୟା । ତକ୍ଷକର ବିଷାକ୍ତ ଦଂଶନ ପରି ସେ ମହାବାତ୍ୟା ରଚି ଦେଇଗଲା କରାଳ ବିଭୀଷିକା । ସମଗ୍ର ବିଶ୍ୱ ଏ ମହାବାତ୍ୟା ଦେଖି ସ୍ତବ୍ଧଚକିତ । ତତ୍କାଳୀନ ମୁଖ୍ୟମନ୍ତ୍ରୀ ତାଙ୍କ ବଙ୍ଗଳାରୁ ବାହାରି ପାରିଲେନି । ବାହାରିଲେ ସ୍ୱୟଂ ବକ୍ସିପାତ୍ର ମହୋଦୟ । ବକ୍ସିପାତ୍ର ମହୋଦୟ ଦପ୍ତରରୁ ହିଁ ଅତ୍ୟାବଶ୍ୟକ ସାମଗ୍ରୀର ଯୋଗାଣ ଏବଂ ବନ୍ଦୋବସ୍ତ ନିଜେ ଧୁ ଧୁ ଖରାରେ ଠିଆହୋଇ କରିଚାଲିଲେ । ସମ୍ଭାଳି ନପାରି ନିଜେ, ନିଜ ଅନୁଗାମୀଙ୍କୁ ଧରି ଏରସମା ବାହାରିଲେ । ପଛରେ ଚାଲିଲା ଚୁଡ଼ା, ଗୁଡ଼, ଲୁଗାପଟା ଟ୍ରକମାନ । ଏରସମା, ବକ୍ସିପାତ୍ର ମହୋଦୟଙ୍କ ରାଜନୈତିକ କ୍ଷେତ୍ର ନୁହେଁ । କିନ୍ତୁ ପ୍ୟାଣ୍ଟ ମୋଡ଼ି, କାଦୁଅମଡ଼ା ବିଲ ଗହୀର ହୁଡ଼ାରାସ୍ତାରେ ଅଗମ୍ୟ ଅଞ୍ଚଳକୁ ମାଡ଼ିଚାଲିଲେ ।

ଦେହ ଭଲ ନଥିବାରୁ ଅନୁଗାମୀ ପ୍ରବଳ ଅନୁରୋଧ ଲାଗି କ୍ଷାନ୍ତ ହେଲେ । କିନ୍ତୁ ସର୍ତ୍ତ ରହିଲା ଯେ ଯେଉଁ ଗ୍ରାମରେ ଏପର୍ଯ୍ୟନ୍ତ ସରକାରୀ ସାହାଯ୍ୟ ପହଞ୍ଚି ପାରିନାହିଁ, ସେଠାକୁ ଯାଅ, ତାଙ୍କ ମୁହଁରେ ଆହାର ଦିଅ, ଛତା, ଲଣ୍ଠନ ବା ଏବଂ ମୁଁ ଏଠାରୁ ଦେଖୁଛି । ଆମେ ପଞ୍ଚାଏ ଯୁବକ ଧାଡ଼ିକରି ଚାଲିଲୁ ଅଗମ୍ୟ ଅଞ୍ଚଳ । ଅଧଘଣ୍ଟାଏ ଚାଲିବା ପରେ ମୁଁ ପଛକୁ ବୁଲି ଚାହିଁବାବେଳେ ଦେଖିଲି ପୂର୍ବତନ ମନ୍ତ୍ରୀ, ବିରାଟ ନେତା ଶ୍ରୀ ବକ୍ସିପାତ୍ର, ବହୁ ଦୂରରେ ଠିଆହୋଇ ସେମିତି ଚାହିଁ ରହିଛନ୍ତି । କ୍ଷମତାର ସ୍ୱାଦ, ସମୃଦ୍ଧିର ସୋପାନରେ ଥାଇ କେତେଜଣ ନେତା ଏହା କରିପାରିବେ ?

ତାଙ୍କରି ପ୍ରବଳ ଜିଦ ଓ ନ୍ୟାଯ୍ୟ ଯୁକ୍ତି ଲାଗି ନାଲକୋ ଓଡ଼ିଶାରେ ପ୍ରତିଷ୍ଠିତ ହେଲା । ନଚେତ ନାଲକୋ କାରଖାନା ତତ୍କାଳୀନ ବିହାରରେ ବା ଆନ୍ଧ୍ରପ୍ରଦେଶରେ ପ୍ରତିଷ୍ଠିତ ହେବାର ପ୍ରସ୍ତାବ ଥିଲା । ବିଜୁବାବୁଙ୍କ ବଜ୍ରବାଣୀ ଓ ବକ୍ସିପାତ୍ରଙ୍କ ଅଦମ୍ୟ ନିଷ୍ଠା ଯୋଗୁଁ ଆମେ ଗର୍ବ କରୁଚେ, ନାଲକୋ ଓଡ଼ିଶାରେ ।

ବକ୍ସିପାତ୍ର ମହୋଦୟଙ୍କ ଶିଳ୍ପ ମନ୍ତ୍ରୀତ୍ୱ ସମୟରେ ନୂତନ ଶିଳ୍ପର ଧାଡ଼ି ଲାଗିଗଲା । ରାଉରକେଲା, ଢେଙ୍କାନାଳରେ ଶହ ଶହ ନୂଆ କାରଖାନା ଗଢ଼ି ଉଠିଲା । ଓଡ଼ିଶା ସୂତାକଳ, କୋଣାର୍କ ଟିଭି ଓ ଘଣ୍ଟା କମ୍ପାନୀ, କୋଣାର୍କ ଝୋଟକଳ, ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ, ଗୋପାଳପୁର ବନ୍ଦର ଆଦି ତାଙ୍କର ମାନସପୁତ୍ର ।

ଛତ୍ରପୁର–ଗୋପାଳପୁର ବାଲିରେ ଯେ ୟୁରାନିୟମ ଅଛି ଏକଥା କେନ୍ଦ୍ର ନେତୃତ୍ୱକୁ ଜଣାଥିଲା କିନ୍ତୁ ଏହାର ସଦୁପଯୋଗ ନିମନ୍ତେ କୌଣସି ପଦକ୍ଷେପ ନିଆଯାଇ ନଥିଲା । ପ୍ରଥମକରି ବକ୍ସିପାତ୍ର ମହୋଦୟ ଏହା ଉପରେ ଦାବି କରିବସିଲେ ଏବଂ ବିଜୁବାବୁଙ୍କ ପ୍ରଚଣ୍ଡ ଚାପରେ ପ୍ରତିଷ୍ଠା ହେଲା ଭାରତୀୟ ବିରଳ ମୃର୍ତ୍ତିକା ପ୍ରତିଷ୍ଠାନ । ସେଠାରେ ଅଣ ଓଡ଼ିଆ ଅଫିସର ନାନା ବାହାନା ଦେଖାଇ ଏହାକୁ ଅନ୍ୟ ରାଜ୍ୟକୁ ସ୍ଥାନାନ୍ତର କରିବାକୁ ଚକ୍ରାନ୍ତ ଆରମ୍ଭ କରନ୍ତେ ଏହାକୁ ସମୂଳେ ପଣ୍ଡ କରିଥିଲେ ସ୍ୱୟଂ ବକ୍ସିପାତ୍ର ମହୋଦୟ ।

ଉତ୍କଳ ସମ୍ମିଳନୀର ଜନକ ଉତ୍କଳ ଗୌରବ ମଧୁସୂଦନ । କିନ୍ତୁ ମଧୁବାବୁଙ୍କ ପରେ ଉତ୍କଳ ସମ୍ମିଳନୀ ଜରାଜୀର୍ଣ୍ଣ, ଲୁପ୍ତ ଅନୁଷ୍ଠାନ ହୋଇଥିଲା । ବକ୍ସିପାତ୍ର ମହୋଦୟଙ୍କ ଅକ୍ଳାନ୍ତ ଉଦ୍ୟମରେ ହିଁ ଉତ୍କଳ ସମ୍ମିଳନୀ ହୋଇଥିଲା ପୁନଃ ସକ୍ରିୟ । କିନ୍ତୁ ପରିତାପର ବିଷୟ ଏହିକି ଯେ, ଏହା କିଛି ଚକ୍ରାନ୍ତକାରୀଙ୍କ ହାତରେ ପଡ଼ି ପୁନର୍ବାର ଏକ ସୁଟକେଶରେ ହିଁ ସୀମିତ ହୋଇଯିବାକୁ ବସିଲାଣି । ସେ ଜାଗରଣ ନାହିଁ, ସେ ଆହ୍ୱାନ ନାହିଁ, ବୁଦ୍ଧିଜୀବୀ ସମାବେଶ ନାହିଁ । ରାଜ୍ୟର ଉନ୍ନତି ପାଇଁ ଯୋଜନା ନାହିଁ । ଉତ୍କଳ ସମ୍ମିଳନୀକୁ ପୁନରୁଦ୍ଧାର କରିବାକୁ ସମୟ ଉପନୀତ । କିନ୍ତୁ ବକ୍ସିପାତ୍ର ମହୋଦୟଙ୍କ ପରି ଗୁରୁ ଓ ଦିଗଦର୍ଶକ ନଥିବାରୁ ଓଡ଼ିଆ ଜାତିପ୍ରାଣ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ କାର୍ଯ୍ୟ କରିବାକୁ କଷ୍ଟ ଅନୁଭବ କରୁଛନ୍ତି ।

# ଗଣମାଧ୍ୟମ ହେଉଛି ସମାଜର ଦର୍ପଣ :ବିଧାୟକ

ଜଗତସିଂହପୁର,(ସବ୍ୟୁ) :ଆଜି ଜିଲ୍ଲାପାଳଙ୍କ କର୍ଯ୍ୟାଳୟସ୍ଥ ସଦଭାବନା ସମ୍ମିଳନୀ କକ୍ଷଠାରେ ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ଜିଲ୍ଲାପାଳ ଜେ ସୋନାଲଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥିଭାବେ ଯୋଗଦେଇ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଉପସ୍ଥିତ ସମସ୍ତ ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରେସ ଦିବସର ଶୁଭେଚ୍ଛା ଜଣାଇବା ସହ କହିଥିଲେ- ଗଣମାଧ୍ୟମ ହେଉଛି ସମାଜର ଦର୍ପଣ ଓ ବାସ୍ତବରେ ଗଣତନ୍ତ୍ରର ଜାଗ୍ରତ ପ୍ରହରୀ । ସେମାନେ କୌଣସି ଭାବରେ ପ୍ରଭାବିତ ନ ହୋଇ ସତ୍ୟର ଅନୁସନ୍ଧାନ ସଠିକ ଖବର ପହଞ୍ଚାଇବାକୁ ଉପଦେଶ ଦେଇଥିଲେ । ଗଣମାଧ୍ୟମର ପ୍ରତିନିଧି ମାନଙ୍କ ନିବେଦନ ଅନୁଯାୟୀ ଆଗାମୀ ଦିନରେ ଜିଲ୍ଲାରେ ପ୍ରେସ ଭବନ ନିର୍ମାଣ କରିବା ପାଇଁ ଜିଲ୍ଲାପାଳଙ୍କୁ କହିଥିଲେ ବିଧାୟକ ଶ୍ରୀ ଦାସ । ସଭାରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଜେ ସୋନାଲ ସାମ୍ବାଦିକତାର ବିକାଶ ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ଆରକ୍ଷୀ ଅଧିକ୍ଷକ ଭବାନୀ ଶଙ୍କର ଉଦଗାତା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ନିର୍ଭିକତାର ସହ ସତ୍ୟର ସାରଥୀ ଭାବେ କାର୍ଯ୍ୟ କରିବାକୁ ଉପଦେଶ ଦେଇଥିଲେ । ଜଗତସିଂହପୁର ପୌର ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଅର୍ଚ୍ଚନା ସିଂହ ଜିଲ୍ଲାର ସମସ୍ତ ଗଣମାଧ୍ୟମ ପ୍ରତିନିଧି ସମ୍ବାଦିକତାର ଗାରିମାକୁ ବଜାୟ ରଖିବା ଏବଂ ଏକତ୍ରିତ ହୋଇ ପ୍ରସାଶନ ସହ ସମନ୍ୱୟ ରଖି କାର୍ଯ୍ୟ କରିବା ପାଇଁ କହିଥିଲେ । ଜିଲ୍ଲା ସୂଚନା ଓ ଲୋକ ସଂପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାର ବରିଷ୍ଠ ସାମ୍ବାଦିକ ପ୍ରଦୀପ୍ତ ଚୌଧୁରୀ, ଅମର ଜ୍ୟୋତି ସାହୁ, ମନୋଜ କୁମାର ଦାଶ, ପ୍ରମୋଦ ନାୟକ,ଅମରେନ୍ଦ୍ର ପରିଡ଼ା, ରାଧାକାନ୍ତ ମିଶ୍ର, ଶୁଭଙ୍କର ଜେନା,ସରୋଜ ସାହୁ, ନାରାୟଣ ପ୍ରସାଦ ନନ୍ଦ, ରମାକାନ୍ତ ଦାଶ, ଯୁବ ସାମ୍ୱାଦିକ ସୌମ୍ୟ ରଞ୍ଜନ ନାୟକ, ଅସ୍ମିତା ମହାନ୍ତି ନିଜର ଅଭିବ୍ୟକ୍ତି ରଖିଥିଲେ । ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଶ୍ରୀମତୀ ପ୍ରତିଚୀ ତନୟା ମହାନ୍ତି ସ୍ୱାଗତ ଭାଷଣ ଦେବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ସୁଭାଷ ଚନ୍ଦ୍ର ରାଉତ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଜିଲ୍ଲାର ସମସ୍ତ ଗଣମାଧ୍ୟମ ପ୍ରତିନିଧି, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ପରେ ଜିଲ୍ଲାପାଳ ସାମ୍ବାଦିକ ମାନଙ୍କ ସହିତ ମଧ୍ୟାହ୍ନ ଭୋଜନ କରିଥିଲେ ।

# ସାରଳା ସାହିତ୍ୟକୁ ବିଶ୍ୱସ୍ତରରେ ପହଞ୍ଚାଇବା ପାଇଁ ପ୍ରୟାସ ହେଉ

ତିର୍ତ୍ତୋଲ,(ସବ୍ୟୁ) : ମାଟିର ମହାକବି ଆଦିକବି ସାରଳାଦାସ ଓ ସାରଳା ସାହିତ୍ୟକୁ ବିଶ୍ୱସ୍ତରରେ ପହଞ୍ଚାଇବା ପାଇଁ ସାରସ୍ୱତ ସାଧକ ମାନେ ପ୍ରୟାସ କରିବା ଉଚିତ ବୋଲି ସାରଳାଦାସଙ୍କ ଜୟନ୍ତୀ ସମାରୋହରେ ଉଦ୍ଘାଟକ ଭାବେ ଯୋଗଦଇ ଏମସ୍‌ର ପୂର୍ବତନ ନିର୍ଦ୍ଦେଶକ ଡା.ଅଶୋକ କୁମାର ମହାପାତ୍ର ମତବ୍ୟକ୍ତ କରିଛନ୍ତି । ବିଛାମାସ କୃଷ୍ଣପକ୍ଷ ପ୍ରତିପଦା ତିଥିକୁ ବିଶିଷ୍ଟ ଜ୍ୟୋତିର୍ବିଦ ଡ.ଜଗଦାନନ୍ଦ ଆଚାର୍ଯ୍ୟ ଆଦିକବି ସାରଳାଦାସଙ୍କ ଜନ୍ମତିଥି ରୁପେ ସାବ୍ୟସ୍ତ କରିଥିବାରୁ ଚଳିତବର୍ଷ କବିଙ୍କ ଜନ୍ମମାଟି ପ୍ରାଚୀନ ଝଙ୍କଡର ତେନ୍ତୁଳିପଦାସ୍ଥିତ ଆଖଣ୍ଡଳେଶ୍ୱର ମନ୍ଦିର ପରିସରରେ ସାରଳାଦାସ ପ୍ରତିମୂର୍ତ୍ତି କମିଟି ଓ ସାରଳାଦାସ ସ୍ମୃତି କମିଟି ଆନୁକୁଲ୍ୟରେ ଏହି ଜୟନ୍ତୀ



ସମାରୋହ ଅନୁଷ୍ଠିତ ହୋଇଥିଲା । ପ୍ରତିମୂର୍ତ୍ତି ନିର୍ମାଣ କମିଟି ସଭାପତି ସୁରେଶ ଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷାରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟ ଅତିଥି ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳ ସାଧାରଣ ସମ୍ପାଦକ ପର୍ଶୁରାମ ଦ୍ୱିବେଦୀ ଯୋଗଦେଇ ସାରଳାଦାସଙ୍କ ରଚିତ ମହାନ କାବ୍ୟ ସାରଳା ମହାଭାରତ, ଚଣ୍ଡୀ ପୁରାଣ, ବିଲଙ୍କା ରାମାୟଣ ଆଦି ଗ୍ରନ୍ଥ ଉପରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଗବେଷକ ମହେନ୍ଦ୍ର କୁମାର ଆଚାର୍ଯ୍ୟ, ସମ୍ମାନିତ ଅତିଥି ସାହିତ୍ୟକ ରମାକାନ୍ତ ମିଶ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବକ୍ତୃତ୍ତା ଓ ସଙ୍ଗୀତ ପ୍ରତିଯୋଗିତା ଓ ଜିଲାସ୍ତରୀୟ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ପଣ୍ଡିତ ବାସବ କୁମାର ନନ୍ଦ ଅତିଥି ପରିଚୟ ଓ ଇଂ ସୁବାସ ଚନ୍ଦ୍ର ସାହୁ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ । ଉଲ୍ଲେଖନୀୟ କାର୍ଯ୍ୟ ପାଇଁ କନକଲତା ଦାଶ ଓ ସୁବ୍ରତ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବାବେଳେ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରଂଶସା ପତ୍ର ଓ ଆଦିକବି ଫଳକ ପ୍ରଦାନ କରାଯାଇଥିଲା । ଝଙ୍କଡ ସାହିତ୍ୟ ସଂସଦର ସମ୍ପାଦକ ଗୋଲୋକ ବିହାରୀ ପଲାଇ, ଆରତୀ ତ୍ରିପାଠୀ, ସବିତା ନାୟକ, ଚିତ୍ତରଞ୍ଜନ ପରିଜା, ନିତ୍ୟାନନ୍ଦ ନାୟକ, ପଦ୍ମାବତୀ ମିଶ୍ର, ଅଶୋଲ ଲେଙ୍କା, ଅକ୍ଷୟ ଦାସ, ରବିନାରାୟଣ ପଣ୍ଡା, ଦେବବ୍ରତ ବାରିକ, ସୁଶାନ୍ତ ପରିଜା, ପ୍ରଭାତ ପରିଜା, ଅକ୍ଷୟ ମହାନ୍ତି, ଝୁଲରାମ ଦାସ, ଦିଗମ୍ବର ରାଉତ, ଭାଗିରଥି ମହାନ୍ତି, ନାରାୟଣ ନାୟକଙ୍କ ସମେତ ତିର୍ତ୍ତୋଲ ଅଞ୍ଚଳର ।

# ନୀଳାଚଳ ଇସ୍ପାତ ପକ୍ଷରୁ ଶିଶୁ ଦିବସ ପାଳିତ

ବ୍ୟାସନଗର, (ଜିପ୍ର ):ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ (ଏନ୍‌ଆଇଏନ୍‌ଏଲ୍), ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ (ଟିଏସ୍‌ଏଫ୍) ସହଯୋଗରେ ଦାନଗଦୀ ବ୍ଲକ ଶାଳିଜଙ୍ଗା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଢେଙ୍କିଶାଳ ଗ୍ରାମର ଅଙ୍ଗନବାଡ଼ି ଓ ଟିଏସ୍‌ଏଫ୍ ଆଦିବାସୀ ଭାଷା ଶ୍ରେଣୀର ୪୫ ଜଣ ପିଲାଙ୍କୁ ନେଇ ଶିଶୁ ଦିବସ ପାଳନ କରିଛି । ଏଥିରେ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ପାଇଁ ବିଭିନ୍ନ ପ୍ରକାର ମଜାଦାର କାର୍ଯ୍ୟକ୍ରମ ମାନ ଆୟୋଜନ କରାଯାଇଥିଲା । ଏହି ଉତ୍ସବରେ



କର୍ମଚାରୀମାନେ ପିଲାମାନଙ୍କୁ ଅଧ୍ୟୟନ ସାମଗ୍ରୀ ଓ ଜଳଖିଆ ଆଦି ବଣ୍ଟନ କରିଥିଲେ । ଏହା ବ୍ୟତୀତ ପିଲାମାନଙ୍କୁ ଶିକ୍ଷା ପ୍ରତି ଆଗ୍ରହୀ କରିବା ପାଇଁ ପ୍ରେରଣା ଯୋଗାଇଥିଲେ ।

# ଓଡିଆ ସଂସ୍କୃତି ଓ ସନାତନ ଧର୍ମ ଉପରେ ଆଲୋଚନା

ରଘୁନାଥପୁର, (ସବ୍ୟୁ): ରଘୁନାଥପୁର ନିକଟସ୍ଥ ସିର୍ଲୋ ବରହମପୁରଠାରେ ଆଜି ୩୨ତମ ଆଂଚଳିକ ବୋଇତ ବନ୍ଦାଣ ଉତ୍ସବ ଓ ଶ୍ରମଦ୍ ଭାଗବତ କଥା ମହୋତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି। ଏହାକୁ ମାଳିକା ପ୍ରବଚକ ବାବା ଦିବାକର ଦାସ ମହାରାଜ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ମୁଖ୍ୟ ଅତିଥୀଭାବେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ଯୋଗଦେଇ ଓଡିଆ ସଂସ୍କୃତିରେ ବୋଇତ ବନ୍ଦାଣର ପରମ୍ପରା ଉପରେ ଆଲୋକପାତ କରିଥିଲେ। ସମ୍ମାନୀତ ଅତିଥୀ ଭାବେ କବିନ୍ଦ୍ର କୁମାର ମହାରାଜ, ପଣ୍ଡିତ ଜଗନ୍ନାଥ ସାହୁ, ଶ୍ରୀକାନ୍ତ ବାବା, ପ୍ରଭାତ ସେଠୀ, ସନାତନୀ ସେନା ଓଡିଶା ରାଜ୍ୟ ସଭାପତି ସମୀର କୁମାର ପଣ୍ଡା, ଗନ୍ଧର୍ବ ଚନ୍ଦ୍ର ଆଚାର୍ଯ୍ୟ, ଗୋମତୀ ଆଶ୍ରମ ସିର୍ଲୋର ବାବା ନିମାଇଁ ଚରଣ ଦାସ ମହାରାଜ ଯୋଗଦେଇ ଓଡିଆ ସଂସ୍କୃତି ଓ ସନାତନ ଧର୍ମ ଉପରେ ଆଲୋଚନା କରିଥିଲେ। ବିଶିଷ୍ଟ ସମାଜସେବୀ ରଘୁନାଥ ଚୌଧୁରୀଙ୍କ ଆବାହାନ ଓ ସଂଯୋଜନା ଏହି ଉତ୍ସବରେ ସମାଜସେବୀ କ୍ଷିତିନ୍ଦ୍ରନାଥ ମିତ୍ର, ଆମ୍ବା ସଭାପତି ରମାପଦ ବିଶ୍ୱାଳ, ବୋଇତ ବନ୍ଦାଣ କମିଟିର ସଭାପତି ଯୋଗେନ୍ଦ୍ର ଚୌଧୁରୀ, କୋଷାଧ୍ୟକ୍ଷ ଅଶୋକ ସାହୁ, ସ୍ତମ୍ଭକାର ଶିକ୍ଷାବିତ ପ୍ରଦିପ୍ତ କୁମାର ଆଚାର୍ଯ୍ୟ, ବିଷ୍ଣୁ ଚରଣ ମାଦେଳୀ ପ୍ରମୁଖ ସହଯୋଗ କରିଥିଲେ। ଉପଳାକ୍ଷୀ କ୍ଲବ, ସମାଜ ବିକାଶ ମିଶନ, ଧର୍ମ ଜାଗରଣ ସମନ୍ୱୟ, ଆମେ ଓଡିଆ ଭାରି ବଢିଆ ସାମାଜିକ ଅନୁଷ୍ଠାନର କର୍ମକର୍ତାମାନେ ଏହି ଉତ୍ସବକୁ ପରିଚାଳନା କରିଥିଲେ। ଶେଷରେ ସମୀର କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲା ପରିଷଦ ସଭ୍ୟାଙ୍କ ଭାଇଙ୍କୁ ଆକ୍ରମଣ ଓ କାର ଭଙ୍ଗାରୁଜା ଘଟଣା,୨ ଅଟକ

ଧର୍ମଶାଳା,(ସବ୍ୟୁ) :ଧର୍ମଶାଳା ଥାନା ଅନ୍ତର୍ଗତ ପାଖର ପଂଚାୟତ ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟାଙ୍କ ଭାଇକୁ ମରଣାନ୍ତକ ଆକ୍ରମଣ ଘଟଣାରେ ପୁଲିସ ୨ଜଣଙ୍କୁ ଥାନାରେ ଅଟକ ରଖିଥିବା ଜଣାପଡିଛି । ମିଳିଥିବା ଅଭିଯୋଗ ଅନୁଯାୟୀ, ୧୩ ନମ୍ବର ଜିଲ୍ଲା ପରିଷଦ ସଭ୍ୟା ସ୍ମୃତିରେଖା ବେହେରାଙ୍କ ଭାଇ ସନ୍ଦୀପ ବେହେରା ଶନିବାର ରାତି ପ୍ରାୟ ୮ଟା ସମୟରେ ପାଖର ଗ୍ରାମରୁ ନିଜ କାର(ଓଡି ୦୨ଏଜେଡ/୦୦୭୪)ରେ ବିରିବାଟି ସ୍ଥିତ ଘରକୁ ଫେରୁଥିବା ବେଳେ ପୂର୍ବ ଯୋଜନା ଅନୁଯାୟୀ ସ୍ଥାନୀୟ ପଂଚାୟତର କେତେକ ଯୁବକ ତାଙ୍କ କାର କାଚକୁ ଭାଙ୍ଗିବା ସହ ତଙ୍କୁ ବନ୍ଧୁକ ଓ ଛୁରା ଦେଖାଇ ଭୟଭୀତ କରି ମାଡ ମାରିଥିଲେ। ଖବର ପାଇ ପରିବାର ଲୋକେ ସନ୍ଦିପକୁ ଉଦ୍ଧାର କରି ଧର୍ମଶାଳା ମେଡିକାଲରେ ଭର୍ତି କରିଥିଲେ। ସେଠାରେ ତାଙ୍କର ପ୍ରାଥମିକ ଚିକିତ୍ସା କରାଯାଇ ଘରକୁ ଛାଡି ଦିଆଯାଇଥିଲା । ଅଭିଯୋଗ ପାଇ ପୁଲିସ ଅଭିଯୁକ୍ତଙ୍କ ଘରେ ଚଢ଼ାଉ କରିଥିଲା। ମାତ୍ର ସେମାନେ ଫେରାର ଥିବାରୁ ସେମାନଙ୍କୁ ପୁଲିସ ଧରିବାରେ ବିଫଳ ହୋଇଥିଲା । ସେହିପରି ଗତ ୪ ତାରିଖରେ ମଧ ସନ୍ଦୀପଙ୍କ ଦୁଇଟି ଟ୍ରକ ସମ୍ମୁଖ କାଚକୁ ମଧ ଏହି ଅଭିଯୁକ୍ତମାନେ ଭାଙ୍ଗି ଦେଇଥିଲେ। ଏନେଇ ତାଙ୍କ ପତ୍ନୀ ଜ୍ୟୋତି ପ୍ରିୟା ଦାସ ଥାନାରେ ଏତଲା ଦେଇଥିଲେ ମଧ ପୁଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନଥିବା ସେ ଅଭିଯୋଗ ହୋଇଥିଲା । ଉଭୟ ଘଟଣାରେ ପୁଲିସ ଆଜି ଏହି ପଂଚାୟତ ବିରିବାଟି ଗ୍ରାମର ବଳରାମ ବେହେରା ଓ ବଳରାମ ସାମଲଙ୍କୁ ଥାନାକୁ ଉଠାଇ ଆଣି ଅଟକ ରଖିଥିବା ଥାନା ଅଧିକାରୀ ତପନ କୁମାର ନାୟକ ସୂଚନା ଦେଇଛନ୍ତି।

# ଖପୁରିଆପଦାରୁ ଚାଲିଛି ଅବାଧ ବାଲି ଲୁଟ୍

ଦାନଗଦି,(ସବ୍ୟୁ) :ଯାଜପୁର ଜିଲ୍ଲାରେ ଦିନ କୁ ଦିନ ଚୋରା ବାଲି ଚାଲାଣ ବଢିଯାଇଛି । ବାଲି ମାଫିଆ ସକ୍ରିୟ ଥିବା ବେଳେ ବିଶେଷ କରି ଦାନଗଦି ତହସିଲ ଅଧିନରେ ବାଲି ମାଫିଆଙ୍କ ଦୌରାତ୍ମ୍ୟ କମିବାର ନାଁ ଧରୁନି । ଗୋଟିଏ ପଟେ କୁଶେଇ ନଦୀର ବାଙ୍ଗରକୋଟା – ତେଲିବେଡା ଘାଟରୁ ପ୍ରତ୍ୟହ ହଜାର ହଜାର ଟନ ବାଲି ଚୋରା ଚାଲାଣ ହେଉଥିବା ବେଳେ ଅନ୍ୟ ପଟରେ ବ୍ରାହ୍ମଣୀ ନଦୀ ର ଖପୁରିଆପଦା ଘାଟରୁ ମଧ ବେଧଡ଼କ ବାଲି ଲୁଟ୍ ଜାରି ରହିଛି । ଏହି ବେଆଇନ ଘାଟରୁ ମଧ ପ୍ରତିଦିନ ଶତାଧିକ ଟ୍ରାକଟର ବାଲି ଚୋରା ଚାଲାଣ ହେଉଛି । କିଛି ମାସ ର ନୀରବତା ପରେ ପୁଣି ଥରେ ଅହୋରାତ୍ର ବାଲି ଲୁଟ କାରବାର ଚଳାଇଥିବା କୁହାଯାଉଛି । ଲଘୁ ଖଣିଜ ସମ୍ପଦର ସୁରକ୍ଷା ଭାର ଖଣି ବିଭାଗକୁ ହସ୍ତାନ୍ତର ହେବା ପରଠାରୁ ତହସିଲ କର୍ତ୍ତୃପକ୍ଷଙ୍କ ପାଇଁ ଏହା ବ୍ୟାପକ ସୁଯୋଗ ସୃଷ୍ଟି କରିଥିବା ଦେଖିବାକୁ ମିଳୁଛି । ବ୍ରାହ୍ମଣୀ ନଦୀର ଖପୁରିଆପଦା ଘାଟରୁ ନିର୍ମାଣ ରେ ବ୍ୟବହାର ପାଇଁ ବେଶ୍ ଚାହିଦା ଥିବା ମୋଟା ବାଲି ମିଳୁଥିବାରୁ ଏଠାରେ ମାଫିଆ ଗୋଷ୍ଠି ବେଶ୍ ସକ୍ରିୟ ହୋଇ ଉଠିଛନ୍ତି । ଜଣେ ଶିକ୍ଷକଙ୍କ ନେତୃତ୍ୱରେ ସ୍ଥାନୀୟ ମାଫିଆ ଗୋଷ୍ଠୀ ପ୍ରତ୍ୟେକ ବାଲି ଟ୍ରାକଟର ଠାରୁ ବେଆଇନ ଭାବେ ୨୦୦ ରୁ ୩୦୦ ଟଙ୍କା ପର୍ଯ୍ୟନ୍ତ ଅର୍ଥ ଆଦାୟ କରୁଛନ୍ତି । ପ୍ରତିଦିନ ଶହେରୁ ଅଧିକ ଟ୍ରାକଟର ଏଠାରୁ ବାଲି ଲୋଡ ହେଉଥିବାରୁ ଏ ବାବଦରେ ପ୍ରତ୍ୟହ ଅନ୍ୟୁନ ୩୦ ହଜାର ଟଙ୍କା ବାଲି ମାଫିଆଙ୍କ ପକେଟ ଗରମ କରୁଛି । ଲଘୁ ଖଣିଜ ବିଭାଗ ଓ ଦାନଗଦି ତହସିଲ ମଧ୍ୟରେ ସମନ୍ୱୟ ନଥିବାରୁ ପ୍ରଶାସନ ଏହି ବେଆଇନ ବାଲି ଲୁଟ ବନ୍ଦ କରିବାକୁ ଅଦ୍ୟାବଧି ଆଗେଇ ଆସିନାହିଁ । ଅନୁରୂପ ଭାବେ ଚକୁଆ ବାଲିଘାଟ ରୁ ମଧ୍ୟ ମାଫିଆ ଗୋଷ୍ଠି ରାତି ଅଧିଆ ବାଲି ବିକ୍ରି କରୁଥିବା ଅଭିଯୋଗ ହେଉଛି । ଦାନଗଦି ତହସିଲ ଅନ୍ତର୍ଗତ ବ୍ରାହ୍ମଣୀ ନଦୀ ଓ କୁଶେଇ ନଦୀର ୩ ଟି ଘାଟ ବାଲି ମାଫିଆଙ୍କ ଚରାଭୂଇଁ ପାଲଟିଥିବା ବେଳେ ପ୍ରଶାସନ ପାଖରେ ଏ ବାବଦରେ ଦୈନନ୍ଦିନ ସୂଚନା ରହିଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ । ଜିଲାପାଳ ରାଜସ୍ୱ ସୁରକ୍ଷା ପାଇଁ ତୁରନ୍ତ ଏହା ଉପରେ ହସ୍ତକ୍ଷେପ କରିବା ଆବଶ୍ୟକ ହୋଇ ପଡିଛି । ରାଜସ୍ୱକୁ ଲୁଟ କରୁଥିବା ମାଫିଆଙ୍କ ନାମରେ ମାମଲା ରୁଜୁ କରାଯାଇ ଗିରଫ କରାଗଲେ ରାଜସ୍ୱ ଲୁଟକୁ ସହଜ ମନେ କରୁଥିବା ଲୋକଙ୍କ ଉପରେ ଅଙ୍କୁଶ ଲାଗିପାରନ୍ତା ।

# ସାମ୍ବାଦିକମାନଙ୍କ ସାମାଜିକ, ଆର୍ଥିକ ସୁରକ୍ଷା ସମ୍ପର୍କରେ ଚିନ୍ତନ କରିବା ଉପରେ ଗୁରୁତ୍ୱାରୋପ

କୁଜଙ୍ଗ,(ସବ୍ୟୁ) : କୁଜଙ୍ଗ ପ୍ରେସ୍ କ୍ଲବ ପକ୍ଷରୁ ଅଜି କୁଜଙ୍ଗ ସ୍ଥିତ ନ୍ୟାସନାଲ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ରଘୁନାଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ତଥା ଉତ୍କଳ ସାହିତ୍ୟ ସମାଜର ଉପସଭାପତି ଜୀବନାନନ୍ଦ ଅଧିକାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ବାଦିକ ମାନଙ୍କର ବିଭିନ୍ନ ସମସ୍ୟା ଓ ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିବା ସହିତ ସରକାର ସାମ୍ବାଦିକ ମାନଙ୍କର ସାମାଜିକ ଆର୍ଥିକ ସୁରକ୍ଷା ସମ୍ପର୍କରେ ଚିନ୍ତନ କରିବା ଉପରେ ଗୁରୁତ୍ୱାରୋପ କରି ସୁରକାର ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ବୋଲି କହିଥିଲେ । ସଭାପତି ଶ୍ରୀ ସାହୁ କୁଜଙ୍ଗ ରେ ସମସ୍ତ ସାମ୍ବାଦିକ ମାନେ ଏକତ୍ରୀତ ହୋଇ ନିଜ ନିଜର ବୃତ୍ତି ସମ୍ପାଦନ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରେସ କ୍ଲବର ସମ୍ପାଦକ ଦୁଷ୍ମନ୍ତ ମାଝୀ, ସହସମ୍ପାଦକ ରାମଦାସ ମହାନ୍ତି,ରଂଜିତ କୁମାର ପଣ୍ଡା,ସୁଶାନ୍ତି ସାମଲ, ସୁଦର୍ଶନ ମଲ୍ଲ, ବରଦା ପ୍ରସନ୍ନ ବିଷ୍ୱାଳ,ସନ୍ତୋଷ କୁମାର ବିଶ୍ୱାଳ, ଚନ୍ଦନ ସାମଲ, ଜଂଗେଶ୍ୱର ଦଳାଇ, ଅରୁ ପ୍ରସାଦ ମହାନ୍ତି ପ୍ରମୁଖ ୩୦ର ଉର୍ଦ୍ଧ ସାମ୍ବାଦିକ ମାନେ ଏହି ଅବସରରେ ଉପସ୍ଥିତ ଥିଲେ ।

# କଳିଙ୍ଗ ବାଲିଯାତ୍ରାର ତୃତୀୟ ସନ୍ଧ୍ୟା: ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମିଲେ ଦର୍ଶକ

ପାରାଦୀପ,( ଜି. ପ୍ର ): ଆଜି କଳିଙ୍ଗ ବାଲିଯାତ୍ରା ର ତୃତୀୟ ସନ୍ଧ୍ୟା ସ୍ଥାନୀୟ ବାଲିଯାତ୍ରା ପଡ଼ିଆରେ ମହାସମାରୋହରେ ପାଳିତ ହୋଇଯାଇଅଛି । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ,ପାରାଦୀପ ନିରଞ୍ଜନ ବେହେରାଙ୍କ ଅଧ୍ୟକ୍ଷତା ରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ ପି.କେ ମହାପାତ୍ର , ମୁଖ୍ୟ କାରଖାନା ଅଧିକାରୀ, ଇଫକୋ ଏବଂ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ ବସନ୍ତ କୁମାର ବିଶ୍ୱାଳ, ଅଧ୍ୟକ୍ଷ, ପାରାଦୀପ ପୌର ପରିଷଦ ଏବଂ ତ୍ରିନାଥ ସାହୁ , ମୁଖ୍ୟ ସାଧାରଣ ପରିଚାଳକ ପ୍ରକଳ୍ପ, ଆଇ.ଓ.ସି.ଏଲ । ଆଜିର ସନ୍ଧ୍ୟାରେ ଅନୁଷ୍ଠିତ



କାର୍ଯ୍ୟକ୍ରମରେ ବାବା ଲୋକନାଥ ଗ୍ରୁପ ଦ୍ୱାରା ଭଜନ ସନ୍ଧ୍ୟା,ଦଧିବାବନଜୀଉ ସାଂସ୍କୃତିକ ସଂଗଠନ ଦ୍ୱାରା ସମ୍ବଲପୁରୀ ନୃତ୍ୟ, ସୁଭଦ୍ରା କ୍ଲାସିକାଲ ମ୍ୟୁଜିକ୍ ସ୍କୁଲ ଦ୍ୱାରା ସେମିକ୍ଲାସିକଲ୍ ଡାନ୍ସ, ନୃତ୍ୟଶ୍ରୀ କଳା ନିକେତନ ଟ୍ରଷ୍ଟଦ୍ୱାରା ଶିବ ତାଣ୍ଡବ, ବୁଧନ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ସମ୍ବଲପୁରୀ ନୃତ୍ୟ, ଡାଲଖାଇ ଗ୍ରୁପ, ବଲାଙ୍ଗୀର ଡାଲଖାଇ ଏବଂ ସୃଷ୍ଟି ଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା । ସେହିପରି ସାଇକ୍ରିଷ୍ଣା କଳା ମଣ୍ଡପ, ଶ୍ରାବଣୀ କଳା ନିକେତନ ଏବଂ ପରମଜ୍ୟୋତି କଳାକ୍ଷେତ୍ର ଟ୍ରଷ୍ଟ ବିଭିନ୍ନ ପ୍ରକାର ଡାନ୍ସ ଓ ମଡର୍ଣ ଡାନ୍ସ ପରିବେଷଣ କରିଥିଲେ । ଆଜିର ସାଂସ୍କୃତିକ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲେ ଇଣ୍ଡିଆ'ସ ଗଟ ଟାଲେଣ୍ଟର ଭାଗ ନେଇଥିବା ଫ୍ଲାଗସୋମାନିଆ । ଶେଷରେ ସ୍ୱୟଂପାଢ଼ୀ ଓ ଗ୍ରୁପର ମ୍ୟୁଜିକାଲ ବ୍ୟାଣ୍ଡର ସଙ୍ଗୀତ ଦର୍ଶକମାନଙ୍କୁ ବିମୋହିତ କରିଥିଲା ।

# ସାର୍ଟ ଖୋଲି ଧାରଣା ଦେଲେ ଇପିଏଫ୍ ପେନ୍‌ସନ ସଂଘ

କେନ୍ଦ୍ରାପଡା,(ସବ୍ୟୁ) :ଅଲ ଓଡିଶା ଇ.ପି.ଏଫ୍ ପେନ୍‌ସନ ଆସୋସିଏସନ୍ ସଂଘ କେନ୍ଦ୍ରାପଡା ଜିଲ୍ଲା ଶାଖା ତରଫରୁ ୩ ଦଫା ଦାବି ନେଇ ଉଠା ଜଳ ସେଚନ କାର୍ଯ୍ୟାଳୟରେ ସାର୍ଟ ଖୋଲି ଧାରଣା ଦେଇଥିବା ଜଣାପଡିଛି । ସଂଘର ସଭାପତି ବସ' କୁମାର ଦାଶଙ୍କ ନେତୃତ୍ୱରେ ଶତାଧିକ ପେନସନ କର୍ମଚାରୀ ଦୀର୍ଘ ବର୍ଷ ହେଲା ତାଙ୍କର ୩ ଦଫା ନ୍ୟାର୍ଯ୍ୟ ଦାବି ପୂରଣ ହେଉ ନ ଥିବାରୁ ଏହାକୁ ବିରୋଧ କରି ଧାରଣା ଦେଇଛନ୍ତି । ଏହି ଦାବି ଗୁଡିକ ମଧ୍ୟରେ ସର୍ବନିମ୍ନ ମାସିକ ପେନସନ ୯ ହଜାର ଟଙ୍କା ସହ ମହଙ୍ଗା ଭତା, ମାନ୍ୟବର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ବର୍ଦ୍ଧିତ ପେନସନ ପ୍ରଦାନ, ସମସ୍ତ ଇ.ପି.ଏଫ୍ ପେନ୍‌ସନ ଭୋଗୀ ମାନଙ୍କୁ



ଚିକିତ୍ସା ଭତା କିମ୍ବା ଆୟୁଷମାନ ଯୋଜନାରେ ସାମିଲ କରି ଚିକିତ୍ସା ସୁବିଧା ଯୋଗାଇବା ଇ.ପି.ଏଫ୍ ପେନ୍‌ସନ ଭୋଗୀ ବରିଷ୍ଠ ନାଗରିକ ମାନଙ୍କୁ ସାମାଜିକ ସୁରକ୍ଷା ଯୋଗାଇ ଦେବା ଆଦି ଦାବି ଗୁଡିକୁ ନେଇ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳ ଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ଦାବିପତ୍ର ପ୍ରଦାନ ସମୟରେ ଯୁଗ୍ମ ସଂପାଦକ ପିତାମ୍ବର ମହାଁ, ଧନେଶ୍ୱର ରାଉତ, ଗୋଲେଖ ଭୋଇ ତରାଇ, ବିପିନ ବିହାରୀ ମହାଁ, ସହଦେବ ସିଂହ, ବିଶ୍ୱନାଥ ସାହୁ, ବଳଦେବ ସାମଲ, ଶିବ ପ୍ରସାଦ ବିଶ୍ୱାଳ ପ୍ରମୁଖ ସାମିଲ ଥିଲେ ।

# ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ

ରାଜକନିକା,(ସବ୍ୟୁ) :ରାଜକନିକା ଶୈଳେନ୍ଦ୍ର ନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ସୁରେଖା ରାଉତଙ୍କ ସଭାପତିତ୍ୱ ଓ ଜାତୀୟ ସେବା ଯୋଜନାର କୋଡ଼ିନେଟର ଅଧ୍ୟାପକ ସନ୍ତୋଷ କୁମାର ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଦେବଦାସ ପ୍ରଧାନ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଜାତୀୟ ସେବା ଯୋଜନାର ମହତ୍ତ୍ୱ ବୁଝାଇଥିଲେ । ଏହି ଅବସରରେ ଡ଼. ଅଜୟ କୁମାର କୁଣ୍ଡ, ଡ଼. ରଞ୍ଜନ ରଥ, ଡ଼. ଜୟନ୍ତ କୁମାର ମଲ୍ଲିକ, ପ୍ରଫେସର ଶରତ ଚନ୍ଦ୍ର ବାରିକ,ପ୍ରଫେସର ତୃପ୍ତି ରାଉତ ଓ ଶରତ ଓଝା ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀ ଙ୍କ ଉଦ୍ଦେଶ୍ୟରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ ଏହି କାର୍ଯ୍ୟକ୍ରମ ରେ ଯୁକ୍ତ ୨ ର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

# ସମସ୍ୟାର ସମାଧାନ ପାଇଁ ସରକାରଙ୍କ ହସ୍ତକ୍ଷେପ ଲୋଡିଲା ଟ୍ରକ୍ ମାଲିକ ସଂଘ

ଚଣ୍ଡିଖୋଲ,(ସବ୍ୟୁ) : ଯାଜପୁର ଜିଲ୍ଲାର ଚଣ୍ଡିଖୋଲ ଠାରେ ଶନିବାର ଦିନ ଟ୍ରକ୍ ମାଲିକ ମାନଙ୍କ ସମାବେଶ ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ଏହି ସମାବେଶରେ ଚଣ୍ଡିଖୋଲ ଟ୍ରକ ମାଲିକ ସଂଘ ସଭାପତି ପୁଷ୍ପରାଜ୍ ନାୟକ ଅଧ୍ୟକ୍ଷତା କରିଥିଲେ ଓ ସଂପାଦକ କ୍ରିତ୍ତୀରାଜ ସ୍ୱାଇଁ ସଭାକୁ ସଂଯୋଜନା କରିଥିଲେ । ଦୀର୍ଘ ବର୍ଷ ହେବ ଟ୍ରକ ମାଲିକ ମାନେ ବହୁବିଧ ସମସ୍ୟାକୁ ସାମନାକରି ଦେବାଳିଆ ଅବସ୍ଥାରେ ପହଞ୍ଚିଥିଲେ ମଧ ବାରମ୍ବାର ଦାବିପରେ ବି ସରକାର ଏଥିନେଇ କର୍ଣପାତ କରୁନଥିବା ଅଭିଯୋଗ ହୋଇଥିଲେ । ତେଣୁ ଏବେର ସରକାର ଟ୍ରକ ମାଲିକଙ୍କ ସମସ୍ୟାକୁ ବୁଝି ତାହାର ସମାଧାନ କରିବାକୁ ସମାବେଶରେ ଯୋଗଦେଇଥିବା ରାଜ୍ୟର ବିଭିନ୍ନ ଟ୍ରକମାଲିକ ସଂଘ ପକ୍ଷରୁ ଦାବି ହୋଇଥିଲା । ଏହି ସମାବେଶରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୋରେଇ ବିଧାୟକ, ଆକାଶ ଦାସ ନାୟକ ଟ୍ରକ ମାଲିକ ମାନଙ୍କର ଦାବୀ ପ୍ରତି ମୁଁ ଅବଗତ । ସରକାରଙ୍କ ସହିତ ଆଲେଚନା କରି ଏହାର ସମାଧାନ କରିବାକୁ ପ୍ରତିସୃତି ଦୈଇଥିଲେ । ମୁଖ୍ୟ ବକ୍ତା ଭାବେ ବଡଚଣା ବିଧାୟକ ଅମରକୁମାର



ନାୟକ ଟ୍ରକ ମାଲିକ ସଂଘ ସମସ୍ୟାକୁ ଗମ୍ଭୀରତାର ସହିତ ନେଇ ସରକାରଙ୍କ ସହିତ ଆଲେଚନା କରାଯିବ ଓ ଏଥିନେଇ ଶିଳ୍ପ ମନ୍ତ୍ରୀ ଓ ସୁକିନ୍ଦା ବିଧାୟକ ତଥା ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କ ସହିତ କଥାହେବେ ବୋଲି ସେ ଘୋଷଣା କରିଥିଲେ । ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟରେ ବ୍ୟବହାର ହେଉଥିବା ଏନ୍ ଟି ପି ସିର ପାଉଁଶ ପରିବହନରେ ଯାଜପୁର ଜିଲ୍ଲାର ଟ୍ରକ ଗୁଡିକୁ ସାମିଲ ପାଇଁ ପ୍ରସ୍ତାବ ଦେଇଥିଲେ । ଓଡ଼ିଶା ରାଜ୍ୟ ଟ୍ରକ ମାଲିକ ମହାସଂଘର ସାଧାରଣ ସଂପାଦକ ରବିନାରାୟଣ ଶତପଥୀ ଯୋଗଦେଇ ଟ୍ରକ ମାଲିକଙ୍କ ପ୍ରତି ପୂର୍ବ ସରକାରଙ୍କ ବୈମାତୃକ ମନୋଭାବ ନେଇ କ୍ଷୋଭ ପ୍ରକାଶ କରିଥିଲେ । ତତ୍କାଳିନ ସରକାରୀ ଅଧିକାରୀ ମାନଙ୍କ ଇଛା ଶକ୍ତିର ଅଭାବ ଯୋଗୁ ଟ୍ରକ ମାଲିକ ମାନଙ୍କର ସର୍ବନିମ୍ନ ସମସ୍ୟାର ସମାଧାନ ହୋଇ ପାରିଲା ନାହିଁ ବୋଲି ସେ କହିଥିଲେ । ସ୍ଥାନୀୟ ସରପଞ୍ଚ ଅଞ୍ଜୁଲତା ସ୍ୱାଇଁ ଅତିଥି ଭାବେ ଯୋଗ ଦେଇଥିଲେ । ସଙ୍ଘର ମୁଖ୍ୟ ଉପଦେଷ୍ଟା ଚନ୍ଦନ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଭାପତି ପୁଷ୍ପରାଜ ନାୟକ ଧନ୍ୟ ବାଦ ଅର୍ପଣ କରିଥିଲେ । ଇତ୍ୟବସରରେ ଅତିଥି ଭାବେ ଯୋଗଦେଇଥିବା ତିନି ବିଧାୟକଙ୍କୁ ଚଣ୍ଡିଖୋଲ ଟ୍ରକ ମାଲିକ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏହି ସମାବେଶରେ ଯାଜପୁର, କୁଆଖିଆ, ବ୍ରାହ୍ମଣୀ ବ୍ରିଜ, ମହାବିନାୟକ ଲଘୁ ଖଣିଜ ପରିବହନ ମାଲିକ ସଂଘ ସମେତ ରାଜ୍ୟର ବିଭିନ୍ନ ଜିଲ୍ଲାର ସଂଘ କର୍ମକର୍ତ୍ତା ଓ ସଦସ୍ୟମାନେ ଯୋଗ ଦେଇଥିଲେ । ସେମାନଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା । ତେବେ କଳିଙ୍ଗ ନଗର ଶିଳ୍ପାଞ୍ଚଳ,ସୁକିନ୍ଦା କ୍ରୋମ ଉପତ୍ୟକା ଓ ରାଜ୍ୟର ବିଭିନ୍ନ ଖଣି ସମେତ ଯାଜପୁର ଜିଲ୍ଲାର ରାମକୋ,ଓସିଏଲ ପରି ଅନେକ କାରଖାନାରେ ବାହାର ଟ୍ରକ ଗୁଡିକୁ ଲୋଡିଂ ମିଳୁଥିଲା ବେଳେ ଚଣ୍ଡିଖୋଲ ଟ୍ରକ ମାଲିକ ସଂଘର ଗାଡିକୁ ଲୋଡିଂ ଦିଆଯାଉ ନଥିବାରୁ ସମାବେଶରେ ଉପସ୍ଥିତ ଶତାଧିକ ମାଲିକ ଅସନ୍ତୋଷ ବ୍ୟକ୍ତ କରିଥିଲେ । ସୁକିନ୍ଦା କ୍ରୋମ ଖଣି ଗୁଡିକରେ ପୂର୍ବରୁ ଥିବା ଫାଷ୍ଟ କମ୍ ଫାଷ୍ଟ ଲୋଡ୍ ପ୍ରକ୍ରିୟାକୁ ଏବେ କଡାକଡି କରିବା ପାଇଁ ଦାବି ହୋଇଥିଲା । ଏହି ସମାବେଶକୁ ଚଣ୍ଡିଖୋଲ ଟ୍ରକ ମାଲିକ ସଂଘର ଉପସଭାପତି ମାନସରଞ୍ଜନ ବଳ, ଉପଦେଷ୍ଟା ଦେବରଞ୍ଜନ ସ୍ୱାଇଁ ଉମେଶ ଜେନା, ମୁଖପାତ୍ର ସତ୍ୟବ୍ରତ ଖଣ୍ଡାଇ କୋଷାଧ୍ୟକ୍ଷ ଜାହିଦ ଖାଁ,ସହ ସମ୍ପାଦକ ବିଶ୍ୱଜିତ୍ ବିଶ୍ୱାଳ, ସତ୍ୟଜିତ୍ ବଳ, ରତିକାନ୍ତ ସ୍ୱାଇଁ, ତୁହିନଂଝଶୁ ନାୟକ, ବୈକୁଣ୍ଠ ସ୍ୱାଇଁ, ହେମନ୍ତ ରାଉ୍ତ, ବିନାୟକ ସାହୁ, ଯଶୋବନ୍ତ ଜେନାମଣି , ବସନ୍ତ ନାୟକ, ମନୋରଞ୍ଜନ ନାୟକ, ସୁଶାନ୍ତ ସ୍ୱାଇଁ, ପ୍ରମୁଖ ପରିଚାଳନା କରିଥିଲେ ।

# ବାଲିଯାତ୍ରା ମହୋତ୍ସବ ଉଦଘାଟିତ

ସାଲେପୁର,(ସବ୍ୟୁ) :ସାଲେପୁର ବ୍ଲକ ଅନ୍ତର୍ଗତ ବହୁଗ୍ରାମ ପଞ୍ଚାୟତର ବାହାଦୁଲା ପାଟଣା ଖେଳ ପଡିଆ ଠାରେ ୧୮ତମ ବାଲିଯାତ୍ରା ମହୋତ୍ସବ ଉଦ୍ଘାଟିତ ହୋଇଯାଇଛି । ବେଲେଶ୍ୱରୀ ତରୁଣ କ୍ଲବ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ରବିନ୍ଦ୍ର ପରିଡା ସଭାପତିତ୍ୱ କରିଥିଲେ । ମୁଖ୍ୟ ଉଦ୍ୟୋକ୍ତା ଜ୍ଞାନେନ୍ଦ୍ର ମାଣିଆଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ବେଲେଶ୍ୱର ତରୁଣ କ୍ଲବ ଦ୍ୱାରା ଏଭଳି ବାଲିଯାତ୍ରା ଆୟୋଜନ କରୁଥିବାରୁ କ୍ଲବର ସମସ୍ତ ସଭ୍ୟ ମାନଙ୍କୁ ପ୍ରଶଂସା କରିବା ସହିତ ସମସ୍ତଙ୍କ ସହଯୋଗ ରହିଲେ ସବୁକାର୍ଯ୍ୟ କରିବା ସହଜସାଧ ହେବ ଏବଂ ସମସ୍ତେ ଉନ୍ନତି କରିବା ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ରୂପେ ବହୁଗ୍ରାମ ସେବା ସମବାୟ ସମିତିର ସଭାପତି ଅଭୟ କୁମାର ସ୍ୱାଇଁ ଯୋଗ ଦେଇଥିଲେ । ବରିଷ୍ଠ ସଙ୍ଗଠକ ଗଗନ ବିହାରୀ ମିଶ୍ର ଅତିଥି ପରିଚୟ, ସ୍ୱାଗତ ଭାଷଣ ଦେବା ସହ ମଞ୍ଚ ପରିଚାଳନା କରିଥିଲେ । ବହୁଗ୍ରାମ ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ନିହାର ମଲ୍ଲିକ ଧନ୍ୟବାଦ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମ ସାତ ଦିନ ଧରି ଚାଲିବ ଏବଂ ପ୍ରତେହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମକୁ ପ୍ରସନ୍ନ ପ୍ରସାଦ ସିଂ, ସଞ୍ଜୟ ଦଳାଇ, ସନ୍ତୋଷ ପରିଡ଼ା,ସୁମନ୍ତ ମାଣିଆ,ଅକ୍ଷର ଉଦ୍ଦିନ, ସନାତନ ବେହେରା, ପର୍ଶୁରାମ ଦଳାଇ,ଆକୁୟିକ ଖାଁ, ମହମ୍ମଦ ସିରାଜ, ପୂର୍ଣଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଅବସରପ୍ରାପ୍ତ ଅଧ୍ୟାପକଙ୍କ ପରଲୋକ

ମଙ୍ଗଳପୁର,(ସବ୍ୟୁ) :ଗତ ସୋମବାର ଦଶରଥପୁର ବ୍ଲକ କନିକାପଡାସ୍ଥ ସାଧୁ ଗୌଡ଼େଶ୍ୱର ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟାପକ ବ୍ରଜେନ୍ଦ୍ର ନାରାୟଣ ମହାପାତ୍ର(୬୮)ଙ୍କ ହୃଦଘାତରେ ପରଲୋକ ହୋଇଯାଇଛି ସେ ଦୀର୍ଘଦିନ ଏହି ମହାବିଦ୍ୟାଳୟରେ ଇତିହାସ ବିଭାଗର ଅଧ୍ୟାପକ ଭାବେ ଦାଇତ୍ୱର ସହ କାର୍ଯ୍ୟ କରିଥିଲେ ସେ ଜଣେ ଆଦର୍ଶ ଅଧ୍ୟାପକ ଭାବେ କାର୍ଯ୍ୟ କରି ଗୌରବ ଅର୍ଜନ କରିଥିଲେ ସେ ଜଣେ ମେଳାପି, ଛାତ୍ରବତ୍ସଳ, ପରୋପକାରୀ ଏବଂ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜନ କରୁଥିଲେ ପରେ ସ୍ୱର୍ଗତ ମହାପାତ୍ର ହାଇ କୋର୍ଟରେ ଆଇନଜିବି ଭାବେ କାର୍ଯ୍ୟ କରୁଥିଲେ ନିଜ ପୈତୃକ ଗାଁ ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ କୁରିଗାଁରେ ଶେଷ କୃତ ସମ୍ପର୍ଣ୍ଣ କରାଯାଇଥିବାବେ ପୁଅ ବିନାୟକ ମହାପାତ୍ର ମୁଖାଗ୍ନି ଦେଇଥିଲେ ମୃତ୍ୟୁ ସମୟରେ ପୁଅ ହାଇ କୋର୍ଟ ଆଇନଜିବି ବିଦ୍ୟାଲୋକ ମହାପାତ୍ର, ଝିଅ ରାଧାରାଣୀ ମହାପାତ୍ର, ସନ୍ଧ୍ୟାରାଣୀ ମହାପାତ୍ର ଉପସ୍ଥିତ ଥିଲେ ତାଙ୍କ ବିୟୋଗରେ ସାଧୁ ଗୌରଶ୍ୱର ମହାବିଦ୍ୟାଳୟ ଅଧ୍ୟକ୍ଷ ନିକୁଞ୍ଜ ମହାପାତ୍ର, ଦିଲୀପ ସାମଲ, ରଞ୍ଜନ ମହାପାତ୍ର, ଦୀପାଞ୍ଜଳି ସାହୁ, ସୁକାନ୍ତ କୁମାର ପଢି, ଭରତ ଚନ୍ଦ୍ର ପରିଡା, ବିମଳ ମଲିକ, ଚନ୍ଦ୍ରଶେଖର ସାହୁ ପ୍ରମୁଖ ଶୋକ ପ୍ରକଟ ଜଣାଇଥିଲେ ।

# ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଖୋଲିଲା ମିଶନଶକ୍ତି କାଫେ




ନିମାପଡା,(ସବ୍ୟୁ): ନିମାପଡା ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ନୂତନ ଭାବେ ମିଶନ ଶକ୍ତି କାଫେ ଖୋଲିଛି । ଆଜି ଉପମୁଖ୍ୟ ମନ୍ତ୍ରୀ ପ୍ରଭାତୀ ପରିଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି କାଫେକୁ ଶୁଭାରମ୍ଭ କରିଛଁି । ଏହି କାଫେରେ ବିଭିନ୍ନ ପ୍ରକାର ସୁଷମ ଖାଦ୍ୟ ମିଳିବ,ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ରୋଗୀ ଓ ତାଙ୍କର ସହଯୋଗୀ ମାନଙ୍କ ପାଇଁ ସହାୟକ ହେବା ସହିତ ମହିଳା ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହିତ କରିବା ସହ ମା ମାନଙ୍କ ଅର୍ଥନୈତିକ ସଶକ୍ତିକରଣ ଦିଗରେ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ମିଶନଶକ୍ତି କାଫେ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା କହିଥିଲେ। ଆଜିର ଏହି ଶୁଭାରମ୍ଭ ଉତ୍ସବରେ ପୌରାଧ୍ୟକ୍ଷା ସସ୍ମିତା ସାହୁ,ଉପାଧ୍ୟକ୍ଷ ସନ୍ତୋଷ ଦାଶ, ନିମାପଡା ସ୍ୱାସ୍ଥ୍ୟ କେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଡା. କ୍ଷମାନିଧି ସେଠୀ,ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ଆଚାର୍ଯ୍ୟ ,ବିଜୟ କୁମାର ଗ୍ରହାଚାର୍ଯ୍ୟ,ଫାର୍ମାସିଷ୍ଟ ଆଇ.ଟି. ତ୍ରିନାଥ ପାତ୍ରଙ୍କ ସମେତ ମିଶନ ଶକ୍ତିର ସଭାପତି ଓ ସମସ୍ତ କାର୍ଯ୍ୟକର୍ତାମାନେ ଉପସ୍ଥିତଥିଲେ ।

# ନରସିଂହପୁର ଗଣପର୍ବ ଛାଡ଼ଖାଇ ଉଦଘାଟିତ

ନରସିଂହପୁର,(ସବ୍ୟୁ) : ନରସିଂହପୁର ଗଣପର୍ବ ଛାଡ଼ଖାଇ ମହୋତ୍ସବ ଉଦଘାଟିତ ହୋଇଛି। ମହୋତ୍ସବ କମିଟି ସମ୍ପାଦକ ଥାନା ଅଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆ ଏହାକୁ ଉଦଘାଟନ କରିଥିଲେ। ଛାଡ଼ଖାଇ ମହୋତ୍ସବ ଶନିବାର ଠାରୁ ଆରମ୍ଭ ହୋଇଥିବା ବେଳେ ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଅନେକ ମନୋହରି ସାମଗ୍ରୀ ଠାରୁ ନେଇ ଘର କରଣା ସାମଗ୍ରୀ ପର୍ଯ୍ୟନ୍ତ ଷ୍ଟଲ ପସରା ମେଲାଇଛନ୍ତି। ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଓଡିଶୀ ଓ ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ପ୍ରଥମ ଦିନ ରେ ହଜାର ହଜାର ଲୋକ ଙ୍କର ଭିଡ଼ ପରିଲକ୍ଷିତ ହୋଇଥିଲା। ଶାନ୍ତି ଶୃଙ୍ଖଳା ର ସହ ମେଳା ବୁଲିବାକୁ ପୋଲିସ ପକ୍ଷରୁ ନିବେଦନ କରାଯାଇଛି। ଥାନା ଛକ ନିକଟରେ ବାଣିଜ୍ୟ ମେଳା ମଧ୍ୟ ଆରମ୍ଭ ହୋଇଛି। ବାଣିଜ୍ୟ ମେଳା ରେ ୫୦ ରୁ ଉର୍ଦ୍ଧ୍ୱ ଷ୍ଟଲ ରେ ବ୍ରହ୍ମପୁର ଆଚାର,ପାମ୍ପଡ଼ ଠାରୁ ନେଇ ବିଭିନ୍ନ ଦୋକାନ ପଡିଥିବା ଜଣାପଡିଛି।

# ଗଣମାଧମ ବିନା ଗଣତନ୍ତ୍ର ସୁରକ୍ଷିତ ନୁହେଁ



ପିପିଲି,(ସବ୍ୟୁ) : କାର୍ଯ୍ୟପାଳିକା, ନ୍ୟାୟପାଳିକା, ଆଇନ ପ୍ରଣୟନକାରୀ ସଂସ୍ଥା ଯେତିକି ଗୁରୁତ୍ୱପୂର୍ଣ୍ଣ, ଗଣମାଧମ ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ । ଗଣମାଧମ ବିନା ଗଣତନ୍ତ୍ର ସୁରକ୍ଷିତ ନୁହେଁ ବୋଲି ପିପିଲି ବ୍ଲକ ଅନ୍ତର୍ଗତ ଗୁଡିଆପୋଖରୀ ସ୍ଥିତ ରୁକ୍ମଣୀ ପ୍ୟାଲେସ ଠାରେ ପିପିଲି ସାମ୍ବାଦିକ ସଂଘ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଜାତୀୟ ପ୍ରେସ୍ ଦିବସ ସମାବେଶରେ ଯୋଗଦେଇ ବିଶିଷ୍ଟ ବ୍ୟକ୍ତି ମାନେ ମତବ୍ୟକ୍ତ କରିଛନ୍ତି।ପିପିଲି ସାମ୍ବାଦିକ ସଂଘର ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ 'ପରିବର୍ଦ୍ଧିତ ପରିସ୍ଥିତିରେ ମୂଲ୍ୟବୋଧ ଭିକ ସାମ୍ବାଦିକତା' ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଲେଫ୍ଟନାଂଟ ଜେନେରାଲ ନାରାୟଣ ମହାନ୍ତି (ଅବସରପ୍ରାପ୍ତ), ମୁଖ୍ୟବକ୍ତା ଭାବେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ସିନେ ଅଭିନେତା ବବି ମିଶ୍ର, ପିପିଲି ସାଂସ୍କୃତିକ ପରିଷଦର ସଂପାଦକ ତଥା ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ରମେଶ ଚନ୍ଦ୍ର ମହାପାତ୍ର, ପିପିଲି ଥାନାଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ, ହେଡ୍ ଲାଇନ୍ସ ଓଡିଶାର ମୁଖ୍ୟ ଜ୍ୟୋତି ରନ ବେହେରା, ମାନବାଧିକାର କର୍ମୀ ଶ୍ରୀଅଖଣ୍ଡ, ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଚରଣ ନାୟକ, ଆନ୍ତର୍ଜାତୀୟ କ୍ରୀଡାବିତ ଅଂଶିକା ମହାପାତ୍ର ପ୍ରମୁଖ ଯୋଗଦେଇ ଗଣମାଧମ ଯେତେ ସ୍ୱାଧୀନ ହେବ ଗଣତନ୍ତ୍ର ସେତେ ସୁଦୃଢ ହେବ ବୋଲି ମତବ୍ୟକ୍ତ କରିଥିଲେ । ସଂଘର ସାଧାରଣ ସଂପାଦକ ଦୀନବନ୍ଧୁ ବେହୁରା ବିବରଣୀ ପାଠ କରିଥିବା ବେଳେ ଶିକ୍ଷାବିତ୍ ହେମନ୍ତ କୁମାର ପ୍ରଧାନ ଅତିଥି ପରିଚୟ ଓ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ସୁବୁଦ୍ଧି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ରାଜ୍ୟର ୩୨ ଜଣ ବରିଷ୍ଠ ଡାକ୍ତର, ସାମ୍ବାଦିକ, ବୁଦ୍ଧିଜିବୀ, ଶିକ୍ଷାବିତ୍, ସ୍ୱାସ୍ଥ୍ୟସେବୀ, ସାହିତ୍ୟିକ, କବି, ଲେଖକ, କଳାକାର, ସମାଜସେବୀ, କ୍ରୀଡାବିତ୍, ମେଧାବୀ ଛାତ୍ରଛାତ୍ରୀଙ୍କୁ ସଂବର୍ଦ୍ଧିତ କରାଯାଇଥିଲା । ସଂଘର ମୁଖ୍ୟ ସଂଯୋଜକ ବିଜୟ କୁମାର ମହାପାତ୍ର ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ସମସ୍ତ କାର୍ଯ୍ୟକୁ ବରିଷ୍ଠ ସାମ୍ବାଦିକ ସୁବାଷ ପ୍ରଧାନ, ହେମ' କୁମାର ସେଠୀ, ରଶ୍ମି ରଂଜନ ପ୍ରଧାନ, ଦୁର୍ଗାମାଧବ ମିଶ୍ର, ନୃସିଂହ ଚରଣ ସାହୁ, କୃଷ୍ଣଚନ୍ଦ୍ର ସାହୁ, ଗୋକୁଳ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

# ଚାରା ରୋପଣର ତଦନ୍ତ

ଦଶପଲ୍ଲା,(ସବ୍ୟୁ):ବିଭିନ୍ନ ସମୟରେ ଏହି ଚାରା ରୋପଣ ଓ ରକ୍ଷଣାବେକ୍ଷଣରେ ଦୁର୍ନିତି ହେଉଥିବା ଅଭିଯୋଗ ହୋଇ ଆସୁଥିବା ବେଳେ ଚଳିତ ବର୍ଷ ଏହା ଉପରେ ବିଭାଗୀୟ ପିସିସିଏଫ ଗୁରୁତ୍ୱ ପ୍ରଦାନ କରିଛନ୍ତି । ନିଜ ଅଧିନ ରେ ଥିବା ଭିଜିଲାନ୍ସ ଟିମକୁ ସବୁ ବନାଞ୍ଚଳ କୁ ପଠାଇ ଏହାର ତଦନ୍ତ କରାଯାଉଥିବା ବେଳେ ଗୁରୁବାର ଦିନ ଦଶପଲ୍ଲା ବନାଞ୍ଚଳ ରେ ତଦନ୍ତକାରୀ ସଂସ୍ଥାର ଏକ ଟିମ ତଦନ୍ତ ଆରମ୍ଭ କରିଛି । ତଦନ୍ତକାରୀ ସଂସ୍ଥାର ଏକ ୬ ଜଣିଆ ଦଳ ଦଶପଲ୍ଲାରେ ପହଂଚି ଚାରା ରୋପଣ ହୋଇଥିବା ବିଭିନ୍ନ ସ୍ଥାନକୁ ଯାଇ ଏହାର ତଦନ୍ତ କରିଛନ୍ତି । ଏହି ଦଳ ଚାରା ରୋପଣ ହୋଇଥିବା ସ୍ଥାନ , କେତେ ଚାରା ରୋପଣ ହୋଇଛି, କେତେ ଚାରା ବଞ୍ଚିଛି, କେତେ ନଷ୍ଟ ହୋଇଛି ସେ ନେଇ ତଦନ୍ତ କରିବା ସହ ଯେତିକି ଚାରା ରୋପଣ ହୋଇଛି ବୋଲି ବନ ବିଭାଗ ପକ୍ଷରୁ ଉଲ୍ଲେଖ ହୋଇଛି ସେତିକି ଗଛ ଲଗା ଯାଇଛି କି ନାହିଁ ଏହାର ତଦନ୍ତ କରିଛନ୍ତି । ଏହି ଟିମ ନୟାଗଡ଼ ଜିଲ୍ଲାର ବିଭିନ୍ନ ବନାଞ୍ଚଳ କୁ ଗସ୍ତ କରି ଏହାର ତଦନ୍ତ କରି ପି ସି ସି ଏଫ ଙ୍କୁ ତାଙ୍କ ରିପୋର୍ଟ ପ୍ରଦାନ କରିବେ । ଯଦି କୌଣସି ବଞ୍ଚଳରେ ଏଥିରେ ଦୁର୍ନୀତି ହୋଇଥିବା ଜଣା ପଡିବ ସେହି ବନାଞ୍ଚଳର କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମାତ୍ର ଏହି ତଦନ୍ତ କରି ଦଳ ପି ସି ସି ଏଫ ଙ୍କୁ ତାଙ୍କ ତଦନ୍ତ ସମ୍ବନ୍ଧରେ କଣ ରିପୋର୍ଟ ଦେଉଛନ୍ତି ତାହା ଦେଖିବାକୁ ବାକି ରହିଲା ।

# ବୋଇତ ବନ୍ଦାଣ ଉତ୍ସବ

କଣାସ,(ସବ୍ୟୁ) : ପୁରୀ ଜିଲ୍ଲା କଣାସ ବ୍ଲକର ପ୍ରତେକ ଗ୍ରାମରେ ଶୁକ୍ରବାର ଦିନ ଭୋର ସମୟରେ ଡଙ୍ଗା ଭାଷାଣ ଉତ୍ସବ ପାଳିତ ହୋଇଯାଇଛି ।ଚଳିତ ବର୍ଷ ଲୋକମାନେ ଆନନ୍ଦ ଉତ୍ସାହର ସହ ଡ଼ଙ୍ଗା ଭସାଇ ଥିଲେ । ପାରମ୍ପରା ଅନୁଯାଇ ଛୋଟ ପିଲା ଠାରୁ ମହିଳା ଓ ପୁରୁଷମାନେ କଦଳୀ ପଟୁକା ,କାଗଜ ,ଓ ସୋଲରେ ଡଙ୍ଗା ତିଆରି କରି ସେଥିରେ ପାନ,ଗୁଆ,ଧୂପ ,ଦୀପ ଦେଇ ପୋଖରୀ ଓ ନଦୀ କୂଳରେ ଆକାମା ବୋଇ ପାନ ଗୁଆ ଖାଇ ପାନ ଗୁଆ ତକ ତୋର ମାସକ ଧର୍ମ ମୋର କହି ପାଣିରେ ପଶି ଡଙ୍ଗା ଛାଡ଼ିଥିଲେ । ପରେ ପରେ ନଦୀ ଓ ପୋଖରୀ କୂଳରୁ ଶ୍ରଦ୍ଧାଳୁମାନେ ଆସି ଶିବ ମନ୍ଦିରକୁ ଯାଇ ଠାକୁରଙ୍କୁ ପୂଜାର୍ଚ୍ଚନା କରି ଘରକୁଫେରିଥିଲେ ।ସେହିଭଳି ନୀଳାଚଳ ସେବା ପ୍ରତିଷ୍ଠାନର ଅନ୍ତେବାସୀଙ୍କ ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ ଦୟାନଦୀ କୂଳରେ ଅନୁଷ୍ଠିତ ହୋଇଥିଲା ।ଏଥିରେ ବୃଦ୍ଧ ବୃଦ୍ଧା ମହିଳା ପୁରୁଷ ପିଲାମାନେ ଡଙ୍ଗା ଭସାଇଥିଲେ ଛକେତେକ ଅନୁଷ୍ଠାନ ପ୍ରତିବର୍ଷ ପରି ଚଳିତ ବର୍ଷ ରାସ୍ତା ଘାଟ ନଦୀ ପୋଖରୀରେ ଛାଡିଥିବା ଡଙ୍ଗାକୁ ସଫା କରିଥିଲେ। ଛୋଟ ଛୋଟ ପିଲାମନଙ୍କୁ ବିଭିନ୍ନ ବେଶରେ ସଜ୍ଜିତ କରାଇ ବୋଇତ ବନ୍ଦାଣ କରାଯାଇଥିଲା ।

# ସୁଧା ପକ୍ଷରୁ ଅନ୍ନପୂର୍ଣ୍ଣା 'ରାସ ମହୋତ୍ସବ – ୨୦୨୪



କଣାସ,(ସବ୍ୟୁ) : ଓଡିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ରାଜ୍ୟସ୍ତରୀୟ ସାଂସ୍କୃତିକ ଅନୁଷ୍ଠାନ 'ସୁଧା' ମିଳିତ ଭାବରେ ଅନ୍ନପୂର୍ଣ୍ଣା ରଙ୍ଗମଂଚରେ 'ରାସ ମହୋତ୍ସବ – ୨୦୨୪'ରେ ପାରମ୍ପରିକ ସଙ୍ଗୀତ, ଓଡ଼ିଶୀ ନୃତ୍ୟ, ଲୋକନୃତ୍ୟ, ବସ' ପଲ୍ଲବୀ, ରାସଲୀଳା, ମଙ୍ଗଳାଚରଣ, ଗଣେଷ ବନ୍ଦନା, ନାଟକ, ନୃତ୍ୟନାଟିକା, ଚିତ୍ରକଳା ଏବଂ ଫ୍ୟାନ୍ସି ଡ୍ରେସ୍ ପ୍ରମୁଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଓଡିଶା ଗୁରୁକୁଳାର ଅଧ୍ୟକ୍ଷ ଦୁର୍ଗାମାଧବ କର ମୁଖ୍ୟ ଅତିଥି ଏବଂ ନାରାୟଣ ପାଣ୍ଡେ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ନିମନ୍ତ୍ରିତ ଅତିଥିମାନେ ଅନୁଷ୍ଠାନର ଏହି ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଓଡ଼ିଆ ଭାଷା, ସଂସ୍କୃତି ତଥା ପରମ୍ପରାର ଉତ୍‌ଥାନ କରିବାରେ ବିଶେଷ ଭାବେ ସହାୟକ ହେବ ବୋଲି ମତ ପୋଷଣ କରିଥିଲେ। 'ସୁଧା'ର ଅଧ୍ୟକ୍ଷ ଶ୍ରୀ ସଂଜୟ କୁମାର ମିଶ୍ରଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ତୈଳିକ ବୈଶ୍ୟ ସମାଜର ବୋଇତବନ୍ଦାଣ ଉତ୍ସବ

ଖଣ୍ଡପଡ଼ା, (ସବ୍ୟୁ): ଖଣ୍ଡପଡ଼ା ବ୍ଲକ୍ ଅଧିନ ବନମାଳିପୁର ଗ୍ରାମରେ ତୈଳିକ ବୈଶ୍ୟସମାଜ ପକ୍ଷରୁ ବୋଇତବନ୍ଦାଣ ଉତ୍ସବ ପବିତ୍ର କାର୍ତିକପୂର୍ଣ୍ଣମୀ ଅବସରରେ ଅନୁଷ୍ଠିତ ହୋଇଯାଇଛି। ତୈଳିକ ବୈଶ୍ୟସମାଜର ପ୍ରାଚୀନ ଐତିହ୍ୟ ଓ ପରମ୍ପରାକୁ ଉଦ୍‌ଜୀବିତ କରି ରଖିବାର ମହତ୍ ଲକ୍ଷ୍ୟ ନେଇ ବୋଇତ ବନ୍ଦାଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବା ଜଣାପଡ଼ିଛି। ପ୍ରାତଃ ସମୟରେ ସମାଜର ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ପାରମ୍ପରିକ ପ୍ରଥାନୁଯାୟୀ ଅନୁଷ୍ଠିତ ହୋଇଥିଲା। ପରେ ତୈଳିକ ବୈଶ୍ୟସମାଜର ପତାକା ଉତୋଳନ ଅବସରରେ କୌଳିକ ସଂଗୀତ ଗାନ କରାଯାଇଥିଲା। ସମାଜର କର୍ମକର୍ତା ୧୮ଥାନର ଥାନପତି, ସ୍ଥାୟୀ ସଭାପତି ଶରତ କୁମାର ସାହୁ, ଉପସଭାପତି ମୁରଲିଧର ସାହୁ, ସମ୍ପାଦକ ଭିକାରୀ ଚରଣ ସାହୁ, ସହ ସମ୍ପାଦକ ଉମାକାନ୍ତ ସାହୁ, ଶିକ୍ଷା ସମ୍ପାଦକ ସଂୋଷ କୁମାର ସାହୁ, କୋଷାଧ୍ୟକ୍ଷ ନିରନ ସାହୁ, ପୂର୍ବତନ ସରପଂଚ ଶରତ ଚନ୍ଦ୍ର ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରମୋଦ କୁମାର ସାହୁଙ୍କ ସମେତ ଅନ୍ୟ କର୍ମକର୍ତାଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ଜଣାପଡ଼ିଛି। ସମାଜର ପ୍ରାକ୍ତନ ମହାସଭାର ଅଧ୍ୟକ୍ଷ ପଦ୍ମନାଭ ସାହୁ, ଉପାଧ୍ୟକ୍ଷ ବିମ୍ବାଧର ସାହୁ, ସଂସାରୀ ସାହୁ ପ୍ରମୁଖ ଉତ୍ସବ ପାଳନର ମହତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ପରବର୍ତୀ ସମୟରେ ସମସ୍ତଙ୍କ ଉପସ୍ଥିତିରେ ସମାଜର ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରାଯାଇ ନୀତି ନିର୍ଦ୍ଧାରଣ କରାଯାଇଥିବା ଜଣାପଡ଼ିଛି।।

# କାର୍ତ୍ତିକ ପୂର୍ଣ୍ଣିମାରବିଭିନ୍ନ କାର୍ଯ୍ୟକ୍ରମରେ ବିଧାୟକ

ନୂଆଗାଁ, (ସବ୍ୟୁ) :ନୟାଗଡ ଜିଲ୍ଲା ନୂଆଗାଁ ବ୍ଲକ୍ ବିଭିନ୍ନ ଗ୍ରାମରେ କାର୍ତ୍ତିକ ପୂର୍ଣ୍ଣମା ଓ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସୂଚନା ମୁତାବକ ନୂଆଗାଁ ବ୍ଲକ୍ ଅନ୍ତର୍ଗତ ମାଳିସାହି ଠାରେ ବାବା ଗତିଶ୍ୱର ଦେବଙ୍କ ମନ୍ଦିରରେ କାର୍ତ୍ତିକ ପୂର୍ଣ୍ଣମା ଓ ବୋଇତ ବନ୍ଦାଣ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି।ପ୍ରାତଃ କାଳରେ ଗତିଶ୍ୱର ମନ୍ଦିର ନିକଟରେ ଥିବା ପୁଷ୍କରିଣୀରେ ଏକ ସୁସଜ୍ଜିତ ଡଙ୍ଗାରେ ପାରମ୍ପରିକ ରୀତି ଅନୁସାରେ ସାତ ଭାଇଙ୍କୁ ଡଙ୍ଗାରେ ବସାଇ ପୋଖରୀରେ ନୌକାରେ ପରିଭ୍ରମଣ କରାଯାଇ ଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିବା ସହ ସୁସଜ୍ଜିତ ଡଙ୍ଗାରେ ବୁଲିଥିଲେ। ହଜାର ହଜାର ଭକ୍ତଙ୍କ ହରିବୋଲ ହୁଳହୁଳିରେ ମନ୍ଦିର ପରିସରରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥଲା। ସେହିପରି ମାଇଛେଳି ପଞ୍ଚାୟତର ସମ୍ପଡା ଗ୍ରାମରେ ଥିବା ବାଲୁଙ୍କେଶ୍ୱର ମହାଦେବଙ୍କୁ ଦର୍ଶନ କରିବା ସହିତ ନୂତନ ପାର୍ବତୀ ମନ୍ଦିରର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପାରାଡ଼ିପି ପଞ୍ଚାୟତ ବଲଣ୍ଡା ଗ୍ରାମରେ ଥିବା ଲଡୁକେଶର ମହାଦେବ ଏବଂ ନୂଆଗାଁ ବ୍ଲକ୍ ସଦରମହକୁମାରେ ଥିବା ବାବା ରାମେଶ୍ୱରଙ୍କ ୧୧ତମ ପ୍ରତିଷ୍ଠା ଦିବସ ବହୁ ଆଡମ୍ବରରେ ପାଳିତ ହୋଇଯାଇଛି । ପ୍ରତି ବର୍ଷପରି ଏ ବର୍ଷ ମଧ୍ୟ ମନ୍ଦିର ପରିଚାଳନା କମିଟି ଏବଂ ଯାତ୍ରା କମିଟି ମିଳିତ ସହଯୋଗରେ କାର୍ତ୍ତିକ ପୂର୍ଣ୍ଣମୀ ଦିନରେ ବାବା ରାମେଶ୍ୱରଙ୍କ ପ୍ରତିଷ୍ଠା ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସକାଳୁ ରିତି ନୀତି ଅନୁଯାଇ ହୋମ ଯଜ୍ଞ ପୂଜା ଆଦି ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଦଶପଲ୍ଲାର ବିଧାୟକ ରମେଶ ଚନ୍ଦ୍ର ବେହେରା, ସମାଜ ସେବୀ ଶଙ୍କର୍ଷଣ ବେହେରା, ବିଜେଡି ଜିଲ୍ଲା ବିଜେଡି ଉପ ସଭାପତି ଦିଲ୍ଲିପ ଦଳବେହେରା, ମାଳିସାହି ସରପଞ୍ଚଙ୍କ ପ୍ରତିନିଧି ଭଗବାନ ପ୍ରଧାନ, ଦାଶରଥି ପ୍ରଧାନ, ଆଦି ଉପସ୍ଥିତ ଥିଲେ। ବିଧାୟକ ବାବା ରାମେଶ୍ୱରଙ୍କୁ ଦର୍ଶନକରି ଆଶୀର୍ବାଦ ଭିକ୍ଷା କରିଥିଲେ। ଯାତ୍ରା କମିଟିର ସଭାପତି ବଦ୍ୟନାଥ ଭୋଇ, ସମ୍ପାଦକ ଧନେଶ୍ୱର ସାହୁ, ପ୍ରଶାନ୍ତ କୁମାର ମହାପାତ୍ର,ମାନସ କୁମାର ପ୍ରଧାନ ଆଦି ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ।

# ନିଆରା ପରମ୍ପରାରେ ଶରତ ରାହାସ ଉତ୍ସବ

ନୟାହାଟ,(ସବ୍ୟୁ) ପୁରୀ ଜିଲ୍ଲା ନୟାହାଟସ୍ଥିତ ପ୍ରାଚୀ ଗୁରୁଧର୍ମ କ୍ଷେତ୍ରରେ କାର୍ତ୍ତିକ ଶୁକ୍ଳ ଏକାଦଶୀ ତିଥି ପଞ୍ଚୁକ ଅବସରରେ ଆଶ୍ରମର ମୁଖ୍ୟ ବାବାଜୀ ଦାମୋଦର ଦାସଙ୍କ ତତ୍ତ୍ୱାବଧନରେ ନିଆରା ପରମ୍ପରାରେ ରାହାସ ଉତ୍ସବ ୧୨ ତାରିଖରୁ ଆରମ୍ଭ ହୋଇ ପୂର୍ଣ୍ଣିମା ଦିନ ଉଦ୍‌ଯାପିତ ହୋଇଛି । ଆଶ୍ରମରେ ୧୫ ଗୋଟି ମନ୍ଦିରରେ ଥିବା ଶ୍ରୀକୃଷ୍ଣ ମନ୍ଦିର ,ମା'ବୃନ୍ଦାବତୀ,ପାଦପଦ୍ମ,ହନୁମାନ ମନ୍ଦିର,ଶ୍ୟାମାକାଳୀ ଓ ଦକ୍ଷିଣକାଳୀ,ଗୋଷ୍ଠଚନ୍ଦ୍ରମା,କଳକି ରାମ,ଗିରିଗୋବର୍ଦ୍ଧନ ପୀଠ,ରାଧାରାଣୀ ମନ୍ଦିର,ମହାମାନବ ମନ୍ଦିର,ଅଂଳା ବୃକ୍ଷ,ଓସ୍ତ ବୃକ୍ଷ,ଦୁର୍ଗା ମାଧବ ଓ ଚନ୍ଦ୍ରମା ଇତ୍ୟାଦି ଦେବୀ,ଦେବତା ମାନଙ୍କୁ ଆଶ୍ରମର ସେବିକା ସବିତା ଦାସ ସୁଶ୍ରୀ ଶକୁ'ଳା ଦାଶ,ଅନୁ ମା,ରଜି ମା,ଶୋଭା ମା,ଲବଙ୍ଗ ମା,ସୁଷମା ମା,ଚାନ୍ଦିନି ମା,ଲିତିକା ମା,ଶାନ୍ତି ମା,ବୀଣା ମା,କୁ'ଳା ମା,ଅଳି ମା,ବଳରାମ ଭାଇ ପ୍ରମୁଖ ପ୍ରେମାଚାର୍ଯ୍ୟ ମଧୁସୂଦନଙ୍କ ଲିଖିତ ରାହାସର ଅବାହନ ଗୀତ ଗାଇ ରାହାସ ମଣ୍ଡପକୁ ସେମାନଙ୍କୁ ନିମନ୍ତ୍ରଣ କରିଥିଲେ । ଏ ଦୃଶ୍ୟ ଖୁବ୍ ବିରଳ .ଏହି କ୍ଷେତ୍ରରେ ପଞ୍ଚୁକରେ ବୃନ୍ଦାବତୀ ପୂଜା ସହିତ କଉଡି ଖେଳ ,ଭକ୍ତ ମାନଙ୍କୁ ଦହି ବିକ୍ରି ପ୍ରଥା ଏଠାରେ ନିହରା ପରମ୍ପରା ବୋଲି ସେବକ ପ୍ରୀତିରନ ଦାସ ପ୍ରକାଶ କରିଛଁି । କାର୍ତ୍ତିକ ମାସରେ ଦିଅଁଙ୍କ ଠାରେ କେବଳ ଦହି ଓ ଖଇ ଭୋଗ ଲାଗି ହୁଏ । ପ୍ରତ୍ୟେକ ଦିନ କାର୍ତ୍ତିକ ଅବକାଶ ପରେ ସମୁହ ବିଶ୍ୱର୍ଶି ପ୍ରର୍ଥନା କରାଯାଇଥିଲା । ଏଥିରେ ବାବାଜି ଅକ୍ଷୟ କୁମାର ଦାସ ,ବାବାଜୀ ପୂର୍ଣ୍ଣାନନ୍ଦ ଦାସ,ଅନାମ ଭାଇ , ବସନ୍ତ ଭାଇ ,ମିଟନ ଭାଇ,ପ୍ୟାରୀ ଭାଇ,ରାଜୁ ଭାଇ,ଶ୍ରୀଚରଣ ଭାଇ,ବିଦୁର ଭାଇ,ସୁକାନ୍ତ ଭାଇ,ନଛି ଭାଇ, ରବି ନନା ଓ ଅଭି ଭାଇ ପ୍ରମୁକ ଅଂଶ ଗ୍ରହଣ କରିଥିଲେ ।

# କଳାପଥର ହାଇୱା ମାଲିକ ସଂଘର ବନ୍ଦଡ଼ାକରା

ବାଙ୍କୀ,(ସବ୍ୟୁ) :।ବାଙ୍କୀ, ବେଗୁନିଆ, ଖୋର୍ଦ୍ଧା ଜିଲ୍ଲା ଗାଡ଼ି ମାଲିକ ସଂଘ ପକ୍ଷରୁ ପରିବହନକୁ ବନ୍ଦ କରିବା ପାଇଁ ଡାକରା ଦିଆଯାଇଛି। କଳାପଥର ନିକଟସ୍ଥ ବରଡାଳିଆ ଠାକୁରାଣୀ ଙ୍କ ପୀଠରେ ମାଆ କୋଷୋଳାଶୁଣି ହାଇୱା ମାଲିକ ସଂଘ ସଭାପତି ମନ୍ ମୋହନ ପ୍ରଧାନଙ୍କ ପୌରହିତ୍ୟରେ ଅନୁଷ୍ଠିତ ବୈଠକରେ ସମସ୍ତ ମାଲିକ୍ ମାନେ ଉପସ୍ଥିତ ରହି ବାଲି, ଚିପ୍ସ, ମାଟି ଓ ମୋରମ ଇତ୍ୟାଦି ପରିବହନର ସମସ୍ୟା ସ୍ଥାୟୀ ସମାଧାନ ଦାବିରେ ଗାଡ଼ି ମାଲିକ ସଂଘ ପକ୍ଷରୁ ପରିବହନ ସେବା ବନ୍ଦ ରଖାଯାଇଛି। ବିଶେଷ କରି ବାଲିଘାଟରୁ ସଠିକ୍ ଫର୍ମ କିଣି ବାଲି ପରିବହନ କରିବା ବେଳେ ଫର୍ମ ଠିକ୍ ନ ଥିବା କହି ହାଇୱା କୁ ଅଟକାଇ ହଜାର ହଜାର ଟଙ୍କା ର ଫାଇନ ଆଦାୟ କରୁଛନ୍ତି। ଡ୍ରାଇଭରଙ୍କୁ ବିନା କାରଣରେ ପୋଲିସ ଗିରଫ କରୁଛି। ଖଣି ବିଭାଗ ଓ ପୋଲିସ ବିଭାଗ ପକ୍ଷରୁ ଯେଉଁ ଭଳି ଭାବେ ଜାଣି ଶୁଣି ରାସ୍ତାରେ ହଇରାଣ କରା ଯାଉଛି ତାହା ବନ୍ଦ କରିବାକୁ ଦାବି କରାଯାଇଛି। ସଂଘ୍ ୧୧ ଦଫା ଦାବିରେ ସରକାର୍ ସମସ୍ୟା ସମାଧାନ ନ କରିବା ପର୍ୟ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ପୂର୍ବ ସରକାର ଫାଇନ ଗୋଟିଏ ପ୍ରକାର୍ କରିଥିବା ବେଳେ ବର୍ତମାନର ସରକାର ଜୋରିମାନା ରାଶିକୁ ୪ ଲକ୍ଷ ଟଙ୍କା କୁ ବୃଦ୍ଧି କରିଥିବାରୁ ପୂନର୍ବାର ସରକାର୍ ଜୋରିମାନା ରାଶି ସମ୍ପର୍କରେ ଆଲୋଚନା କରି ସଂଶୋଧିତ କରିବା ପାଇଁ ଦାବି କରିଛନ୍ତି ମାଲିକ ସଂଘ।ଏହି ବୈଠକ ରେ ସମ୍ପାଦକ ସୌମ୍ୟ ରଞ୍ଜନ ବଳୀୟାରସିଂହ, ପ୍ରତାପ କୁମାର ସାହୁ, ପ୍ରକାଶ କୁମାର ସାହୁ, ଆସଫ ଅଲ୍ଲୀ, କୈଳାସ ପ୍ରଧାନ, ରାଜୀବ ଲୋଚନ ବେହେରା, ରାଜେଶ କୁମାର ପ୍ରଧାନ, ରାମଚନ୍ଦ୍ର ସାହୁ, ଶେଷରେ ସ୍ଥାୟୀ ସମାଧାନ ନ ହେଲେ ରାଜ ରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି ସଂଘ, ଉପ ସଭାପତି ଅଜୟ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ରାମଦୟା ପରିଷଦ ପକ୍ଷରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ



ନିରାକାରପୁର,(ସବ୍ୟୁ) :ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ରାମଦୟା ପରିଷଦ ପକ୍ଷରୁ ଅନୁଷ୍ଠିତ ମେଧା ଅଭିନନ୍ଦନ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଅଧ୍ୟାପକ ଡ ବେଣୁଧର ଦାସଙ୍କ ଅଧ୍ୟକ୍ଷତାରେ ରାମଦୟା ପରିଷଦ ସଭାପତି ଡ ମୃତ୍ୟୁଞ୍ଜୟ ରଥଙ୍କ ସଂଚାଳନରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବାଣିଜ୍ୟ ଓ ପରିବହନ, ଖଣି , ଇସ୍ପାତ ମନ୍ତ୍ରୀ ଶ୍ରୀଯୁକ୍ତ ବିଭୂତି ଭୂଷଣ ଜେନା, ସମ୍ମାନୀତ ଅତିଥିଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ,ବିଶ୍ୱ ହିନ୍ଦୁ ପରିଷଦ କେନ୍ଦ୍ରୀୟ ମାର୍ଗ ଦର୍ଶକ ସ୍ୱାମୀ ସତ୍ୟାନନ୍ଦ ଗିରି, ନିରାକାରପୁର କଲେଜ ଅଧକ୍ଷ୍ୟା ବ୍ରତତୀ ମିଶ୍ର, ସମାଜସେବୀ ଜଗବନ୍ଧୁ କର ଓ ରାମଦୟା ପରିଷଦ ସମ୍ପାଦକ ଗଙ୍ଗାଧର ତ୍ରିପାଠୀ ପ୍ରମୁଖ ଯୋଗଦେଇ ଅଞ୍ଚଳର ୧୪ ହାଇସ୍କୁଲର ୧୪ ଜଣ ଓ ଯୁକ୍ତ ୩ , ଯୁକ୍ତ ୨ ର ୬ ଜଣ ଛାତ୍ର ଛାତ୍ରୀ ଅଞ୍ଚଳର ବିଭିନ୍ନ ପ୍ରତିଭାବାନ ବ୍ୟକ୍ତି ବିଶେଷ ଓ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ୧୪ ଜଣ ବ୍ୟକ୍ତି ବିଶେଷ , ଜିଲ୍ଲାର ୨୫ ଜଣ ସାମ୍ବାଦିକଙ୍କୁ ଉତ୍ତରୀୟ ସହିତ ମାନପତ୍ର ପ୍ରଦାନ କରିଥିଲେ। ଶେଷରେ ରାମଦୟା ପରିଷଦ ଉପସଭାପତି ସତ୍ୟବାଦୀ ବଳବନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ସାରଙ୍ଗଧର ବଳିଆରସିଂହ,ଯୁଗ୍ମ ସମ୍ପାଦକ ରମାନାଥ ଦାଶ, ଯୁଗ୍ମ ସମ୍ପାଦକ ଅଶୋକ ବାହୁବଳେନ୍ଦ୍ର,ଲକ୍ଷ୍ମୀଧର ଦଳେଇ,ବରିଷ୍ଠ ସଭ୍ୟ ବେଣୁଧର ଚମ୍ପତିରାୟ,ଲକ୍ଷ୍ମୀଧର ସାମନ୍ତରାୟ ଓ ସର୍ବେଶ୍ୱର ପାହାଡ଼ସିଂହ, ବିଜୟ କୁମାର ମହାପାତ୍ର ପ୍ରମୁଖ ଙ୍କ ସମେତ ସମସ୍ତ ସଭ୍ୟ ସହଯୋଗ କରିଥିଲେ।ଏହି ଅବସରରେ ରାମଦୟା ପରିଷଦର ଧାର୍ମିକ ପତ୍ରିକା ଧର୍ମଧାରା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା।

# ଭାପୁର ପ୍ରେସ କ୍ଲବ ବାର୍ଷିକ ଉତ୍ସବ




ନୟାଗଡ଼ ,(ସବ୍ୟୁ) : ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ସଦର ମହକୁମାରେ ଅବସ୍ଥିତ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ପରିସରରେ 'ଭାପୁର ପ୍ରେସ କ୍ଲବ ର ନବମ ବାର୍ଷିକ ଉତ୍ସବ ଓ ଜାତୀୟ ସାମ୍ବାଦିକତା ଦିବସ କ୍ଲବର ସଭାପତି ରଞ୍ଜନ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗଦେଇ ସାମ୍ବାଦିକ ମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ କରିବାପାଇଁ ପ୍ରତିଶୃତି ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ କଟକ ସାଂସଦଙ୍କ ନୟାଗଡ଼ ଜିଲ୍ଲା ପ୍ରତିନିଧି ଗୟାଧର ପରିଡା, ଭାପୁର ତହସିଲଦାର ଅର୍ଜୁନ ପ୍ରଧାନ, ଫତେଗଡ଼ ଥାନା ଅଧିକାରୀ ପଞ୍ଚାନନ ପରିଡା, ଭାପୁର ବିଟ୍ ହାଉସ୍ ଅଧିକାରୀ ସଞ୍ଜୟ କୁମାର ପରିଡ଼ା, କଟକ ସାଂସଦଙ୍କ ଭାପୁର ବ୍ଲକ ପ୍ରତିନିଧି ତୋଫାନ କୁମାର ପ୍ରଧାନ, ଭାପୁର ବ୍ଲକ ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସରୋଜ କୁମାର ନାୟକ, ବାଲୁଙ୍କେଶ୍ୱରଦେବ ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟ ଟିକିରିପଡ଼ାର ଅଧ୍ୟକ୍ଷ ସାରଙ୍ଗଧର କର, ପ୍ରହଲ୍ଲାଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପଦ୍ମାବତୀର ଅଧ୍ୟକ୍ଷ ରବିନ୍ଦ୍ର କୁମାର ମଲ୍ଲ, ଭାପୁର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ସନ୍ତୋଷ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିବାବେଳେ ଭାପୁର ବରିଷ୍ଠ ନାଗରିକ ସଂଘର ସମ୍ପାଦକ ପ୍ରଭାକର ସାହୁ, ଭାପୁର ବଣିକ ସଂଘ ସଭାପତି କାର୍ତ୍ତିକ ଚନ୍ଦ୍ର ନାୟକ ଓ ସମ୍ପାଦକ ସନାତନ ସାହୁ, ସୋସିଆଲ ମିଡ଼ିଆ ସଂଘର ସଭାପତି ଶଶୀଭୂଷଣ ରାଉତରାୟ, ଭାପୁର ବନପାଳ ବନମାଳୀ ରାଉତ, ଆଞ୍ଚଳିକ ସାମ୍ବାଦିକ ସଙ୍ଘ ଖଣ୍ଡପଡ଼ାର ସମ୍ପାଦକ ଭବାନୀଶଙ୍କର ସିଂହ ସାମନ୍ତ, ଭାପୁର ପ୍ରେସ କ୍ଲବର ଉପଦେଷ୍ଟା ତଥା କବିରାଜ ଚିନ୍ତାମଣି ସରକାରୀ ଉଚ୍ଚ ବିଦ୍ୟାଳୟ ବାରବାଟି,ନୂଆଗାଁର ପ୍ରଧାନ ଶିକ୍ଷକ ମନୋଜ କୁମାର ଶତପଥୀ, ସମାଜସେବୀ ପ୍ରଫୁଲ୍ଲ କୁମାର ସାହୁ, ଭାପୁର ପ୍ରେସ କ୍ଲବର ପୂର୍ବତନ ସଭାପତି ତଥା ଅଧ୍ୟାପକ ଜ୍ଞାନରଞ୍ଜନ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।।ସୋସିଆଲ ମିଡ଼ିଆ ସଂଘର ସଭ୍ୟ ବିପିନ ରାଉତଙ୍କ ଅକାଳ ବିୟୋଗରେ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଅତିଥି ମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପରେ ଅତିଥି ମାନଙ୍କ ପରିଚୟ ପ୍ରଦାନ କରାଯିବା ସହ କ୍ଲବର ସମ୍ପାଦକ ଶିଶିର ସାହୁଙ୍କ ଦ୍ୱାରା ସଂପାଦକୀୟ ବିବରଣୀ ପଠନ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରି ଭାପୁର ବ୍ଲକକୁ ଗୌରବାନ୍ୱିତକରିଥିବା ଓଡ଼ିଶା ପ୍ରଶାସନିକ ସେବା କ୍ଷେତ୍ରରେ ବଳଭଦ୍ର ବେହେରା, ନୀଟ୍ ରେ କୃତକାର୍ଯ୍ୟ ହୋଇଥିବା ବିଶ୍ୱଜିତ୍ ଦଳେଇ, ସତ୍ୟଜିତ ଦଳେଇ, ସବ୍ୟସାଚୀ ବିଶ୍ୱାଳ, ଅଭିଷେକ ବେହେରା, ଫତେଗଡ଼ ଥାନା ଅଧିକାରୀ ପଞ୍ଚାନନ ପରିଡା, ଭାପୁର ବିଟ୍ ହାଉସ୍ ଅଧିକାରୀ ସଞ୍ଜୟ କୁମାର ପରିଡ଼ା, ସମାଜସେବୀ ଜିତେନ୍ଦ୍ର କୁମାର ରଣସିଂହ, ସଫଳ ବ୍ୟବସାୟୀ ନାରାୟଣ ମହାପାତ୍ର, ମାୟାଧର ପ୍ରଧାନ, ସ୍ୱେଚ୍ଛାସେବୀ ଅଶୋକ କୁମାର ବେହେରା ଏବଂ ଆଞ୍ଚଳିକ ସାମ୍ବାଦିକ ସଂଘ ଖଣ୍ଡପଡ଼ା ଆଦି ପ୍ରତିଭା ମାନଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ମଞ୍ଚାସିନ ଅତିଥି ମାନଙ୍କ ଦ୍ୱାରା ଗରୀବ, ଅସହାୟ, ବୃଦ୍ଧ, ବୃଦ୍ଧା ମାନଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା।କ୍ଲବର ସହ ସମ୍ପାଦକ ସୁଶାନ୍ତ କୁମାର ପଟ୍ଟନାୟକ ଧନ୍ୟବାଦ କରିଥିଲେ।

ସମୟ

# ଅମୃତର ସ୍ରଷ୍ଟା ତପସ୍ୱୀ ଗଙ୍ଗାଧର

## ବୈଷ୍ଣବ ମେହେର

ସାହିତ୍ୟ ସେତେବେଳେ ସାଧାରଣ ଜନମାନସକୁ ଅଧିକ ମାତ୍ରାରେ ପ୍ରଭାବିତ କରି ରଖେ, ଯେତେବେଳେ ସ୍ୱୟଂ ସ୍ରଷ୍ଟାଙ୍କ ଜୀବନ ପ୍ରକ୍ରିୟା ତାର ସେହି ସାହିତ୍ୟର ଅନୁରୂପ ପ୍ରଭାହିତ ହୋଇଥାଏ । ଓଡ଼ିଆ ସାହିତ୍ୟରେ ସେହିଭଳି ଜଣେ ସାହିତ୍ୟ ସ୍ରଷ୍ଟା ହେଉଛନ୍ତି ସ୍ୱଭାବ କବି ଗଙ୍ଗାଧର ମେହେର, ଯାହାଙ୍କ ଲେଖନୀ ଏବଂ ଜୀବନ ଧାରଣ ମଧ୍ୟରେ ଅସମ୍ଭବ ସମାନତା ପରିଲକ୍ଷିତ ହୋଇଥାଏ । ନିଜ ଜୀବନ କାଳରେ ନାନା ଦୁଃଖକଷ୍ଟର ସାମନା କରି ସେ ଯେଉଁ ସଂଘର୍ଷଭରା ଜୀବନ ଅତିବାହିତ କରିଛନ୍ତି,ତାହା ଅନ୍ୟ ସାରସ୍ୱତ ସାଧକଙ୍କ ଜୀବନରେ ଖୁବ୍ କମ୍ ଦେଖିବାକୁ ମିଳେ ।

ଜୀବନର ଅନେକ ଘଡ଼ିସନ୍ଧି ମୁହୂର୍ତ୍ତରେ ସ୍ୱଭାବ କବିଙ୍କ ବ୍ୟକ୍ତିତ୍ୱରେ ପ୍ରକାଶ ଲାଭ କରିଥିବା ଧୈର୍ଯ୍ୟ ଓ ଅବିଚଳିତ ଭାବ ସାଂପ୍ରତିକ ସମାଜରେ ବେଶ ମହତ୍ୱପୂର୍ଣ୍ଣ ମନେ ହୁଏ । ଅସତ୍ୟ, ଅନ୍ୟାୟ, ଅଧର୍ମ ପ୍ରତି ସଦାସର୍ବଦା ସାରସ୍ୱତ ସଂଗ୍ରାମ କରି ଆସିଥିବା କବି ଗଙ୍ଗାଧରଙ୍କ ଅସୀମ ଧୈର୍ଯ୍ୟ, ସୀମାହୀନ ସହନଶୀଳତା, ଦୃଢ଼ ମନୋବଳ, ଅନ୍ୟକୁ କ୍ଷମା କରି ଦେବାର ମହନୀୟତା, ସତ୍‌କର୍ମ ଓ ପରୋପକାରକୁ ଅନୁଧ୍ୟାନ କଲେ ସେ ଜଣେ ସାଧାରଣ ସାଂସାରିକ ମଣିଷ ବୋଲି ବିଶ୍ୱାସ କରିହୁଏ ନାହିଁ । ବରଂ ସ୍ୱଭାବ କବି ଯେ, ଜଣେ ବିନୟ ସାହିତ୍ୟ ତପସ୍ୱୀ ବୋଲି ସ୍ୱୀକାର କରିହୁଏ ।

ଗଙ୍ଗାଧରଙ୍କ କାବ୍ୟକବିତାରେ ଭରି ରହିଥିବା କର୍ମଯୋଗୀ ଭାବ, ଈଶ୍ୱର ବିଶ୍ୱାସୀ, ଆଶାବାଦୀ ହେବା ମଣିଷ ପାଇଁ ଯେତିକି ପ୍ରେରଣାଦାୟୀ ତା' ଠାରୁ ବେଶ୍ ଅଧିକ ଉତ୍ସାହ ପ୍ରଦାନ କରିଥାଏ । ଗଙ୍ଗାଧରଙ୍କ ବ୍ୟକ୍ତିଗତ ଜୀବନଧାରାରେ ପରିପୁଷ୍ଟ ଶିଷ୍ଟତା, ସଦାଚାର, ନମ୍ରତା, ଧୈର୍ଯ୍ୟ, ବିନୟ, ନିଷ୍କପଟ, ସରଳ, ଆମାୟିକପଣର ଉତ୍କର୍ଷତା କୁହାଯାଏ ବ୍ୟକ୍ତିଗତ ଜୀବନରେ ଅନେକ ବିପତ୍ତିକୁ ସାମନା କରି ମର୍ମେ ମର୍ମେ ଦୁଃଖକଷ୍ଟକୁ ଅନୁଭବ କରିଥିବା କବି ଗଙ୍ଗାଧରଙ୍କ ଲେଖନୀରେ ତାଙ୍କର ମାର୍ମିକ ଅନୁଭବ ହିଁ ପ୍ରତିଫଳିତ ହୋଇଥିବା ବିଶ୍ୱାସ କରାଯାଏ । ନିଜ ହୃଦୟର ବାସ୍ତବ ଅନୁଭବ କବିଙ୍କ ସାରସ୍ୱତ ଜୀବନରେ ପରିପ୍ରକାଶ ଘଟିଥିବାରୁ କବିଙ୍କ ପ୍ରତ୍ୟେକ ସୃଷ୍ଟି ଆଜି ଶତାଧିକ ବର୍ଷ ପରେ ମଧ୍ୟ ତାର ମୌଳିକତା ଅକ୍ଷୁଣ୍ଣ ରହିଛି ।

ଯଥାର୍ଥରେ କବି କହୁଥିଲେ, 'ମୁଁ ଏ ସଂସାରର ଔଷଧ ଗଛ' । ଗଙ୍ଗାଧରଙ୍କ ଏହି ଗୋଟିଏ ଧାଡ଼ି ତାଙ୍କ ଚିନ୍ତା ଓ ଚେତନାରେ ପରିପୂର୍ଣ୍ଣ ରହିଥିବା ମାଧୁର୍ଯ୍ୟତାର ସ୍ପଷ୍ଟ ପରିଚୟ ପ୍ରଦାନ କରେ । ନିଛକ ଭାବ ଓ ଭାବନାରେ ସାଂସାରିକ ଜୀବନକୁ ହୃଦୟର ସହ ଅନୁଭବ କରିଥିବା ଋଷି ପ୍ରତିମ କବି ଗଙ୍ଗାଧର ଉଭୟ ନିଜେ ବଞ୍ଚିଥିବା ଜୀବନଶୈଳୀ ଓ ନିଜ ସୃଷ୍ଟି ସମ୍ଭାର ମାଧ୍ୟମରେ ପ୍ରକୃତରେ ସେ ଔଷଧୀୟ ବୃକ୍ଷ ସମ ସଂସାରର କଳୁଷିତତାର ନିରାକରଣ ନିମିତ୍ତ ଉଦ୍ୟମ କରିଛନ୍ତି । ସକଳ ନୈରାଶ୍ୟତା କେବେ କବିଙ୍କୁ ବିମୁଖ କରିପାରି ନାହିଁ ବରଂ ତାଙ୍କୁ ପରିଚିତ କରାଇ ଦେଇଛି ଅମୃତର ବିନ୍ଦୁ ସହ । ସେଥିପାଇଁ ତ ସମଗ୍ର ବିଶ୍ୱ ତାଙ୍କ ମହନୀୟ ଦୃଷ୍ଟିରେ ପାଲଟିଯାଇଛି ଅମୃତମୟ ।

କେବଳ କାବ୍ୟାଦର୍ଶ କିମ୍ବା କବିପ୍ରତିଭା ବଳରେ ତତ୍କାଳିନ ସମାଜରେ କବି ଗଙ୍ଗାଧର ଜନପ୍ରିୟ ହୋଇ ପାରିଥିଲେ, ତାହା ନୁହେଁ ବରଂ ନିଜ ଜୀବନରେ ବ୍ୟକ୍ତିଗତ ସାଧୁତା, ସମ୍ମାନବୋଧ, ସହନଶୀଳତା, ବିନମ୍ର ମଧୁର ଭାବରେ ସେ ସମସ୍ତଙ୍କୁ ଆକର୍ଷିତ କରିପାରିଥିଲେ । ଥରେ କବି ତାଙ୍କ ପ୍ରିୟବନ୍ଧୁ ବ୍ରଜମୋହନ ପଣ୍ଡାଙ୍କ ନିକଟକୁ ପ୍ରେରଣ କରିଥିବା ଗୋଟିଏ ପତ୍ରରେ ଲେଖିଥିଲେ, 'ମୁଁ ଉଚ୍ଚପଦ ବା ଉନ୍ନତ ବେଶଭୂଷା ଲାଳସୀ ନୁହେଁ । ଦରିଦ୍ର ଭାବରେ ଜୀବନ କଟାଇବାକୁ ଲଜ୍ଜିତ ବି ନୁହେଁ । ସାଧୁତା ରକ୍ଷା ମୋ ଜୀବନର ଏକ ମାତ୍ର ଲକ୍ଷ୍ୟ ।

**ଜୀବନର ଅନେକ ଘଡ଼ିସନ୍ଧି ମୁହୂର୍ତ୍ତରେ ସ୍ୱଭାବ କବିଙ୍କ ବ୍ୟକ୍ତିତ୍ୱରେ ପ୍ରକାଶ ଲାଭ କରିଥିବା ଧୈର୍ଯ୍ୟ ଓ ଅବିଚଳିତ ଭାବ ସାଂପ୍ରତିକ ସମାଜରେ ବେଶ ମହତ୍ୱପୂର୍ଣ୍ଣ ମନେ ହୁଏ । ଅସତ୍ୟ, ଅନ୍ୟାୟ, ଅଧର୍ମ ପ୍ରତି ସଦାସର୍ବଦା ସାରସ୍ୱତ ସଂଗ୍ରାମ କରି ଆସିଥିବା କବି ଗଙ୍ଗାଧରଙ୍କ ଅସୀମ ଧୈର୍ଯ୍ୟ, ସୀମାହୀନ ସହନଶୀଳତା, ଦୃଢ଼ ମନୋବଳ, ଅନ୍ୟକୁ କ୍ଷମା କରି ଦେବାର ମହନୀୟତା, ସତ୍‌କର୍ମ ଓ ପରୋପକାରକୁ ଅନୁଧ୍ୟାନ କଲେ ସେ ଜଣେ ସାଧାରଣ ସାଂସାରିକ ମଣିଷ ବୋଲି ବିଶ୍ୱାସ କରିହୁଏ ନାହିଁ । ବରଂ ସ୍ୱଭାବ କବି ଯେ, ଜଣେ ବିନୟ ସାହିତ୍ୟ ତପସ୍ୱୀ ବୋଲି ସ୍ୱୀକାର କରିହୁଏ ।**

ଥରେ କବିଙ୍କ ବନ୍ଧୁ ଲରମ୍ଭାରେ ସ୍ଥାପିତ ସ୍କୁଲରେ କବିଙ୍କ ପୁତ୍ର ଭଗବାନ ମେହେରଙ୍କୁ ଅସ୍ଥାୟୀ ପ୍ରଧାନ ଶିକ୍ଷକ ଭାବରେ କାର୍ଯ୍ୟ କରିବାକୁ ପଠାଇ ଦେବାକୁ କବିଙ୍କୁ ପତ୍ର ଲେଖିଥିଲେ । ଏହାର ଉତ୍ତରରେ କବି କିନ୍ତୁ ଲରମ୍ଭା ସ୍କୁଲ 'ଡି' କାଉନସିଲ ଅଧୀନ ଥିବାରୁ ଏବଂ ତାଙ୍କ ପୁତ୍ର ଏନଟ୍ରାସ ପାଶ କରି ନ ଥିବାରୁ ଏହି ପଦବୀ ପାଇଁ ତା'ର ଯୋଗ୍ୟତା ନ ଥିବା ଦର୍ଶାଇ ଭଗବାନଙ୍କୁ ଲରମ୍ଭା ଯିବାକୁ ବାରଣ କରିଥିବା ଉଲ୍ଲେଖ କରିଥିଲେ । ଏହିପରି ଭାବରେ ପୁତ୍ର ପାଇଁ ଆସିଥିବା ଏକ ଆୟକ୍ଷମ ବୃତ୍ତିକୁ ମଧ୍ୟ ସେ ଉପେକ୍ଷା କରି ନିଜ ସାଧୁତାର ପରିଚୟ ଦେଇଥିଲେ ।

୧୮୮୫ ମସିହାରେ ବରପାଲିର ଜମିଦାର ରାୟବାହାଦୁର ଲାଲାଙ୍କର ପରାଜ ସିଂହଙ୍କ ଜମିଦାରୀରେ କବି ଜଣେ ଅମୀନ ଭାବରେ ନିଯୁକ୍ତି ପାଇଥିଲେ । ସେହି ସମୟରେ ଜମିଦାର ଓ ତାଙ୍କ ମୋକ୍ତାରଙ୍କ ନାମରେ ଏକ ଗ୍ରାମକୁ ଅନଧିକାର ପ୍ରବେଶ ଅଭିଯୋଗ ମୋକଦ୍ଦମାରେ ଅଭିଯୁକ୍ତ କରାଯାଇଥିଲା । ସେତେବେଳେ ଜମିଦାରଙ୍କ ତରଫରୁ ତାଙ୍କ ସପକ୍ଷରେ କୋର୍ଟରେ ସଫାଇ ଦେବାକୁ ଗଙ୍ଗାଧରଙ୍କୁ ପ୍ରବର୍ତ୍ତା ଯାଇଥିଲା ।

ଗଙ୍ଗାଧର କିନ୍ତୁ ନିଜ ସାଧୁତାର ଅନୁରୂପ କୋର୍ଟରେ ସବୁ ସତକଥା କହିବାରୁ ଜମିଦାର ଖଲାସ ହେବା ପରିବର୍ତ୍ତେ ଦୋଷୀ ସାବ୍ୟସ୍ତ ହୋଇଥିଲେ । ଏହା କବି ଗଙ୍ଗାଧରଙ୍କ ଅପୂର୍ବ ସାହସ ଏବଂ ନିଃସ୍ୱାର୍ଥପର ସଚ୍ଚୋଟତାର ପରିଚୟ ବହନ କରେ । ସୀମିତ ଦରମାରେ କଷ୍ଟେମଷ୍ଟେ ପରିବାର ପ୍ରତିପୋଷଣ କରୁଥିବା କବି ନିଜ କବିବୃତ୍ତିରୁ ମିଳୁଥିବା ଧନକୁ କେବେ ବି ନିଜ ପାଇଁ ବ୍ୟୟ କରୁ ନଥିଲେ । ନିଜର ପ୍ରକାଶିତ ପୁସ୍ତକ ବିକ୍ରିରୁ ପ୍ରାପ୍ତି ହେଉଥିବା ଅର୍ଥକୁ ସେ ସବୁବେଳେ ସାହିତ୍ୟ କିମ୍ବା ସମାଜର ସେବାରେ ହିଁ ବିନିଯୋଗ କରି ଦେଉଥିଲେ । କବିବର ରାଧାନାଥ ରାୟଙ୍କ ପ୍ରଚେଷ୍ଟାରେ ୧୮୯୬ ମସିହାରେ ଗଙ୍ଗାଧରଙ୍କ ଇନ୍ଦୁମତୀ କାବ୍ୟ ସ୍କୁଲ ପାଠ୍ୟ ପୁସ୍ତକ ରୂପେ ଗୃହୀତ ହୋଇଥିଲା । ଫଳରେ ଏହି ପୁସ୍ତକ ବର୍ଷକୁ ବେଶ କିଛି ଖଣ୍ଡ ବିକ୍ରୟ ହେବାର ସମ୍ଭାବନା ଥିଲା । ତଥାପି ଗଙ୍ଗାଧର ନିଜ ଖର୍ଚ୍ଚରେ ଛପାଇଥିବା ପୁସ୍ତକ ଇନ୍ଦୁମତୀର ୧୦୦ ଖଣ୍ଡ କପି ଉତ୍କଳ ସାହିତ୍ୟ ପତ୍ରିକାକୁ ସେତେବେଳେ ଦାନ କରି ଦେଇଥିବା ଜଣାପଡ଼େ । କାବ୍ୟ ସାଧନା ଯେ ସମ୍ପୂର୍ଣ୍ଣ ଭାବରେ ଅଭିଳାଷଶୂନ୍ୟ ଏକ ନିରପେକ୍ଷ ତପସ୍ୟା ଏଥିରେ କବିଙ୍କ ଗଭୀର ବିଶ୍ୱାସ ପୁରି ରହିଥିଲା ।

ସକଳ ଯାତନା, ନିର୍ଯାତନା ଓ ଅସୁମାରି ଦୁଃଖ ସତ୍ତ୍ୱେ କବି ଗଙ୍ଗାଧରଙ୍କ ଲେଖନୀର ତେଜ ସବୁବେଳେ ତେଜିୟାନ ହୋଇ ରହିଥିଲା । ୧୮୮୭ ମସିହାରେ କବିଙ୍କ ଧର୍ମପତ୍ନୀ ଶାନ୍ତାଦେବୀଙ୍କ ଅକାଳ ବିୟୋଗ ଘଟିଥିଲା । ବରପାଲିରେ ହଇଜା ଲାଗିଥିବାରୁ ପରିବାର ବର୍ଗଙ୍କୁ ରୋଗରୁ ରକ୍ଷା କରିବାକୁ ଗଙ୍ଗାଧର ବରପାଲି ନିକଟସ୍ଥ ରାବନଗୁଡ଼ାକୁ ଆଶ୍ରୟ ନେବା ପାଇଁ ଚାଲିଯାଇଥିଲେ । କିନ୍ତୁ ସେଠାକାର ଗ୍ରାମବାସୀ ଗଙ୍ଗାଧର ପରିବାରକୁ ଆଶ୍ରୟ ଦେବା ପାଇଁ ମନା କରିବାରୁ ସେମାନେ ବାଧ୍ୟହୋଇ ଏକ ଆମ୍ବତୋଟାରେ ଆଶ୍ରୟ ନେଇଥିଲେ । ସପ୍ତାହବ୍ୟାପୀ ଖୋଲା ସ୍ଥାନରେ ବର୍ଷାପାଣି ଓ ଥଣ୍ଡାରେ ରହି ଗର୍ଭବତୀ ଶାନ୍ତାଦେବୀ ଅସୁସ୍ଥ ହୋଇ ପଡ଼ିଲେ । ଏହାର କିଛି ଦିନ ପରେ ପତ୍ନୀ ଶାନ୍ତାଙ୍କ ଜୀବନ ପ୍ରଦୀପ ଲିଭି ଯାଇଥିଲା । ପ୍ରାଣପ୍ରିୟାଙ୍କ ଆକସ୍ମିକ ବିଚ୍ଛେଦରେ ବିରହୀ ସ୍ୱାମୀ ହୃଦୟର ମରମ ବେଦନା କବିଙ୍କ ପରବର୍ତ୍ତୀ ଲେଖନୀରେ ବ୍ୟକ୍ତି ହୋଇପଡ଼ିଛି । କବିଙ୍କ ଶ୍ରେଷ୍ଠ କାବ୍ୟ ତପସ୍ୱିନୀରେ ବିଜନ ପ୍ରାଙ୍ଗଣରେ ବିରହୀ ଶ୍ରୀରାମଚନ୍ଦ୍ରଙ୍କ ପତ୍ନୀ ସ୍ମୃତିରେ ଅଶ୍ରୁ ବିସର୍ଜନ ହିଁ ଗଙ୍ଗାଧରଙ୍କ ବାସ୍ତବ ଜୀବନର କରୁଣ ଅଭିବ୍ୟକ୍ତି ବୋଲି କୁହାଯାଇଥାଏ ।

ଶେଷ ପର୍ଯ୍ୟାୟରେ ଶାନ୍ତିରେ ବଞ୍ଚିବାର ଆଶା ନେଇ କବି ନିଜ ଜନ୍ମମାଟି ବରପାଲିକୁ ଆସିଥିଲେ । କିନ୍ତୁ ବରପାଲିର ଅତ୍ୟାଚାରୀ ଜମିଦାର ତାଙ୍କୁ ଶାନ୍ତିରେ ରହିବାକୁ ଦେଇ ନ ଥିଲେ । ଗଙ୍ଗାଧର ମଧ୍ୟ ସବୁକିଛି ସହି ନ ଯାଇ ଜମିଦାରଙ୍କୁ ସତ୍‌ମାର୍ଗକୁ ଆଣିବାକୁ ପ୍ରୟାସ କରିଥିଲେ । ସାହସର ସହ ଜମିଦାରଙ୍କ ବିଭିନ୍ନ ଦୋଷ ଦୁର୍ବଳତାକୁ ଇଙ୍ଗିତ କରି ତାଙ୍କୁ ପରାମର୍ଶ ଦେବାରୁ କ୍ରୋଧାନ୍ୱିତ ଜମିଦାର କବିଙ୍କୁ ଗୁଳି କରି ଜୀବନରୁ ମାରି ଦେବାର ଧମକ ଦେଇଥିଲେ । ଏହାର ଜବାବରେ ସଚ୍ଚୋଟ ଅଥଚ ନିର୍ଭୀକ କବି ସେଦିନ ଜମିଦାରଙ୍କୁ ଅତ୍ୟନ୍ତ ଶାନ୍ତ ଭାବରେ କହିଥିଲେ ଯେ, ଆପଣ ମୋତେ ଗୁଳି କରି ମାରି ଦେଲେ ଆପଣଙ୍କ ଚରିତ୍ର ଯଦି ସଂଶୋଧିତ ହୋଇଯିବ, ତେବେ ସେଥିରେ ମୋର ଜୀବନ ସାର୍ଥକ ହୋଇଗଲା ବୋଲି ମୁଁ ଭାବିବି ।

ଆଉ ଏକ ଘଟଣାରେ ମଧ୍ୟ କବିଙ୍କ ଅନନ୍ୟ ଉଦାରତାର ପରିଚୟ ଅନୁମାନ କରାଯାଏ । ଅନ୍ୟର ପ୍ରବୋଚନାରେ ପଡ଼ି ଗଙ୍ଗାଧରଙ୍କୁ ଶତ୍ରୁ ମନେ କରୁଥିବା ଜମିଦାର କବିଙ୍କୁ ଗାଳି ଦେବାକୁ ଜଣେ ମେହେନ୍ତରାଣୀକୁ ନିୟୋଜିତ କରିଥିଲେ । କବି ବିଭିନ୍ନ କାମରେ ଘରୁ ବାହାରି ଯିବାଆସିବା କରିବା ବାଟରେ ନାନା ଅଶ୍ଳୀଳ ଭାଷାରେ ଗାଳି କରିବା ଉକ୍ତ ମେହେନ୍ତରାଣୀର କାମ ଥିଲା । ଆଉ ସେହି କାମ ପାଇଁ ମେହେନ୍ତରାଣୀ ଜମିଦାର ଠାରୁ ପାରିଶ୍ରମିକ ମଧ୍ୟ ପାଉଥିଲା । କବି କିନ୍ତୁ ଗାଳି କରୁଥିବା ସେହି ମେହେନ୍ତରାଣୀକୁ କେବେ ବି କିଛି କହୁ ନ ଥିଲେ । ଏହା ଦେଖି କିଛି ଗ୍ରାମବାସୀ କବିଙ୍କୁ କହିବାରୁ ସେ ତା'ର ଗାଳିକୁ ଗ୍ରହଣ କରୁ ନାହାନ୍ତି, ତେଣୁ ଉକ୍ତ ମେହେନ୍ତରାଣୀର ଗାଳିରେ ପ୍ରତିକ୍ରିୟାଶୀଳ ହେବାକୁ ମୁଁ ଆବଶ୍ୟକ ମଣୁ ନାହିଁ ବୋଲି କହିଥିଲେ । ପୁନଶ୍ଚ ତା'ର ସେହି କାର୍ଯ୍ୟରୁ ସେ, ବିଚାରୀ ପେଟ ପୋଷୁଛି ବୋଲି କହିଥିଲେ । ତେଣୁ ତା'କୁ ତାର କର୍ମରୁ ନିବୃତ୍ତ କଲେ , ହୁଏତ ତାର ପରିବାର ପ୍ରତିପୋଷଣରେ ବାଧା ଉପୁଜିପାରେ ବୋଲି ମନେ କରିଥିଲେ ।

ତପସ୍ୱିନୀ କାବ୍ୟର ଏହି ତପସ୍ୱୀ ସାହିତ୍ୟ ସାଧକଙ୍କ ଚିତ୍ର ଓ ଚରିତ୍ରକୁ ଅନୁଶୀଳନ କଲେ ବାସ୍ତବରେ ସେ ଜଣେ ଋଷି ଭଳି ପ୍ରତିୟମାନ ହୁଅନ୍ତି । ବ୍ରହ୍ମାଣ୍ଡର ସମସ୍ତ ବସ୍ତୁକୁ ଈଶ୍ୱରଙ୍କ ପ୍ରସାଦ ମଣୁଥିବା କବି ଗଙ୍ଗାଧର ପ୍ରବଳ ଈଶ୍ୱର ବିଶ୍ୱାସୀ ଥିଲେ । ତେଣୁ ସେ ନିଜର ମୁଁ କାର ଅର୍ଥାତ ଅହଂଭାବକୁ ପରମପୁରୁଷଙ୍କ ପାଦତଳେ ସମର୍ପି ଦେଇ ପାରିଥିଲେ । ତେଣୁ ସ୍ୱଭାବ କବି ଗଙ୍ଗାଧର କେବଳ ଜଣେ ଅସାଧାରଣ ସାରସ୍ୱତ ସ୍ରଷ୍ଟା ନ ଥିଲେ, ଥିଲେ ଜଣେ ପ୍ରକୃତ ତପସ୍ୱୀ । ଆଧ୍ୟାତ୍ମିକତା ସହ ପ୍ରାଣୀ ଜୀବନର ତତ୍ତ୍ୱରାଜିକୁ ଅମୃତମୟ ରୂପେ ଅଭିବ୍ୟକ୍ତି କରି ଗଙ୍ଗାଧର ଏକ ସ୍ୱତନ୍ତ୍ର ମର୍ଯ୍ୟାଦାର ଅଧିକାରୀ ହୋଇ ପାରିଛନ୍ତି ।

**ସଭାପତି , ଗଙ୍ଗାଧର**
**ସାରସ୍ୱତ ସମିତି**
**ସିନାପାଲି,ନୂଆପଡ଼ା**
**ମୋ–୯୭୭୭୭୫୩୯୩୫**

# ଦିନକର ଅନ୍ଧ ଲଉଡ଼ି

## ସୁନନ୍ଦା ମହାନ୍ତି

ଗଳ୍ପ

ମନୀଷର ବାଇକ ଉଡୁଥିଲା ଷାଠିଏରୁ ସତୁରୀ ଭିତରେ ତ ପଛରେ ଲିଫ୍ଟ ମାଗି ବସିଥିବା ସ୍ତ୍ରୀ ଲୋକ ଜଣଙ୍କ କହିଲେ, 'ତୋ ପରି ମୋ ପୁଅ ମଧ ଠିକ୍ ଏତିକି ସ୍ପୀଡ଼ରେ ଗାଡି ଚଳେଇବାକୁ ଭଲ ପାଏ' । ବାଇକ ଆଗକୁ ଗଡୁ ଗଡୁ ହଠାତ ଯିଏ ସାମ୍ନାକୁ ଆସି ଲିଫ୍ଟ ମାଗିଥିଲେ ସେ ଥିଲେ ଜଣେ ବୟସ୍କା, କିନ୍ତୁ ଅନିନ୍ଦ୍ୟ ସୁନ୍ଦରୀ । ମନୀଷ ଭୁଲିଗଲା ଅଚିହ୍ନା ଲୋକଙ୍କୁ କେବେ ବି ଲିଫ୍ଟ ଦେବନି କି ଲିଫ୍ଟ ମାଗିବନି କଥାଟାକୁ । କାରଣ ରାସ୍ତା ମଝିରେ ଏହି ବୟସ୍କା ସୁନ୍ଦରୀ ସ୍ତ୍ରୀ ଲୋକ ଜଣଙ୍କ କଣ ବା କ୍ଷତି କରିବେ ତା'ର ! ପୁଣି ତାର ମନ କହୁଥିଲା ସେ ଯଦି ଚରସ କିମ୍ବା ବ୍ରାଉନ ସୁଗାର ଭଳି କିଛି ମାଦକ ଦ୍ରବ୍ୟ ବେପାର କରୁଥିବେ, ତେବେ ପୋଲିସ ଅଟକାଇ ପଚାରିଲେ ସେ କି ଉତ୍ତର ଦେବ ? ଭାବୁଥିଲା ବେଳେ ତାକୁ ପୁଅ ପରି କହି ତୁ ସମ୍ବୋଧନ କରୁଥିବା ମହିଳା ଏମିତି କିଛି ମନ୍ଦ କାମ କରୁନଥିବେ ବୋଲି ମନେହେଲା ମନୀଷର । ଠିକ୍ ଏତିକି ବେଳକୁ ଝିପି ଝିପି ବର୍ଷା ପକାଇ କୋହଲା ପାଗ ସାଙ୍ଗକୁ ଶୀତ ହେଲା ତ ବାଇକ ଅଟକି ଗଲା ମନୀଷର, ଗୋଟେ କାଫେ ସାମ୍ନାରେ ।

ମହିଳା ଜଣଙ୍କ କଫି ପିଇ ସାରି କହୁଥିଲେ ମୋ ପୁଅ ଠିକ୍ ତୋରି ଭଳି । ମୋ ମନକଥା ଜାଣିଲା ଭଳି ବର୍ଷା ଭିଜା ଶୀତୁଆ ପାଗରେ କଫି ପିଇବାକୁ ନେଇଯାଏ ମତେ । ଏଥର ମନୀଷ ଟିକେ ସହଜ ହୋଇଉଠୁଥିଲା ଯା ହେଉ ମାଆ ସ୍ଥାନରେ ନିଜକୁ ରଖି ମତେ ତାଙ୍କ ନିଜ ପୁଅ ଆସନରେ ବସାଇ ରଖୁଛନ୍ତି ମହିଳା ଜଣଙ୍କ, ମାନେ ଭୟ ନାହିଁ । ଠିକ୍ ଏଇ ସମୟରେ ଭଲ ଅସରାଏ ବର୍ଷା ଆସିଯାଇଥିଲା ତ ମନୀଷ ଆଉଜି ପଡିଥିଲା କ୍ଳାନ୍ତିରେ ସେହି ବୟସ୍କା ସ୍ତ୍ରୀ ଲୋକଙ୍କ କାନ୍ଧରେ । ମହିଳା ଜଣଙ୍କ ପରମ ଶାନ୍ତିରେ ମନୀଷର କପାଳ ଆଉଁସି ଦେଉ ଦେଉ କଫି କାଫେର ମ୍ୟାନେଜର କହିଥିଲେ, ଦିନ ଦୁଇଟାରେ ଆମର କାଫେ ବନ୍ଦ ହୁଏ ମ୍ୟାଡାମ ଆପଣ ଆପଣଙ୍କ ପୁଅଙ୍କୁ ନେଇ ଯାଆନ୍ତୁ । ଏଥର ତ ମହିଳା ଚିହିଁକି ଉଠିଲେ କହିଲେ ମଣିଷପଣିଆ କଣ ନାହିଁ ଆପଣଙ୍କ ପାଖେ ! ଦେଖୁଛନ୍ତି ପୁଅଟା ମୋର ଟିକେ ଶାନ୍ତିରେ ଶୋଇଯାଇଛି ମୋ କାନ୍ଧରେ, ଆଉ ଟିକେ ଅପେକ୍ଷା କରିଗଲେ ଆପଣଙ୍କ ଗୁଡ଼ଘରେ କଣ ଜନ୍ଦା ପଶିଯିବେ ! ନିଦ ଭାଙ୍ଗିଯାଇଥିଲା ମନୀଷର ତ କହିଲା ନାହିଁ ମ୍ୟାନେଜର ବାବୁ ଆମେ ଯାଉଛୁ କହି ମହିଳାଙ୍କୁ ପଛରେ ବସେଇ ଗାଡି ଷ୍ଟାର୍ଟ କଲାବେଳେ ପିଲାଦିନୁ ମାଆଙ୍କୁ ହରେଇଥିବା ମନୀଷ ମାଆର ସଂଜ୍ଞା କଣ ବୁଝିବି ଅବୁଝା ଭାବେ ଭାବୁଥିଲା ମହିଳା ନିଶ୍ଚୟ ତାଙ୍କ ପୁଅକୁ ଖୁବ୍ ଭଲ ପାଆନ୍ତି । କିନ୍ତୁ ମତେ ତାଙ୍କ ପୁଅ ବୋଲି କହି ଏତେ ସ୍ନେହ ଶ୍ରଦ୍ଧା ଅଜାଡି ଦେବାର କାରଣ କଣ ହୋଇପାରେ ? ପୁଅ ତାଙ୍କର ମୋରି ଭଳି ଦେଖିବାକୁ ନା ପୁଅ ମୃତ କି ଜୀବିତ କେଜାଣି ! ଏଥର ଜିଭ କାମୁଡି ଏମିତି ଅଶୁଭ କଥା କାହିଁ ଭାବୁଛି କହି ଆଗେଇ ଯାଉ ଯାଉ ବାଇକ ଅଟକି ଗଲା । ରାସ୍ତା ଜାମ । ଦୁର୍ଘଟଣା ଘଟିଛି ଏଠି । ବସ୍‌ଟି ଗଛରେ ବାଡେଇ ହୋଇ ଯାଇଛି ତ ଦୁଇପଟୁ ରାସ୍ତା ବନ୍ଦ । ବାଇକରୁ ଓହ୍ଲେଇ ଆଗେଇ ଗଲା ମନୀଷ ।

ଯାହା ବୁଝିଲା ଲୋକେ ଅଳ୍ପ ବହୁତ ଖଣ୍ଡିଆ ଖାବେରା ହୋଇଥିଲେ ମଧ ଗୋଟେ ଯୁବକର ମୃତ୍ୟୁ ଘଟିଛି ଓ ତା' ସାଙ୍ଗରେ ଥିବା ତା ମାଆ ଅବସ୍ଥା ସାଙ୍ଘାତିକ ଥିବାରୁ ତାଙ୍କୁ କଟକ ବଡ ମେଡିକାଲକୁ ପଠେଇ ଦିଆଯାଇଛି । ଯୋଉ ଲୋକଠୁ ଏସବୁ ତଥ୍ୟ ସଂଗ୍ରହ କରୁଥିଲା ମନୀଷ, ସେ ଟିକେ ଘଡିଏ ମନୀଷଙ୍କୁ ଚାହିଁ ରହି କହିଲେ ମୃତ ଯୁବକ ଆପଣଙ୍କ ଭାଇ କି ? ନା ନା ମୁଁ ପଥିକ ମାତ୍ର ।

**ମହିଳା ଜଣଙ୍କ କଫି ପିଇ ସାରି କହୁଥିଲେ ମୋ ପୁଅ ଠିକ୍ ତୋରି ଭଳି । ମୋ ମନକଥା ଜାଣିଲା ଭଳି ବର୍ଷା ଭିଜା ଶୀତୁଆ ପାଗରେ କଫି ପିଇବାକୁ ନେଇଯାଏ ମତେ । ଏଥର ମନୀଷ ଟିକେ ସହଜ ହୋଇଉଠୁଥିଲା ଯା ହେଉ ମାଆ ସ୍ଥାନରେ ନିଜକୁ ରଖି ମତେ ତାଙ୍କ ନିଜ ପୁଅ ଆସନରେ ବସାଇ ରଖୁଛନ୍ତି ମହିଳା ଜଣଙ୍କ, ମାନେ ଭୟ ନାହିଁ । ଠିକ୍ ଏଇ ସମୟରେ ଭଲ ଅସରାଏ ବର୍ଷା ଆସିଯାଇଥିଲା ତ ମନୀଷ ଆଉଜି ପଡିଥିଲା** କ୍ଳାନ୍ତିରେ ସେହି ବୟସ୍କା ସ୍ତ୍ରୀ ଲୋକଙ୍କ କାନ୍ଧରେ ।

କେବେ ରାସ୍ତା ଜାମ ଭାଙ୍ଗିବ ସେଇଥିପାଇଁ ପଚାରିଥିଲି କହି ବାଇକ ପାଖକୁ ଫେରିଆସିଥିଲା ମନୀଷ । ପଛପଟେ ଲିଫ୍ଟ ମାଗି ବସିଥିବା ମାଆ ସମାନ ମହିଳାଙ୍କ ଘର ଆଗ ଷ୍ଟପେଜରେ ତାଙ୍କୁ ଓହ୍ଲେଇ ସେ କଟକରେ ପହଁଚିଲା ବେଳକୁ କେତେ ବେଳ ହେବ କିଏ କହିବ? ପୁଣି ଫେରିବାର ଅଛି ନା ତାର । କିନ୍ତୁ ସେ ମହିଳା କୁଆଡେ ଗଲେ ! କିଛି ନକହି ଚାଲିଯିବାକୁ ତାଙ୍କ ବିବେକ କେମିତି ଅନୁମୋଦନ ଦେଲା ତାଙ୍କୁ କେଜାଣି ! ସେଇଥିପାଇଁ ପରା ବଡ଼ପୁରୁଷ ଓ ଜ୍ଞାନୀଗୁଣୀଜନ କହିଛନ୍ତି ତାଙ୍କ ଅଭିଜ୍ଞତାରୁ ଯେ ଅପରିଚିତ ଲୋକଙ୍କୁ କେବେ ବି ଲିଫ୍ଟ ଦେବନି କି ଅପରିଚିତ ଲୋକଙ୍କୁ ଲିଫ୍ଟ ମାଗିବନି ।

ରାସ୍ତା କ୍ଲିଅର ହୋଇଯାଇଥିଲା । ଏଣିକି ତେଣିକି ଅନେଇ କାହାକୁ ନପାଇ ମନୀଷ ବାଧ ହୋଇ ବାଇକ ଷ୍ଟାର୍ଟ କଲା । ଯୋଗକୁ ତା ବନ୍ଧୁ ଡାକ୍ତରଖାନାରେ ଗୋଡ଼ଭାଙ୍ଗି ପଡିଥିବାରୁ ସୌଜନ୍ୟମୂଳକ ସାକ୍ଷାତ ପାଇଁ ମନୀଷ ଯାଉଥିଲା । କିନ୍ତୁ ଡାକ୍ତରଖାନା ଗେଟରେ ପହଁଞ୍ଚି ସ୍ତବ୍ଧ ହେଇପଡ଼ିଲା ମନୀଷ କାରଣ ତା ପଛ ସିଟରେ ବସିଥିବା ମହିଳାଜଣଙ୍କର ଶବ କୋକେଇରେ ଥୁଆ ହୋଇଥିଲା ଓ ଜଣେ ବୟସ୍କ ବ୍ୟକ୍ତି କାନ୍ଦି କାନ୍ଦି କହୁଥିଲେ, 'ବସ୍ ଦୁର୍ଘଟଣାରେ ପୁଅ ତ ଗଲା ତା ସଙ୍ଗେ ତୁମେ ଚାଲିଗଲ, ମୁଁ ବଞ୍ଚିବି କେମିତି ସୁମିତ୍ରା !' ମନୀଷର ଥର ଥର ହାତ ସେହି ବୟସ୍କ ବ୍ୟକ୍ତିଙ୍କ କାନ୍ଧ ଛୁଉଁଥିଲା ତ ସେ ଚମକି ପଡି କହୁଥିଲେ ମନୋଜ । ମୁଁ ମନୋଜ ନୁହେଁ ମଉସା ମୁଁ ମନୀଷ କିନ୍ତୁ ମାଉସୀଙ୍କ ମୁଖାଗ୍ନି ଦେବାକୁ ମତେ ଅନୁମତି ଦେବେ କି? ସେତିକିବେଳେ ମନୀଷର ବାପା ଫୋନ କରୁଥିଲେ ତ ମନୀଷ କହୁଥିଲା ତୁମେ ଆଜି ଆଉ ମତେ ଅପେକ୍ଷା ନକରି ଖାଇକି ଔଷଧ ସେବନ କରି ଶୋଇବ ଯାଅ ବାପା । ମୁଁ ଆଜି ମୋ ବନ୍ଧୁ ପାଖେ ରହୁଛି କହି ମୁଖାଗ୍ନି ନିଆଁ ହୁଳା ଉଠେଇ ନେଇ ମନୀଷ କହୁଥିଲା, 'ରାମ ନାମ ସତ୍ୟ ହେ'। ବର୍ଷା ପଡିଲେ ସେହି ମାଆ କଥା ଖୁବ୍ ମନେ ପଡେ ମନୀଷର ।

**ସାକ୍ଷୀଗୋପାଳ ,ପୁରୀ ,**
**ମୋ–୯୦୪୦୯୭୭୩୨୭**

ସାହିତ୍ୟ ପୃଷ୍ଠାପାଇଁ ଗଳ୍ପ, ପ୍ରବନ୍ଧ, କବିତା ଆଦି ଆପଣ
ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ
ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

# କବିତା

## ଅଗତିର ଗତି

### ଶରତ ଦାଶ

ବୁଝିବାକୁ ଯିଏ ଚାହେଁନାହିଁ ତାକୁ
ବୁଝାଇବ ଅବା କିଏ
ରାତିକୁ ଯେ ଦିନ କହିବ ତାହାକୁ
ଆଲୋକ ବି ଡରି ରହେ ।
ଦେଲା ପରେ ଯିଏ ପ୍ରତ୍ୟାଶା ରଖଇ
ଦାନଧର୍ମ ଯାଏ ନାଶ
କହିଛନ୍ତି ବୁଧେ ଲେଖିଛନ୍ତି ଶାସ୍ତ୍ରେ
ଏହି ସରଳ ରହସ୍ୟ ।
ଜ୍ଞାନୀ ସଦା ଅଟେ କୋମଳ ବିନୟୀ
ଅଜ୍ଞାନ ଗରବେ ଅନ୍ଧ
ପ୍ରେମିକ ସ୍ୱଭାବ ଅତି ଅଦଭୁତ
ନାହିଁ ତା କପଟ ଛନ୍ଦ ।
ପ୍ରଦୀପ ପରାୟେ ଜଳି ଯେ ଦୂରାଏ
ଅଜ୍ଞାନର ଅନ୍ଧକାର
ସେହି ଏକା ସାର ମଣିଷ ଭିତରେ
ବାକି ସମସ୍ତେ ବେକାର ।
ନିଜ ପ୍ରଶଂସାରେ ନିଜକୁ ଯେ ପୋତେ
ତା ପରି ଅଧମ କେହି
ସମଗ୍ର ସଂସାରେ ଖୋଜିଲେ ବି ଥରେ
ପାଇବାର ଆଶା ନାହିଁ ।
ଅଜ୍ଞାନ ପହଁରେ ଗଣ୍ଡୁଷ ଜଳରେ
ଫଡ ଫଡ ଶବ୍ଦ କରି
ଜ୍ଞାନୀ ସବୁବେଳେ ନିରବ ନିଶ୍ଚଳ
ବିତଳ ଥାଏ ଆବୋରି ।
ଯଦି ବିଭୁକୃପା ବଳେ ମିଳିଅଛି
ପଦ ପଦବୀର ଭାର
ସମାଜ ହିତରେ କ୍ଷମତାପ୍ରୟୋଗ
କରି କର ଉପକାର ।
ଅତି ଅହଙ୍କାର ଅତି ଚତୁରତା
ନୁହେଁ କେବେ ଉପକାରୀ
ଯେ କରେ ଧାରଣ ଏହିସବୁ ଗୁଣ
କରନ୍ତି ଘୃଣା ମୁରାରି ।
ଯିବାକୁ ତ ହେବ ଦିନେ ନା ଦିନେ
ଏ ମାୟା ସଂସାର ଛାଡ଼ି
କାହିଁକି ଭ୍ରମିବା ବୃଥାରେ ଭ୍ରମରେ
ସତ୍ୟ ଧର୍ମ ପଥ ହୁଡ଼ି ।
ସର୍ଜ୍ଞାତା ହରି ଜାଣନ୍ତି ସବୁରି
ଗୁଣ କର୍ମ ମନସ୍ଥିତି
ଅବୋଧ ଅଗମ
ନିରାକାର ବ୍ରହ୍ମ
ସଦା ଅଗତିର ଗତି ।

**ଭୁବନେଶ୍ୱର**

## ପବିତ୍ର ପ୍ରଥମାଷ୍ଟମୀ

### ରାମଚନ୍ଦ୍ର ବେହେରା

ଆମ ରାଇଜର ଧର୍ମ ସଂସ୍କୃତି
ସାରା ଭାରତରେ ରଖିଛି ଖ୍ୟାତି
ପବିତ୍ର ମାର୍ଗଶୀରରେ
ପୋରୁହାଁ ଅଷ୍ଟମୀ ଆସଇ ହରଷେ
କୃଷ୍ଣ ଅଷ୍ଟମୀ ତିଥିରେ ।
ମାମୁଁ ଘରୁ ଆସେ ନୂଆ ବସନ
ଅରୁଆ ଚାଉଳ ଫୁଲ ଚନ୍ଦନ
ଭଣଜା ଭାଣିଜୀ ପାଇଁ
ଜ୍ୟୋଷ୍ଠ ସନ୍ତାନର ପୂଜା ବିଧି ହୁଏ
ଶଙ୍ଖ ହୁଳହୁଳି ଦେଇ ।
ପିତାମାତାଙ୍କର ଶୁଭ କାମନା
ଦୀର୍ଘ ଜୀବନର ରଖି ଭାବନା
ହୁଏ ଷଠୀ ମାତା ପୂଜା
ଏଣ୍ଡୁରୀ ପିଠାର ନିଆରା ସୁଆଦ
ପାଟିକୁ ଲାଗଇ ମଜା ।
ଆମ ରାଇଜରେ ଜ୍ୟୋଷ୍ଠ ସନ୍ତାନ
ପାଇଥାଏ ସଦା ମାନ ସମ୍ମାନ
ତାର ହିତ ପାଇଁ ସର୍ବେ
ହର୍ଷ ଉଲ୍ଲାସରେ ପ୍ରଥମାଷ୍ଟମୀକୁ
ପାଳନ୍ତି ରାଇଜେ ଗର୍ବେ ।
ଏ ପର୍ବ ଦିଅଇ ମହତ ଜ୍ଞାନ
ଜ୍ୟୋଷ୍ଠ ରଖିଥାଏ କୁଳର ମାନ
ବାଣ୍ଟିଥାଏ ସ୍ନେହ ଶ୍ରଦ୍ଧା
ଆତ୍ମୀୟଙ୍କ ରକ୍ଷା କରିଥାଏ ସିଏ
ଭୁଲି ବାଧା ଅସୁବିଧା ।
ଆମ ଉତ୍କଳରେ ଯେତେ କନିଷ୍ଠ
ପରାଣେ ମାନନ୍ତି ଜ୍ୟୋଷ୍ଠ ହିଁ ଶ୍ରେଷ୍ଠ
ମାନି ତାହାର ଆଦର୍ଶ
ମାନ ସନମାନ ଦିଅନ୍ତି ଜ୍ୟୋଷ୍ଠକୁ
ଖୁସି ମିଳଇ ଅଶେଷ ।

ତେନ୍ତୁଳିପଦା,ଜଗତସିଂହପୁର
ମୋ–୭୩୫୫୬୩୪୩୪୬

## ମୁଁ ବି ତୁମକୁ ଭଲ ପାଏ

### କବିରତ୍ନ ନୂତନ କୁମାର ବେହେରା

ତୁମେ ମୋତେ ଭଲ ପାଅ
ଜାଣିଲା ପରେ ହୃଦୟରେ ଅନୁଭବ କରି
ମୋ ଆତ୍ମା ତୁମ ଆତ୍ମାରେ ମିଶିଯାଏ
ପ୍ରତିଟି ପ୍ରାଣର ସ୍ପନ୍ଦନରେ ତୁମକୁ ଖୋଜେ
ମୁଁ ବାରିପାରେ ତୁମ ନିଃଶ୍ୱାସ ପ୍ରଶ୍ୱାସର ଶବ୍ଦ
ତୁମ ସହିତ ଏକତ୍ର ମୋର ଶ୍ୱାସକ୍ରିୟା ହୁଏ
ମୁଁ ବି ତୁମକୁ ଭଲ ପାଏ
ମୋ ହୃଦୟର ଆତ୍ମଶକ୍ତି ମାପି ଚାଲେ
ମୋ ପ୍ରତି ତୁମ ଭଲପାଇବାର
ଗଭୀରତା କେତେ
ଯେଉଁ ପବନ ତୁମକୁ ଛୁଇଁ ଦେଇ ଆସେ
ସେ ହୋଇଯାଏ ମୋ ପ୍ରାଣବାୟୁ
ଜହ୍ନର ହସରେ ତୁମକୁ ମୁଁ ଆଖି ଭରି ଦେଖେ
ସଜ ଫୁଟାଫୁଲର ମହମହ ବାସ୍ନାରେ
ତୁମେ ଆସିବାର ବାସ୍ନା ପାଏ...
ହୁଏ ଆତ୍ମବିଭୋର
ତୁମେ ମୋତେ ଭଲପାଅ
ମୁଁ ବି ତୁମକୁ ଭଲପାଏ
ଏ ଏକ ସ୍ୱର୍ଗୀୟ ଭାବନାର ଅନ୍ତଃହୀନ ପ୍ଳାବନ
ଅନୁଭବ କରୁଛି ମୁଁ ମନ ପ୍ରାଣ ଆତ୍ମାରେ
ଜାଗ୍ରତ ଓ ନିଦ୍ରାର ବ୍ୟବଧାନରେ
ଯେତିକି ମୁହୂର୍ତ୍ତ
ମୁଁ ତୁମକୁ ଦେଖୁଥିଲି ଆଖି ବୁଜି ସ୍ୱପ୍ନରେ
ଏବେ ଜାଗ୍ରତେ ଦେଖୁଛି
ତୁମକୁ ବାସ୍ତବ ରୂପରେ
ମୁଁ ବି ତୁମକୁ ଭଲ ପାଏ
ବିନ୍ଦୁଏ ମଧ ଦ୍ୱନ୍ଦ ନାହିଁ ମୋ ବିଶ୍ୱାସରେ
ତୁମେ ବର୍ଷା ହୋଇ ଆସ...
ମୋ ଅଗଣାରେ ନାଚ
ରାତି ଯାକ ମୋ ସହିତ ତୁମେ
ମନ ଖୋଲି ଗପିଯାଅ
ତୁମେ ଫଗୁଣ ହୋଇ ମୋତେ
ରଙ୍ଗ ଦିଅ ବୋଲି
ତୁମେ ମୋର ସବୁଠାରୁ ନିକଟତମ
ମୋ ଭିତର ଶବ୍ଦ ମୋତେ କହି ଦେଉଛି
ସକାଳର ସୂର୍ଯ୍ୟୋଦୟ ହୁଅ ତୁମେ ମୋ ପାଇଁ
ଉଜ୍ଜ୍ୱଳ ଆଲୋକରେ କେବଳ ତୁମକୁ ପାଏ
ତୁମେ ମୋତେ ଭଲପାଅ
ମୁଁ ବି ତୁମକୁ ଭଲପାଏ
ଏକ ସରଳରେଖାର ଗୋଟିଏ
ବିନ୍ଦୁରେ ଆମେ
ଛାୟାରୁ ତୁମେ ହୁଅ ମୋର କାୟା
ଆତ୍ମା ଆତ୍ମାରେ ହେଉ
ଆମେ ଦୁହେଁ ଏକାତ୍ମା
ଯେତେ ଦୂରତାର ଅନ୍ତ...
ତୁମେ ମୋ ପାଇଁ ଏକ କେନ୍ଦ୍ର
ପ୍ରେମ ପୀୟୂଷ ପାନରେ
ହୋଇ ରହିବୁ ଅମର
ତୁମେ ମୋତେ ଭଲ ପାଅ
ମୁଁ ବି ତୁମକୁ ଭଲ ପାଏ...।

**କୋହି,ବାରିପଦା,ମୟୂରଭଞ୍ଜ,**
**ମୋ– ୮୦୧୮୩୫୩୩୨୨**

## ମିଛ ମଣିଷ

### ସତ୍ୟନାରାୟଣ ପ୍ରଧାନ

ସ୍ୱାର୍ଥର ସାରଥୀ ପାଲଟିବା ପରେ
ଅଜବ ଲାଗେ ଦୁନିଆ
ସମ୍ପର୍କଟା ଛିଡେ ପଦିଏ କଥାରେ
ଘୋଟଇ ବତାସି ବାଆ ।
ଗଢି ଚାଲିଥିଲା ପାପର ନଗରୀ
ରକତକୁ ଭାବି ପାଣି
ସତ୍ୟର ହାଟରେ ଅସତ୍ୟର ମଞ୍ଜି
ଦେଉଥିଲା ଖାଲି ବୁଣି ।
ନିର୍ଜୀବ ଟଙ୍କାର ସାହସ ଦେଖାଇ
ବଞ୍ଚିବାଟା ଲାଗେ କଷ୍ଟ
ତତଲା ଲୁହକୁ ଓଠ ପିଉଥିଲା
ଜୀବନ ହେଲାଣି ନଷ୍ଟ ।
ରାତିର ଅନ୍ଧାରେ କାନ୍ଦୁଛି ସପନ
ସକାଳକୁ ମାଡେ ଲାଜ
ବିଶ୍ୱାସରେ ଭରି ଛଳନାର ବିଷ
ଭାତ ହୋଇଯାଏ ପେଜ ।
ମିଛର ମଣିଷ ପାଲଟିବା ପରେ
ସମାଜ ବି ଦିଏ ଧୋକା
ଆପଣାର ଲୋକ ସାତପର ହୁଏ
ଶେଷ ଆଶ୍ରା ନିଜେ ଏକା ।

**ଅଣ୍ଟିଆ, ଜେନାପୁର**
**ଯାଜପୁର,ମୋ–୯୧୭୮୩୧୩୬୪୪**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମଣିପୁରରେ...

ଜାଳି ଦେଇଛନ୍ତି । ଇମ୍ଫାଲର ଖୁଆର୍‌ବାନ୍ଦରେ ୩ ମହିଳା ଓ ଶିଶୁଙ୍କୁ ପ୍ରଥମେ ଅପହରଣ କରାଯାଇଥିଲା । ନିକଟସ୍ଥ ଏକ ନଦୀରେ ତାଙ୍କ ମୃତଦେହ କିଛିଦିନ ପରେ ମିଳିଥିଲା । ତାଙ୍କ ମୃତଦେହକୁ ଆସାମର ସିଲ୍‌ଚାର ମେଡିକାଲ କଲେଜ ଓ ହସ୍ପିଟାଲକୁ ନିଆଯାଇଛି । ସେଠାରେ ତାଙ୍କ ଶବ ବ୍ୟବଚ୍ଛେଦ କରାଯିବ । ଏହି ମହିଳା ଓ ଶିଶୁମାନେ ରିଲିଫ କ୍ୟାମ୍ପରେ ରହୁଥିଲେ । ସୁରକ୍ଷାକର୍ମୀ ଓ ଉଗ୍ରବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଜିର୍‌ବାମ୍ ଜିଲ୍ଲାରେ ସଂଗଠିତ ହୋଇଥିଲା । ମେତେଇ ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଛି ଯେ ଗତ ୧୧ ତାରିଖରେ ଉଗ୍ରବାଦୀମାନେ ତାଙ୍କୁ ଅପହରଣ କରିଥିଲେ । ଏବେ ଆନ୍ଦୋଳନକାରୀଙ୍କୁ ଖୋଜିବା ପାଇଁ ବ୍ୟାପକ ସର୍ଚ୍ଚ ଅପରେସନ୍ ଚାଲିଛି । ଶନିବାର ରାଜ୍ୟ ସରକାର ସ୍କୁଲ ଓ କଲେଜଗୁଡ଼ିକୁ ଛୁଟି ଘୋଷଣା କରିଛନ୍ତି । କୁକି ଓ ମେତେଇ ସମ୍ପ୍ରଦାୟ ମଧ୍ୟରେ ପ୍ରାୟ ଦେଢ଼ବର୍ଷ ହେବ ହିଂସା ସଂଗଠିତ ହେଉଛି । ନିକଟରେ ଅନେକ ହିଂସା ଘଟଣା ଦେଖିବାକୁ ମିଳିଛି । ଗୁରୁବାର କେନ୍ଦ୍ର ସରକାର ପୁଣି ଆର୍ମଡ୍‌ଫୋର୍ସ ସ୍ପେଶାଲ ଫୋର୍ସ ଆକ୍ଟ ମଣିପୁରର ୬ ଥାନା ଅଞ୍ଚଳରେ ଲାଗୁ କରିଛନ୍ତି । ଗତ ୩ ବର୍ଷରେ ଏଠାରେ ଚାଲିଥିବା ହିଂସାରେ ପ୍ରାୟ ୨୦୦ ଲୋକ ମୃତ୍ୟୁବରଣ କରିଥିବାବେଳେ ହଜାର ହଜାର ଲୋକ ବାସଶୂନ୍ୟ ହୋଇଛନ୍ତି ।

## ବୈଦେଶିକ...

ସେ ଆଜି ଏକ ବରିଷ୍ଠ ପ୍ରତିନିଧି ମଣ୍ଡଳର ନେତୃତ୍ୱ ନେଇ ସିଙ୍ଗାପୁର ଯାଇଛନ୍ତି । ସିଙ୍ଗାପୁରରେ ସ୍ପଷ୍ଟ ବାର୍ତ୍ତା ହେବ ଯେ, ବ୍ୟବସାୟ କରିବା ଲାଗି ଓଡ଼ିଶା ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି । ଭାରତର ବିକାଶ କାହାଣୀରେ ଓଡ଼ିଶା ସମସ୍ତଙ୍କ ପାଇଁ ମୁଖ୍ୟ ଆକର୍ଷଣ ହୋଇ ଉଭା ହେବାକୁ ପ୍ରସ୍ତୁତ ଅଛି । ଉନ୍ନତ ଶିଳ୍ପ ବାତାବରଣ ପାଇଁ ସିଙ୍ଗାପୁର ପ୍ରସିଦ୍ଧ । ଏଠାରେ ରସାୟନ, ପେଟ୍ରୋକେମିକାଲ୍ସ, ସବୁଜ ଶକ୍ତି, ଲଜିଷ୍ଟିକ୍ସ, ଜାହାଜ ନିର୍ମାଣ, ଆର୍ଥିକ ସେବା, ଇଲୋକ୍‌ଟ୍ରୋନିକ୍ ଓ ସେମିକଣ୍ଡକ୍ଟର, ଖାଦ୍ୟ ପ୍ରକ୍ରିୟାକରଣ ଓ ବସ୍ତ୍ର ନିର୍ମାଣ ଆଦି କ୍ଷେତ୍ରରେ ବିଶ୍ୱର ବଡ଼ବଡ଼ କମ୍ପାନୀମାନେ କାମ କରୁଛନ୍ତି । ସେହି କମ୍ପାନୀ ଗୁଡିକର ଶୀର୍ଷ ନେତୃତ୍ୱମାନଙ୍କ ସହ ଆଲୋଚନା କରିବୁ । ଓଡ଼ିଶାର ପ୍ରାକୃତିକ ସମ୍ବଳ, ଦକ୍ଷ ମାନବ ସମ୍ବଳ ଓ ଆମର ଉନ୍ନତ ଶିଳ୍ପନୀତି ସମ୍ପର୍କରେ ସେମାନଙ୍କୁ ଅବଗତ କରାଇବୁ । ରାଜ୍ୟର ସାଢ଼େ ୪ କୋଟି ଲୋକଙ୍କ ପକ୍ଷରୁ ଆମ ଟିମ୍ ବିଦେଶଯାତ୍ରା କରୁଛି । ଶିଳ୍ପ ଜଗତର ଶୀର୍ଷ ନେତୃତ୍ୱମାନଙ୍କୁ ବିକଶିତ ଓଡ଼ିଶା ଗଠନ ଲାଗି ରାଜ୍ୟରେ ବ୍ୟାପକ ପୁଞ୍ଜି ନିବେଶ କରିବା ସହ ବହୁ ସଂଖ୍ୟାରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଲାଗି ସେମାନଙ୍କୁ ନିମନ୍ତ୍ରଣ କରିବୁ । ଆମେ ସିଙ୍ଗାପୁରରେ ଟୁଆସ ପୋର୍ଟ, କୁରାଙ୍ଗ ପେଟ୍ରୋକେମିକାଲ କମ୍ପ୍ଲେକ୍ସ ଏବଂ ଆଇଟିଇଇଏସ୍ ସିଙ୍ଗାପୁର ଭଳି କେତେକ ବିଶ୍ୱସ୍ତରୀୟ କମ୍ପାନୀ ପରିଦର୍ଶନ କରିବୁ । ସିଙ୍ଗାପୁର ଏବଂ ପଡୋଶୀ ଏସିଆନ୍ ଦେଶମାନଙ୍କରେ ଥିବା ପ୍ରବାସୀ ଓଡ଼ିଆ ଭାଇ ଭଉଣୀମାନଙ୍କୁ ଭେଟିବି । ସେମାନେ ଓଡ଼ିଆ ଭାଷା ସଂସ୍କୃତିର ବ୍ରାଣ୍ଡ ଆମ୍ବାସାଡାର ହୋଇ ଆମକୁ ଗୌରବାନ୍ୱିତ କରିଛନ୍ତି । ଓଡ଼ିଶା ଓ ସିଙ୍ଗାପୁରର ସମ୍ପର୍କକୁ ମଜଭୁତ କରିବାରେ ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି । ସେମାନଙ୍କ ଆଲୋଚନା କରି ଏହି ସମ୍ପର୍କକୁ ଆହୁରି ମଜଭୁତ କରିବୁ ଓ ସେମାନଙ୍କ ମତାମତ କରିବୁ । ଆଶା କରୁଛି ଏହି ଯାତ୍ରା ଯୋଗୁଁ ରାଜ୍ୟରେ ଟେକ୍ସଟାଇଲ, କେମିକାଲ, ଗ୍ରୀନ୍ ଏର୍ନଜି, ଲଜିଷ୍ଟିକ୍ସ, ଜାହାଜ ନିର୍ମାଣ ଓ ଇଲୋକ୍ଟ୍ରୋନିକ୍ କ୍ଷେତ୍ରରେ ପୁଞ୍ଜି ନିବେଶ ଲାଗି ବ୍ୟାପକ ସୁଯୋଗ ସୃଷ୍ଟି ହେବ । ଏହା ଦ୍ୱାରା ରାଜ୍ୟରେ ନିର୍ମାଣ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## ଜଷ୍ଟିସ୍...

ତ୍ୱରିତ ତଦନ୍ତ ପାଇଁ ତଦନ୍ତ କମିଶନର ଗଠନ କରିଥିଲେ । କମିଶନର ଏହି ମାମଲାରେ ୫୬୫ ଦାଖଲ ହୋଇଥିବା ସତ୍ୟପାଠର ଯାଏଁ କରିବା ପରେ ସାକ୍ଷ ଗ୍ରହଣ କରିଥିଲେ । ସୂଚନାଯୋଗ୍ୟ ଗତ ସେପ୍ଟେମ୍ବର ୧୪ ତାରିଖରେ ଭରତପୁର ଥାନାରେ ସେନା ମେଜର ଓ ତାଙ୍କ ବାନ୍ଧବୀଙ୍କୁ ପୋଲିସ୍ ଦୁର୍ବ୍ୟବହାର କରିଥିବା ନେଇ ଅଭିଯୋଗ ହୋଇଥିଲା । ଭରତପୁର ଥାନାକୁ ରାତି ୧ଟା ବେଳେ ଅଭିଯୋଗ କରିବାକୁ ଯାଇଥିବା ବେଳେ ପୋଲିସ୍ ଏମାନଙ୍କୁ ଆକ୍ରମଣ କରିଥିବା ନେଇ ଅଭିଯୋଗ ଆସିଥିଲା । ଘଟଣାରେ ତତ୍କାଳୀନ ଆଇଆଇସି ଦିନ କୃଷ୍ଣ ମିଶ୍ର ଓ ୪ ଅଧିକାରୀଙ୍କୁ ନିଲମ୍ବିତ କରାଯାଇଥିଲା । କ୍ରାଇମବ୍ରାଞ୍ଚ ମଧ୍ୟ ଏହି ଘଟଣାର ତଦନ୍ତ କରୁଛି ।

## ରାଜ୍ୟରେ...

ହଟାତ ୧୦ଡିଗ୍ରୀ ତଳକୁ ତାପମାତ୍ରା ଖସିବା ଯୋଗୁ ହଠାତ ପ୍ରବଳ ଥଣ୍ଡା ପଡ଼ିବା ସ୍ଥାନୀୟ ଅଞ୍ଚଳବାସୀ ଅସ୍ତବ୍ୟସ୍ତ ହେଇପଡିଛନ୍ତି । ହାତଯୋଡ଼ି ବସିଥିବା ଗରମ ପୋଷାକ ବ୍ୟବସାୟୀ ଥଣ୍ଡା ପଡ଼ିବା ପରେ ନିଜ ବ୍ୟବସାୟକୁ ନେଇ ବେଶ ଉତ୍ସାହିତ ହୋଇପଡ଼ିଛନ୍ତି । ଆଗାମୀ ଦିନରେ ପାରଦ ଆହୁରି ତଳକୁ ଖସିବା ସହ ଜାଡ ବଢ଼ିବ । ଆସନ୍ତା ୪ଦିନ ପର୍ଯ୍ୟନ୍ତ ସର୍ବନିମ୍ନ ତାପମାତ୍ରା ୨-୩ ଡିଗ୍ରୀ ଯାଏ କମିବାର ସମ୍ଭାବନା ରହିଛି । ଏ ନେଇ ପାଣିପାଗ ବିଭାଗ ସୂଚନା ଦେଇଛି ।

## ଫରେଷ୍ଟରଙ୍କୁ...

ଜଙ୍ଗଲକୁ ଯାଇଥିଲେ । ଏହି ସମୟରେ ଉପସ୍ଥିତ ଭେଜିକୁଦର, ଫୁଲଝରୀ ଅଞ୍ଚଳର ଗ୍ରାମବାସୀ ଉତ୍ୟକ୍ତ ହୋଇ ଫରେଷ୍ଟରଙ୍କୁ ଗଛରେ ବାନ୍ଧି ଦେଇଥିଲେ। ଖବର ପାଇ ଜଙ୍ଗଲ ବିଭାଗ ଏସିଏଫ ଅରୁଣ କୁମାର ବେହେରା, ରିଆମାଳ ରେଞ୍ଜର ନିରଞ୍ଜନ ଧରୁଆ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ଫରେଷ୍ଟର ଛବିଳ ବେହେରାଙ୍କୁ ଉଦ୍ଧାର କରିଥିଲେ । ଗତ କିଛିଦିନ ହେବ ସଂପୃକ୍ତ ଅଞ୍ଚଳରେ ହାତୀ ଉପଦ୍ରବ ଜାରି ରହିଥିବା ବେଳେ ଚାଷୀମାନଙ୍କ ଅମଳକ୍ଷମ ଧାନ ଫସଲ ସହ ଅନ୍ୟାନ୍ୟ ଫସଲ ଓ ପନିପରିବା ନଷ୍ଟ କରୁଥିବା ଅଭିଯୋଗ ହେଉଛି । ଏନେଇ ଗ୍ରାମବାସୀ ଅଭିଯୋଗ କଲେ ମଧ୍ୟ ଜଙ୍ଗଲ ବିଭାଗ କୌଣସି ଠୋସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ଅଭିଯୋଗ ହେଉଛି।

## ଦୁଷ୍କର୍ମ...

ପରେ ଗାଁ'ରେ ଉତ୍ତେଜନା ପ୍ରକାଶ ପାଇଛି। ଅଭିଯୁକ୍ତ ମହୁଲ ପାଲି ଗ୍ରାମର ପ୍ରଶାନ୍ତ ବାଗକୁ(୩୦) ପୁଲିସ ଅଟକ ରଖି ତଦନ୍ତ ଜାରି ରଖିଛି। ପୋଲିସ କବ୍ଜା ରେ ଅଭିଯୁକ୍ତ ଥିବା ବେଳେ ଗାଁ'ରେ ଉତ୍ତେଜନା ଦେଖିବାକୁ ମିଳିଛି। ଗ୍ରାମବାସୀଙ୍କ ସୂଚନାନୁସାରେ ଅଭିଯୁକ୍ତ ଜଣକ ପୂର୍ବରୁ ମନ୍ଦ ଉଦ୍ଦେଶ୍ୟ ରଖି ପୀଡ଼ିତାର ଘରେ ରହୁଥିଲା ଏବଂ ଶ୍ରମିକ ଭାବରେ କାମ କରୁଥିଲା । ଶୁକ୍ରବାର ସେ ପୀଡ଼ିତାର ବାପାଙ୍କୁ ମଦ ପିଆଇ ମାତାଲ କରିବା ପରେ ଝିଅକୁ ମାଛ ଧରି ଯିବାକୁ କହିଥିଲା । ନିରୀହ ଶିଶୁକନ୍ୟାଟି ଜାଣି ନ ପାରି ତା' ସହ ମାଛ ଧରିବାକୁ ବାହାରିଥିଲା । ଅଭିଯୁକ୍ତ ପ୍ରଶାନ୍ତ ତାକୁ ଗାଁ' ନିକଟ ପଠାରି ଡୁଙ୍ଗୁରିକୁ ନେଇଯାଇ ସେଠାରେ ଦୁଷ୍କର୍ମ କରିବା ପରେ ବେଲ୍ଟ ରେ ତଣ୍ଟି ଚିପି ହତ୍ୟା କରିଥିଲା। ତେବେ ଝିଅକୁ ନ ପାଇ ପରିବାର ଲୋକେ ଓ ଗ୍ରାମବାସୀ ବହୁ ଖୋଜାଖୋଜି କରିଥିଲେ ହେଁ କୌଣସି ପତ୍ତା ମିଳି ନଥିଲା। ଅଭିଯୁକ୍ତର ହାବ ଭାବ ଦେଖି ସନ୍ଦେହ ହେବାରୁ ଗ୍ରାମବାସୀ ତାକୁ କାବୁ କରିଥିଲେ। ସରପଞ୍ଚ ଓ ଓ ଗ୍ରାମବାସୀ ପଚରାଉଚରା କରିବା ପରେ ସେ ସମସ୍ତ ବିଷୟ କହିବା ସହ ଘଟଣାସ୍ଥଳକୁ ନେଇ ଯାଇଥିଲା। ସେଠାରେ ଝିଅର ଶବ ଦେଖିବା ପରେ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା । ଖବର ପାଇ ପୁଲିସ୍ ଗାଁ'ରେ ପହଞ୍ଚି ଅଭିଯୁକ୍ତ ପ୍ରଶାନ୍ତକୁ ଅଟକ ରଖିବା ସହ ତଦନ୍ତ ଆରମ୍ଭ କରିଛି। ସାଇଣ୍ଟିଫିକ୍ ଟିମ ଓ ସନ୍ଧାନୀ କୁକୁର ନେଇ ତଦନ୍ତ କରିଛି ପୁଲିସ୍ । ଶବ ବ୍ୟବଚ୍ଛେଦ ପରେ ପରିବାରକୁ ମୃତ ଶରୀର ହସ୍ତାନ୍ତର କରାଯାଇଛି । ହେଲେ ପୋଲିସର କୌଣସି ପ୍ରତିକ୍ରିୟା ମିଳି ପାରି ନାହିଁ ।

## କଂଗ୍ରେସ...

୬ ତାରିକରେ ମୁମ୍ବାଇର ଏକ ସଭାରେ ରାହୁଲ ଏଭଳି ମନ୍ତବ୍ୟ ଦେଇଥିଲେ । ରାହୁଲ ତାଙ୍କ ମନ୍ତବ୍ୟରେ ଯୁବକମାନଙ୍କୁ ଉସ୍‌କାଇଥିବା ବିଜେପି ଅଭିଯୋଗ କରି ଏହା ଦେଶର ଏକତା ଓ ସଂହତି ଉପରେ ବିପଦ ସୃଷ୍ଟି କରୁଛି ବୋଲି ଅଭିଯୋଗ କରାଯାଇଛି । ରାହୁଲଙ୍କ ବକ୍ତବ୍ୟ ସମ୍ପୂର୍ଣ୍ଣ ମିଛ ଉପରେ ଆଧାରିତ ଓ ମିଛ କଥା । ଯାହା ସଂସଦୀୟ ଭାରତୀୟ ଢ଼ାଞ୍ଚାର ବିରୋଧରେ ବୋଲି କହିବା ସହ ମହାରାଷ୍ଟ୍ର, ଗୁଜରାଟ ଓ ଅନ୍ୟ ରାଜ୍ୟ ମଧ୍ୟରେ ସେ ବିବାଦ ସୃଷ୍ଟି କରୁଛନ୍ତି ବୋଲି ଉଲ୍ଲେଖ କରାଯାଇଛି ।

ସେହିଭଳି କଂଗ୍ରେସ ପକ୍ଷରୁ ମଧ୍ୟ ଅମିତ ଶାହାଙ୍କ ଗତ ୧୨ ତାରିଖାରେ ଧାନବାଗ୍‌ରେ ଦିଆଯାଇଥିବା ବକ୍ତବ୍ୟକୁ ନେଇ ଅଭିଯୋଗ କରାଯାଇଛି । ତାଙ୍କ ବକ୍ତବ୍ୟ ମିଛ ଏବଂ ବିଭାଜନପୂର୍ଣ୍ଣ ଓ ଉଦ୍ଦେଶ୍ୟ ପ୍ରଣଦିତ ବୋଲି କୁହାଯାଇଛି । ଅମିତ୍ ଶାହା କହିଥିଲେ ଯେ କଂଗ୍ରେସ ଏବଂ ଏହାର ମେଣ୍ଟ ଏସ୍‌ସି, ଏସ୍‌ଟି ଓ ଓବିସିଙ୍କ ବିରୋଧରେ । ସେମାନେ ଦେଶରେ ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଛନ୍ତି । ଏଭଳି ସମାନ ପ୍ରଚାର ବିଜେପି ପକ୍ଷରୁ ମଧ୍ୟ ଝାଡଖଣ୍ଡରେ କରାଯାଇଛି । ଅମିତ୍ ଶାହା କହିଥିଲେ ଯେ କଂଗ୍ରେସ ଏସ୍‌ସି, ଏସ୍‌ଟି ଓ ଓବିସିଙ୍କର ସଂରକ୍ଷଣ ଛଡାଇନେବ । ସେମାନେ ଧର୍ମ ନାମରେ ସଂଖ୍ୟାଲଘୁ ସମ୍ପ୍ରଦାୟକୁ ସଂରକ୍ଷଣ ଦେବେ ବୋଲି ଶ୍ରୀ ଶାହା କହିଥିଲେ । ଯାହାକୁ ନେଇ କଂଗ୍ରେସ ପକ୍ଷରୁ ଗତ ୧୩ ତାରିଖରେ ନିର୍ବାଚନ କମିଶନଙ୍କ ନିକଟରେ ଅଭିଯୋଗ କରାଯାଇଥିଲା ।

## ଯବାନଙ୍କ...

ଦିଗରୁ ମାଓବାଦୀଙ୍କୁ ଘେରି ରହିଛନ୍ତି । ଉଭୟ ପାର୍ଶ୍ୱରୁ ଲଗାତାର ଗୁଳି ବିନିମୟରେ ଯବାନ ୫ ଜଣ ମାଓବାଦୀଙ୍କୁ ମାରିଥିବା ବେଳେ ଏହି ଏନକାଉଣ୍ଟରରେ ଦୁଇ ଜଣ ଯବାନ ମଧ୍ୟ ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ସେମାନଙ୍କୁ ରାୟପୁରକୁ ଏୟାରଲିଫ୍ଟ କରାଯାଇଛି ।

## ବର୍ଷକରେ...

କର୍ମଚାରୀଙ୍କ ହାତ ରହୁଛି । ସେହିପରି କନ୍ଧମାଳରୁ ମୁମ୍ବାଇ ସେଲିବ୍ରିଟ୍‌ଙ୍କ ପାଖକୁ ଚାଲାଣ ହେଉଥିବା ଶୀଳାବତୀ ଗଞ୍ଜେଇ କାରବାରରେ ମଧ୍ୟ ଅବକାରୀ କର୍ମଚାରୀଙ୍କ ହାତ ରହୁଥିବା ସନ୍ଦେହ ହେଉଛି । କୋଟି କୋଟି ଟଙ୍କାର ଗଞ୍ଜେଇ ଚାଲାଣରେ ଅବକାରୀ କର୍ମଚାରୀ ଓ ପୋଲିସ କର୍ମଚାରୀଙ୍କ ହାତ ରହୁଥିବା ବହୁବାର ପ୍ରମାଣିତ ହୋଇ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହୋଇଛି । କମିଶନରଙ୍କ କହିବା ଅନୁଯାୟୀ ଯଦି ଚୋରା କାରବାରରେ କୌଣସି ଅବକାରୀ କର୍ମଚାରୀଙ୍କ ହାତ ରୁହେ, ତେବେ ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ ।

ବାଲେଶ୍ୱରର ଜଳେଶ୍ୱର ଦେଇ କଟକ-ଭୁବନେଶ୍ୱର, ପୁରୀ, ନୟାଗଡ଼, ଗଞ୍ଜାମ, ବ୍ରହ୍ମପୁର ପ୍ରଭୃତି ଅଞ୍ଚଳକୁ ହେଉଥିବା ବ୍ରାଉନସୁଗର ଚାଲାଣରେ ଅବକାରୀ କର୍ମଚାରୀଙ୍କ ହାତ ରହୁଛି । ସେହିପରି ପଶ୍ଚିମ ଓଡ଼ିଶାରୁ ଗଞ୍ଜେଇ ଉପକୂଳ ଓଡ଼ିଶାର ବିଭିନ୍ନ ସହରରେ ଚାଲାଣ କରାଯାଉଛି । ରାଜଧାନୀ ଭୁବନେଶ୍ୱର, ସିଲ୍‌ଭର ସିଟି କଟକକୁ ଗଞ୍ଜେଇ କନ୍ଧମାଳରୁ ଅଟୋ, ବାଇକ ଓ ଟ୍ରେନ ଯୋଗେ ଆସୁଛି । ଏହି ଗଞ୍ଜେଇ ଚାଲାଣରେ ରାଜ୍ୟର ବିଭିନ୍ନ ପ୍ରାନ୍ତରରେ ଥିବା ଅବକାରୀ କର୍ମଚାରୀଙ୍କ ହାତ ରହୁଥିବା ଅଭିଯୋଗ ହେଉଛି । ଅବକାରୀ କମିଶନରଙ୍କ କହିବା ଅନୁଯାୟୀ ବିଶ୍ୱାସଯୋଗ୍ୟ କର୍ମଚାରୀଙ୍କୁ ମାଫିଆ କର୍ମଚାରୀଙ୍କ ବିରୋଧରେ ଲଗାଇ ଦିଆଯାଇଛି । ଧରା ପଡ଼ିଲେ କାର୍ଯ୍ୟାନୁଷ୍ଠାନ ହେବ ନିଶ୍ଚିତ ।

## ମହିଳା ଲୁଟେରା ଗିରଫ: ଟଙ୍କା ସହ ସୁନାଚେନ ଜବଦ

ବାଲେଶ୍ୱର,(ସବ୍ୟୁ) :ବୁଢାବଳଙ୍ଗ ନଦୀର ବାଲିଘାଟରେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ବୁଡ଼ ପଡ଼ିବା ସହ ହଜାର ହଜାର ଲୋକ ମନ୍ଦିରକୁ ଦର୍ଶନ କରିବା ନିମନ୍ତେ ଆସିଥିଲେ । ଏହି ସମୟରେ ସମଲପୁର ଅଞ୍ଚଳର ବାସନ୍ତୀ ପାତ୍ରଙ୍କ ନିକଟରୁ ଛିନ୍‌ତାଇ ହୋଇଥିଲା । ଘଟଣା ସମ୍ପର୍କରେ ଟାଉନ ଥାନାରେ ଅଭିଯୋଗ ହେଲାପରେ ପୁଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଇଥିଲା । ଘଟଣାରେ ସମ୍ପୃକ୍ତ ପଶ୍ଚିମବଂଗ ରାଜ୍ୟ ହୁଗୁଳି ଜିଲ୍ଲା ଚୁଚୁଡ଼ା ଥାନା ଅନ୍ତର୍ଗତ ନଳଡଙ୍ଗା ଗ୍ରାମର ରାଜଶ୍ରୀ ଓରଫ ରାଜେଶ୍ୱରୀ ମାଡ଼ିଲିଆ ଓରଫ୍ ମୁଡ଼ାଲିୟାର (୫୦)ଙ୍କୁ ଗିରଫ କରାଯାଇ ତାଙ୍କ ନିକଟରୁ ନଗଦ ୪ହଜାର ଟଙ୍କା ସହ ଗୋଟିଏ ସୁନାଚେନ ଜବଦ କରାଯାଇଛି । ପରେ ଗିରଫ ହୋଇଥିବା ବଙ୍ଗୀୟ ମହିଳା ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଖବର ମିଳିଛି ।

## କ୍ୟାନ୍ସର ଚିକିତ୍ସା ପଦ୍ଧତି ଆହୁରି ବ୍ୟାପକ ହେବ : ସ୍ୱାସ୍ଥ୍ୟ ମନ୍ତ୍ରୀ



ଭୁବନେଶ୍ୱର (ସବ୍ୟୁ) : ବର୍ତ୍ତମାନ ସମୟରେ ବିଭିନ୍ନ କାରଣରୁ କର୍କଟ ରୋଗ ବଢୁଥିବା ଦେଖାଯାଇଛି । ଏହାକୁ ଦୃଷ୍ଟିରେ ରଖି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସଚେତନତା କାର୍ଯ୍ୟ ଜୋରଦାର କରିଦେଇଛନ୍ତି । ଏପରିକି ସାରା ଦେଶରେ ଉନ୍ନତମାନର ଚିକିତ୍ସା ସୁବିଧା ମଧ୍ୟକରାଯାଇଛି। ଆବଶ୍ୟକସ୍ଥଳେ କ୍ୟାନ୍ସର ଚିକିତ୍ସା ପଦ୍ଧତି ଆହୁରି ବ୍ୟାପକ ହେବ ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ କହିଛନ୍ତି ।

ଭୁବନେଶ୍ୱରରେ ଆୟୋଜିତ କ୍ୟାନ୍ସର ଅପଡେଟ-୩ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କର୍କଟ ରୋଗ ଯେଭଳି ଦେଶରେ ଆଉ ବ୍ୟାପିବ ନାହିଁ ସେ କ୍ଷେତ୍ରରେ ବ୍ୟାପକ ପଦକ୍ଷେପ ନିଆଯାଉଛି ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏମ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ଆଶୁତୋଷ ବିଶ୍ୱାସ, ଏମ୍ସର ଅନ୍ୟ ଜଣେ ଡାକ୍ତର ଦିଲିପ କୁମାର ପରିଡା, ସନ୍ଦିପ କୁମାର ବାରିକ, ଦୀପକ କୁମାର ଦାସ ପ୍ରମୁଖ ଯୋଗଦେଇ କ୍ୟାନ୍ସର ରୋଗର କାରଣ ଏବଂ ନିରାକରଣ ସଂପର୍କରେ ଆଲୋକପାତ କରିଥିଲେ । ଭୁବନେଶ୍ୱର ଏମ୍ସର କର୍କଟ ରୋଗ ବିଭାଗ ଏବଂ କ୍ୟାନ୍ସର କେୟାର ଏଜୁକେସନ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ହୋଇଥିବା ବେଳେ ଏଥିରେ ବରିଷ୍ଠ କର୍କଟ ରୋଗ ବିଶେଷଜ୍ଞ ଡାକ୍ତର ସରୋଜ କୁମାର ଦାସ ମଜୁମଦାର ମଞ୍ଚ ପରିଚାଳନା କରିଥିଲେ। ରାଜ୍ୟର ପ୍ରମୁଖ ହସ୍ପିଟାଲ ଗୁଡିକରେ କାର୍ଯ୍ୟରତ ପ୍ରାୟ ୪୦ଜଣ କର୍କଟ ରୋଗ ବିଭାଗ ଡାକ୍ତର ଏଥିରେ ଯୋଗଦେଇ ନିଜର ସୁଚିଂତ ମତାମତ ଉପସ୍ଥାପନ କରିଥିଲେ ।

## ଗଣ୍ଡିବେଡରେ ବୋଇତ ବନ୍ଦାଣ ଉତ୍ସବ

ଖଇରା,(ସବ୍ୟୁ) :ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ ଗଣ୍ଡିବେଡ ଲଙ୍କେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଶୁକ୍ରବାର ସନ୍ଧ୍ୟାରେ ବୋଇତବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଆଞ୍ଚଳିକ ଉନ୍ନୟନ ପରିଷଦ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଡ. ମଦନମୋହନ ମହଲା ସଭାପତିତ୍ୱ କରିଥିଲେ । ସୁନାମଧନ୍ୟ ପ୍ରବଚକ ବିରେନ୍ଦ୍ର ପଣ୍ଡା ମୁଖ୍ୟଅତିଥି,ପ୍ରାଧ୍ୟାପକ ଡ ଅଭୟ କୁମାର ମହାନ୍ତି ମୁଖ୍ୟବକ୍ତା,ଭାଜପା ରାଜ୍ୟ ଯୁବମୋର୍ଚ୍ଚା କୋଷାଧକ୍ଷ ଇଂ ରାଜେଶ ମହାକୁଡ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । କୃଷ୍ଣଚନ୍ଦ୍ର ସାହୁ ବିବରଣୀ ପାଠ ଓ ଉପସଭାପତି ଅଭିମନ୍ୟୁ ରାଉଳ ମଞ୍ଚ ପରିଚାଳନା କରିଥିଲେ । ଶେଷରେ ଗଣ୍ଡିବେଡ ହାଇସ୍କୁଲରେ ପୁରତନ ଛାତ୍ର ସଂସଦ ଦ୍ୱାରା ଆୟୋଜିତ କୁଇଜ ପ୍ରତିଯୋଗିତାରେ କୃତି ଛାତ୍ରୀଛାତ୍ର ଭବାନୀ ଶଙ୍କର ସାହୁ, ଜ୍ଞାନରଞ୍ଜନ ବେହେରା, ରଶ୍ମିରଞ୍ଜନ ମଣ୍ଡଳ, ଆଶୁତୋଷ ଦାସ, ସ୍ୱୟଂ ସମୀକ୍ଷା ମହାନ୍ତି, ପ୍ରିତମ ମିଶ୍ର ଓ ରୋହିତ କୁମାର ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା । ସୁବାଷ ପ୍ରଧାନ, ପୁରସ୍ତମ ମହାନ୍ତି, ସଦାଶିବ ଆଚାର୍ଯ୍ୟ, ମଧୁସୂଦନ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

**AFFIDAVIT**

By virtue of an affidavit sworn before Notary Public, Bhubaneswar dated 12-Nov-2024. I, **Shilpa Supriya Jena**, Address, **Damadarpur, Bhubaneswar, Near AIIMS Bhubaneswar, Pin-751019** declare that I have changed my name from **Shilpa Sethi to Shilpa Supriya Jena**. Henceforth, I shall be known as **Shilpa Supriya Jena** for all purposes.

**CANCELATION OF FLAT IN TULASI VIHAR DUE NON-PAYMENT OF CLAIMS**

To,
Mamata Meher,
Dear Madam,
In spite of our registered letter dtd 17.07.2019 and 23.06.2022, we received no response from your end regarding retaining your flat no.315, Phase-2, Block-A, Tulasi Vihar, Puri. We published this advertisement in oriya daily to draw your attention. If we did not receive any reply within three days of publication, we shall cancel your flat and refund your money. Under such circumstances, we shall not be responsible.
Managing Directors,
Mahodadhi Devlopers Pvt Ltd
Bhubaneswar-19

**CANCELATION OF FLAT IN TULASI VIHAR DUE NON-PAYMENT OF CLAIMS**

To,
Itisha Dash,
W/o - B.R Nanda, Qtr. No - C-35, Dera, Ananta Vihar, Angul -759001.
Dear Madam,
In spite of our registered letter dtd 17.07.2019 and 23.06.2022, we received no response from your end regarding retaining your flat no.114, Phase-2, Block-A, Tulasi Vihar, Puri. We published this advertisement in oriya daily to draw your attention. If we did not receive any reply within three days of publication, we shall cancel your flat and refund your money. Under such circumstances, we shall not be responsible.
Managing Directors,
Mahodadhi Devlopers Pvt Ltd
Bhubaneswar-19

**CANCELATION OF FLAT IN TULASI VIHAR DUE NON-PAYMENT OF CLAIMS**

To,
Sanjaya Singh & Dhananjaya Singh
Plot no-7, jaganatha colony, damodar Road, baliapanda,puri -752001
Dear Sir,
In spite of our registered letter dtd 17.07.2019 and 23.06.2022, we received no response from your end regarding retaining your flat no.304, Phase-2, Block-A, Tulasi Vihar, Puri. We published this advertisement in oriya daily to draw your attention. If we did not receive any reply within three days of publication, we shall cancel your flat and refund your money. Under such circumstances, we shall not be responsible.By the order of the Board of Directors,
Mahodadhi Devlopers Pvt. Ltd.
Bhubaneswar-19

**CANCELATION OF FLAT IN TULASI VIHAR DUE NON-PAYMENT OF CLAIMS**

To,
Sanjaya Singh & Dhananjaya Singh
Plot no -7, jaganatha colony, damodar Road, baliapanda ,puri -752001.
Dear Sir,
In spite of our registered letter dtd 17.07.2019 and 23.06.2022, we received no response from your end regarding retaining your flat no.305, Phase-2, Block-A, Tulasi Vihar, Puri. We published this advertisement in oriya daily to draw your attention. If we did not receive any reply within three days of publication, we shall cancel your flat and refund your money. Under such circumstances, we shall not be responsible.
By the order of the Board of Directors,
Mahodadhi Devlopers Pvt Ltd
Bhubaneswar-19

**ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର**
**Housing & Urban Development Department, Govt. of Odisha**
**ପାରାଦ୍ୱୀପ ପୌର ପରିଷଦ, ପାରାଦ୍ୱୀପ**
**OFFICE OF THE PARADEEP MUNICIPALITY, PARADEEP**
**ସ୍ଥାନ-ପାରାଦ୍ୱୀପ, ଜିଲ୍ଲା-ଜଗତସିଂହପୁର, ୭୫୪୧୪୨**
**At/Po-Paradeep, Dist.- Jagatsinghpur (Odisha), Pin-754142**
**Quotation Call Notice**
**NO. 4790/ Dt. 14.11.24**

**C-1013:** The Executive Officer, Paradeep Municipality on behalf of Paradeep Municipality. Dist- Jagatsinghpur invites sealed quotations from the interested Firm/ Agency/' suppliers /'contractor/ authorized dealers for "Supply and fixing of G.I structure at Baliyatra padia Paradeep" .DTCN along with specification, terms and conditions can be obtained in office of the Paradeep Municipality on payment of paper cost **Rs. 2,000.00** (Rupees Two Thousand) only non refundable from **15.11.24** to **20.11.24** during office hours. Quotation without payment of paper cost and EMD shall not be accepted in any case and will be rejected summarily. The quotation will be reached the under signed on or before **dt. 21.11.24** up to **01.00 P.M**. The same will be opened on the same day at **04.30 P.M.**

OIPR : 13120/11/0022/2425
**Executive Officer**
**Paradeep Municipality**

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧, ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
CAD-1627 ଫାକ୍ସ (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org.

ପତ୍ର ସଂଖ୍ୟା ୨୦୬ **ବିଜ୍ଞାପନ** ତା : ୧୩.୧୧.୨୦୨୪

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ ।

| କ୍ର. ନଂ. | ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧. | ନାମ-ସ୍ୱର୍ଗତ ଗଣେଶି ପଣ୍ଡିତ<br>ସ୍ୱାମୀ-ସ୍ୱର୍ଗତ ଭଗବାନ ଦତ୍ତ ପଣ୍ଡିତ<br>ଏମ୍.ଆଇ.ଜି-୧-୨୪୭<br>ଛେଣ୍ଡ, ଫେଜ-୨<br>ପୋ-ରାଉରକେଲା-୧୫<br>ଜିଲ୍ଲା-ସୁନ୍ଦରଗଡ | ଘରନଂ.ଏମ୍‌ଆଇଜି-୧-୨୪୭<br>(MIG-1-247),<br>ଛେଣ୍ଡ, ଫେଜ-୨,<br>ପୋ-ରାଉରକେଲା-୧୫<br>ଜିଲ୍ଲା-ସୁନ୍ଦରଗଡ | ୧. ସୁଧୀର ପଣ୍ଡିତ (ପୁତ୍ର)<br>୨. ଚନ୍ଦ୍ର ଭୂଷଣ କୁମାର ପଣ୍ଡିତ (ବି.ପୁତ୍ର)<br>୩. ବିନୟ କୁମାର ପଣ୍ଡିତ (ବି.ପୁତ୍ର)<br>୪. ଅରୁନ କୁମାର ପଣ୍ଡିତ (ବି.ପୁତ୍ର)<br>୫. ନିର୍ମଳା ପଣ୍ଡିତ (ବି.କନ୍ୟା)<br>୬. ପ୍ରିୟଙ୍କା ଗିରି (ନାତୁଣୀ)<br>୭. କିରଣ ଗିରି (ନାତୁଣୀ)<br>୮. ଜ୍ୟୋତି ଗିରି (ନାତୁଣୀ)<br>୯. ସ୍ୱପ୍ନା ଗିରି (ନାତୁଣୀ)<br>୧୦. ରାହୁଲ୍ ଗିରି (ନାତି) |

OIPR : 13030/11/0332/2425
ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

idco ODISHA NEW OPPORTUNITIES
**OFFICE OF THE CHIEF GENERAL MANAGER (CIVIL) IDCO.IDCO TOWER, BHUBANESWAR.**
CAD-1625
Bid Identification No. Civil/EST- 09/2024-25
TCN No. 32112 dt.14.11.2024
NOTICE INVITING TENDER UNDER NATIONAL COMPETITIVE BIDING THROUGH e-Procurement

1. Name of the Work: Construction of archery shed, development of Archery Ground & supply installation of furnitures at DD Sports complex, Keonjhar
2. Value of the Work: Rs. 65.67 lakhs
3. Period of completion: 04(Four) Calendar Months
4. Availability of tender online for Bidding:
   I. Start Date: 18:00 Hours of dt18.11.2024.
   II. End date: 15:00 .Hours of dt.02.12.2024.
   III. Opening date: 16.00 Hours of dt.02.12.2024.

Tender details can be seen from the e-procurement portal. www.tendersorissa.gov.in, Corrigendum or Addendum if any will not be published in newspapers and can be seen in e-procurement portal as well as in IDCO website.

OIPR : 14003/11/0072/2425 Sd/- Chief General Manager(Civil),

**OFFICE OF THE SR. GENERAL MANAGER (ELECTRICAL)**
**UPPER INDRAVATI HYDRO ELECTRIC PROJECT, MUKHIGUDA,**
DIST: KALAHANDI-766026, ODISHA, E-mail: sgmel_uihep@ohpcltd.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C Building, Vanivihar Chhak, Janpath, Bhoinagar, Bhubaneswar-751022,
Tel: 91-0674-2542983, 2542802, 2545526, 2542826, Fax:2542102, E-Mail: ohpc.co@gmail.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963

**NOTICE INVITING TENDER No. UIHEP-31/2024-25 DATE 13.11.2024**

CAD- Sealed Tenders are invited in two part i.e. (i) Techno Commercial bid & (ii) Price bid in separate sealed envelopes from the reputed original equipment manufacturers / authorised dealer having similar works experience for the work as mentioned below.

| Description of work | Cost of tender paper (Non-refundable) in Rs. | EMD in shape of DD/Banker's Cheque only (Refundable) in Rs. | Period of sale/ dwonload of tender document | Last date & time of receipt of tender | Date & time of opening of Techno commercial Bid |
|---|---|---|---|---|---|
| Complete replacement of Passenger Elevator with new one having same dimension at Power house, UIHEP, Mukhiguda | 7080/- (inclusive of GST) | 1% of quoted value | From 20.11.2024 to 02.12.2024 upto 12:00 Hrs | 02.12.2024 (up to 13:00 Hrs) | 02.12.2024 at 16:30 Hrs |

For details of the tender documents, terms and conditions please visit our website **www.ohpcltd.com**
OIPR : 32136/11/0013/2425 C&P Head UIHEP, Mukhiguda

**GOVERNMENT OF ODISHA OFFICE OF THE SUPERINTENDING ENGINEER, P.H. DIVISION, BALANGIR.**
Ph. NO-(06652 - 234647)
Email. ID-eephbgr@yahoo.co.in
C-982
**NOTICE INVITING TENDERS**
**NATIONAL COMPETITIVE BIDDING THROUGH e-Procurement**
**Bid Identification No. SE PH BGR 24 /2024-25 Dt. 12.11.2024**

1. Name of the Work : 01 Nos.
2. Estimated Cost : Rs. 45.56 Lakhs (Approx.)
3. Period of Completion : 03 Months
4. Date & Time of availability of bid document in the portal : From 11.00 AM of dt. 19.11.2024 to 5.00 PM of dt. 28.11.2024
5. Last date / time of receipt of bids in the portal : 5 PM of dt. 28.11.2024
6. Date & Time of opening of bids : At 11.00 AM of dt. 29.11.2024
7. Name and Address of the Officer Inviting Bid : Superintending Engineer, P.H. Division, Balangir, At- Tulsinagar, Dist- Balangir-767001

**Further details can be seen from the web site https://tenders.ori.nic.in or www.tendersodlisha.gov.in**

OIPR : 13005/11/0020/2425
**Sd/- Superintending Engineer**
**P.H. Division, Balangir**

**OFFICE OF THE EXECUTIVE ENGINEER**
**RURAL WORKS DIVISION, BARGARH**
Email: rd_bgh@yahoo.co.in
Gmail: rwd.bgh@gmail.com
O-659
**e-Procurement Notice No. ONLINE-BGH- 07 OF 2024-25**

| | | | |
|---|---|---|---|
| 1 | Name of the Work | : | **Building works during 2024-25 in the district of Bargarh.** |
| 2 | EMD | : | **@ 1% of the estimated cost put to tender** |
| 3 | Other details | : | **As per DTCN** |

| Procurement Officer | Bid Identification No. | Availability of Tender online for bidding | | Last Date & Time of Seeking tender Clarification | Date & Time of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Bargarh | ONLINE-BGH-07 OF-2024-25 | 20.11.2024 at 11.00 A.M. | 29.11.2024 upto 5.00 P.M. | 29.11.2024 upto 4.00 P.M. | 30.11.2024 at 11.00 A.M. |

Further details can be seen from the website **www.tendersorissa.gov.in.**

OIPR : 25062/11/0007/2425
**Sd/- Executive Engineer**
**R.W. Division, Bargarh**

**OFFICE OF THE SUPERINTENDING ENGINEER**
**BALASORE (ROADS & BUILDINGS ) DIVISION-II**
**AT/PO- BHASKARGANJ , BALASORE**
CONTACT NO :- 06782-263149
E Mail ID :- eepwdbls2@gmail.com
B-613
**SHORT TENDER CALL NOTICE**
**BID INVITATION NO. EE (R and B) BLS-II- 18/ 2024-25**
**No. 7873 dt. 12.11.24**

| | | | |
|---|---|---|---|
| 1 | The Executive Engineer , Balasore (R & B) Division-II, Balasore on behalf of the Governor of Odisha invites Percentage rate bids to be received in **ONLINE MODE** only for Roads & Buildings works. | | |
| 2 | No. of Work | : | 2 Nos |
| 3 | Nature of work | : | Roads Work of Balasore (R&B) Division-II |
| 4 | Class of Contractor | : | **"D", "C", "B" for Civil (Roads) Works** |
| 5 | Approx. value of work | : | Rs. 12.60 to 25.97 Lakhs for Civil (Roads) |
| 6 | Tender Cost.:. | : | Rs. 6000.00 |
| 7 | Availability of Bid Documents in the website | : | From 10.00 AM of 19.11.2024 to 4.00 PM of 04.12.2024 |
| 8. | Date of Opening of Bid | : | Dt. 04.12.2024 at 4.30 P.M. |
| 9. | Other details can be seen in the Bidding documents from the website : **https://tendersorissa.gov.in.** | | |

OIPR : 34155/11/0009/2425
Sd/- Superintending Engineer,
Balasore (R&B) Division-II

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଳ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ଜିଲ୍ଲା ପ୍ରେସ କ୍ଲବ ପକ୍ଷରୁ ଜାତୀୟ ପ୍ରେସ ଦିବସ

ଖୋର୍ଦ୍ଧା : ଜିଲ୍ଲା ପ୍ରେସ କ୍ଲବ ଖୋର୍ଦ୍ଧା, ୟୁନିୟନ ଅଫ ଜର୍ଣ୍ଣାଲିଷ୍ଟ (ଓ. ୟୁ. ଜେ ), ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଙ୍ଘ ( ଓୟୁଡବ୍ଲୁ ଜେ ) ଏବଂ ଉତ୍କଳ ସାମ୍ବାଦିକ ସଙ୍ଘ (ୟୁଜେଏ) ଖୋର୍ଦ୍ଧା ଜିଲ୍ଲା ଶାଖା ପକ୍ଷରୁ ମିଳିତ ଭାବରେ ଜାତୀୟ ପ୍ରେସ ଦିବସ ଖୋର୍ଦ୍ଧା ସାମ୍ବାଦିକ ଭବନ ଠାରେ ପାଳିତ ହୋଇଯାଇଛି । ଜିଲ୍ଲା ପ୍ରେସ କ୍ଲବ ର ସଭାପତି ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ, ଖୋର୍ଦ୍ଧା, ପ୍ରତାପ ଚନ୍ଦ୍ର ବେଉରା, ସମ୍ମାନିତ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ, ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଜୀବନ୍ତ ଆଚାର୍ଯ୍ୟ, ଅବସରପ୍ରାପ୍ତ କର୍ଣ୍ଣେଲ ଅରୁଣ କୁମାର ରାଉତରାୟ,ଖୋର୍ଦ୍ଧା ଆଦର୍ଶ ଥାନା ଅଧିକାରୀ,ସଞ୍ଜୟ ନାୟକ, ୟୁନିୟନ ଅଫ ଜର୍ଣ୍ଣାଲିଷ୍ଟ ଖୋର୍ଦ୍ଧା ଜିଲ୍ଲା ସଭାପତି ତପନ କୁମାର ନାୟକ, ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଙ୍ଘ ଖୋର୍ଦ୍ଧା ଜିଲ୍ଲା ସଭାପତି ପ୍ରକାଶ କୁମାର ହାତୀ, ଉତ୍କଳ ସାମ୍ବାଦିକ ସଙ୍ଘ ଖୋର୍ଦ୍ଧା ଜିଲ୍ଲା ସଭାପତି ଅବ୍ୟକ୍ତ ହରି ହର ଖାଡ଼ଙ୍ଗା, ଜିଲ୍ଲା ପ୍ରେସ କ୍ଲବ ସମ୍ପାଦକ ଦିଲ୍ଲୀପ କୁମାର ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ରଞ୍ଜିତ ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ । ଜିଲ୍ଲା ପ୍ରେସ କ୍ଲବ ର ସଭାପତି ଶ୍ରୀ ସାମନ୍ତରାୟ ଜିଲ୍ଲା ପ୍ରେସ କ୍ଲବ ଗଠନ ର ଆଭିମୁଖ୍ୟ ଏବଂ ବିଗତ ଦିନରେ ଜିଲ୍ଲା ପ୍ରେସ କ୍ଲବ ପକ୍ଷରୁ କରାଯାଇଥିବା ବିଭିନ୍ନ ସମାଜ କଲ୍ୟାଣ ମୂଳକ କାର୍ଯ୍ୟକ୍ରମ ଗୁଡିକ ସମ୍ପର୍କ ରେ ସୂଚନା ଦେଇଥିଲେ । ମୁଖ୍ୟଅତିଥି ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ବେଉରା ଜାତୀୟ ପ୍ରେସ ଦିବସ ଉପଲକ୍ଷେ ଉପସ୍ଥିତ ସମସ୍ତ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହ ତାଙ୍କ ବକ୍ତବ୍ୟ ରେ କହିଥିଲେ ଗଣତନ୍ତ୍ର ର ସୁରକ୍ଷା ତଥା ସ୍ୱଚ୍ଛତାକୁ ପ୍ରୋତ୍ସାହିତ କରିବାରେ ଗଣମାଧ୍ୟମ ର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଗଣମାଧ୍ୟମ ଗଣତାନ୍ତ୍ରିକରାଷ୍ଟ୍ର ର ଅନ୍ୟତମ ସ୍ତମ୍ଭ ଭାବରେ କାର୍ଯ୍ୟକରୁଥିବା ବେଳେ ବିଭିନ୍ନ ମିଡ଼ିଆ ହାଉସ ରେ କାର୍ଯ୍ୟକରୁଥିବା ଗଣମାଧ୍ୟମ ପ୍ରତିନିଧି ମାନେ ଦର୍ପଣ ସଦୃଶ୍ୟ କାର୍ଯ୍ୟ କରନ୍ତି । ଯାହାର ରିପୋର୍ଟ ଏବଂ କାହାଣୀ ସମାଜ ର ବିଭିନ୍ନ ଦିଗକୁ ପ୍ରତିଫଳିତ କରିଥାଏ । ଗଣମାଧ୍ୟମ ଗୁଡିକ ସତ୍ୟ, ଉତ୍ତରଦାୟିତ୍ୱ ଏବଂ ର୍ନିଭିକ ସାମ୍ବାଦିକତା ପ୍ରତି ପ୍ରତିବଦ୍ଧତା ହେବା ଉଚିତ ବୋଲି ସେ ତାଙ୍କ ବକ୍ତବ୍ୟ ରେ କହିଥିଲେ । ଜିଲ୍ଲାପ୍ରେସ କ୍ଲବସୂଚନା ପତ୍ରିକା ଟି ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଜିଲ୍ଲା ପ୍ରେସ କ୍ଲବ ର ସଦସ୍ୟତା ଗ୍ରହଣ କରିଥିବା ସଦସ୍ୟ / ସଦସ୍ୟା ମାନଙ୍କୁ ମୁଖ୍ୟଅତିଥି ଦ୍ୱାରା ପରିଚୟପତ୍ର ପ୍ରଦାନ କରାଯାଇଥିଲା । ଶେଷରେ ଉତ୍କଳସାମ୍ବାଦିକ ସଙ୍ଘ ଖୋର୍ଦ୍ଧା ଜିଲ୍ଲା ସଭାପତି ଧନ୍ୟବାଦ ଅର୍ପଣ କରିଥିଲେ ।



## ରାଉଣ୍ଡ ଟେବୁଲ୍ ଇଣ୍ଡିଆ ଏବଂ ଲେଡିଜ୍ ସର୍କଲ୍ ଇଣ୍ଡିଆ ପକ୍ଷରୁ

# ଯୁବ ଶିକ୍ଷାର୍ଥୀମାନଙ୍କ ପାଇଁ ନୂତନ ଶ୍ରେଣୀଗୃହ ପ୍ରଦାନ

ଭୁବନେଶ୍ୱର (ସବ୍ୟୁ): ସମାଜ ଏବଂ ଶିକ୍ଷାର ଏକ ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ଭୁବନେଶ୍ୱର ଚନ୍ଦ୍ରଶେଖରପୁରର ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ଭୁବନେଶ୍ୱର ନାଇଟ୍ସ ରାଉଣ୍ଡ ଟେବୁଲ୍ ୨୩୦ ଏବଂ ଭୁବନେଶ୍ୱର କୁଇନ୍ସ ଲେଡିଜ୍ ସର୍କଲ୍ ୧୩୦ ପକ୍ଷରୁ ଦୁଇଟି ନୂତନ ଶ୍ରେଣୀଗୃହର ଉଦଘାଟନ କରିଥିଲେ । ଗୁଣାତ୍ମକ ଶିକ୍ଷା ମାଧ୍ୟମରେ ପିଲାମାନଙ୍କୁ ଉଜ୍ଜ୍ୱଳ, ଉନ୍ନତ ଭବିଷ୍ୟତ ଆଣିବା ପାଇଁ ଆରଟିଆଇ ଏବଂ ଏଲ୍ ସିଆଇ ର ଏହି ପ୍ରୟାସ ଏକ ବିଶେଷ ପ୍ରକଳ୍ପ ସ୍ୱାଧୀନତା ସହ ଶିକ୍ଷା ପଦକ୍ଷେପ ଅଧୀନରେ ନିର୍ମିତ ଏହି ନୂତନ ଶ୍ରେଣୀଗୃହ, ଉତ୍ସାହୀ ଯୁବକ ମାନଙ୍କୁ ଅଧିକ ଉତ୍ସାହିତ କରିଛି ।




ଏହି ଶ୍ରେଣୀଗୃହକୁ ବିଜେପି ମୁଖପାତ୍ର ତଥା ସିଏମଡି ନାଲକୋ ଡ଼ ତପନ ଚାନ୍ଦ ଉଦ୍ଘାଟନ କରିବା ସହ ବିଶିଷ୍ଟ ବ୍ୟବସାୟ ତଥା ଚାର୍ଟର ଚେୟାରମ୍ୟାନ୍ ମାତୃଦତ ମିଶ୍ର, ଲୋକନାଥ ପ୍ରହରାଜ, ପ୍ରଧାନ ଆଚାର୍ଯ୍ୟ, ଆର୍ ଟିଆଇ ଅଞ୍ଚଳ ଅଧ୍ୟକ୍ଷ କଶିଶ ବ୍ୟାସ ଆଦି ଉପସ୍ଥିତ ଥିଲେ । ରାଉଣ୍ଡ ଟେବୁଲ୍ ଇଣ୍ଡିଆର ଚେୟାରମ୍ୟାନ୍ ଅମିତେଶ ଗୁଗାନାନି କହିଛନ୍ତି ଯେ ଏହା ଏକ ଶ୍ରେଣୀଗୃହଠାରୁ ଅଧିକ – ଏହା ସମ୍ଭାବନା ଏବଂ ଆଶାର ଏକସ୍ଥାନ ଅଟେ । କେବଳ ଭିତ୍ତିଭୂମିରେ ଉନ୍ନତି ଆଣିବା ନୁହେଁ ବରଂ ଏହି ଦ୍ୱାର ଦେଇ ଯାଉଥିବା ପ୍ରତ୍ୟେକ ପିଲାଙ୍କ ପାଇଁ ଆଶା ଏବଂ ସମ୍ଭାବନା ସୃଷ୍ଟି କରିବା ଆମର ମୂଳ ଲକ୍ଷ୍ୟ ଅଟେ । ଏଠାରେ ଥିବା ପ୍ରତ୍ୟେକ ଇଟା ଏକ ଶିଶୁର ସାମର୍ଥ୍ୟ ପାଇଁ ଛିଡା ହୋଇଛି, ଏବଂ ସେମାନଙ୍କୁ ହାସଲ କରିବାରେ ସାହାଯ୍ୟ କରିବାରେ ଆମେ ଏକ ଛୋଟ ଭୂମିକା ଗ୍ରହଣ କରିବାକୁ ଗୌରବାନ୍ୱିତ, ଉପାସନା ଚାୱଲା, ଚେୟାରମ୍ୟାନ୍ କହିଥିଲେ । ମିଳିତ ଭାବେ ଆରଟିଆଇ ଏବଂ ଏଲସିଆଇ ସମଗ୍ର ଭାରତର ସମ୍ପ୍ରଦାୟରେ ଏକ ସମୟରେ ଗୋଟିଏ ଶ୍ରେଣୀଗୃହକୁ ଉଜ୍ଜ୍ୱଳ କରିବା ପାଇଁ ରାସ୍ତା ପ୍ରସ୍ତୁତ କରୁଛି ।

# ବାଲିଯାତ୍ରାରେ ହାଇକୋର୍ଟ ପାଭିଲିୟନ୍‌କୁ ଉଦ୍‌ଘାଟନ କଲେ ମୁଖ୍ୟ ବିଚାରପତି

କଟକ,(ସବ୍ୟୁ): ସାଧାରଣ ଲୋକଙ୍କ ନିକଟରେ ନ୍ୟାୟାଳୟ । ଏହି ବାର୍ତ୍ତା ଦେବା ପରିପେକ୍ଷୀରେ ବାଲିଯାତ୍ରା ପଡ଼ିଆରେ ‘ହାଇକୋର୍ଟ ପାଭଲିୟନ୍’ର ଆଜି ଉଦ୍‌ଘାଟିତ ହୋଇଯାଇଛି । ଏହି ପାଭଲିୟନ୍‌କୁ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂ ଉଦ୍‌ଘାଟନ କରିଥିଲାବେଳେ ଏଥିରେ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ସଙ୍ଗମ କୁମାର ସାହୁ, ଜଷ୍ଟିସ୍ କେ.ଆର. ମହାପାତ୍ର, ଜଷ୍ଟିସ୍ ସାବିତ୍ରୀ ରଥ, ଜଷ୍ଟିସ୍ ମୃଗାଙ୍କ ଶେଖର ସାହୁ, ଜଷ୍ଟିସ୍ ରାଧାକୃଷ୍ଣ ପଟ୍ଟନାୟକ, ଜଷ୍ଟିସ୍ ଶଶିକାନ୍ତ ମିଶ୍ର, ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ର, ଜଷ୍ଟିସ୍ ଭି. ନରସିଂହ, ଜଷ୍ଟିସ୍ ବିରଜା ପ୍ରସନ୍ନ ଶତପଥୀ, ଜଷ୍ଟିସ୍ ଏମ୍.ଏସ୍. ରମଣ ପ୍ରମୁଖ ଯୋଗ ଦେଇଥିଲେ । ସମସ୍ତ ବିଚାରପତିମାନେ ପାଭଲିୟନ୍ ବୁଲି ଦେଖୁଥିଲେ । ସେଠାରୁ ବାହାରି ବିଚାରପତିମାନେ କଟକ– ଇନ୍–କଟକ ମଧ ଯାଇଥିଲେ । ସେଠାରେ ପ୍ରଥମ ଥର ପାଇଁ ପ୍ରଦର୍ଶିତ ହୋଇଥିବା ପୁରୁଣା ଓଡ଼ିଆ ଚଳଚ୍ଚିତ୍ରକୁ ବିଚାରପତିମାନେ ପ୍ରଶଂସା କରିଥିଲେ । ପୁଣି ସେଠାରୁ ଲେଜର୍ ସୋ ଦେଖିବାକୁ ଯାଇଥିଲେ । ହାଇକୋର୍ଟ ବାର୍ ଆସୋସିଏସନ୍‌ର ସଭାପତି ବିଜୟ କୁମାର ଦାସ, ସମ୍ପାଦକ ରଞ୍ଜନ ନାୟକ ଏବଂ ବହୁ ଆଇନଜୀବୀ ହାଇକୋର୍ଟ ପାର୍ଭିଲିୟନ୍ ପରିଦର୍ଶନ କରିଥିଲେ । ସାଧାରଣ ଲୋକଙ୍କ ପାଇଁ ଖୋଲା ଯାଇଥିବା ଏହି ପାଭଲିୟନ୍‌ରେ ପାରା ଲିଗାଲ ସେଚ୍ଛାସେବୀମାନେ ଉପସ୍ଥିତ ରହିଛନ୍ତି । ସାଧାରଣ ଲୋକେ ଏହି ପାଭଲିୟନ୍‌କୁ ଯାଇ ଆଇନ ସହାୟତା ସମ୍ପର୍କରେ ସେମାନଙ୍କଠାରୁ ପରାମର୍ଶ ନେଇପାରିବେଛ ହାଇକୋର୍ଟ, ଆଇନ ସମ୍ପର୍କରେ ଜ୍ଞାନ ଆହରଣ କରିପାରିବେ ।

# ଜିଲ୍ଲା ସୂଚନା ଓ ଲୋକ ସଂପର୍କ ବିଭାଗ ପକ୍ଷରୁ ଜାତୀୟ ପ୍ରେସ ଦିବସ

ପୁରୀ, (ସବ୍ୟୁ): ସାଧାରଣ ଲୋକଙ୍କ ଆଶା, ଭରସା ଓ ବିଶ୍ୱାସର ପ୍ରତୀକ ଗଣମାଧ୍ୟମ ହୋଇଥାଏ ବୋଲି କହିଛନ୍ତି ପୁରୀ ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା । ଶନିବାର ପୂର୍ବାହ୍ନରେ ଜିଲ୍ଲା ସଂସ୍କୃତି ଭବନ ପରିସରରେ ପୁରୀ ଜିଲ୍ଲା ସୂଚନା ଲୋକ ସଂପର୍କ ବିଭାଗ ପକ୍ଷରୁ ଜିଲ୍ଲା ସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳିତ ହୋଇ ଯାଇଛି । ଚଳିତ ବର୍ଷର ଆଲୋଚ୍ୟ ପ୍ରସଙ୍ଗ ଗଣମାଧ୍ୟମର ପରିବର୍ତ୍ତିତ ସ୍ୱରୂପ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବେହେରା ସମ୍ବାଦ ସଂଗ୍ରହ ଓ ପରିବେଷଣ ଶୈଳୀରେ ପୂର୍ବାପେକ୍ଷା ଅନେକ ପରିବର୍ତ୍ତନ ଘଟିଛି । କିନ୍ତୁ ସମାଜକୁ ଶୃଙ୍ଖଳିତ ଓ ବିକଶିତ କରିବା ରେ ଗଣମାଧ୍ୟମ ପୂର୍ବ ପରି ତାହାର ପ୍ରଚେଷ୍ଟା ଜାରି ରଖିଛି । ସାଧାରଣ ଲୋକ ମାନଙ୍କ ସମସ୍ୟା, ଆବଶ୍ୟକତା କୁ ସରକାର ଓ ପ୍ରଶାସନ ନିକଟରେ ପହଞ୍ଚାଇବା ଓ ସରକାରଙ୍କ ବିଭିନ୍ନ ଯୋଜନା, ପ୍ରକଳ୍ପ ସମ୍ପର୍କରେ ସାଧାରଣ ଲୋକ ଙ୍କୁ ଅବଗତ ଓ ସଚେତନ କରାଇବାରେ ଗଣମାଧ୍ୟମ ର ଅବଦାନ ଅତୁଳନୀୟ । ସତ୍ୟ ଓ ନିରପେକ୍ଷ ସମ୍ବାଦ ପରିବେଷଣ ଗଣତନ୍ତ୍ରକୁ ମଜବୁତ କରିଥାଏ ବୋଲି କହିବା ସହ ଅନୁସନ୍ଧାନଧର୍ମୀ ଓ ବାସ୍ତବ ସମ୍ବାଦ ପରିବେଷଣ ଉପରେ ସେ ଗୁରୁତ୍ୱ ଦେଇଥିଲେ । ଗଣତନ୍ତ୍ରର ସୁରକ୍ଷା ଓ ସମୃଦ୍ଧି ପାଇଁ ଗଣମାଧ୍ୟମ ପ୍ରତିନିଧି ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ମୁଖ୍ୟ ବକ୍ତା ଭାବେ ସୂଚନା ଓ ଜନ ସମ୍ପର୍କ ଉତ୍ତର ପୂର୍ବାଞ୍ଚଳ ପରିଷଦର ପୂର୍ବତନ ନିର୍ଦ୍ଦେଶକ ମାନସ ରଞ୍ଜନ ମହାପାତ୍ର ଗଣତନ୍ତ୍ରକୁ ସୁଦୃଢ ସହ ଶୃଙ୍ଖଳା ଓ ବିକାଶରେ ଗଣମାଧ୍ୟମ ର ଅବଦାନ ସମ୍ପର୍କରେ ଆଲୋଚନା କରିବା ସହ ସତ୍ୟ, ଅନୁସନ୍ଧାନଧର୍ମୀ ନିରପେକ୍ଷ ଓ ଗୁଣାତ୍ମକ ସାମ୍ବାଦିକତା ଗଣତନ୍ତ୍ର ପାଇଁ ଶୁଭଙ୍କର ବୋଲି କହିଥିଲେ । ସାଧାରଣ ଲୋକ ଙ୍କ ସମସ୍ୟା କୁ ସରକାର ଓ ପ୍ରଶାସନ ନିକଟରେ ପହଞ୍ଚାଇ ସମାଧାନ କରିବାକୁ ଗଣମାଧ୍ୟମ ପ୍ରତିନିଧିମାନେ ବ୍ରତ ଭାବେ ଗ୍ରହଣ କରିବାକୁ ସେ ଅନୁରୋଧ କରିଥିଲେ । ପୁରୀ ସୂଚନା ଓ ଲୋକସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଏଥିରେ ଅଧ୍ୟକ୍ଷତା କରିବା ସହ ଗଣମାଧ୍ୟମ ସାଧାରଣ ଜନତା ର ସ୍ୱର ହେବା ସହ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ ରେ ସହଯୋଗ ରଖିଥାଏ ବୋଲି କହିଥିଲେ । ପୂର୍ବରୁ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାର ପ୍ରଥମ ଶ୍ରାବଣୀ ସାହୁ, ଦ୍ୱିତୀୟ ଓମ ଅଭିଶିଖା ଦାସ ଓ ତୃତୀୟ ହୋଇଥିବା ଆର୍ଯ୍ୟମାନ କର ଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ । ଶେଷରେ ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ଫେରିଗଲା ଆଳୁ ବିହନ ଗାଡି

ଠାକୁରମୁଣ୍ଡା, (ସବ୍ୟୁ) :ଆଳୁ ଚାଷ ପାଇଁ ଆସିଥିବା ଗୋଟିଏ ଟ୍ରକ ଆଳୁ ବିହନ ଫେରାଇ ଦିଆଯାଇଛି । ଛୋଟ ଓ ଖରାପ ଆଳୁ ଥିବା କାରଣରୁ ଫେରାଗଲା ବୋଲି ସହକାରୀ ଉଦ୍ୟାନବିତ ସୁଜନ କୁମାର ନରେନ୍ଦ୍ର କହିଛନ୍ତା।ସୂଚନା ମୁତାବକ ଶନିବାର ପୂର୍ବାହ୍ନ ୧୧ ଟା ବେଳେ ଜାତୀୟ ବିହନ କେନ୍ଦ୍ର ଆସାମରୁ ଆଳୁ ଗାଡି ପହଞ୍ଚିବା ପରେ ଚାଷୀଙ୍କ ସାମନାରେ ଆଳୁ ବସ୍ତା ଓଜନ କରାଯାଇ ନମୁନା ଯାଞ୍ଚ କରାଯାଇଥିଲା । ସେଥିରୁ ପ୍ରତି ୫୦ କିଗ୍ରା ବସ୍ତାରେ ୧୫ କିଗ୍ରା ଅତି ଛୋଟ ଓ ଖରାପ ଆଳୁ ବାହାରିଥିଲା । ତେଣୁ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଥିଲା ।ସମସ୍ତଙ୍କ ନିଷ୍ପତ୍ତି କ୍ରମେ ପୁନର୍ବାର ଆଳୁ ଲୋଡ଼ କରାଯାଇଥିଲା। ଚାଷୀମାନେ ନିଜେ ଆଣିଥିବା ଗାଡି ଫେରାଇ ନେଇଥିଲେ। ପୁନର୍ବାର ଆଳୁ ୨ /୩ ଦିନ ମଧ୍ୟରେ ଆସିବ ବୋଲି ଏଏଚଓ ସୂଚନା ଦେଇଛନ୍ତି ।

# କଟକ ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ ଦିବସ

କଟକ,(ସବ୍ୟୁ): ଜାତୀୟ ପ୍ରେସ ଦିବସ ଅବସରରେ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟ,କଟକ ଦ୍ୱାରା ଜିଲ୍ଲାସ୍ତରୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି । ଚଳିତ ବର୍ଷ ପ୍ରେସ ଦିବସର ଆଲୋଚ୍ୟ ବିଷୟବସ୍ତୁ ‘ଗଣମାଧ୍ୟମର ପରିବର୍ତ୍ତନଶୀଳ ସ୍ୱରୂପ’ ଉପରେ ଆଲୋଚନା ପୂର୍ବକ ସମାରୋହର ମୁଖ୍ୟଅତିଥି ଭାବରେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ଶିବ ଟୋପୋ କହିଲେ ଯେ କଟକରେ ସାମ୍ବାଦିକତାର ନିଆରାପଣ ରହିଛି । ଏବେ ସମ୍ବାଦପତ୍ର ଓ ବୈଦ୍ୟୁତିକ ଗଣମାଧ୍ୟମର ସଂଖ୍ୟା ବୃଦ୍ଧି ପାଇଥିବାବେଳେ ସାମାଜିକ ଗଣମାଧ୍ୟମର ମଧ୍ୟ ଗୁରୁତ୍ୱ ବଢ଼ିଛି । ସୁସ୍ଥ ବାତାବରଣ ନିମନ୍ତେ ବିଭିନ୍ନ ବର୍ଗର ସାମ୍ବାଦିକମାନେ ନିଆରା ଢଙ୍ଗରେ ସମ୍ବାଦ ପରିବେଷଣ କରିବାର ଆବଶ୍ୟକତା ରହିଛି ।

ରେଭେନ୍ସା ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ପ୍ରାଧ୍ୟାପକ ଡଃ. ଦେବିଲାଲ ମିଶ୍ର ଆଜିର ଏହି ଦିବସ ପାଳନ ଉପଲକ୍ଷେ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ସାମ୍ବାଦିକମାନଙ୍କର ଏକ ଭିନ୍ନ ଦୃଷ୍ଟିକୋଣ ରହିଥାଏ ବୋଲି କହିବା ସହ ଖବର ପ୍ରସ୍ତୁତିଠାରୁ ଆରମ୍ଭ କରି ଏହାକୁ ପରିବେଷଣ କରିବା ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ସାମ୍ବାଦିକମାନେ ସେମାନଙ୍କର ନିଜସ୍ୱ ଦୃଷ୍ଟିଭଙ୍ଗୀକୁ ଉପସ୍ଥାପନ କରିଥାନ୍ତି ବୋଲି କହିଥିଲେ । ସମାଜ ଓ ଗଣମାଧ୍ୟମ ଅଙ୍ଗାଙ୍ଗୀ ଭାବେ ଜଡିତ । ଗଣତନ୍ତ୍ରପାଇଁ ଗଣମାଧ୍ୟମ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହୋଇଥିବା ବେଳେ ସଠିକ ସୂଚନା ସହ ସଠିକ କଥାକୁ ଯଥାର୍ଥରେ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା, ଭବିଷ୍ୟତର ସାମ୍ବାଦିକତା କିଭଳି ସମୃଦ୍ଧ ହେବ, ସେ ସମ୍ବନ୍ଧରେ ପ୍ରାଧ୍ୟାପକ ଡଃ. ମିଶ୍ର ମଧ୍ୟ ମତ ରଖିଥିଲେ । ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଶ୍ରୀ ଭବାନୀ ଶଙ୍କର ଭୂୟାଁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସତ୍ୟ ଓ ନିରପେକ୍ଷ ସମ୍ବାଦ ପରିବେଷଣ ଉପରେ ଗୁରୁତ୍ୱ ଦେବା ସହ ପରିବର୍ତ୍ତନ ସ୍ୱରୂପ ଗଣମାଧ୍ୟମକୁ ଏକ ଶକ୍ତିଶାଳୀ ସ୍ୱରରେ ପରିଣତ କରିପାରି ସମ୍ବାଦ ପରିବେଷଣ ହୋଇପାରିଲେ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ସମୟର ବ୍ୟୁରୋ ଚିଫ ପ୍ରଫୁଲ୍ଲ କୁମାର ମହାନ୍ତିଙ୍କ ସମେତ ବହୁ ବରିଷ୍ଠ ସାମ୍ବାଦିକ ମତ ରଖିଥିଲେ ।

## ରେଡ ଟେପ୍ ଫ୍ୟାସନ୍ ବ୍ରାଣ୍ଡ କମ୍ପାନୀର ଆଉଟଲେଟ କଟକରେ

# ପ୍ରତ୍ୟେକ କ୍ରୟ ଉପରେ ୭୦% ରିହାତି

କଟକ,(ସବ୍ୟୁ): ପ୍ରସିଦ୍ଧ ଜୋତା ଏବଂ ଫ୍ୟାସନ୍ ବ୍ରାଣ୍ଡ ପାଇଁ ଦେଶ ବିଦେଶରେ ନାଁ କରିଥିବା ରେଡ ଟେପ୍ କମ୍ପାନୀ କଟକର ବାଦାମବାଡି ଅଞ୍ଚଳରେ ଏହାର ବ୍ରାଣ୍ଡ ନୂତନ ଅନ୍ ଲାଇନ୍ ଷ୍ଟୋରର ଶୁଭାରମ୍ଭ କରିଛି । ଏହା ହେଉଛି କଟକରେ ପ୍ରଥମ ଷ୍ଟୋର । ଅନ୍ୟ ନାମୀ ଦାମୀ କମ୍ପାନୀ ଗୁଡ଼ିକ ସହ ତାଳ ଦେଇ ଦେଶ ବିଦେଶରେ ପୁର୍ବରୁ ନିଜ ବ୍ରାଣ୍ଡ କୁ ମଳିନ କରିବାକୁ ଦେଇ ନ ଥିବା ରେଡ ଟେପ୍ ଗୋଟିଏ ପରେ ଗୋଟିଏ ସୋପାନକୁ ଚଢି ଓଡ଼ିଶାର ରାଉରକେଲା,ସମ୍ବଲପୁର ଓ ବ୍ରହ୍ମପୁର ଭଳି ମେଟ୍ରୋପଲିଟାନ ସିଟି ରେ ଆଗାମୀ ଦିନରେ ତାର ନୂତନ ଆଓଟଲେଟ ଖୋଲିବାକୁ ଯାଉଛି ବୋଲି ଏହାର ଉଦ୍ଘାଟନ ଅବସରର ଓଡ଼ିଶା ଦାୟିତ୍ୱରେ ଥିବା ଅଧିକାରୀ ସଞ୍ଜିତ ମହାନ୍ତି କହିଛନ୍ତି । ବାଦାମ ବାଡି ପାଲାମଣ୍ଡପ ସମ୍ମୁଖରେ ଥିବା ୪ହଜାର ବର୍ଗ ପରିମିତ ତିନି ମହଲା ବିଶିଷ୍ଟ ବିଲ୍ଡିଂ ର ପ୍ରଥମ ମହଲାରେ ସବୁବର୍ଗଙ୍କୁ ସୁହାଇବା ଭଳି ମନ ପସନ୍ଦର ପୋଷାକ ପତ୍ର ସହ, ଦ୍ୱିତୀୟ ମହଲାରେ ଖେଳ , ଯୋଗ,ବ୍ୟାୟାମ ପୋଷାକ ଏଂ ତୃତୀୟ ମହଲା ରେ ପ୍ରିମିୟମ୍ ଫୁଟ ୱିୟାର (ଜୋତା), ସ୍ପୋର୍ଟସ ସୁ ରହିଛି ଯାହାକି ସବୁ ବର୍ଗର ଗ୍ରାହକଙ୍କୁ ଆକର୍ଷିତ କରୁଛି । ସର୍ବୋପରେ ଗ୍ରାହକ ଟି ଯେ କୌଣସି ଜିନିଷ କିଣିଲେ ସେଥିରେ ୭୦% ରିଆତି ବା ଛାଡ଼ ପାଉଛି । ରେଡଟେପ୍ ଲିମିଟେଡ୍ର ନିର୍ଦ୍ଦେଶକ ଅରବିନ୍ଦ ବର୍ମା ଉଦଘାଟନ ବିଷୟରେ ନିଜର ଉତ୍ସାହ ବାଣ୍ଟିଛନ୍ତି ରେଡ ଟେପ୍ ଅଭିଜ୍ଞତାକୁ କଟକକୁ ଆଣି ଆମେ ଆନନ୍ଦିତ ।




# ରାମୋଜି ଗ୍ରୁପ୍ ପକ୍ଷରୁ ସାବଲା ମିଲେଟ୍‌ସ ଭାରତ କା ସୁପର୍ ଫୁଡ୍‌ର ଶୁଭାରମ୍ଭ

ଭୁବନେଶ୍ୱର, (ସବ୍ୟୁ): ଶ୍ରୀ ରାମୋଜି ରାଓ ଗାରୁଙ୍କ ୮୮ତମ ଜନ୍ମବାର୍ଷିକୀ ଅବସରରେ ରାମୋଜି ଗ୍ରୁପ୍ ପକ୍ଷରୁ ଗର୍ବ ସହିତ ସାବଲା ମିଲେଟ୍‌ସ- ଭାରତ୍ କା ସୁପର୍ ଫୁଡ୍‌ର ଶୁଭାରମ୍ଭ କରାଯାଇଛି। ଏହି ଶୁଭାରମ୍ଭ ଅବସରରେ ସାବଲା ମିଲେଟ୍‌ସର ନିର୍ଦ୍ଦେଶକ ସାହାରି ଚେରୁକୁରି କହିଛନ୍ତି, ସାବଲା, ମିଲେଟ୍‌ସ ବା ବାଜରାର ହିତକାରିତା ଓ ସୁସ୍ଥ ଜୀବନର ପ୍ରତିବଦ୍ଧତାର ପ୍ରତିନିଧିତ୍ୱ କରୁଛି। ଏହି ଉଦ୍ଭାବନ ମାଧ୍ୟମରେ ପାରମ୍ପରିକ ଭାରତୀୟ ଶସ୍ୟ ଓ ଆଧୁନିକ ଖାଦ୍ୟ ମଧ୍ୟରେ ଅନ୍ତରକୁ ଦୂର କରୁଛି। ଏହା ଉତମ ସ୍ୱାଦ ସହିତ ସନ୍ତୁଳିତ ପୋଷଣଯୁକ୍ତ ଆହାରକୁ ମିଶ୍ରଣ କରିବା ପାଇଁ ଆମର ଦୃଢ ସଙ୍କଳ୍ପକୁ ବର୍ଣ୍ଣନା କରୁଛି। ଆମେ ଆମର ପ୍ରତିଷ୍ଠାତା, ଶ୍ରୀ ରାମୋଜି ରାଓ ଗାରୁଙ୍କ ଜନ୍ମବାର୍ଷିକୀ ଅବସରରେ ଏହି ମିଲେଟ ରେଞ୍ଜର ଶୁଭାରମ୍ଭକରି ଆମେ ଖୁବ୍ ଉତ୍ସାହିତ । ଏହି ଭେଂଚର୍ ଉପଭୋକ୍ତାଙ୍କ ସ୍ୱାସ୍ଥ୍ୟ ପ୍ରତି ଗ୍ରୁପ୍‌ର ପ୍ରତିବଦ୍ଧତା କ୍ଷେତ୍ରରେ ଏକ ପରିବର୍ତନଶୀଳ ପଦକ୍ଷେପକୁ ଚିହ୍ନିତ କରୁଛି, ଯାହା ପୋଷଣକୁ ବଜାୟ ରଖି ଆଧୁନିକ ଓ ସ୍ୱାସ୍ଥ୍ୟ–ସଚେତକ ଜୀବନଶୈଳୀର ଆବଶ୍ୟକତାକୁ ପୂରଣ କରିବା ପାଇଁ ଡିଜାଇନ କରାଯାଇଥିବା ମିଲେଟ୍– ଆଧାରିତ ଉତ୍ପାଦ ପ୍ରଦାନ କରୁଛି। ସାବଲା ମିଲେଟ୍ ଏହାର ଉପଭୋକ୍ତାଙ୍କ ପାଇଁ ପୋଷଣଯୁକ୍ତ ଓ ସ୍ୱାଦିଷ୍ଟ ଉତ୍ପାଦଗୁଡିକର ଏକ ଶୃଙ୍ଖଳାକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବଦ୍ଧ ରହିଛି।

# ନାରାୟଣ ଇ-ଟେକ୍ନୋ ବିଦ୍ୟାଳୟରେ ଶିଶୁ ଦିବସ





ଭୁବନେଶ୍ୱର (ସବ୍ୟୁ): ସ୍ଥାନୀୟ ନାରାୟଣ ଇ–ଟେକ୍ନୋ ବିଦ୍ୟାଳୟରେ ଶିଶୁ ଦିବସ ପାଳିତ ହୋଇଛି । ବିଦ୍ୟାଳୟର ଏ.ଜି.ଏମ୍ କିଶୋର ପାଣିଗ୍ରାହୀ, ଡି.ଜି.ଏମ୍. ଫି ଶ୍ରୀନିବାସ ରାଓଙ୍କ ଉପସ୍ଥିତିରେ ଅଧ୍ୟକ୍ଷା ଟିଂ ଶ୍ରୀଦେବୀ ଏହି ପାବନ ଅବସରରେ ଚାଚା ନେହେରୁ ଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି କେକ୍ –କାଟିଥିଲେ । ପିଲାମାନଙ୍କୁ ଶିଶୁ ଦିବସର ମହତ୍ତ୍ୱ ଅତି ସୁନ୍ଦର ଭାବରେ ବୁଝାଇ ଥିଲେ । ଆଜିର ଶିଶୁ ଆସନ୍ତା କାଲିର ଭବିଷ୍ୟତ । ତେଣୁ ସେମାନଙ୍କୁ ସଠିକ୍ ଭାବରେ ଗଢ଼ି ତୋଳିବା ଆମ ସମସ୍ତଙ୍କର ଦାୟିତ୍ୱ । ପାଠ ପଢ଼ା ସହିତ ପିଲାମାନଙ୍କର ମନୋରଞ୍ଜନର ମଧ୍ୟ ଆବଶ୍ୟକ । ଏହାକୁ ଦୃଷ୍ଟିରେ ରଖି ବିଦ୍ୟାଳୟ ଆୟୋଜନ କରିଥିଲା ଏକ ଫିଲଡ୍ ଟ୍ରିପ୍ । ଏହି ପରିପେକ୍ଷରେ ପିଲାମାନଙ୍କୁ ଭୁବନେଶ୍ୱରର ଉପକଣ୍ଠସ୍ଥ ଖୋର୍ଦ୍ଧଠାରେ ଅବସ୍ଥିତ ୱାଣ୍ଡେର୍ଲା ୱାଟର ପାର୍କ କୁ ନିଆଯାଇଥିଲା । ସେଠାରେ ପିଲାମାନେ ବିଭିନ୍ନ ପ୍ରକାର ରାଇଡ୍‌ସ୍ କୁ ଉପଭୋଗ କରିଥିଲେ। ପିଲାମାନେ ଉକ୍ତ ଦିବସକୁ ସମ୍ପୂର୍ଣ୍ଣ ରୂପେ ଅତି ଆନନ୍ଦର ସହ ଉପଭୋଗ କରିଥିଲେ । ଶିଶୁ ଦିବସ ଉପଲକ୍ଷେ ସେଠାରେ ଆୟୋଜିତ ହୋଇଥିବା ଏକ ବିଶେଷ ଖେଳ – କୌତୁକ କାର୍ଯ୍ୟକ୍ରମରେ ବିଦ୍ୟାଳୟର ୧୦ମ ଶ୍ରେଣୀର ଛାତ୍ରୀ ଯଥା ସମୀକ୍ଷା, ସମ୍ପର୍ଣ୍ଣା, ରେଶ୍ମୁମା, ଖ୍ୟାତି, ଆଶ୍ରିୟା ଓ ଉଦ୍ଧୋକ ନିଗୋମ ଆଦି ଭାଗନେଇଥିଲେ । ସେମାନଙ୍କ ମଧ୍ୟରୁ ସମୀକ୍ଷା ସାହୁ, ସମ୍ପର୍ଣ୍ଣା ସ୍ୱାଇଁ, ରେଶ୍ମୁମା ନିଆଜି କୃତକାର୍ଯ୍ୟ ହୋଇ ସମ୍ବର୍ଦ୍ଧିତ ହୋଇଥିଲେ।

# ଏକାମ୍ର କ୍ଷେତ୍ର ବାଲିଯାତ୍ରା ମହୋତ୍ସବ ଉଦ୍‌ଘାଟିତ

ଭୁବନେଶ୍ୱର, (ସବ୍ୟୁ): ଏକାମ୍ର ବାଲିଯାତ୍ରା ମହୋତ୍ସବ ଉଦ୍‌ଘାଟିତ ହେବା ପରେ ଚଳଚଞ୍ଚଳ ହୋଇଛି ଏକାମ୍ର ନିର୍ବାଚନ ମଣ୍ଡଳୀର କୁଆଖାଇ ନଦୀପଠା । କାର୍ତ୍ତିକ ପୂର୍ଣ୍ଣିମାରେ ରାତି ୩ଟାରୁ ଡଙ୍ଗା ଭସା ପରେ ଭୋର୍ ୪ଟାରୁ ରଙ୍ଗିଲା ଡ୍ୟାନ୍ସଗ୍ରୁପ୍ ପକ୍ଷରୁ ଭଜନ ପରିବେଷଣ ହୋଇଥିଲା । ଏଥିରେ ଅଭିନେତ୍ରୀ ଅର୍ଜିତା ସାହୁ ଙ୍କ ସହ ବହୁ କଳାକାର ଯୋଗଦେଇଥିଲେ । ସକାଳ ୭ଟା୧୫ରେ ବୋଇତ ବନ୍ଦାଣ ଉତ୍ସବ କୁ ବାଲିଯାତ୍ରା କମିଟିର ସଭାପତି ତଥା ଏକାମ୍ର ବିଧାୟକ ବାବୁ ସିଂ ମୁଖ୍ୟ ଅତିଥିଭାବେ ଯୋଗଦେଇ ବୋଇତ ବନ୍ଦାଣ ଉତ୍ସବର ଶୁଭାରମ୍ଭ କରିଥିଲେ । କାର୍ଯ୍ୟକ୍ରମ ରେ କମିଟିର ସାଧାରଣ ସମ୍ପାଦକ କବିରାଜ ସ୍ୱାଇଁ, ଭୁବନେଶ୍ୱର ବ୍ଲକ୍ ଅଧକ୍ଷ ନିରୁପମା ସାହୁ, ମଣ୍ଡଳ ସଭାପତି ଅରୁଣ ପୁରୋହିତ, ଜିଲ୍ଲା ମହିଳା ମୋର୍ଚ୍ଚା ସଭାପତି ସୁଭାଷିନୀ ପୃଷ୍ଟି, ସୁନିଲ ସ୍ୱାଇଁ, ସତ୍ୟବ୍ରତ ନାୟକ, ତାପସ ଦଳାଇ ପ୍ରମୁଖ ସାମିଲ ହୋଇଥିଲେ। ସନ୍ଧ୍ୟାରେ କଣ୍ଠଶିଳ୍ପୀ ଶ୍ରୀଚରଣଙ୍କ ଦ୍ୱାରା ଭଜନ ସନ୍ଧ୍ୟାରେ ପରିବେଷଣ ହୋଇଥିଲା । ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ,କମିଟିର ଉପଦେଷ୍ଟା ତଥା ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, କମିଟି ର ସଭାପତି ତଥା ଏକାମ୍ର ବିଧାୟକ ବାବୁ ସିଂ, କମିଟିର ସାଧାରଣ ସଂପାଦକ କବିରାଜ ସ୍ୱାଇଁ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ କୁ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ବିଜେପି ନେତା ଜଗନ୍ନାଥ ପ୍ରଧାନ, ପ୍ରିୟଦର୍ଶୀ ମିଶ୍ର, କର୍ପୋରେଟର ସୁଜାତା ଛୋଟରାୟ ପ୍ରମୁଖ ଉପସ୍ଥିତ ଥିଲେ । ଶୀତୁଆ ରାତିରେ ରାଜଧାନୀ ବାସୀ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କୁ ଉପଭୋଗ କରିଥିଲେ । ୨୨ ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବ ଚାଲିବ । ବିଭିନ୍ନ ଦୋକି ସହ ଖାଇବା ଷ୍ଟଲ୍, ମିନାବଜାର ର ବ୍ୟବସ୍ଥା କରାଯାଇଛି । ପ୍ରଥମ ଦିନରେ ଅସମ୍ଭାଳ ଭିଡ ଦେଖିବାକୁ ମିଳିଥିଲା। ପବିତ୍ର କାର୍ତିକ ପୂର୍ଣ୍ଣିମା ପାଇଁ ଆଜି ଗାଁରୁ ସହର ସବୁ ଚଳଚଂଚଳ ହୋଇଉଠିଛି ।

## ବିଶ୍ୱ ମଧୁମେହ ଦିବସରେ ଅଭିନବ ବାଲୁକାକଳା

# ମ୍ୟାନକାଇଣ୍ଡ ଫାର୍ମା ଏବଂ ଆରଏସଏସଡିଆଇର ମଧୁମେହ ସଚେତନତା




ଭୁବନେଶ୍ୱର, (ସବ୍ୟୁ) : ଭାରତ ବିଶ୍ୱର ମଧୁମେହ ରାଜଧାନୀଭାବେ ପରିଚିତ, ଯେଉଁଠି ମଧୁମେହ ଓ ଆନୁଷଙ୍ଗିକ ଜଟିଳତା ଅଧିକ ମାତ୍ରାରେ ଦେଖାଦେଇଥାଏ। ଏ ସଂପର୍କରେ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଓ ଏହି ସ୍ୱାସ୍ଥ୍ୟ ସଙ୍କଟର ମୁକାବିଲା ପାଇଁ ଏକ ଅଭିନବ ପ୍ରୟାସରେ ମ୍ୟାନକାଇଣ୍ଡ ଫାର୍ମା ଏବଂ ରିସର୍ଚ୍ଚ ସୋସାଇଟି ଫର ଡାଇବେଟିସ୍ ଇନ୍ ଇଣ୍ଡିଆ (ଆରଏସଏସଡିଆଇ) ସହଯୋଗରେ ଚଳିତ ବିଶ୍ୱ ମଧୁମେହ ଦିବସରେ ଏକ ପ୍ରଭାବଶାଳୀ ବାଲୁକାକଳା ପ୍ରୟାସ ମାଧ୍ୟମରେ ପ୍ରାରମ୍ଭିକ ମଧୁମେହ ନିର୍ଣ୍ଣୟ, ଖାଦ୍ୟ ଏବଂ ବ୍ୟାୟାମର ଗୁରୁତ୍ୱ ଉପରେ ସଚେତନତା ସୃଷ୍ଟି କରୁଛି । ସଚେତନତା ମାଧ୍ୟମରେ ପ୍ରତିରୋଧର ଗୁରୁତ୍ୱପୂର୍ଣ୍ଣ ବାର୍ତା ପ୍ରଦାନ କରିବା ପାଇଁ ପ୍ରସ୍ତୁତ କରାଯାଇଥିବା ଏହି ବାଲୁକାକଳା ମଧୁମେହ ସହିତ ଜଡିତ ହୃଦୟ ଏବଂ କିଡନୀ ଜଟିଳତାର ବିପଦକୁ ହ୍ରାସ କରିବା ପାଇଁ ପ୍ରାରମ୍ଭିକ ରୋଗ ନିର୍ଣ୍ଣୟ, ନିୟମିତ ସ୍ୱାସ୍ଥ୍ୟ ଯାଂଚ ଏବଂ ଜୀବନଶୈଳୀ ପରିବର୍ତନ ପାଇଁ ଏକ ସକ୍ରିୟ ଆଭିମୁଖ୍ୟର ଗୁରୁତ୍ୱକୁ ସୂଚାଉଛି। ଏହିଅବସରରେ ମ୍ୟାନକାଇଣ୍ଡ ଫାର୍ମାର ଡେପୁଟି ଜେନେରାଲ ଅଫ୍ ମେଡିକାଲ ଆଫେୟାର୍ସ, ଡାକ୍ତର ପ୍ରଶାନ୍ତ ଅଗ୍ରୱାଲ ସକ୍ରିୟ ସ୍ୱାସ୍ଥ୍ୟ ପରିଚାଳନାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି ।

## ପାଞ୍ଚ ଦିନିଆ ବିଦେଶ ଗସ୍ତରେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ:** ନାଇଜେରିଆ, ବ୍ରାଜିଲ ଏବଂ ଗୁୟାନାକୁ ପାଞ୍ଚ ଦିନିଆ ଗସ୍ତରେ ଯାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ରାଷ୍ଟ୍ରପତି ବୋଲା ଅହମ୍ମଦ ତିନୁବୁଙ୍କ ଆମନ୍ତ୍ରଣ କ୍ରମେ ମୋଦୀଙ୍କର ଏହା ପ୍ରଥମ ନାଇଜେରିଆ ଗସ୍ତ । ଏହି ଗସ୍ତକୁ ନେଇ ମୋଦୀ କହିଛନ୍ତି ଯେ ଆମର ରଣନୀତିକ ସହଭାଗିତା ଯାହାକି ଗଣତନ୍ତ୍ର ଓ ବହୁଳବାଦର ପାରସ୍ପରିକ ବିଶ୍ୱାସ ଆଧାରିତ ତାକୁ ସୁଦୃଢ଼ କରିବା ପାଇଁ ମୋର ଗସ୍ତ ଏକ ସୁଯୋଗ । ସେହିପରି ମୋଦୀ ବ୍ରାଜିଲରେ ୧୯ ତମ ଜି-୨୦ ଶିଖର ସମ୍ମିଳନୀରେ ଟ୍ରୋଇକା ସଦସ୍ୟ ଭାବେ ଯୋଗ ଦେବେ । ଏନେଇ ମୋଦୀ କହିଛନ୍ତି ଯେ ଗତ ବର୍ଷ ଭାରତ ସଫଳତାର ସହ ଅଧ୍ୟକ୍ଷତା କରିବ । ଗ୍ଲୋବାଲ ସାଉଥର ଅଗ୍ରାଧିକାରକୁ କାର୍ଯ୍ୟସୂଚୀରେ ସାମିଲ କରିପାରିଥିଲା ।

ଚଳିତ ବର୍ଷ ବ୍ରାଜିଲ ଏହି ପରମ୍ପରାକୁ ଆଗକୁ ନେବ । 'ଗୋଟିଏ ପୃଥିବୀ, ଗୋଟିଏ ପରିବାର, ଗୋଟିଏ ଭବିଷ୍ୟତ' ଦୃଷ୍ଟିକୋଣ ଅନୁଯାୟୀ ଫଳପ୍ରଦ ଆଲୋଚନାକୁ ମୁଁ ଅପେକ୍ଷା କରି ରହିଛି । ଅନ୍ୟାନ୍ୟ ନେତାମାନଙ୍କ ସହ ଦ୍ୱିପାକ୍ଷିକ ସହଯୋଗ ସମ୍ପର୍କରେ ଭାବ ବିନିମୟ କରିବାକୁ ମଧ୍ୟ ଏହି ସୁଯୋଗର ମୁଁ ସଦ୍‌ବ୍ୟବହାର କରିବି । ସେହିପରି ରାଷ୍ଟ୍ରପତି ମହମ୍ମଦ ଇରଫାନ ଅଲ୍ଲୀଙ୍କ ଆମନ୍ତ୍ରଣ କ୍ରମେ ମୋଦୀ ଗୁୟାନା ଗସ୍ତ ମଧ୍ୟ କରିବେ । ବିଗତ ୫୦ ବର୍ଷ ମଧ୍ୟରେ କୌଣସି ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ପ୍ରଥମ ଗୁୟାନା ଗସ୍ତ ହେବ । ଏହି ଗସ୍ତ ନେଇ ମୋଦୀ କହିଛନ୍ତି ଯେ ଐତିହ୍ୟ, ସଂସ୍କୃତି ଓ ନୈତିକତା ଆଧାରରେ ଆମର ସ୍ୱତନ୍ତ୍ର ସମ୍ପର୍କକୁ ରଣନୀତିକ ଦିଗକୁ ନେବାକୁ ଆମେ ଭାବ ବିନିମୟ କରିବୁ । ଭାରତର ଏକ ପୁରାତନ ସମୁଦାୟ ଯେଉଁମାନେ କି ୧୮୫ ବର୍ଷ ପୂର୍ବେ ଗୁୟାନା ଚାଲି ଯାଇଥିଲେ ସେମାନଙ୍କୁ ମୁଁ ସମ୍ମାନ ଜଣାଇବି ଏବଂ ଲୋକତନ୍ତ୍ରର ସାଥୀ ଭାବେ ସଂସଦରେ ମୁଁ ଉଦବୋଧନ ଦେବି ।

# ନିଜ ଘରେ ବି ସୁରକ୍ଷିତ ନାହାନ୍ତି ଆତଙ୍କବାଦୀ: ମୋଦି



**ନୂଆଦିଲ୍ଲୀ:** ଆତଙ୍କବାଦକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ବଡ଼ ବିବୃତ୍ତି ଦେଇଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ଦିନେ ଏପରି ଏକ ସମୟ ଥିଲା ଯେତେବେଳେ ପଡୋଶୀ ଦେଶରୁ ଆତଙ୍କବାଦୀଙ୍କ କାର୍ଯ୍ୟକଳାପ ହେତୁ ଆମ ଲୋକମାନେ ନିଜ ଘରେ ଏବଂ ସହରରେ ଅସୁରକ୍ଷିତ ରହିଥିଲେ । କିନ୍ତୁ ବର୍ତ୍ତମାନ ପରିସ୍ଥିତି ବଦଳିଛି, ବର୍ତ୍ତମାନ ଆତଙ୍କବାଦୀମାନେ ସେମାନଙ୍କ ଘରେ ସୁରକ୍ଷିତ ନୁହଁନ୍ତି ।

ମୋଦୀ କହିଛନ୍ତି ଯେ ମୁଁ ୨୬/୧୧ ମୁମ୍ବାଇ ଆକ୍ରମଣର ରିପୋର୍ଟ ଦେଖିଛି । ସେତେବେଳେ ଆତଙ୍କବାଦ ଯୋଗୁଁ ଲୋକମାନେ ନିଜ ଘରେ ଅସୁରକ୍ଷିତ ମନେ କରୁଥିଲେ । କିନ୍ତୁ ବର୍ତ୍ତମାନ ସମୟ ବଦଳି ଯାଇଛି । ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ତାଙ୍କ ସରକାର ଭୋଟ୍ ବ୍ୟାଙ୍କ ରାଜନୀତିଠାରୁ ଦୂରରେ ଅଛନ୍ତି । ଦେଶର ବିକାଶ ପାଇଁ କାର୍ଯ୍ୟ କରୁଛନ୍ତି । ଏହାପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦୀ ମହାରାଷ୍ଟ୍ରର ବିଜେପି କର୍ମୀଙ୍କ ସହ ନମୋ ଆପ୍ ଜରିଆରେ 'ମେରା ବୁଥ୍ ସବସେ ମଜବୁତ' କାର୍ଯ୍ୟକ୍ରମ ଅଧୀନରେ କଥାବାର୍ତ୍ତା କରିଥିଲେ । ଏହି ସମୟରେ ସେ କହିଥିଲେ, 'ମହାରାଷ୍ଟ୍ରର ଅଢେଇ ବର୍ଷ କାର୍ଯ୍ୟକାଳ ଦ୍ୱାରା ମହାରାଷ୍ଟ୍ରର ଲୋକମାନେ ବହୁ ପ୍ରଭାବିତ ହୋଇଛନ୍ତି । ମୁଁ ଯୁଆଡେ ବି ଯାଇଛି, ଢେର ସାରା ଭଲପାଇବା ପାଇଛି ମହାରାଷ୍ଟ୍ରର ଲୋକମାନେ ଚାହୁଁଛନ୍ତି ଯେ ଏହି ସରକାର ଆସନ୍ତା ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଜାରି ରହୁ । ସମଗ୍ର ମହାରାଷ୍ଟ୍ରରେ ଏହା ହେଉଛି ଅନୁଭବ ।

ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଏହା ଆମ ସରକାର ଏବଂ ଆଘାଡି ସରକାରଙ୍କ ମଧ୍ୟରେ ମୁଖ୍ୟ ପାର୍ଥକ୍ୟ ଏବଂ ଲୋକମାନେ ଏହି ପାର୍ଥକ୍ୟକୁ ସ୍ପଷ୍ଟ ଭାବେ ଅନୁଭବ କରିପାରିଛନ୍ତି । ଆମ ସରକାର ସାମୂହିକ ପ୍ରଗତିର କଳ୍ପନା କରନ୍ତି, ଯେଉଁଠାରେ ସମସ୍ତେ ଆଗକୁ ବଢିବାର ସୁଯୋଗ ପାଆନ୍ତି କଂଗ୍ରେସ ଏହାର ଇତିହାସ ବିଷୟରେ ଭଲ ଭାବେ ଜାଣିଛି । ଯେତେବେଳେ ଏସସି, ଏସଟି ଏବଂ ଓବିସି ସମ୍ପ୍ରଦାୟ କମ୍ ସଚେତନ ଥିଲେ, ସେମାନେ କେନ୍ଦ୍ରରେ ସଂପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ସହ ଏକ ସରକାର ଉପଭୋଗ କରିଥିଲେ । ତେବେ ଏହି ସମ୍ପ୍ରଦାୟଗୁଡ଼ିକ ମିଳିତ ହେବାପରେ କଂଗ୍ରେସର ପ୍ରାଧାନ୍ୟ ହ୍ରାସ ପାଇବାରେ ଲାଗିଲା । ବର୍ତ୍ତମାନ, ଏହି ସମ୍ପ୍ରଦାୟଗୁଡିକ ମଧ୍ୟରେ କଂଗ୍ରେସ ଏକ ଗଭୀର ବିଭେଦ ସୃଷ୍ଟି କରିବାକୁ ଚାହୁଁଛି ଯାହାଦ୍ୱାରା ସେମାନଙ୍କୁ ବିରୋଧ କରିବାକୁ କୌଣସି ଶକ୍ତି ଯେମିତି ବାକି ରହିବେ ନାହିଁ ।

## ଦାୟିତ୍ୱ ବିନା ସ୍ୱାଧୀନତାର ମୂଲ୍ୟ ନାହିଁ : ଅଖିଳ କୁମାର ମିଶ୍ର




ଭୁବନେଶ୍ୱର,(ପିଆଇବି): ନଭେମ୍ବର: ମଣିଷ ଜୀବନରେ ସ୍ୱାଧୀନତାର ବିଶେଷ ଗୁରୁତ୍ୱ ରହିଛି । ସ୍ୱାଧୀନତାର ସହ ବଞ୍ଚିଲେ ମଣିଷ ଜୀବନର ପ୍ରକୃତ ଆନନ୍ଦ ଲାଭ କରିପାରିବ । ତେବେ ଦାୟିତ୍ୱ ବିନା ସ୍ୱାଧୀନତାର କୌଣସି ମୂଲ୍ୟ ନାହିଁ । ନିରଙ୍କୁଶ ସ୍ୱାଧୀନତା ଭିତରେ ବି ଦାୟିତ୍ୱବୋଧ ଥାଏ । ଅନୁରୂପ ଭାବେ ଗଣମାଧ୍ୟମ ପାଇଁ ସ୍ୱାଧୀନତା ଯେତିକି ଜରୁରୀ, ଦାୟିତ୍ୱବୋଧତା ମଧ୍ୟ ସମପରିମାଣରେ ଆବଶ୍ୟକ । ଏହା କହିଛନ୍ତି ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି)ର ଓଡ଼ିଶା ପ୍ରାନ୍ତ ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର । ଭୁବନେଶ୍ୱର ଠାରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଜାତୀୟ ପ୍ରେସ୍ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀ ମିଶ୍ର କହିଛନ୍ତି, ଉଭୟ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଦର୍ଶନରେ ସ୍ୱାଧୀନତାର ଜରୁରୀ ଆବଶ୍ୟକତା ଉପରେ ଦାର୍ଶନିକମାନେ ଆଲୋକପାତ କରିଛନ୍ତି । 'ଗଣମାଧ୍ୟମର ପରିବର୍ତ୍ତନଶୀଳ ସ୍ୱରୂପ' ଶୀର୍ଷକ ବିଷୟବସ୍ତୁ ଉପରେ ଅଭିଭାଷଣ ରଖି ସେ କହିଛନ୍ତି, ଗଣମାଧ୍ୟମ ପାଇଁ ମଧ୍ୟ ସ୍ୱାଧୀନତା ଜରୁରୀ । ତେବେ ଗଣମାଧ୍ୟମ ସରକାରଙ୍କ ସହ ରହିବା ଦରକାର ବୋଲି ସେ ନିବେଦନ କରିଛନ୍ତି । ଶ୍ରୀ ମିଶ୍ର କହିଛନ୍ତି, ସରକାର ହେଉଛନ୍ତି ଜନସାଧାରଣଙ୍କ ଆଶା ଓ ଭରସାର ପ୍ରତୀକ । ତେଣୁ ଗଣମାଧ୍ୟମ ସରକାରଙ୍କ ସହ ରହି ମଧ୍ୟ ପରିବର୍ତ୍ତନର ବାହକ ହେବା ଆବଶ୍ୟକ । ସବୁ ସରକାରୀ କର୍ମଚାରୀ ଏବଂ ଗଣମାଧ୍ୟମ ଜନସାଧାରଣଙ୍କ ଆଶାଆକାଂକ୍ଷାକୁ ପୂରଣ କରିବା ପାଇଁ କାମ

କରିଥା'ନ୍ତି ବୋଲି ଶ୍ରୀ ମିଶ୍ର କହିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ବରିଷ୍ଠ ସାମ୍ବାଦିକ ଅକ୍ଷୟ ସାହୁ କହିଥିଲେ, ବିଗତ ଦଶନ୍ଧିରେ ଗଣମାଧ୍ୟମ ପରିଦୃଶ୍ୟରେ ଅନେକ ପରିବର୍ତ୍ତନ ଆଣିଛି । ମୁଦ୍ରିତ ଗଣମାଧ୍ୟମର କ୍ରମବିକାଶ ସହିତ ବୈଦ୍ୟୁତିକ ଗଣମାଧ୍ୟମର ଉଦ୍ଭବ ହୋଇଛି ଏବଂ ବର୍ତ୍ତମାନ ଆମେ ସମସ୍ତେ ଡିଜିଟାଲ ମିଡିଆର ଯୁଗରେ ପହଞ୍ଚିଛୁ । ଫଳରେ ଗଣମାଧ୍ୟମରେ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ପରିବର୍ତ୍ତିତ ସମୟ ସହିତ ତାଳ ଦେଇ ବଦଳିବାକୁ ପଡ଼ିଛି । ସ୍ୱାଧୀନତା ପୂର୍ବ ଏବଂ ପରବର୍ତ୍ତୀ ସମୟ ତୁଳନାରେ ବର୍ତ୍ତମାନ ଗଣମାଧ୍ୟମର ଆକାର, ପ୍ରକୃତି ତଥା ପରିସର ବଦଳିଛି ଓ ବ୍ୟାପକ ହୋଇଛି ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ସରୋଜ ସାମଲ ଜାତୀୟ ପ୍ରେସ ଦିବସ କାର୍ଯ୍ୟକ୍ରମର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିବା ସହିତ ଭାରତୀୟ ଗଣତନ୍ତ୍ରରେ ଅଭିବ୍ୟକ୍ତିର ସ୍ୱାଧୀନତା ଉପରେ ମତ ରଖିଥିଲେ । ସେ କହିଥିଲେ ସମ୍ବିଧାନ ଭାରତୀୟ ଗଣତନ୍ତ୍ରର ମୂଳପିଣ୍ଡ ଏବଂ ଏଥିରେ ସ୍ୱାଧୀନ ଭାବେ ମତ ରଖିବାର ଅଧିକାର ଉପରେ ଗୁରୁତ୍ୱାରୋପ କରାଯାଇଛି । ଏହା ଜରିଆରେ ଗଣମାଧ୍ୟମକୁ ବି ସ୍ୱାଧୀନତା ମିଳିଛି । କାର୍ଯ୍ୟକ୍ରମରେ ବିଭାଗର ବୈଷୟିକ ନିର୍ଦ୍ଦେଶକ ସୁରେନ୍ଦ୍ରନାଥ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବହୁ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ଓ ବୁଦ୍ଧିଜୀବୀମାନେ ଅଂଶଗ୍ରହଣ କରିଥିଲେ ।

## ବ୍ରିଟେନରେ ଭାରତୀୟଙ୍କ ଉପରେ ପ୍ରତିବନ୍ଧକ

**ଲଣ୍ଡନ:** କାନାଡା ପରେ ଏବେ ଅନ୍ୟ ଏକ ପଶ୍ଚିମ ଦେଶ ବ୍ରିଟେନରେ ଭାରତୀୟମାନଙ୍କୁ ଅଟକାଇବା ପ୍ରକ୍ରିୟା ଆରମ୍ଭ ହୋଇଛି । ଇଂଲଣ୍ଡର ଉଚ୍ଚଶିକ୍ଷା କ୍ଷେତ୍ରର ସ୍ଥାୟୀତ୍ୱ ଉପରେ ଏକ ନୂତନ ରିପୋର୍ଟରୁ ଜଣାପଡିଛି ଯେ ଭାରତୀୟ ଛାତ୍ରମାନଙ୍କୁ ବ୍ରିଟେନ ବିଶ୍ୱବିଦ୍ୟାଳୟରେ ଆବେଦନ କରିବାକୁ ବାରଣ କରାଯାଇଛି ।

ଏକ ସମୟରେ ଯେତେବେଳେ ଶିକ୍ଷାନୁଷ୍ଠାନଗୁଡ଼ିକ ସୀମିତ ବଜେଟର ସମ୍ମୁଖୀନ ହେଉଛନ୍ତି, ଏହା ବିଶ୍ୱବିଦ୍ୟାଳୟଗୁଡ଼ିକର ଆର୍ଥିକ ସଙ୍କଟ ବଢ଼ାଇ ଦେଇଛି । ଶୁକ୍ରବାର ଦିନ ପ୍ରକାଶିତ ଛାତ୍ରଛାତ୍ରୀଙ୍କ ପାଇଁ ବିଶ୍ଳେଷଣରେ ଦର୍ଶାଯାଇଛି ଯେ ଭାରତୀୟ ଛାତ୍ରଛାତ୍ରୀଙ୍କ ସଂଖ୍ୟା ପୂର୍ବରୁ ୧,୩୯,୯୧୪ ଥିବାବେଳେ ଏବେ ଏହା ୧,୧୧,୩୨୯ରେ ପହଞ୍ଚିଛି । ଫଳରେ ଭାରତୀୟ ଛାତ୍ରଛାତ୍ରୀଙ୍କ ସଂଖ୍ୟାରେ ୨୦.୪ ପ୍ରତିଶତ ହ୍ରାସ ଘଟିଛି ।

ବ୍ରିଟେନରେ ଭାରତୀୟ ଛାତ୍ର ଗୋଷ୍ଠୀ କହିଛନ୍ତି ଯେ କିଛି ସହରରେ ଇମିଗ୍ରେସନ୍ ବିରୋଧୀ ଦଙ୍ଗା ପରେ ସୀମିତ ଚାକିରି ଆଶା ଏବଂ ସୁରକ୍ଷା ଚିନ୍ତା ମଧ୍ୟରେ ଏହି ହ୍ରାସ ଆଶା କରାଯାଉଛି । ସରକାରଙ୍କ ଶିକ୍ଷା ବିଭାଗ ମଧ୍ୟରେ ଏକ ଅଣ-ବିଭାଗୀୟ ସାର୍ବଜନୀନ ସଂସ୍ଥା କାର୍ଯ୍ୟାଳୟରୁ ଛାତ୍ରଛାତ୍ରୀମାନଙ୍କ ଉପରେ ମିଳିଥିବା ରିପୋର୍ଟରେ କୁହାଯାଇଛି ଯେ, କେତେକ ପ୍ରମୁଖ ଦେଶରେ ସମ୍ଭାବ୍ୟ ଅଣ ବ୍ରିଟିଶ ଛାତ୍ରମାନଙ୍କଠାରୁ ଛାତ୍ର ଭିସା ଆବେଦନଗୁଡ଼ିକରେ ଉଲ୍ଲେଖନୀୟ ହ୍ରାସ ଘଟିଛି ।

ଏଥିରେ କୁହାଯାଇଛି ଯେ ବିଭିନ୍ନ ଛାତ୍ରଛାତ୍ରୀଙ୍କ ପାଇଁ ଅନ୍ତର୍ଜାତୀୟ ଛାତ୍ରଛାତ୍ରୀମାନଙ୍କୁ ଦିଆଯାଇଥିବା ପ୍ରାୟୋଜକ ଅନୁମୋଦନ ସଂଖ୍ୟାରେ ଏହି ସଂଖ୍ୟା ୧୧.୮ ପ୍ରତିଶତ ହ୍ରାସକୁ ଦର୍ଶାଉଛି ।

ଭାରତୀୟ ଏବଂ ନାଇଜେରିଆ ଛାତ୍ରଛାତ୍ରୀମାନଙ୍କୁ ଦିଆଯାଇଥିବା ସିଏଏସ ସଂଖ୍ୟାରେ ସର୍ବାଧିକ ହ୍ରାସ ରେକର୍ଡ ହୋଇଛି । ଏହା ଭାରତୀୟ ଛାତ୍ରଛାତ୍ରୀମାନଙ୍କ ପାଇଁ ୨୮,୫୮୫(୨୦.୪ ପ୍ରତିଶତ) ନାଇଜେରିଆ ପାଇଁ ୨୫,୮୯୭(୪୪.୬ ପ୍ରତିଶତ) ରହିଛି ।

ରିପୋର୍ଟରେ ଚେତାବନୀ ଦିଆଯାଇଛି ଯେ ଭାରତ, ନାଇଜେରିଆ ଏବଂ ବାଂଲାଦେଶ ଭଳି ଦେଶର ଛାତ୍ରଛାତ୍ରୀମାନଙ୍କ ଉପରେ ଅଧିକ ନିର୍ଭରଶୀଳ ଆର୍ଥିକ ମଡେଲ ଥିବା ବିଶ୍ୱବିଦ୍ୟାଳୟଗୁଡ଼ିକ ଉପରେ ଏହି ହ୍ରାସର ପ୍ରଭାବ ଅଧିକ ପଡିପାରେ । କେତେକ ଦେଶରୁ ବ୍ରିଟେନରେ ଅଧ୍ୟୟନ କରିବାକୁ ଆସୁଥିବା ଅନ୍ତର୍ଜାତୀୟ ଛାତ୍ରଛାତ୍ରୀଙ୍କ ସଂଖ୍ୟା ଯଥେଷ୍ଟ ହ୍ରାସ ପାଇଛି ବୋଲି ଏଥିରେ ଚେତାବନୀ ଦିଆଯାଇଛି । ଇଣ୍ଡିଆନ୍ ନ୍ୟାସନାଲ୍ ଷ୍ଟୁଡେଣ୍ଟସ୍ ଆସୋସିଏସନ୍ (ଆଇଏନଏସଏ) ବ୍ରିଟେନ କହିଛି ଯେ ବିଦେଶୀ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ସହିତ ନିଜ ଜୀବନସାଥୀଙ୍କୁ ଆଣିବାକୁ ସରକାରଙ୍କ ପ୍ରତିବନ୍ଧକକୁ ଦୃଷ୍ଟିରେ ରଖି ଭାରତରୁ ଆସୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟାରେ ହ୍ରାସ ଘଟିବାରେ ଲାଗିଛି ।

## ବାଇଡେନଙ୍କ ପରି ମୋଦିଙ୍କ ମେମୋରି ଲସ୍ ହେଲାଣି'

**ନୂଆଦିଲ୍ଲୀ:** ମହାରାଷ୍ଟ୍ରରେ ଏକ ନିର୍ବାଚନ ରାଲିକୁ ସମ୍ବୋଧିତ କରି କଂଗ୍ରେସ ସାଂସଦ ରାହୁଲ ଗାନ୍ଧି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କଟାକ୍ଷ କରିଛନ୍ତି । ପ୍ରଧାନମନ୍ତ୍ରୀ ମୋଦି ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନଙ୍କ ଭଳି ସ୍ମୃତିଶକ୍ତି ହରାଇ ବସିଲେଣି । ମୋଦି ଏବେ ଆମେ ଯାହା କହୁଛୁ ତାହା କହୁଛନ୍ତି ବୋଲି ରାହୁଲ ଗାନ୍ଧି ଅଭିଯୋଗ କରିଛନ୍ତି ।

ସେ କହିଛନ୍ତି, ବାଇଡେନ ଯେମିତି ୟୁକ୍ରେନ ରାଷ୍ଟ୍ରପତିଙ୍କୁ ରୁଷ ରାଷ୍ଟ୍ରପତି କହୁଥିଲେ, ମୋଦି ସେମିତି ଆମ କଥାକୁ କହୁଛନ୍ତି ।

ରାହୁଲ ଗାନ୍ଧି କହିଛନ୍ତି, ମୋ ଭଉଣୀ (ପ୍ରିୟଙ୍କା ଗାନ୍ଧି) ମୋଦିଙ୍କ ଭାଷଣ ଶୁଣିଥିବା କଥା କହୁଥିଲେ । ମୋଦି ଆଜିକାଲି ଆମେ ଯାହା କହୁଛୁ ତାହା ଦୋହରାଉଛନ୍ତି ବୋଲି ଭଉଣୀ ମୋତେ କହିଛନ୍ତି । ବୋଧହୁଏ ସେ ସ୍ମୃତି ଶକ୍ତି ହରାଇ ବସିଛନ୍ତି । ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନଙ୍କ ପରି ସେ ମଧ୍ୟ ଭୁଲି ଯାଉଛନ୍ତି, କଣ କହିବେ କଣ କହିବେନି ମନେ ରଖିପାରୁ ନାହାନ୍ତି ।

ମୁଁ ବାରମ୍ବାର କହି ଆସୁଛି ବିଜେପି ସମ୍ବିଧାନ ଉପରେ ଆକ୍ରମଣ କରୁଛି । କିନ୍ତୁ ମୋଦି ତାଙ୍କ ଭାଷଣରେ କହୁଛନ୍ତି କଂଗ୍ରେସ ସମ୍ବିଧାନ ଉପରେ ଆକ୍ରମଣ କରୁଛି । ଏହା ମୋଦିଙ୍କର ମେମୋରି ଲସ୍ ବୋଲି ରାହୁଲ ଗାନ୍ଧି କହିଛନ୍ତି ।

ସଂରକ୍ଷଣକୁ ନେଇ ପ୍ରଧାନମନ୍ତ୍ରୀଙ୍କୁ ସମାଲୋଚନା କରି ରାହୁଲ ଗାନ୍ଧି କହିଛନ୍ତି, ମୁଁ ପ୍ରତ୍ୟେକ ବୈଠକରେ କହିଛି ଯେ ସଂରକ୍ଷଣ ଉପରେ ଆମେ ୫୦ ପ୍ରତିଶତ କ୍ୟାପ୍ ହ୍ରାସ କରିବୁ । ମୁଁ ମୋଦିଙ୍କ ସାମ୍ନାରେ ଲୋକସଭାରେ ଏହା କହିଥିଲି । କିନ୍ତୁ ମୋଦି ମୋତେ ସଂରକ୍ଷଣ ବିରୋଧୀ କହୁଛନ୍ତି । ବୋଧେ ତାଙ୍କର ସ୍ମୃତି ଶକ୍ତି ହ୍ରାସ ପାଇଯାଇଛି ।

ସେ ଆହୁରି କହିଛନ୍ତି, ଏହା ପରେ ପ୍ରଧାନମନ୍ତ୍ରୀ ମୋତେ ଜାତିଗତ ଜନଗଣନା ବିରୋଧୀ କହିବେ । ମୁଁ ବାରମ୍ବାର ଲୋକସଭାରେ ତାଙ୍କ ସମ୍ମୁଖରେ ଜାତି ଜନଗଣନା କରାଇବାକୁ କହିଛି । ଲୋକେ ଜାଣିବା ଦରକାର ଯେ, ଦେଶରେ କେତେ ଦଳିତ, କେତେ ଆଦିବାସୀ ଏବଂ ପଛୁଆ ବର୍ଗ ଅଛନ୍ତି । କିନ୍ତୁ ସେ ଜାତି ଜନଗଣନା କରାଉନାହାନ୍ତି, ଆଉ ପରେ ରାହୁଲ ଗାନ୍ଧି ଏହାର ବିରୋଧି ବୋଲି କହିବେ ।

## ହରିୟାଣାରେ ଯବାନମାନଙ୍କ ପାଇଁ ଆବାସ ଯୋଜନା

**ନୂଆଦିଲ୍ଲୀ:** ଭାରତୀୟ ଜବାନମାନଙ୍କ ପାଇଁ ଭାରତ ସରକାର ଅନେକ ସୁବିଧା ଯୋଗାଉଛନ୍ତି । ସରକାର ବର୍ତ୍ତମାନ ସେବା କରୁଥିବା ଜବାନ ତଥା ଅବସରପ୍ରାପ୍ତ ସେନାକର୍ମଚାରୀମାନଙ୍କୁ ଅନେକ ସୁବିଧା ଯୋଗାଉଛନ୍ତି । ସେମାନଙ୍କ ପାଇଁ ଅନେକ ଯୋଜନା କରୁଛନ୍ତି । ତେଣୁ ଦେଶର ବିଭିନ୍ନ ରାଜ୍ୟରେ ମଧ୍ୟ ରାଜ୍ୟ ସରକାର ଜବାନମାନଙ୍କ ପାଇଁ ବିଭିନ୍ନ ପ୍ରକାରର ଯୋଜନା ପ୍ରସ୍ତୁତ କରୁଛନ୍ତି । ରାଜ୍ୟ ଜବାନମାନଙ୍କ ପାଇଁ ହରିୟାଣା ସରକାର ଜୟ ଜବାନ ଆବାସ ଯୋଜନା ଆରମ୍ଭ କରିବେ । ଏହି ଗୃହ ଯୋଜନା ମାଧ୍ୟମରେ ବର୍ତ୍ତମାନ କାର୍ଯ୍ୟରେଥିବା ଜବାନ ଏବଂ ଅବସରପ୍ରାପ୍ତ ଜବାନମାନଙ୍କୁ ସୁଲଭ ମୂଲ୍ୟରେ ଘର ଦିଆଯିବ । କହିରଖୁଛୁ ଯେ, ଏହା ପୂର୍ବରୁ ମଧ୍ୟ ହରିୟାଣାରେ ଜବାନମାନଙ୍କ ପାଇଁ ଫ୍ଲାଟର ଏକ ଯୋଜନା ଅଣାଯାଇଥିଲା ।



ଜାତୀୟ ପ୍ରେସ ଦିବସ ଅବସରରେ ନୂଆଦିଲ୍ଲୀଠାରେ ବରିଷ୍ଠ ସାମ୍ବାଦିକ ନିଗମାନନ୍ଦ ପୃଷ୍ଟିଙ୍କୁ ସମ୍ବର୍ଦ୍ଧନା

# ନିର୍ବାଚନରେ କାହାର ନାରା ସୁପରହିଟ୍?

**ନୂଆଦିଲ୍ଲୀ:** ବିଜେପିର ବଟେଙ୍ଗେ ତୋ କଟେଙ୍ଗେ । କଂଗ୍ରେସର ଡରୋଗେ ତୋ ମରୋଗେ । ମହାରାଷ୍ଟ୍ର ଓ ଝାଡଖଣ୍ଡ ନିର୍ବାଚନ ମାହୋଲରେ ଜୋରଦାର ହେଲାଣି ରାଜନୈତିକ ଦଳଗୁଡିକର ନାରାବାଜି । ପୂର୍ବରୁ ମାଗଣା ବିଜୁଳି, ପାଣି, ସରକାରୀ ଚାକିରି ଓ ଋଣ ଛାଡ ନାରା ଦେଇ ନିର୍ବାଚନ ପ୍ରଚାର କରୁଥିଲେ ଦଳ । ଏବେ ସେସବୁ ପ୍ରତିଶ୍ରୁତି ତ ରହିଛି ହେଲେ ନାରା ବଦଳିଗଲାଣି । ଏବେକାର ନାରା ଅଧିକାଂଶ ଜାତି ଆଧାରିତ । କେତେକରେ କୌଣସି ସ୍ୱତନ୍ତ୍ର କ୍ଷେତ୍ର ବା ବର୍ଗ ପ୍ରତି ବି ଫୋକସ୍ ରହୁଛି । ମହାରାଷ୍ଟ୍ର ଓ ଝାଡ଼ଖଣ୍ଡରେ ନିର୍ବାଚନୀ ରାଜନୀତିର ପାରଦ ବଢିଥିବା ବେଳେ ମାହୋଲ ବନାଇଛି ଏଭଳି ନାରା ।

**ଚର୍ଚ୍ଚାରେ ବଟେଙ୍ଗେ ତୋ କଟେଙ୍ଗେ**

ମହାରାଷ୍ଟ୍ରରେ ୟୁପି ସିଏମ ଯୋଗୀ ଆଦିତ୍ୟନାଥଙ୍କ ବଟେଙ୍ଗେ ତୋ କଟେଙ୍ଗେ ନାରା ଚର୍ଚ୍ଚାର କେନ୍ଦ୍ରରେ ରହିଛି । ନିର୍ବାଚନ ପ୍ରଚାର ବେଳେ ଏହି ନାରାକୁ ବିଶେଷ ଭାବେ ବ୍ୟବହାର କରାଯାଉଛି । ବାଂଲାଦେଶରେ ଅଶାନ୍ତି ସଂପର୍କରେ କହିବାକୁ ଯାଇ ଗତ ଅଗଷ୍ଟ ମାସରେ ହିନ୍ଦୁ ଏକତା ପାଇଁ ଆହ୍ୱାନ ଦେଇ ପ୍ରଥମେ ଏହି ନାରା ଲଗାଇଥିଲେ । ତେବେ ମହାରାଷ୍ଟ୍ର ନିର୍ବାଚନ ପ୍ରଚାର ବେଳେ ଏହାକୁ ବିଜେପି ନେତା ବାରମ୍ବାର ବ୍ୟବହାର କରିଛନ୍ତି । ତେବେ ବିରୋଧୀ ଏଥିରେ ସାଂପ୍ରଦାୟିକ ରଙ୍ଗ ମିଶିଥିବା କହି ବିଜେପିକୁ କଟାକ୍ଷ କରିଛନ୍ତି ।

**ଏକ ହେଁ ତୋ ସେଫ୍ ହେଁ**

ଯୋଗୀଙ୍କ ନାରାରେ ସାମାନ୍ୟ ପରିବର୍ତ୍ତନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂଆ ନାରା ଦେଇଥିଲେ, ଏକ୍ ହେଁ ତୋ ସେଫ୍ ହେଁ । ନାରା ଲଗାଇବା ସହ କଂଗ୍ରେସ ଓବିସି, ଏସସି, ଏସଟିଙ୍କୁ ଭାଗ ଭାଗ କରିବାକୁ ଉଦ୍ୟମ କରୁଥିବା ମୋଦି କହିଥିଲେ । ନାରାକୁ କଂଗ୍ରେସର ବିଭାଜନକାରୀ ରାଜନୀତି ସହ ଯୋଡି ଜାତୀୟ ଏକତାକୁ ଦୁର୍ବଳ କରିବାକୁ ଉଦ୍ୟମ ହେଉଥିବା ଅଭିଯୋଗ ଆଣିଥିଲେ । ଗୋଟିଏ ଜାତିକୁ ଆଉ ଏକ ଜାତି ବିରୋଧରେ ଠିଆ କରିବା ହେଉଛି କଂଗ୍ରେସର ନୀତି । ଦେଶ ଦୁର୍ବଳ ହେଲେ ହିଁ କଂଗ୍ରେସ ଶକ୍ତିଶାଳୀ ହୋଇପାରିବ କହି ଜୋରଦାର ଟାର୍ଗେଟ୍ କରିଥିଲେ ମୋଦି ।



**ଡରୋଗେ ତୋ ମରୋଗେ**

ବିଜେପି ନାରାର ଜବାବରେ କଂଗ୍ରେସ ଡରୋଗେ ତୋ ମରୋଗେ ନାରା ଲଗାଇ ଦେଇଛି । ବିଜେପି ଭୟ ଓ ବିଭାଜନ ବଢାଉଥିବା ଅଭିଯୋଗ ଆଣିଛନ୍ତି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ । ବିଜେପି ଗଣତନ୍ତ୍ରକୁ ଶେଷ କରିବା ସହ ସଂସଦରେ ସ୍ୱର ଦବାଇବାକୁ ଉଦ୍ୟମ କରୁଛି । ଦେଶକୁ ଆରଏସଏସ, ବିଜେପି, ପ୍ରଧାନମନ୍ତ୍ରୀ ମୋଦି ଓ ଅମିତ ଶାହାଙ୍କଠାରୁ ବିପଦ ରହିଥିବା ଖଡଗେ କହିଥିଲେ । ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ ହୋଇପାରିବ, ଦେଶରେ ଗଣତନ୍ତ୍ର ମଜବୁତ ହୋଇପାରିବ । ତେବେ ବିଜେପି ଗଣତନ୍ତ୍ରକୁ ଶେଷ କରିବାକୁ ଚାହୁଁଥିବା ଖଡଗେ କହିଛନ୍ତି ।

**କଂଗ୍ରେସର ଖଟାଖଟ୍-ଖଟାଖଟ୍ ନାରା**

୨୦୨୪ଲୋକସଭା ନିର୍ବାଚନରେ କଂଗ୍ରେସର ଖଟାଖଟ୍-ଖଟାଖଟ୍ ନାରାକୁ ନେଇ ବେଶ୍ ଚର୍ଚ୍ଚା ହୋଇଥିଲା । ମହାରାଷ୍ଟ୍ର ଓ ଝାଡ଼ଖଣ୍ଡ ନିର୍ବାଚନରେ ବି ନାରାକୁ ଜୋରଦାର ବ୍ୟବହାର କରାଯାଉଛି । ମାଗଣା ବିଜୁଳି, ଖାଲି ପଡିଥିବା ସରକାରୀ ପଦ ପୂରଣ, ସୁପରସ୍ପେଶିଆଲିଟି ହସପିଟାଲ ସ୍ଥାପନ ପ୍ରତିଶ୍ରୁତି ତ ରହିଛି, ତେବେ ଜାତିଗତ ଜନଗଣନାକୁ ଅଧିକ ଫୋକସ୍ କରିଛି କଂଗ୍ରେସ । ସେପଟେ ଜେଏମଏମର ନାରା ରହିଛି, ଏକ ହି ନାରା, ହେମନ୍ତ ଦୋବାରା । ପୁଣି ଥରେ ଝାଡ଼ଖଣ୍ଡରେ ହେମନ୍ତ ସରକାର ଆଣିବାକୁ ଜୋରଦାର ଉଦ୍ୟମ କରୁଛି ଜେଏମଏମ ।

ନିର୍ବାଚନ ମାହୋଲରେ ନାରାର ଲୋକପ୍ରିୟତା ବଢେ, ସିଧାସଳଖ ଲୋକଙ୍କ ମନକୁ ଛୁଏଁ । ୨୦୦୪ରେ ଅଟଳ ବିହାରୀ ବାଜପେୟୀ ଇଣ୍ଡିଆ ସାଇନିଂ ନାରା ଲଗାଇ ବିକାଶକୁ ଉପସ୍ଥାପନ କରିବାକୁ ଉଦ୍ୟମ କରିଥିଲେ । ୨୦୦୯ରେ କଂଗ୍ରେସ ଭାରତ ନିର୍ମାଣ ନାରା ଲଗାଇଥିଲା । ସେହିପରି ୨୦୧୪ରେ ଅବ କି ବାର ମୋଦି ସରକାର ନାରା ସହ କଳାଧନ ଫେରସ୍ତ, ରୋଜଗାର ସୁଯୋଗ ସୃଷ୍ଟି ପ୍ରତିଶ୍ରୁତି ଦେଇ ମତଦାତାଙ୍କୁ ମନାଇଥିଲା ବିଜେପି । ୨୦୧୯ରେ ବିଜେପିର ଲଗାଇଥିଲା ଫିଁ ଏକ ବାର ମୋଦି ସରକାର, ହର ହର ମୋଦି ଘର ଘର ମୋଦି, ମୋଦି ହୈ ତୋ ମୁମକିନ ହୈ ଭଳି ନାରା ।

# ଇତିହାସ ରଚିଲା ଓଡ଼ିଶା ପୁରୁଷ ହକି ଦଳ






୧୪ତମ ହକି ଇଣ୍ଡିଆ ଜାତୀୟ ସିନିୟର ପୁରୁଷ ଚାମ୍ପିଅନ୍‌ସିପରେ ଐତିହାସିକ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଓଡ଼ିଶା ଦଳକୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି । ପ୍ରତିଯୋଗିତାର ଫାଇନାଲରେ ଓଡ଼ିଶା ଦଳ ଶକ୍ତିଶାଳୀ ହରିୟାଣାକୁ ଧରାଶାୟୀ କରିଥିଲା ।

ଭୁବନେଶ୍ୱର,୧୬।୧୧ (ସବ୍ୟୁ): ରାଜ୍ୟର ହକି ଗୌରବ ଫେରିଛି । ପ୍ରଥମଥର ପାଇଁ ଜାତୀୟ ସିନିୟର ପୁରୁଷ ହକି ଚାମ୍ପିଅନ୍‌ସିପ୍ ଟାଇଟଲ ଜିତିଛି ଓଡ଼ିଶା ଦଳ । ଚେନ୍ନାଇର ରାଧାକୃଷ୍ଣନ୍ ହକି ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଫାଇନାଲରେ ଓଡ଼ିଶା ପୁରୁଷ ଦଳ ୫-୧ ଗୋଲ୍‌ରେ ହରିୟାଣାକୁ ଧରାଶାୟୀ କରି ଇତିହାସ ରଚିଛି । ତାମିଲନାଡୁ ଉପମୁଖ୍ୟମନ୍ତ୍ରୀ ଉଦୟନିଧି ଷ୍ଟାଲିନ୍ ଓଡ଼ିଶା ଦଳକୁ ବିଜେତା ଟ୍ରଫି ପ୍ରଦାନ କରିଥିଲେ । ଏହି ସମୟରେ ସେଠାରେ ହକି ଇଣ୍ଡିଆ ସଭାପତି ଦିଲ୍ଲୀପ ତୁର୍କି ମଧ୍ୟ ଉପସ୍ଥିତ ଥିଲେ । ଜାତୀୟ ସିନିୟର ପୁରୁଷ ହକି ଚାମ୍ପିଅନ୍‌ସିପ୍ ୨୦୧୧ରୁ ଆରମ୍ଭ ହୋଇଛି । ୨୦୧୬ ଷଷ୍ଠ ସଂସ୍କରଣରେ ଓଡ଼ିଶା ତୃତୀୟ ସ୍ଥାନ ଅଧିକାର କରିଥିଲା । ଏହାପରେ ୨୦୨୩ ପର୍ଯ୍ୟନ୍ତ ଓଡ଼ିଶା କେବେ ରନର୍ସ ଅପ୍ ଅଥବା ତୃତୀୟ ସ୍ଥାନ ଦଖଲ କରିନଥିଲା । ଚଳିତ ବର୍ଷ ଅପେକ୍ଷାର ଅନ୍ତଃ ଘଟିଛି । ଓଡ଼ିଶା ଦଳ ଏକାଥରକେ ଚାମ୍ପିଅନ୍ ହେବାର ଗୌରବ ଅର୍ଜନ କରିଛି ।

ମଣିପୁରକୁ ୪-୨ ଗୋଲ୍‌ରେ ପରାସ୍ତ କରି ପ୍ରଥମଥର ଜାତୀୟ ସିନିୟର ପୁରୁଷ ହକି ଚାମ୍ପିଅନ୍‌ସିପ୍ ଫାଇନାଲରେ ପ୍ରବେଶ କରିଥିଲା । ସେହିପରି ହରିୟାଣା ୩-୨ ଗୋଲ୍‌ରେ ଉତ୍ତରପ୍ରଦେଶକୁ ହରାଇ ଫାଇନାଲରେ ପହଞ୍ଚିଥିଲା । ବର୍ତ୍ତମାନର ହକି ଇଣ୍ଡିଆ ସଭାପତି ଥିବା ଦିଲ୍ଲୀପ ତିର୍କି ତାଙ୍କ ଟ୍ୱିଟରରେ ଏକ ପୋଷ୍ଟ କରି ଲେଖିଛନ୍ତି ଦୀର୍ଘ ବର୍ଷର ପ୍ରତୀକ୍ଷାର ଅନ୍ତଃ ହେଲା । ଆମ ଓଡ଼ିଶା ପୁରୁଷ ହକି ଦଳ ଇତିହାସ ରଚିଲା । ହକି ଇଣ୍ଡିଆ ଜାତୀୟ ବରିଷ୍ଠ ପୁରୁଷ ହକି ପ୍ରତିଯୋଗିତା ଫାଇନାଲ ଶକ୍ତିଶାଳୀ ହରିୟାଣାକୁ ୫-୧ ଗୋଲ୍‌ରେ ପରାସ୍ତ କରି ପ୍ରଥମଥର ଚାମ୍ପିଅନ୍ ହୋଇଛି ଓଡ଼ିଶା । ଏହି ଐତିହାସିକ ସଫଳତା ପାଇଁ ଓଡ଼ିଶା ଦଳକୁ ମୁଁ ଅଭିନନ୍ଦନ ଜଣାଉଛି ବୋଲି ଦିଲ୍ଲୀପ ଲେଖିଛନ୍ତି ।

ଓଡ଼ିଶା ହକି ଦଳର ଐତିହାସିକ ସଫଳତା ପାଇଁ ରାଜ୍ୟପାଳ ରଘୁବର ଦାସ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଭିନନ୍ଦନ ଜଣାଇଛନ୍ତି । ଜାତୀୟ ସିନିୟର ମହିଳା ହକି ଚାମ୍ପିଅନ୍‌ସିପ୍‌ରେ ଓଡ଼ିଶା ଦଳ ୨ ବର୍ଷ ପରେ ଅର୍ଥାତ୍ ୨୦୨୨ରେ ଚାମ୍ପିଅନ୍ ହୋଇଥିଲା । ସ୍ୱର୍ଣ୍ଣ ପଦକ ବିଜେତା ଓଡ଼ିଶା ଦଳ ସମସ୍ତ ଖେଳାଳି ଓ କର୍ମକର୍ତ୍ତା ରବିବାର ସକାଳ ୯ଟାରେ ଭୁବନେଶ୍ୱର ସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବେ ।






## ଓଡ଼ିଶା ଦଳକୁ ଶୁଭେଚ୍ଛା ଜଣାଇଲେ କ୍ରୀଡ଼ାମନ୍ତ୍ରୀ

ଭୁବନେଶ୍ୱର,୧୬।୧୧ (ସବ୍ୟୁ): ୧୪ତମ ହକି ଇଣ୍ଡିଆ ସିନିୟର ପୁରୁଷ ଜାତୀୟ ଚାମ୍ପିଅନସିପ୍‌ରେ ଓଡ଼ିଶା ହକି ଦଳ ଆଜି ସ୍ୱର୍ଣ୍ଣ ପଦକ ହାସଲ କରିଛି । ଚେନ୍ନାଇର ମେୟର ରାଧାକ୍ରିଷ୍ଣନନ୍ ହକି ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ ହୋଇଥିବା ଆଜିର ମ୍ୟାଚ୍‌ରେ ଟିମ୍ ହରିୟାଣାକୁ ପରାସ୍ତ କରି ଟିମ୍ ଓଡ଼ିଶା ଏହି ଐତିହାସିକ ବିଜୟ ହାସଲ କରିଛି ।

ଶନିବାର କଳିଙ୍ଗ ଷ୍ଟାଡିୟମ୍‌ରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, ବିଭାଗର ବରିଷ୍ଠ ଅଧିକାରୀ, ଭାରତୀୟ ପୋଲିସ ସେବାର ଶିକ୍ଷାନବିସ, ହାଇ ପରଫରମାନ୍ସ ସେଣ୍ଟର ଓ କ୍ରୀଡ଼ା ଛାତ୍ରବାସର କ୍ରୀଡ଼ାବିତମାନେ ଆଭାସୀ ମାଧ୍ୟମରେ ଶନିବାର ଓଡ଼ିଶା ଓ ହରିୟାଣା ମଧ୍ୟରେ ହେଉଥିବା ଫାଇନାଲ ମ୍ୟାଚ୍ ଦେଖିଥିଲେ ।

ଓଡ଼ିଶା ଟିମ୍‌ର ଏହି ଐତିହାସିକ ବିଜୟ ପରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଟିମ୍‌ର କ୍ୟାପଟେନ୍ ଦୀପ୍ସନ୍ ର୍ତିକୀଙ୍କୁ ଟିମ୍ ଓଡ଼ିଶାର ବିଜୟ ପାଇଁ ଆଭାସୀ ମାଧ୍ୟମରେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

କ୍ରୀଡାମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି ଯେ, ପ୍ରଥମଥର ପାଇଁ ଟିମ୍ ଓଡ଼ିଶା ହକି ଇଣ୍ଡିଆ ସିନିୟର ପୁରୁଷ ଜାତୀୟ ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ଏହା ଆମ ପାଇଁ ଗର୍ବ ଓ ଗୌରବର ବିଷୟ । ଆଜି ଓଡ଼ିଶା କ୍ରୀଡା ଜଗତ ପାଇଁ ଏକ ଐତିହାସିକ ଦିନ । ଟିମ୍ ଓଡ଼ିଶାର ଏହି ବିଜୟ ଆଗାମୀ ଦିନରେ ଓଡ଼ିଶାର ଅନେକ ଯୁବ କ୍ରୀଡ଼ାବିତମାନଙ୍କୁ ପ୍ରେରଣା ଯୋଗାଇବ ବୋଲି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମତପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ ଯେ, ଶନିବାର ଅନୁଷ୍ଠିତ ହୋଇଥିବା ମ୍ୟାଚ୍‌ରେ ଟିମ୍ ଓଡ଼ିଶା ୫-୧ ଗୋଲ୍‌ରେ ଟିମ୍ ହରିୟାଣାକୁ ପରାସ୍ତ କରି ଏହି ଐତିହାସିକ ବିଜୟ ହାସଲ କରିଛନ୍ତି । ଟିମ୍ ଓଡ଼ିଶାର କ୍ରୀଡ଼ାବିତ୍ ଶିଳାନନ୍ଦ ଲାକ୍ରା ଓଡ଼ିଶା ପାଇଁ ହ୍ୟାଟ୍ରିକ ଗୋଲ୍ କରିଥିବା ବେଳେ କ୍ରୀଡ଼ାବିତ୍ ରଜତ ଆକାଶ ର୍ତିକୀ ଓ ପ୍ରତାପ ଲାକ୍ରା ଉଭୟ ଗୋଟିଏ ଗୋଟିଏ ଗୋଲ୍ କରିଥିଲେ । ନିଜର ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ କ୍ରୀଡ଼ାବି୍ ଶିଳାନନ୍ଦ ଲାକ୍ରାଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ ଭାବେ ମଧ୍ୟ ଘୋଷଣା କରାଯାଇଛି । ଟିମ୍ ଓଡ଼ିଶାର କୋଚ୍ ବିଜୟ କୁମାର ଲାକ୍ରା ଦଳର ଐତିହାସିକ ବିଜୟ ପାଇଁ ଖୁସିବ୍ୟକ୍ତ କରିଥିବା ବେଳେ ଆଗାମୀ ଦିନରେ ହେବାକୁ ଥିବା ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟରେ ଟିମ୍ ଓଡ଼ିଶାର ଏହି ବିଜୟଗାଥା ଜାରି ରହୁ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି । ଟିମ୍‌ର କ୍ୟାପଟେନ୍ ଦିପ୍ସନ୍ ର୍ତିକୀ ଟିମ୍‌ର ସଫଳତା ପାଇଁ ଖୁସି ଥିବା ବେଳେ ଦୀର୍ଘ ଦିନରୁ ଜାରି ରହିଥିବା ପରିଶ୍ରମର ଫଳ ଆଜି ଟିମ୍ କୁ ମିଳିଛି ବୋଲି କହିଛନ୍ତି । ହକି ପ୍ରମୋସନ୍ କାଉନସିଲ୍‌ର ସିଇଓ ଶ୍ରୀ ଦୀପଙ୍କର ମହାପାତ୍ର ମଧ୍ୟ ଟିମ୍ ଓଡ଼ିଶାର କ୍ରୀଡ଼ାବିତ ମାନଙ୍କୁ ଆଭାସୀ ମାଧ୍ୟମରେ ଶୁଭେଚ୍ଛା ଜଣାଇଛନ୍ତି ।

## ଚାମ୍ପିଅନ୍ସ ଟ୍ରଫି: ପାକିସ୍ତାନ ଓହରିଲେ ଭାରତରେ ହୋଇପାରେ

ନୂଆଦିଲ୍ଲୀ,୧୬।୧୧ (ଏଜେନ୍ସି): ଚାମ୍ପିଅନ୍ସ ଟ୍ରଫି କ୍ରିକେଟ୍ ଆୟୋଜନ ନେଇ ବାଦ ବିବାଦର ଅନ୍ତଃ ଘଟୁନାହିଁ । ବିସିସିଆଇ ସୁରକ୍ଷା ଦୃଷ୍ଟିକୋଣରୁ ପାକିସ୍ତାନ ଯିବାକୁ ମନା କରିଦେଇଛି । ଅପରପକ୍ଷରେ ପାକିସ୍ତାନ ହାଇବ୍ରିଡି ମଡେଲରେ ଏହାକୁ ଆୟୋଜନ କରିବା ପାଇଁ ରାଜି ହେଉନାହିଁ । ତେଣୁ ଚାମ୍ପିଅନ୍ସ ଟ୍ରଫି କେଉଁଠାରେ ଆୟୋଜନ ହେବ ଏସମ୍ପର୍କରେ ଆଇସିସି ଅଫିସିଆଲ ଭାବେ କୌଣସି ଘୋଷଣା କରିନାହିଁ । ପାକିସ୍ତାନ ଯଦି ଜିଦ ଧରେ ତେବେ ଆୟୋଜନ ଅଧିକାର ଛଡାଇ ନେବ ଆଇସିସି । ଏଭଳି ପରିସ୍ଥିତିରେ ଭାରତରେ ଚାମ୍ପିଅନ୍ସ ଟ୍ରଫି ଆୟୋଜନ ହେବାର ସମ୍ଭାବନା ବଢ଼ି ଯାଇଛି । ସମ୍ଭାବନା କମ୍ ଥିଲେ ବି ଅସମ୍ଭବ ନୁହେଁ ବୋଲି ଆଇସିସିର ଜଣେ ଅଧିକାରୀ କହିଛନ୍ତି । ଏବେ ପାକିସ୍ତାନ କ୍ରିକେଟ୍‌ବୋର୍ଡ ବିସିସିଆଇକୁ ପାକିସ୍ତାନକୁ ଖେଳିବା ପାଇଁ ଆସିବ କି ନାହିଁ ବୋଲି ଅଫିସିଆଲ ଉତ୍ତର ମାଗିଛି । ବିସିସିଆଇ କେଉଁ କାରଣ ପାଇଁ ପାକିସ୍ତାନ ଯାଉ ନାହିଁ ତାହାର ଉତ୍ତର ପ୍ରସ୍ତୁତ ଚାଲିଛି । ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଦ୍ୱିପାକ୍ଷିକ ଶୃଙ୍ଖଳା ଆୟୋଜନ ହୋଇନାହିଁ । ଭାରତ କେବଳ ଆଇସିସି ଓ ଏସିସି ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଛି । ଚାମ୍ପିଅନ୍ସ ଟ୍ରଫି କାର୍ଯ୍ୟକ୍ରମ ବହୁ ପୂର୍ବରୁ ସ୍ଥିର ହୋଇଛି । ଭାରତ ବ୍ୟତୀତ ଅନ୍ୟ କୌଣସି ଦେଶ ପାକିସ୍ତାନ ଗସ୍ତରେ ଯିବା ନେଇ କୌଣସି ଆପତ୍ତି ଉଠାଇ ନାହାନ୍ତି । ତେଣୁ ଏଭଳି ଗମ୍ଭୀର ସମସ୍ୟା ସମାଧାନ ପାଇଁ ଆଇସିସି ବାଟ ଖୋଜୁଛି ।

## ବାପା ହେଲେ ରୋହିତ

ନୂଆଦିଲ୍ଲୀ,୧୬।୧୧ (ଏଜେନ୍ସି): ଦ୍ୱିତୀୟ ସନ୍ତାନର ବାପା ହୋଇଛନ୍ତି ଭାରତୀୟ ଦଳର ଅଧିନାୟକ ରୋହିତ ଶର୍ମା । ଶୁକ୍ରବାର ରୋହିତ ପତ୍ନୀ ରିତିକା ପୁତ୍ର ସନ୍ତାନଙ୍କୁ ଜନ୍ମ ଦେଇଛନ୍ତି । ପୂର୍ବରୁ ରୋହିତ ଶର୍ମାଙ୍କ ଝିଅ ଥିଲା । ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ଶୃଙ୍ଖଳା ପାଇଁ ରୋହିତ ଶର୍ମାଙ୍କୁ ବାଦ ଦେଇ ଟିମ୍ ଇଣ୍ଡିଆ ଖେଳାଳିମାନେ ଅଷ୍ଟ୍ରେଲିଆ ପହଞ୍ଚି ସାରିଲେଣି । କିନ୍ତୁ ରୋହିତ ଏପର୍ଯ୍ୟନ୍ତ ଯାଇ ନାହାନ୍ତି । ତେବେ ସେ ଖୁବ୍ ଶୀଘ୍ର ମ୍ୟାଚ ପୂର୍ବରୁ ଦଳ ସହ ଯୋଗ ଦେବେ ବୋଲି ସୂଚନା ଦେଇଛନ୍ତି । ରିତିକାଙ୍କ ପ୍ରେଗନେନ୍ସି ସମ୍ପର୍କରେ ପୂର୍ବରୁ ଗଣମାଧ୍ୟମରେ କୌଣସି ସୂଚନା ନଥିଲା । ଏନେଇ ଦୁହେଁ ମଧ୍ୟ ସୋସିଆଲ ମିଡ଼ିଆରେ କୌଣସି ସୂଚନା ଦେଇନଥିଲେ । ରୋହିତ ଶର୍ମା ଅଷ୍ଟ୍ରେଲିଆ ଗସ୍ତରେ ସାମିଲ ନହେବାରୁ କ୍ରିକେଟ୍ ଲିଜେଣ୍ଡସ ସୁନୀଲ ଗାଭାସ୍କର ତାଙ୍କ ସମ୍ପର୍କରେ ଆଲୋଚନା କରିଥିଲେ । ମାତ୍ର ଅଷ୍ଟ୍ରେଲିଆର ପୂର୍ବ କ୍ରିକେଟ୍‌ର ଆରୋନ ଫିଞ୍ଚ କିନ୍ତୁ ଗାଭାସ୍କରଙ୍କ ସହ ଏକ ମତ ହୋଇନଥିଲେ । ସେ କହିଥିଲେ । ଯଦି ରୋହିତ ଶର୍ମାଙ୍କୁ ଘରେ ରହିବାକୁ ପଡୁଛି ତାହେଲେ ଘରେ ତାଙ୍କର ଆବଶ୍ୟକତା ରହିଛି । କାରଣ ତାଙ୍କ ପତ୍ନୀଙ୍କ ପ୍ରସବ ସମୟ ପାଖେଇ ଆସିଲାଣି । ଏହା ପରେ ରିତିକା ତାଙ୍କ (ଫିଞ୍ଚ) ଇନ୍‌ଷ୍ଟାଗ୍ରାମ୍ ପୋଷ୍ଟକୁ ଟ୍ୟାଗ କରି ସାଲ୍ୟୁଟ୍ ଇମୋଜି ପୋଷ୍ଟ କରିଥିଲେ । ଏହାପରେ ବି ରୋହିତ ଶର୍ମାଙ୍କୁ ଘରକୁ ଖୁସି ଖବର ଆସୁଥିବା କଥା ପ୍ରଚାରିତ ହୋଇଥିଲା । ତେଣୁ ଚାରିଆଡୁ ଶୁଭେଚ୍ଛାର ସୁଅ ଛୁଟିଥିଲା ।

### ୩୫ତମ ଜାତୀୟ ସିନିୟର ଟେନିସ୍ ବଲ କ୍ରିକେଟ୍

## ଓଡ଼ିଶା ଦଳର ଜମ୍ମୁ-କାଶ୍ମୀର ଯାତ୍ରା

ଭୁବନେଶ୍ୱର,୧୬।୧୧ (ସବ୍ୟୁ): ଚଳିତ ମାସ ୧୮ ତାରିଖରୁ ଜମ୍ମୁ-କାଶ୍ମୀରରେ ୩୫ତମ ଜାତୀୟ ସିନିୟର ଟେନିସ୍ ବଲ କ୍ରିକେଟ୍ ଚାମ୍ପିଅନ୍‌ସିପ୍ ଆୟୋଜନ ହେବାକୁଯାଉଛି । ଏହି ମର୍ଯ୍ୟାଦାଜନକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପରେ ଓଡ଼ିଶା ଉଭୟ ପୁରୁଷ ଓ ମହିଳା ଦଳ ଜମ୍ମୁ ଅଭିମୁଖେ ହୀରାକୁଦ ଏକ୍ସପ୍ରେସରେ ଯାତ୍ରା କରିଛନ୍ତି । ଓଡ଼ିଶା ଟେନିସ୍ ବଲ କ୍ରିକେଟ୍ ସଂଘ ସଭାପତି ସୁରୋଜ କୁମାର ମିଶ୍ର, ସମ୍ପାଦକ ଶୀଥିଳ କୁମାର ପଣ୍ଡା, କେନ୍ଦ୍ରପଡା ସଂଘ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର ଏବଂ ଓଡ଼ିଶା ଟେନିସ୍ ବଲ ମୁଖ୍ୟ କୋଚ୍ ଚକ୍ରଧର ମାଝୀ ଓଡ଼ିଶା ଦଳର ଖେଳାଳି ଶୁଭେଚ୍ଛା ଜଣାଇଛନ୍ତି ।

**ପୁରୁଷ ଦଳ -:** ଅଭିନାଶ ଖଟୁଆ, ସୁନିଲ ଦଳାଇ, ଏମ ରାଜା, ପଙ୍କଜ କୁମାର ଦାସ, ଭିକି ଡିଗାଲ (ଅଧିନାୟକ), ସୁନିଲ ମଲ୍ଲିକ, ବିକାଶ ବାଛା, ଶରତ ପଟ୍ଟନାୟକ, ଅମ୍ରିତ କୁମାର ଦାସ, ରଜତ କୁମାର ନାୟକ, ସୁଦାମା ବେହେରା, ଦେବାଶିଷ ସାହୁ, ସମୀର କୁମାର ସାହୁ, ସମ୍ପୂର୍ଣ୍ଣ ରଥଙ୍କ, କୋଚ ପ୍ରକାଶ ସାହୁ ଓ ମ୍ୟାନେଜର ସୋମନାଥ ପରିଡା ।

**ମହିଳା ଦଳ -** ଇତିଶ୍ରୀ ସେଠି, ସନ୍ତୋଷିନୀ ତ୍ରିପାଠୀ, ପ୍ରଜ୍ଞା ପାରମିତା ପରିଡା, ମଧୁସ୍ମିତା ପଣ୍ଡା, ଭାଗ୍ୟଶ୍ରୀ ରାଉତ, ଶଶୀରେଖା ସାହୁ, ଶୀତୁପ୍ରଭା ନାୟକ, ସ୍ମୃତିରୁପା ମଲ୍ଲିକ, ରଇଲା ଭତ୍ରା (ଅଧିନାୟକ), କାମକଳା ଜାନି, ନର୍ମଦା ଏଡ଼ଡିଙ୍ଗ, ସ୍ୱାତିରାଣୀ ପ୍ରଧାନୀ, ଅଭିସ୍ମା ସିଂ, ଲକ୍ଷ୍ମୀ ମାଝୀ, କୋଚ ଆଜିତା ଦାସ, ମ୍ୟାନେଜର ରଞ୍ଜନ କୁମାର ନାୟକ ।

## ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟରେ ଆନ୍ତଃମହାବିଦ୍ୟାଳୟ ଖୋ ଖୋ,ଚେସ୍

ବାଲେଶ୍ୱର,୧୬।୧୧ (ସବ୍ୟୁ): ଫକୀରମୋହନ ବିଶ୍ୱବିଦ୍ୟାଳୟର କ୍ରୀଡା ପରିଷଦ ଦ୍ୱାରା ଦିନିକିଆ ଅନ୍ତଃମହାବିଦ୍ୟାଳୟ ଖୋ-ଖୋ ଟୁର୍ଣ୍ଣାମେଣ୍ଟ ୨୦୨୪-୨୫ ଓ ଏକ ଚେସ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦର ନିର୍ଦ୍ଦେଶକ ଡ଼କ୍ଟର ପବିତ୍ର ମୋହନ ନାୟକ, ଉପନିର୍ଦ୍ଦେଶକ ଡ଼କ୍ଟର ଅମିତ କୁମାର ଶର୍ମା ପିଇଓ ସଂଗ୍ରାମ ବିଶୋଇଙ୍କ ଉପସ୍ଥିତିରେ ୪ଟି ମହିଳା ଦଳ ଓ ୫ଟି ପୁରୁଷ ଦଳର ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇବା ସହ କରମର୍ଦ୍ଦନ କରି ସଦ୍‌ଭାବନାର ସହ ଖେଳିବା ପାଇଁ ଉତ୍ସାହିତ କରିଥିଲେ । ଏହି ଖୋ-ଖୋ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣକାରୀ ୩ଟି ମହିଳା ମହାବିଦ୍ୟାଳୟ ସହ ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର କ୍ରୀଡ଼ା ପରିଷଦ ଦଳ ମ୍ୟାଚ ଖେଳାଯାଇଥିଲା ଓ ଫାଇନାଲ ମ୍ୟାଚରେ ବିସିପି ବାଲିଆପାଳ ଦଳ ବିଜୟୀ ହୋଇଥିଲେ । ସେହିପରି ପୁରୁଷ ଖୋ-ଖୋ ଟୁର୍ଣ୍ଣାମେଣ୍ଟରେ ୫ଟି ଦଳ ଭାଗ ନେଇଥିଲେ ଏବଂ ବିସିପି ବାଲିଆପାଳ ଅନ୍ତିମ ମ୍ୟାଚରେ ଭଲ ପ୍ରଦର୍ଶନ କରି ବିଜୟୀ ହୋଇଥିଲେ । ଅନୁଷ୍ଠିତ ଚେସ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ଲକ୍ଷୀରାମ ସୋରେନ ବିଜେତା ଓ ଆକାଶ କୁମାର ପରିଚ୍ଛା ଉପବିଜେତା ହୋଇଥିଲେ । କ୍ରୀଡ଼ା ପରିଷଦର ନିର୍ଦ୍ଦେଶକ ଡ଼କ୍ଟର ପବିତ୍ର ମୋହନ ନାୟକ, ଉପନିର୍ଦ୍ଦେଶକ ଡ଼କ୍ଟର ଅମିତ କୁମାର ଶର୍ମା ଓ ପିଇଓ ସଂଗ୍ରାମ ବିଶୋଇଙ୍କ ତତ୍ତ୍ୱାବଧାନରେ ସୁସଂଗଠିତ ଭାବରେ ପରିଚାଳିତ ହୋଇଥିଲା । ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ବିଜୟୀଦଳ ଓ ଉପବିଜେତା ଦଳଗୁଡ଼ିକୁ ତଥା ଚେସ୍ ବିଜେତା-ଉପବିଜେତାଙ୍କୁ ଟ୍ରଫି ପ୍ରଦାନ କରି ଅଭିନନ୍ଦନ ଜ୍ଞାପନ କରିଥିଲେ ।

## ନବମ ସର୍ବଭାରତୀୟ ଗେଟ୍ ବଲ୍ ଆରମ୍ଭ

ଭୁବନେଶ୍ୱର,୧୬।୧୧ (ସବ୍ୟୁ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍ ପରିସରରେ ନବମ ସର୍ବଭାରତୀୟ ଗେଟ୍ ବଲ୍ ପ୍ରତିଯୋଗିତା ଆରମ୍ଭ ହୋଇଛି । ଏହି ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅଲିମ୍ପିଆନ୍ ଅନୁରାଧା ବିଶ୍ୱାଳ, ଓଡ଼ିଶା ଗେଟ୍ ବଲ୍ ଆସୋସିଏସନ୍‌ର ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର, ସଭାପତି ରଞ୍ଜନ କୁମାର ନନ୍ଦ, ଉପସଭାପତି ବିଶ୍ୱଜିତ ସ୍ୱାଇଁ , ବସନ୍ତ କୁମାର ବାଡୁ, ସାଧାରଣ ସମ୍ପାଦକ ମହମ୍ମଦ ଆଜମ, ଯୁଗ୍ମ ସମ୍ପାଦକ ବାସୁଦେବ ଓଝା, ରାଜେନ୍ଦ୍ର କୁମାର ମହାରଣା, ଗୌତମ ବେହେରା, ଏନ୍‌ଜେ ମଖୱାନା, ଓଡ଼ିଏମ୍ ପବ୍ଲିକ୍ ସ୍କୁଲ କ୍ରୀଡାଧିକାରୀ ଲଲାଟ କୁମାର ପରିଡା, ସମାଜସେବୀ ଚନ୍ଦନା ଦାଶ, ମହମ୍ମଦ ଜୁନେଦ, ସ୍ୱୟମା ରୁକେୟା ପ୍ରମୁଖ ଉପସ୍ଥିତ ଥିଲେ । ଏହି ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହେବ ।





# ଆଗୁଆ ଟି-୨୦ ଶୃଙ୍ଖଳା ଜିତିଲା ଅଷ୍ଟ୍ରେଲିଆ

ସିଡନୀ,୧୬।୧୧ (ଏଜେନ୍ସି): ପାକିସ୍ତାନ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଟି-୨୦ ଶୃଙ୍ଖଳାର ଦ୍ୱିତୀୟ ମ୍ୟାଚରେ ଅଷ୍ଟ୍ରେଲିଆ ୧୩ ରନ୍‌ରେ ବିଜୟୀ ହୋଇ ଆଗୁଆ ୨-୦ରେ ଶୃଙ୍ଖଳା କବଜା କରିନେଇଛି । ସିଡନୀରେ ଅନୁଷ୍ଠିତ ଏହି ମ୍ୟାଚରେ ଅଷ୍ଟ୍ରେଲିଆ ୨୦ ଓଭରରେ ୯ ୱିକେଟ୍ ହରାଇ ୧୪୭ ରନ୍ କରିଥିଲା । ଜବାବରେ ପାକିସ୍ତାନ ୧୯.୪ ଓଭରରେ ୧୩୪ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା । ୫ ୱିକେଟ୍ ଅକ୍ତିଆର କରିଥିବା ସ୍ପେନ୍‌ସର ଜନସନଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ ବିବେଚିତ କରାଯାଇଥିଲା ।

ଟସ୍ ଜିତି ଅଷ୍ଟ୍ରେଲିଆ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା । ମାଥ୍ୟୁ ସଟଙ୍କ ସହ ଜ୍ୟାକ ଫ୍ରାସର ମ୍ୟାକ୍‌ଗର୍କ ଇନିଂସ ଓପନ କରିଥିଲେ । ପ୍ରଥମ ୱିକେଟ୍ ପାଇଁ ଦୁହେଁ ୩.୪ ଓଭରରେ ୫୨ ରନ୍ ସଂଗ୍ରହ କରି ଦଳକୁ ଜମାଣିଆ ଆରମ୍ଭ ଦେଇଥିଲେ । ୯ ବଲ୍‌ରୁ ୨୦ ରନ୍ କରିଥିବା ଜ୍ୟାକ ଫ୍ରାସର ପାକ ବୋଲର ହାରିସ ରଫ୍‌ଙ୍କ ବଲ୍‌ରେ ଆଉଟ୍ ହେବାରୁ ଯୋଡି ଭାଙ୍ଗିଥିଲା । ମାଥ୍ୟୁ ସର୍ଟ ୩୨ ରନ୍ କରିଥିବା ବେଳେ ଅଧିନାୟକ ଜୋସ୍ ଇଂଲିଶ ବିନା ସ୍କୋରରେ ଆଉଟ୍ ହୋଇଥିଲେ । ଗ୍ଲେନ୍ ମ୍ୟାକ୍ସୱେଲ ୨୧, ମାର୍କସ ଷ୍ଟୋଇନିସ୍ ୧୪, ଟିମ୍ ଡେଭିଡ ୧୮, ଆରୋନ ହାର୍ଡି ୨୮ ରନ୍ କରିଥିଲେ । ଭଲ ଆରମ୍ଭ ସତ୍ତ୍ୱେ ଅଷ୍ଟ୍ରେଲିଆ ବଡ଼ ସ୍କୋର କରିବାକୁ ସକ୍ଷମ ହୋଇପାରିନଥିଲା । ପାକିସ୍ତାନ ଶୃଙ୍ଖଳିତ ଯୋଗୁଁ ୨୦ ଓଭରରେ ୯ ୱିକେଟ୍ ହରାଇ ୧୪୭ ରନ୍ କରିଥିଲା । ପାକିସ୍ତାନର ହାରିସ ରଫ୍‌ଙ୍କୁ ୪ଟି, ଆବାଶ ଆଫ୍ରିଦ ୩ ଟି ଓ ସୁଫିଆନ୍ ମୁକିମ୍ ଦୁଇଟି ୱିକେଟ୍ ସଫଳତା ହାସଲ କରିଥିଲେ ।

୧୪୮ ରନ୍‌ର ବିଜୟଲକ୍ଷ୍ୟକୁ ପିଛା କରିଥିବା ପାକିସ୍ତାନ ୧୯.୪ ଓଭରରେ ୧୩୪ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା । କେବଳ ୩ ଜଣ ବ୍ୟାଟର ୨ ଅଙ୍କ ଛୁଇଁ ଥିଲେ । ମହମ୍ମଦ ରିଜୱାନ ୧୬, ଉସ୍ମାନ ଖାନ୍ ୫୨ ଓ ଇର୍ଫାନ ଖାନ୍ ଅପରାଜିତ ୩୭ ରନ୍ କରିଥିଲେ । ଏହା ସତ୍ତ୍ୱେ ଦଳ ବିଜୟଠାରୁ ୧୩ ରନ୍ ପଛରେ ରହିଯାଇଥିଲା । ଅଷ୍ଟ୍ରେଲିଆର ସ୍ପେନ୍‌ସର ଜନସନ୍ ୫ ୱିକେଟ୍ ଦଖଲ କରିଥିବା ବେଳେ ଆଡାମ ଜାମ୍ପାଙ୍କୁ ୨ଟି ଓ ଜାଭିୟର ବାର୍ଟଲେଟ୍ ଗୋଟିଏ କରି ୱିକେଟ୍ ସଫଳତା ହାସଲ କରିଥିଲେ ।




ସୂଚନା
ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

**Printed & Published by Satyanarayan Mohanty** for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, **Chief Editor:** Rakesh Chandra Mohanty: **ମୁଖ୍ୟ ସମ୍ପାଦକ:** ରାକେଶ ଚନ୍ଦ୍ର ମହାନ୍ତି। **Editor:** Papu Mohanty: **ସମ୍ପାଦକ:** ପପୁ ମହାନ୍ତି